

ଅନୁଷ୍କାଙ୍କ ଲେଉଟାଣି

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-267 ◆THURSDAY ◆26 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୬୭ ◆ଗୁରୁବାର ◆୨୬ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


ନବୀନଙ୍କ ଦୂରଦୃଷ୍ଟି

# ଦେଶର ଗର୍ବ 'କଳିଙ୍ଗ'

## 'କଳିଙ୍ଗ' ରୂପାନ୍ତରଣରେ ଥିଲା ତତ୍‌କାଳୀନ '୫-ଟି' ଅଧ୍ୟକ୍ଷଙ୍କ ପ୍ରମୁଖ ଭୂମିକା

■ ଭୁବନେଶ୍ୱର, ୨୫।୩ (ସମିସ): ବିଶ୍ୱ ଆଥଲେଟିକ୍ ଚମ୍ପିଆନସିପ୍‌ର ୧୧୫ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଭାରତ ୨୦୨୮ରେ ଏହାର ଆୟୋଜନ ପାଇଁ ସୁଯୋଗ ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଚମ୍ପିଆନସିପ୍ ୨୦୨୮ ମାର୍ଚ୍ଚ ୩ ତାରିଖରୁ କଳିଙ୍ଗ ଷ୍ଟାଡ଼ିଅମରେ ଅନୁଷ୍ଠିତ ହେବ। 'କଳିଙ୍ଗ'ରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ୨୨ଟି ପ୍ରତିଯୋଗିତା ଆୟୋଜନ ପାଇଁ ଆନ୍ତର୍ଜାତୀୟ ଆଥଲେଟିକ୍ ସଙ୍ଗଠନ ନିଷ୍ପତ୍ତି ନେଇଛି। ସାରା ଭାରତର ପ୍ରମୁଖ ସହରଗୁଡ଼ିକରେ ଅନେକ ଷ୍ଟାଡ଼ିଅମକୁ ବିଶ୍ୱ ଆଥଲେଟିକ୍ ସଂଗଠନ ଯାଞ୍ଚ ପରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିମନ୍ତେ 'କଳିଙ୍ଗ'କୁ ଏହି ସମ୍ମାନଜନକ ପ୍ରତିଯୋଗିତା ନିମନ୍ତେ ମନୋନୀତ କରିଛି। ନବୀନ ସରକାରଙ୍କ ମହାତ୍ୱାକାଂକ୍ଷୀ '୫-ଟି' ରୂପାନ୍ତରଣର ସର୍ବୋତ୍ତମ ସାକ୍ଷୀ ଓ ତତ୍‌କାଳୀନ '୫-ଟି' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କ ସ୍ୱପ୍ନର ପ୍ରକଳ୍ପ କୁହାଯାଉଥିବା 'କଳିଙ୍ଗ'ର ଏହ ମର୍ଯ୍ୟାଦା ଆନ୍ତର୍ଜାତୀୟସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିଛି। ଯାହାକୁ ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଖୁସି ବ୍ୟକ୍ତ ସହ ଓଡ଼ିଶାକୁ ଧନ୍ୟବାଦ ଜଣାଇଛନ୍ତି ବିଶିଷ୍ଟ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା।

ଶ୍ରୀ ମହିନ୍ଦ୍ରା କହିଛନ୍ତି ଯେ ୨୦୨୮ ବିଶ୍ୱ ଆଥଲେଟିକ୍ସ ଇଣ୍ଡୋର ଚାମ୍ପିଅନସିପର ଆୟୋଜକ ଭାବରେ ମନୋନୀତ ହୋଇ ଆମକୁ ଗର୍ବିତ କରିଥିବାରୁ ଓଡ଼ିଶା ଏବଂ



ଭୁବନେଶ୍ୱରକୁ ଧନ୍ୟବାଦ। 'କଳିଙ୍ଗ'ର ଏହି ସଫଳତା ପୃଥକ୍ ନୁହେଁ; ମାତ୍ର ସମୟ ସହ କାର୍ଯ୍ୟକାରୀ ହୋଇଥିବା ରଣନୀତିର ଏହା ଏକ ବାସ୍ତବ ଉଦାହରଣ। ପ୍ରତିଯୋଗିତାମୂଳକ ରଣନୀତିର ଗୁରୁ କୁହାଯାଉଥିବା ମାଇକେଲ ପୋର୍ଟରଙ୍କ ଅନୁସାରେ ଭିତ୍ତିଭୂମି, ପ୍ରତିଭା, ପ୍ରତିଷ୍ଠାନ ଓ ଆବଶ୍ୟକତା ପରସ୍ପରକୁ ଶକ୍ତିଶାଳୀ କରିଥାଏ ଓ ଏକ ସଘନ ଇକୋ ସିଷ୍ଟମ ପ୍ରସ୍ତୁତ କରିଥାଏ। ଏହି ବ୍ୟବସ୍ଥା ଏକ ବିଶ୍ୱସନୀୟତା ସୃଷ୍ଟି କରେ, ଏହି ବିଶ୍ୱନୀୟତା କାର୍ଯ୍ୟାନ୍ୱୟନ ଦ୍ୱାରା ନିବେଶକୁ ଆକୃଷ୍ଟ କରିଥାଏ। ଓଡ଼ିଶା ଠିକ୍ ଏହା ହିଁ କରିବାରେ ସକ୍ଷମ ହୋଇଛି। କୌଣସି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ବା ଇଭେଣ୍ଟ ପାଇଁ ପ୍ରତିଯୋଗିତା କରିବା ଆବଶ୍ୟକ ନାହିଁ, ଏଥିପାଇଁ ଏକ ଇକୋ ସିଷ୍ଟମ ପ୍ରସ୍ତୁତ କରିପାରିଲେ, ବିଶ୍ୱ ଆପଣଙ୍କ ପାଖକୁ ଆସିବ ବୋଲି ଶ୍ରୀ ମହିନ୍ଦ୍ରା କହିଛନ୍ତି।

ବାସ୍ତବରେ ଆନନ୍ଦ ମହିନ୍ଦ୍ରାଙ୍କ କଥା ଅନେକ ଦୃଷ୍ଟିରୁ ସତ୍ୟ ସାବ୍ୟସ୍ତ ହୋଇଛି। ନବୀନ ପଟ୍ଟନାୟକ ସରକାର ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ କରିଥିବା ଯୋଜନାର ଅଂଶସ୍ୱରୂପ ଭୁବନେଶ୍ୱରରେ କଳିଙ୍ଗ ଷ୍ଟାଡ଼ିଅମକୁ ନୂତନ ରୂପରେ ରୂପାନ୍ତରିତ କରିବାକୁ ନିଷ୍ପତ୍ତି ନେଇଥିଲେ। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶାନୁସାରେ ତାଙ୍କର ବ୍ୟକ୍ତିଗତ ତଥା '୫-ଟି' ସଚିବ ଭି.କେ. ପାଣ୍ଡିଆନ କଳିଙ୍ଗ ଷ୍ଟାଡ଼ିଅମକୁ ବିଶ୍ୱସ୍ତରୀୟ ବହୁମୁଖୀ କ୍ରୀଡ଼ା କଂପ୍ଲେକ୍ସରେ ରୂପାନ୍ତରଣ ପାଇଁ କରିଥିବା ପରିଶ୍ରମର ଫଳ ଆଜି ଓଡ଼ିଶାକୁ ସାରା ଦେଶ ଓ ବିଶ୍ୱରେ ଗର୍ବିତ କରିଛି। ସେତେବେଳେ ଯେଉଁମାନେ କଳିଙ୍ଗ ଷ୍ଟାଡ଼ିଅମର ବିକାଶ କରାଯିବା ସମୟରେ ଯେଉଁ ବିରୋଧୀ ତତ୍‌କାଳୀନ ସରକାରଙ୍କୁ

### ଓଡ଼ିଶାକୁ ଧନ୍ୟବାଦ ଜଣାଇଲେ ଆନନ୍ଦ ମହିନ୍ଦ୍ରା





ଆକ୍ଷେପ କରୁଥିଲେ; ସେହି ବିରୋଧୀ ଏବେ କଳିଙ୍ଗ ଷ୍ଟାଡ଼ିଅମର ରଙ୍ଗ ବଦଳାଇ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନର ବାହା ବା ନେବାକୁ ଉଦ୍ୟମ କରୁଛନ୍ତି। ସମ୍ପ୍ରତି କଳିଙ୍ଗ ଷ୍ଟାଡ଼ିଅମରେ ପ୍ରଥମ ଜାତୀୟ ଇନ୍‌ଡ଼ୋର ଆଥଲେଟିକ୍ ଚମ୍ପିଆନସିପ୍ ▶ପୃଷ୍ଠା-୭

### ୨୬ ଦିନରେ ଭୟଙ୍କର ହେଲା ଯୁଦ୍ଧ

# ମାର୍କିନ୍ ଯୁଦ୍ଧପୋତ ଆବ୍ରାହମ ଲିଙ୍କନ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼

■ ତେହରାନ/ ତେଲ ଆଭିଭ, ୨୫।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ଉତ୍ତେଜନା ବନ୍ଦ ହେବାର ନା ଧରୁନି। ଅସ୍ତ୍ରବିରତି ପ୍ରସ୍ତାବ ସତ୍ତ୍ୱେ ଏହାର କୌଣସି ପ୍ରଭାବ ରଣକ୍ଷେତ୍ରରେ ଦେଖିବାକୁ ମିଳିନାହିଁ। ପଶ୍ଚିମ ଏସିଆରେ ଜାରି ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ବୁଧବାର ୨୬ ଦିନରେ ଆହୁରି ଭୟଙ୍କର ହୋଇଯାଇଛି। ଆକାଶରୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ବର୍ଷା ହେଉଛି। ଇସ୍ରାଏଲ ରାଜଧାନୀ ଉପରେ ଆଜି ଇରାନ ଆକ୍ରମଣ କରିଥିବା ବେଳେ ତେହରାନରେ ପାଲଟା କ୍ଷେପଣାସ୍ତ୍ର

### ମଧ୍ୟପ୍ରାଚ୍ୟକୁ ଆଉ ୩ ହଜାର ସୈନିକ ପଠାଇବ ଆମେରିକା

ମାଡ଼ କରିଛି ଇସ୍ରାଏଲ। ଆମେରିକା ମଧ୍ୟ ଇରାନ ନଜରରୁ ବର୍ତ୍ତି ପାରିନାହିଁ। କାତାର ଭଳି ଉପସାଗରୀୟ ଦେଶରେ ଥିବା ଆମେରିକାର ସାମରିକ ଘାଟୀକୁ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି। ଯୁଦ୍ଧବିରତି ଓ ଶାନ୍ତି ଆଲୋଚନା ନାମରେ ରାଷ୍ଟ୍ରପତି ଟ୍ରମ୍ପ ଛଳନା କରୁଛନ୍ତି ଏବଂ ତାଙ୍କୁ ଭରସା କରାଯାଇପାରିବ ନାହିଁ ବୋଲି ଇରାନ କହିବା ସହିତ ଇସ୍ରାଏଲ ଏବଂ ଆମେରିକାର ସାମରିକ ଘାଟୀ ଉପରେ ଡ୍ରୋନ ଓ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି। ଯୁଦ୍ଧର ଭୟାବହତାକୁ ଦେଖି ମଧ୍ୟପ୍ରାଚ୍ୟକୁ ▶ପୃଷ୍ଠା-୭

### ସର୍ବଦଳୀୟ ବୈଠକରେ ଆଶ୍ୱାସନା ଦେଲେ ସରକାର

# ପେଟ୍ରୋଲ, ଗ୍ୟାସ୍‌ର ଅଭାବ ନାହିଁ

■ ନୂଆଦିଲ୍ଲୀ, ୨୫।୩ (ଏଜେନ୍ସି): ଦେଶରେ ପେଟ୍ରୋଲ ଓ ଗ୍ୟାସର ଅଭାବ ନାହିଁ। ଶକ୍ତି ସୁରକ୍ଷା ସ୍ଥିର ରହିଛି। ତୈଳ ଓ ଗ୍ୟାସ ନେଇ ଆହୁରି ଜାହାଜ ଭାରତ ଆସୁଛନ୍ତି। ତେଣୁ ଆତଙ୍କିତ ହେବାର କୌଣସି କାରଣ ନାହିଁ। ଆଜି ଏଠାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କେନ୍ଦ୍ର ସରକାର ଏଭଳି ଆଶ୍ୱାସନା ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସବୁ ଦଳର ପ୍ରତିନିଧି ଯୋଗ ଦେଇଥିଲେ। ଏକ ଘଣ୍ଟା ୪୫ ମିନିଟ ଧରି ଚାଲିଥିବା ବୈଠକରେ ବିରୋଧୀ ସାଂସଦ ସାଂପ୍ରତିକ ସଙ୍କଟ ନେଇ ସରକାରଙ୍କୁ ଘେରିଥିଲେ। ସଂସଦରେ ପ୍ରଧାନମନ୍ତ୍ରୀ ଦେଇଥିବା ଭାଷଣକୁ ନେଇ ଦେଶବାସୀ ଆତଙ୍କିତ ହୋଇପଡ଼ିଥିବା କହିଥିଲେ। ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଦିଗରେ ପାକିସ୍ତାନ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଳେ ଭାରତ କାହିଁକି ପଛରେ ରହିଛି ବୋଲି ସେମାନେ ପ୍ରଶ୍ନ କରିଥିଲେ।

ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଲେ ଯେ ବୈଠକରେ ବିରୋଧୀ ସଭ୍ୟ ଯାହା ଯାହା ପ୍ରଶ୍ନ ଉଠାଇଥିଲେ, ସରକାର ତାହାର ଜବାବ ଦେଇଛନ୍ତି। ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଉପସ୍ଥିତ ରହି ସବୁ କଥା ବିସ୍ତୃତ ରୂପେ ବର୍ଣ୍ଣନା କରିଛନ୍ତି। ପାକିସ୍ତାନର ମଧ୍ୟସ୍ଥତା ସଂପର୍କରେ ସେ କହିଲେ ଯେ ଭାରତ ଦଲାଲି କରେନାହିଁ। ▶ପୃଷ୍ଠା-୭

# ବିଜେଡିକୁ ଫେରିଲେ ରଘୁ, ଜୀବନ

### ବାଲେଶ୍ୱରରେ ପୁଣି ଏକ ନମ୍ବର ଦଳ ହେବ ବିଜେଡି: ନବୀନ



■ ଭୁବନେଶ୍ୱର, ୨୫।୩ (ସମିସ): ବିଜେପି ଛାଡ଼ି ବିଜେଡିକୁ ଫେରିଛନ୍ତି ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ। ଉଭୟ ପୂର୍ବରୁ ବିଜେଡିରେ ଥିଲେ ଓ ପରବର୍ତ୍ତୀ ସମୟରେ ବିଜେପିରେ ଯୋଗ ଦେଇଥିଲେ। ମାତ୍ର ରାଜ୍ୟସଭା ନିର୍ବାଚନ ଠିକ୍ ପୂର୍ବରୁ ବିଜେପିରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଯୋଗଦାନ ପରେ ରଘୁନାଥ ଓ ଜୀବନ ପ୍ରଦୀପ ବିଜେଡିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବାଲେଶ୍ୱର ଜିଲ୍ଲାର ଶତାଧିକ କର୍ମୀଙ୍କ ସହ ଉଭୟ ନେତା ଶଙ୍ଖ ଭବନରେ ବିଧିବଦ୍ଧ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି। ପରେ ଏକ ବିଶାଳ ପଟୁଆରରେ ଉଭୟ ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ▶ପୃଷ୍ଠା-୭

### ନବୀନଙ୍କ ନିର୍ଦ୍ଦେଶରେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବି: ରଘୁ

### ସୁପ୍ରିମୋଙ୍କ ନିର୍ଦ୍ଦେଶରେ ଜିଲ୍ଲାରେ ଦଳ ସୁସଂଗଠିତ ହେବ: ଜୀବନ ପ୍ରଦୀପ

### ଛାତ୍ରଛାତ୍ରୀଙ୍କ ପାଇଁ କଟକଣା

# ଦିନକୁ ଘଣ୍ଟାଏ 'ସ୍କ୍ରିନ୍ ଟାଇମ୍'

■ ବେଙ୍ଗାଲୁରୁ, ୨୫।୩ (ଏଜେନ୍ସି): କର୍ଣ୍ଣାଟକ ସରକାର ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀଙ୍କ ଏକ ଡ୍ରାଫ୍ଟ ପଲିସି ଜାରି କରିଛନ୍ତି। କିଶୋର ଅବସ୍ଥାରେ ପିଲାଙ୍କ ମଧ୍ୟରେ ବଢୁଥିବା ଇଣ୍ଟରନେଟ୍ ନିଶା ଓ ଏହାର ମାନସିକ ପ୍ରଭାବକୁ ରୋକିବା ପାଇଁ କଡ଼ା ନିୟମ କରିବାକୁ ପ୍ରସ୍ତାବ ଦିଆଯାଇଛି। ପାଠପଢ଼ା ବ୍ୟତୀତ ମନୋରଞ୍ଜନ ପାଇଁ ପିଲାମାନେ ଦିନକୁ ମାତ୍ର ୧ ଘଣ୍ଟା ମୋବାଇଲ ବା ସ୍କ୍ରିନ ବ୍ୟବହାର କରିପାରିବେ।

**ସନ୍ଧ୍ୟା ୭ଟା ପରେ ଇଣ୍ଟରନେଟ୍ ମନା**

ପୁଣି ସନ୍ଧ୍ୟା ୭ଟା ପରେ ଇଣ୍ଟରନେଟ ବ୍ୟବହାର ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି। ଶୋଇବା ପୂର୍ବରୁ ଅତିକମ୍‌ରେ ଏକ ଘଣ୍ଟା ସ୍କ୍ରିନରୁ ଦୂରେଇ ରହିବାକୁ କୁହାଯାଇଛି। ମୋବାଇଲ ଫୋନ୍‌ରେ କେବଳ ଅଡିଓ ସୁବିଧା ଓ ନିର୍ଦ୍ଦିଷ୍ଟ ସମୟ ପରେ ଇଣ୍ଟରନେଟ୍ ସ୍ୱତଃ ବନ୍ଦ ହେବା ଭଳି ସିଷ୍ଟମ ରଖିବାକୁ ପ୍ରସ୍ତାବ ଦିଆଯାଇଛି। ପୂର୍ବରୁ ମାର୍ଚ୍ଚ ମାସ ୬ ତାରିଖରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ୧୬ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ସୋସିଆଲ ମିଡ଼ିଆ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। କର୍ଣ୍ଣାଟକ ସରକାର ଏହି କ୍ରମରେ ନୂତନ ଶିକ୍ଷା ନୀତିରେ ପରିବର୍ତ୍ତନ ଆଣିଛନ୍ତି। ସରକାରଙ୍କ ▶ପୃଷ୍ଠା-୭

### ସରକାରଙ୍କ ଶ୍ୱେତପତ୍ର: ରାଜ୍ୟରେ ବଢ଼ିଛି ଅପରାଧ

# ଦିନକୁ ୪ ହତ୍ୟା, ୮ ଦୁଷ୍କର୍ମ

■ ଭୁବନେଶ୍ୱର, ୨୫।୩ (ସମିସ): ବୁଧବାର ବିଧାନସଭାରେ ୨୦୨୫ ମସିହାର ଅପରାଧ ଶ୍ୱେତପତ୍ର ପ୍ରକାଶ କରିଛନ୍ତି ସରକାର। ଶ୍ୱେତପତ୍ରରେ ଗୃହ ବିଭାଗ ରଖିଥିବା ତଥ୍ୟ ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରିଛି। ୨୦୨୪ ତୁଳନାରେ ୨୦୨୫ରେ ଧର୍ତ୍ତବ୍ୟ ଅପରାଧ, ଚୋରି, ହତ୍ୟା, ସାଇବର ଅପରାଧ ବଢ଼ିଥିବା ଉଲ୍ଲେଖ ରହିଛି। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ନେଇ ବିରୋଧୀ ଦଳ କ୍ରମାଗତ ଭାବେ କରୁଥିବା ଅଭିଯୋଗ ଶ୍ୱେତପତ୍ରରେ ପ୍ରତିଫଳିତ ହୋଇଛି। ବିଦାୟୀ ବର୍ଷରେ ୩୫୩ଟି ଡକାୟତି, ୧୮୦୨ଟି ଲୁଣ୍ଠନ, ୬୨୮୨ଟି ସିନ୍ଧିଚୋରୀ, ୬୦୫୩ଟି ପ୍ରତାରଣା (ଠକେଇ), ୧୦୯୫ଟି ଦଙ୍ଗା, ୨୯୯୪ଟି ଦୁଷ୍କର୍ମ ମାମଲା ସଂଘଟିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।



- ଅଦୃଶ୍ୟ ଠକ ଲୁଟିଲେ ୪୩୨ କୋଟି; ମିଳିଛି ମାତ୍ର ୧.୨୩%
- ରାଜ୍ୟରେ ଅଛନ୍ତି ୩୭୩୮ ବାଂଲାଦେଶୀ ଅନୁପ୍ରବେଶକାରୀ
- ସୋସିଆଲ ମିଡିଆରେ ବଢୁଛି ଶିଶୁ ଅଶ୍ଳୀଳତା, ଦୁଷ୍କର୍ମ ଭିଡିଓ
- ସରକାର କହିଲେ, ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ

ଏସବୁ ସତ୍ତ୍ୱେ ୨୦୨୫ରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିଲା ବୋଲି ସରକାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶ୍ୱେତପତ୍ର ତଥ୍ୟ ଅନୁଯାୟୀ ୨୦୨୪ରେ ରାଜ୍ୟରେ ମୋଟ ୨୧୪୧୧୩ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜୀକରଣ ହୋଇଥିଲା। ୨୦୨୫ରେ ଏଥିରେ ୭.୬୩ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଏହି ସଂଖ୍ୟା ୨୨୯୮୮୧ରେ ପହଞ୍ଚିଛି। ଏହି ୨୨୯୮୮୧ ମାମଲା ମଧ୍ୟରୁ ୨୨୨୩୦୮ଟି ଘଟଣା ସତ୍ୟ ଉପରେ ଆଧାରିତ ଥିବାବେଳେ ବର୍ଷ ଶେଷ ସୁଦ୍ଧା ୧୫୫୨୨୩ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ସେହିପରି ହତ୍ୟା ମାମଲା ନେଇ ସରକାର ଯେଉଁ ଚିତ୍ର ରଖିଛନ୍ତି, ତାହା ମଧ୍ୟ ଚିନ୍ତାଜନକ। ୨୦୨୪ରେ ୧୨୫୮ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୨୦୨୫ରେ ଏହି ସଂଖ୍ୟା ୧୩୦୪କୁ ବୃଦ୍ଧି ପାଇଛି। ସରକାରଙ୍କ ଯୁକ୍ତି ଅନୁଯାୟୀ ଏହି ସଂଖ୍ୟା ମଧ୍ୟରୁ ୧୨୧୮ଟି ସତ୍ୟ ଘଟଣା ହୋଇଥିବା ବେଳେ ବର୍ଷ ▶ପୃଷ୍ଠା-୭








# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଟ୍ରମ୍ପ ବ୍ୟାକୁଳ; ଶୁଣୁନି ଇରାନ

ତେହରାନ, ୨୫ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ସମାପ୍ତ କରିବା ଲାଗି ବିଭିନ୍ନ ଦେଶ ମାଧ୍ୟମରେ ଉଦ୍ୟମ ଚଳାଇଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ । କିନ୍ତୁ ଇରାନ ଶୁଣିବା ସ୍ଥିତିରେ ନାହିଁ । ଟ୍ରମ୍ପ ଦେଇଥିବା ଯୁଦ୍ଧବିରତି ପ୍ରସ୍ତାବକୁ ଇରାନ ଆଜି ଖାରଜ କରିଦେବା ସହିତ ସ୍ପଷ୍ଟ କରିଦେଇଛି ଯେ ଟ୍ରମ୍ପ ଭରସାଯୋଗ୍ୟ ନୁହନ୍ତି । ତେଣୁ ଆ ।।ମେରିକା ଓ ଇସ୍ରାଏଲ ଉପରେ ଇରାନ ଆକ୍ରମଣ ଜାରି ରଖିବ । ଯୁଦ୍ଧ ଆମେରିକା ଆରମ୍ଭ କରିଛି, ଇରାନ ନିଜ ସର୍ତ୍ତରେ ଯୁଦ୍ଧ ବନ୍ଦ କରିବ । ଟ୍ରମ୍ପଙ୍କର କୌଣସି ସର୍ତ୍ତକୁ ଗ୍ରହଣ କରାଯିବ ନାହିଁ ।

ସୂଚନାଯୋଗ୍ୟ ଯେ ଯୁଦ୍ଧ ବନ୍ଦ କରିବା ଲାଗି ଟ୍ରମ୍ପ ଇରାନକୁ ଏକ ୧୫ ସୂତ୍ରୀ ଅସ୍ତ୍ରବିରତି ପ୍ରସ୍ତାବ ଦେଇଛନ୍ତି । ଏହା ଉପରେ ସମ୍ମତି ଦେଲେ ଆଲୋଚନା ଆଗକୁ ବଢ଼ିବ । ଏଥିରେ ଇରାନ ଉପରେ ଲଗାଯାଇଥିବା କଟକଣାରୁ ଆଶ୍ୱସ୍ତି, ପରମାଣୁ କାର୍ଯ୍ୟକ୍ରମକୁ ସୀମିତ କରିବା, ଅନ୍ତର୍ଜାତୀୟ ଏଜେନ୍ସିର ପର୍ଯ୍ୟବେକ୍ଷଣ, କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ, ହର୍ମୁଜରେ ଜାହାଜଗୁଡ଼ିକୁ ସୁରକ୍ଷିତ ଯାତ୍ରା ଅନୁମତି ଆଦି ପ୍ରସ୍ତାବ ରହିଛି । ପାକିସ୍ତାନ ଜରିଆରେ ଆମେରିକା ଏହି ପ୍ରସ୍ତାବ ଦେଇଛି ଏବଂ ପାକିସ୍ତାନ ଏହାକୁ ଇରାନକୁ ହସ୍ତାନ୍ତର କରିଛି । ତେବେ ଟ୍ରମ୍ପଙ୍କ ଏହି ପ୍ରସ୍ତାବ ଗ୍ରହଣଯୋଗ୍ୟ ନୁହେଁ ବୋଲି କହି ଇରାନ ୫ ସୂତ୍ରୀ ପ୍ରସ୍ତାବ ଦେଇଛି । ଇରାନ ଉପରେ ଆକ୍ରମଣକୁ ତୁରନ୍ତ ବନ୍ଦ କରିବା, ଭବିଷ୍ୟତରେ ଆକ୍ରମଣ ନକରିବା ଲାଗି ଗ୍ୟାରେଣ୍ଟି ଦେବା ଏବଂ ଯୁଦ୍ଧ ପାଇଁ ଇରାନକୁ କ୍ଷତିପୂରଣ ଦେବା ଏହି ଫର୍ମୁଲାରେ ସାମିଲ ରହିଛି ।

ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଲୋଚନା ଏବଂ କୂଟନୈତିକ ଦାବି ଉପରେ ବିଶ୍ୱାସ କରାଯାଇପାରିବ ନାହିଁ । ଅନେକ ଦେଶ ଆମେରିକା ଏବଂ ଇରାନ ମଧ୍ୟରେ ମଧ୍ୟସ୍ଥତା ପ୍ରସ୍ତାବ ଦେଇଛନ୍ତି । ମାତ୍ର ଇରାନର ଆଭିମୁଖ୍ୟ ସ୍ପଷ୍ଟ ରହିଛି । ଆମେ ନିଜର ପ୍ରତିରକ୍ଷା ଜାରି ରଖିବୁ । ଆମେରିକାର ଆଲୋଚନା ନେଇ ଯେଉଁ ଦାବି କରୁଛି ତାହା ସତ୍ୟ ସହ ମେଳ ଖାଉନାହିଁ । ଇରାନ ଉପରେ କ୍ରମାଗତ ଭାବେ ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ବୋମା ଓ କ୍ଷେପଣାସ୍ତ୍ର ମାଡ଼ ହେଉଛି । ଏଭଳି ପରିସ୍ଥିତିରେ ସେମାନଙ୍କର କୂଟନୀତି ଏବଂ ମଧ୍ୟସ୍ଥତା କଥା ବିଶ୍ୱାସଯୋଗ୍ୟ ମନେ ହେଉନାହିଁ । ସେମାନେ ହିଁ ଏହି ଯୁଦ୍ଧ ଆରମ୍ଭ କରିଛନ୍ତି ଏବଂ ସେମାନେ କ୍ରମାଗତ ଆକ୍ରମଣ କରୁଛନ୍ତି ।



**ଟ୍ରମ୍ପଙ୍କ ୧୫ ବନାମ୍ ଇରାନର ୫ ସୂତ୍ରୀ ଫର୍ମୁଲା**

ତେଣୁ କେହି ଏ ଦାବି ଉପରେ ବିଶ୍ୱାସ କରିପାରିବ ନାହିଁ ।

ଇରାନର ସାମରିକ ମୁଖପାତ୍ର ଲେଫ୍ଟନାଣ୍ଟ କର୍ଣ୍ଣଲ ଇବ୍ରାହିମ ଜୋଲଫଘାରୀ କହିଛନ୍ତି ଯେ ଆମେରିକା ନିଜେ ନିଜ ସହ ଆଲୋଚନା କରୁଛି । ଆମେରିକା ଯେଉଁ ଶକ୍ତି ବିଷୟରେ କହୁଥିଲେ, ତାହା ଏବେ ବିଫଳ ହୋଇଯାଇଛି । ଆମେରିକା ନିଜକୁ ବିଶ୍ୱର ମହାଶକ୍ତି କହୁଛି । ମାତ୍ର ଯଦି ସେହି ଶକ୍ତି ଆମେରିକା ପାଖରେ ଥାଆନ୍ତା, ତେବେ ଏ ପର୍ଯ୍ୟନ୍ତ ଯୁଦ୍ଧରୁ ବାହାରି ସାରନ୍ତାଣି । ନିଜର ପରାଜୟକୁ ବୁଝାମଣାର ନାମ ଦିଅନ୍ତୁ ନାହିଁ । ଫମ୍ପା ପ୍ରତିଶ୍ରୁତିର ସମୟ ଏବେ ଶେଷ ହୋଇଯାଇଛି । ଆମେରିକାର ଆଭ୍ୟନ୍ତରୀଣ ପରିସ୍ଥିତି କ'ଣ ଏତେ ଖରାପ ହୋଇଯାଇଛି ଯେ ନିଜେ ନିଜ ସହ ଆଲୋଚନା କରୁଛନ୍ତି ।

ପୂର୍ବରୁ ସଂଘର୍ଷ ବନ୍ଦ ପାଇଁ ଆମେରିକା ଇରାନ ସହ ଆଲୋଚନା କରୁଥିବା ଟ୍ରମ୍ପ ଦାବି କରିଥିଲେ । ମାତ୍ର କୌଣସି ପ୍ରକାରର ଆଲୋଚନା ଚାଲିଥିବା କଥାକୁ ଇରାନ ଅସ୍ୱୀକାର କରୁଛି । ଏପରି ସମୟରେ ହର୍ମୁଜ ପ୍ରଣାଳୀ ଆଖପାଖରେ ଉତ୍ତେଜନା ବିଶ୍ୱ ପରିବହନକୁ ପ୍ରାୟତଃ ଅଟକାଇ ଦେଇଛି । ଏହା ଦ୍ୱାରା ଇନ୍ଧନ ଦର ବୃଦ୍ଧି ପାଇବା ସହିତ ବିଶ୍ୱ ଅର୍ଥନୀତି ପାଇଁ ଚିନ୍ତା ବୃଦ୍ଧି ପାଇଛି । ପୂର୍ବରୁ କୂଟନୈତିକ ଆଲୋଚନା ସମୟରେ ହୋଇଥିବା ଆକ୍ରମଣ ଯୋଗୁଁ ତେହରାନ ମଧ୍ୟ ୱାସିଂଟନକୁ ଭରସା କରିପାରୁ ନାହିଁ । ଟ୍ରମ୍ପଙ୍କ ଉପରେ ଭରସା ନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି । ଆମେରିକା ନିଜ ସହ ଆଲୋଚନା କରୁଥିବା କଟାକ୍ଷ କରାଯାଇଛି ।

## ଶାନ୍ତି ଫେରାଇ ଆଣିବାରେ ଭାରତ ନିର୍ଣ୍ଣାୟକ ଭୂମିକା ନେଇପାରିବ: ଇରାନ ରାଷ୍ଟ୍ରଦୂତ

ନୂଆଦିଲ୍ଲୀ, ୨୫ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ଏକ ବଡ଼ ମନ୍ତବ୍ୟ ସାମ୍ନାକୁ ଆସିଛି । ଭାରତରେ ଅବସ୍ଥାପିତ ଇରାନ ରାଷ୍ଟ୍ରଦୂତ ମହମ୍ମଦ ଫଥାଲି କହିଛନ୍ତି ଯେ ଏହି ଉତ୍ତେଜନା ହ୍ରାସରେ ଭାରତ ଏକ ଭରସାଯୋଗ୍ୟ, ପ୍ରଭାବଶାଳୀ ତଥା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରିବ । ଫଥାଲିଙ୍କ ଅନୁଯାୟୀ, ଗ୍ଲୋବାଲ ସାଉଥର ଏକ ପ୍ରମୁଖ ଶକ୍ତି ଭାବେ ଭାରତର ବୈଦେଶିକ ନୀତି ଅତ୍ୟନ୍ତ ସନ୍ତୁଳିତ । ଭାରତର ଆମେରିକା, ଇସ୍ରାଏଲ ଓ ଇରାନ ସହ ଐତିହାସିକ ତଥା ରଣନୈତିକ ସମ୍ପର୍କ ରହିଛି । ଭାରତ ଏହି ସମ୍ପର୍କକୁ ବ୍ୟବହାର କରି ଦୁଇ ପକ୍ଷ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂର କରିପାରିବ ଓ କୂଟନୈତିକ ଆଲୋଚନା ପାଇଁ ପଥ ପ୍ରଶସ୍ତ କରିପାରିବ । ଫଥାଲିଙ୍କ ଏହି ମନ୍ତବ୍ୟ ବିଶ୍ୱ ରାଜନୀତିରେ ଭାରତର ବଢୁଥିବା ପ୍ରଭାବକୁ ଦର୍ଶାଉଛି । ଆମେରିକା ରାଷ୍ଟ୍ରପତି ଯୁଦ୍ଧରେ ଏକ ଅସ୍ଥାୟୀ ବିରତି ଘୋଷଣା କରିଛନ୍ତି ଓ ଇରାନକୁ ଆଲୋଚନା ଟେବୁଲକୁ ଫେରିବାକୁ ଆହ୍ୱାନ ଦେଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ୧୫-ଦଫା ବିଶିଷ୍ଟ ଅସ୍ତ୍ରବିରତି ପ୍ରସ୍ତାବ ପଠାଇଛନ୍ତି ଓ ଆଲୋଚନା ପାଇଁ ଆହ୍ୱାନ ଦେଇଛନ୍ତି । ପାକିସ୍ତାନ ମାଧ୍ୟମରେ ଏହି ପ୍ରସ୍ତାବ ପହଞ୍ଚାଯାଇଥିବା ସୂଚନା ଦିଆଯାଇଛି । ତେବେ ଆମେରିକାର ଏହି କୂଟନୈତିକ ପରିହାସକୁ ଇରାନ ସେନା ପରିହାସ କରିଛି । ଇରାନର ସାମରିକ ମୁଖପାତ୍ର ଲେଫ୍ଟନାଣ୍ଟ କର୍ଣ୍ଣଲ ଇବ୍ରାହିମ୍ ଜୋଲଫାଘାରି କହିଛନ୍ତି ଯେ ଆମେରିକା ସହ କୌଣସି ଆଲୋଚନା ହେବନାହିଁ । ଇରାନ ଆମେରିକାକୁ ସନ୍ଦେହ ଚକ୍ଷୁରେ ଦେଖୁଛି, କାରଣ ପୂର୍ବରୁ ଉଚ୍ଚସ୍ତରୀୟ ଆଲୋଚନା ଚାଲିଥିବା ସମୟରେ ହିଁ ଆମେରିକା ଆକ୍ରମଣ କରିଥିଲା । ଆମେରିକା ଶାନ୍ତି ଚାହୁଁଥିବା ଦାବି କରୁଥିବା ବେଳେ ଇରାନ ଏହାକୁ ଏକ ରଣନୈତିକ ବିଫଳତା ବୋଲି କହିଛି । ଏଭଳି ପରିସ୍ଥିତିରେ ବିଶ୍ୱର ନଜର ଭାରତ ଉପରେ ରହିଛି ।

## ସଙ୍କଟ ମଧ୍ୟରେ ଚୀନ୍‌ର ମାଷ୍ଟରପ୍ଲାନ

ବେଜିଂ/ନୂଆଦିଲ୍ଲୀ, ୨୫ ।୩(ଏଜେନ୍ସି): ଯେତେବେଳେ ସମଗ୍ର ବିଶ୍ୱର ନଜର ହର୍ମୁଜ ପ୍ରଣାଳୀ ଉପରେ ରହିଛି, ସେତେବେଳେ ଚୀନ୍ ନିଜକୁ ତୈଳ ସଙ୍କଟରୁ ମୁକ୍ତ କରିବା ପାଇଁ ଏକ ବଡ଼ ରଣନୀତି ପ୍ରସ୍ତୁତ କରିଛି । ଇରାନ-ଆମେରିକା ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଉଥିବା ବେଳେ ଚୀନ ନିଜର ଆଭ୍ୟନ୍ତରୀଣ 'ସୁପରଗ୍ରିଡ୍' ନିର୍ମାଣ କରୁଛି । ଚୀନର ଷ୍ଟେଟ୍ ଗ୍ରିଡ୍ କର୍ପୋରେସନ ଓ ସାଉଦ୍ ପାୱାର ଗ୍ରିଡ୍ ମିଳିତ ଭାବେ ଦେଶବ୍ୟାପୀ ବିଶାଳ ବିଦ୍ୟୁତ ନେଟୱର୍କ ପ୍ରସ୍ତୁତ କରୁଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାମୁଦ୍ରିକ ପଥରେ ଆସୁଥିବା ତୈଳ ଉପରେ ନିର୍ଭରତା କମାଇବା । ଚୀନ ହଜାର ହଜାର କିମି ବ୍ୟାପୀ ୟୁଏଚ୍‌ଭି ଟ୍ରାନ୍ସମିଶନ ଲାଇନ୍ ବିଛାଉଛି । ଏହା ଦ୍ୱାରା ଦେଶର ପଶ୍ଚିମ ଓ ଉତ୍ତର ପ୍ରାନ୍ତରେ ଥିବା ପବନ, ସୌର ଓ କୋଇଲା ଶକ୍ତିକୁ ଶିଳ୍ପଭିତ୍ତିକ ଉପକୂଳ ଅଞ୍ଚଳକୁ ସହଜରେ ପଠାଇବା । ସେହିପରି ପରିବହନ ଓ ଶିଳ୍ପ କ୍ଷେତ୍ରରେ ତୈଳ ପରିବର୍ତ୍ତେ ଅଧିକାରୁ ଅଧିକ ବିଦ୍ୟୁତ ଶକ୍ତି ବ୍ୟବହାର କରିବାକୁ ଚୀନ୍ ଲକ୍ଷ୍ୟ ରଖିଛି । ରିପୋର୍ଟ ଅନୁଯାୟୀ, ଚୀନ ୨୦୨୬ରୁ ୨୦୩୦ ମଧ୍ୟରେ ପ୍ରାୟ ୪ ଟ୍ରିଲିୟନ ୟୁଆନ ଅର୍ଥାତ ପ୍ରାୟ ୫୭୪ ବିଲିଅନ ଡଲାର ଏହି ଗ୍ରିଡ୍ ନିର୍ମାଣରେ ଖର୍ଚ୍ଚ ହେବ । ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତୈଳ ପରବହନ ହୋଇଥାଏ । ଯୁଦ୍ଧ ସମୟରେ ଏହି ପଥ ବନ୍ଦ ହେଲେ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଥାଏ । କିନ୍ତୁ ଚୀନ୍ ନିଜର ଶକ୍ତି କ୍ଷେତ୍ରକୁ ସୁଦୃଢ଼ କରି ଏହି 'ତୈଳ ଚୋକ୍ ପଏଣ୍ଟ'ର ଗୁରୁତ୍ୱକୁ କମାଇବାକୁ ଚେଷ୍ଟା କରୁଛି । ଚୀନ ଏହିକ୍ରମରେ ହଜାର ହଜାର କିମି ପର୍ଯ୍ୟନ୍ତ ବିଦ୍ୟୁତ ପଠାଇବା ପାଇଁ ଭିତ୍ତିଭୂମି ନିର୍ମାଣ ଅର୍ଥାତ ୟୁଏଚ୍‌ଭି ଲାଇନ ବିଛାଉଛି । ମରୁଭୂମି ଅଞ୍ଚଳରୁ ସୌର ଓ ପବନ ଶକ୍ତିକୁ ସହରୀ ଅଞ୍ଚଳକୁ ଆଣିବା, ସରକାରୀ ବଣ୍ଡ ମାଧ୍ୟମରେ ଶସ୍ତା ଦରରେ ବିଶାଳ ପାଣ୍ଠି ସଂଗ୍ରହ କରିବା ଓ ଯୁଦ୍ଧ ପରିସ୍ଥିତିରେ ବାହ୍ୟ ଝଟ୍‌କାରୁ ନିଜ ଶିଳ୍ପକୁ ରକ୍ଷା କରିବା ପାଇଁ ଚୀନ୍ ପ୍ରସ୍ତୁତି କରୁଛି ।



## ୧୯୭୧ରେ ପାକିସ୍ତାନ ଅପରେସନକୁ ନରସଂହାର ଆଖ୍ୟା ଦେଲେ ରହେମାନ



ଢାକା, ୨୫ ।୩(ଏଜେନ୍ସି): ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହେମାନଙ୍କ 'ଗଣସଂହାର ଦିବସ' ଅବସରରେ ଦେଇଥିବା ମନ୍ତବ୍ୟ ଦେଶ ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି । ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କ ନୀତିଠାରୁ ଦୂରେଇ ଯାଇ ତାରିକ ୧୯୭୧ର ସେହି କଳା ରାତିର ସତ୍ୟକୁ ସ୍ୱୀକାର କରିଛନ୍ତି । ସେ ୧୯୭୧ରେ ପାକିସ୍ତାନ ସେନା ଦ୍ୱାରା କରାଯାଇଥିବା 'ଅପରେସନ ସର୍ଚ୍ଚଲାଇଟ୍'କୁ ଏକ ପୂର୍ବ ଯୋଜନାବଦ୍ଧ ଗଣହତ୍ୟା ବା ନରସଂହାର ଭାବେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ୧୯୭୧ ମାର୍ଚ୍ଚ ୨୫ର ସେହି ରାତି ଜାତିର ଇତିହାସରେ ସବୁଠାରୁ ଅପମାନଜନକ ଏବଂ ନିର୍ମମ ଦିନ । ସେହି ରାତିରେ ପାକିସ୍ତାନୀ ସେନା ଢ଼ାକା ବିଶ୍ୱବିଦ୍ୟାଳୟ, ପିଲଖାନା ଏବଂ ରାଜାରବାଗ ପୁଲିସ ଲାଇନ୍ସର ଶିକ୍ଷକ, ବୁଦ୍ଧିଜୀବୀ ଓ ନିରୀହ ଜନତାଙ୍କୁ ଅତି ନିର୍ଦ୍ଦୟ ଭାବେ ହତ୍ୟା କରିଥିଲା । ତେବେ ଚଟ୍ଟଗ୍ରାମ୍‌ର ୮ମ ଇଷ୍ଟ ବେଙ୍ଗଲ ରେଜିମେଣ୍ଟ ଏହି ନରସଂହାର ବିରୋଧରେ ପ୍ରଥମେ ସଶସ୍ତ୍ର ବିଦ୍ରୋହ ଘୋଷଣା କରିଥିଲା, ଯାହା ୯ମାସ ଧରି ଚାଲିଥିବା ମୁକ୍ତି ସଂଗ୍ରାମରେ ମୂଳଦୁଆ ପକାଇଥିଲା । ସେ ବର୍ତ୍ତମାନର ଯୁବ ପିଢ଼ିକୁ ମୁକ୍ତିଯୁଦ୍ଧର ବଳିଦାନ, ସାମାଜିକ ନ୍ୟାୟ ଏବଂ ମାନବିକ ମର୍ଯ୍ୟାଦାର ମହତ୍ତ୍ୱ ବୁଝିବାକୁ ଆହ୍ୱାନ ଦେଇଛନ୍ତି । ତାରିକଙ୍କ ଏହି ବକ୍ତବ୍ୟ ସ୍ପଷ୍ଟ କରୁଛି ଯେ ସେ ପାକିସ୍ତାନର ଅତ୍ୟାଚାରକୁ ଭୁଲିଯିବାକୁ ପ୍ରସ୍ତୁତ ନୁହଁନ୍ତି । ୟୁନୁସଙ୍କ ଆଭିମୁଖ୍ୟ ତୁଳନାରେ ରହେମାନ ସମ୍ପୂର୍ଣ୍ଣ ଭିନ୍ନ ମନେ ହେଉଛନ୍ତି ।

## ମୋତେ ଧମକାଇବାକୁ ପ୍ରୟାସ କରନି: ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୨୫।୩ (ଏଜେନ୍ସି): ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଆଜି ଜଣେ ଆବେଦନକାରୀଙ୍କ ବାପାଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି । ସିଜେଆଇଙ୍କ ଦ୍ୱାରା ପାରିତ ଏକ ନିର୍ଦ୍ଦେଶ ଉପରେ ପ୍ରଶ୍ନ ଉଠାଇବାରୁ ଅଦାଲତ ଅବମାନନାକୁ ନେଇ ଆପରାଧିକ ମାମଲା ରୁଜୁ କରିବାକୁ ଚେତାବନୀ ମଧ୍ୟ ଦେଇଛନ୍ତି । ଏକ ମେଡିକାଲ ଆଡମିଶନ ମାମଲାର ଶୁଣାଣି ସମୟରେ ସିଜେଆଇ କହିଥିଲେ ଯେ ସେ ଦେଇଥିବା ଏକ ରାୟକୁ ନେଇ ଆବେଦନକାରୀଙ୍କ ବାପା ତାଙ୍କ ଭାଇଙ୍କୁ ଫୋନ କରିଥିଲେ । ସିଜେଆଇ ଏଭଳି ନିର୍ଦ୍ଦେଶ କେମିତି ଦେଇପାରିଲେ ବୋଲି ପଚାରି ଥିଲେ? ଏହାକୁ ନେଇ ପ୍ରଧାନ ବିଚାରପତି କହିଥିଲେ ଯେ ଏବେ ସେ ମୋତେ ନିର୍ଦ୍ଦେଶ ଦେବେ କି? ମୋତେ ଧମକାଇବାକୁ ପ୍ରୟାସ କରନ୍ତୁ ନାହିଁ । କେହି ଏଭଳି କରିବାକୁ ସାହସ କରନ୍ତି ନାହିଁ । ଏଥିପାଇଁ ମାମଲାକୁ ଅନ୍ୟତ୍ର ପଠାଇ ଦେବି ବୋଲି ଭାବୁଛନ୍ତି କି? ଗତ ୨୩ ବର୍ଷ ହେଲା ମୁଁ ଏପରି ଲୋକଙ୍କୁ ମୁକାବିଲା କରି ଆସୁଛି । ଏଭଳି ଲୋକ ଭାରତ ବାହାରେ ରହିଲେ ବି କେମିତି ସ୍ଥିତିର ମୁକାବିଲା କରାଯିବ ତାହା ମୋତେ ଜଣାଅଛି । ଆଉ ପୁଣିଥରେ ଏଭଳି ଦୁଃସାହସ କରିବେ ନାହିଁ । ଆବେଦନକାରୀଙ୍କ ବାପାଙ୍କ ବିରୋଧରେ ଅବମାନନା ମାମଲା କାହିଁକି ଆରମ୍ଭ କରାଯିବ ନାହିଁ ବୋଲି ସିଜେଆଇ ତାଙ୍କ ଓକିଲଙ୍କୁ ପଚାରି ଥିଲେ । ଜବାବରେ ଓକିଲ କହିଥିଲେ ଯେ ତାଙ୍କ ପାଖରେ ଏହାର ସୂଚନା ନ ଥିଲା । ସେ ଏହାକୁ ନେଇ କ୍ଷମା ମଧ୍ୟ ମାଗିଛନ୍ତି ।

## ସର୍ବସାଧାରଣ ସ୍ଥାନରେ 'ବନ୍ଦେ ମାତରମ' ବାଧ୍ୟତାମୂଳକ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫ ।୩(ଏଜେନ୍ସି): ଜାତୀୟ ଗୀତ 'ବନ୍ଦେ ମାତରମ' ଗାନ କରିବାକୁ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଜାରି କରିଥିବା ନିର୍ଦ୍ଦେଶନାମା ବିରୋଧରେ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରି ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ସର୍ବସାଧାରଣରେ କିମ୍ବା କାର୍ଯ୍ୟକ୍ରମରେ ଏହି ସଙ୍ଗୀତ ଗାନ କରିବା ବାଧ୍ୟତାମୂଳକ ନୁହେଁ ଏବଂ ଏଥିପାଇଁ କୌଣସି ଦଣ୍ଡ ବିଧାନର ବ୍ୟବସ୍ଥା ନାହିଁ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଓ ଜଷ୍ଟିସ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହି ମାର୍ଗଦର୍ଶିକା କେବଳ ଏକ ପ୍ରୋଟୋକଲ ଓ ଏହାକୁ ପାଳନ ନ କଲେ ଶାସ୍ତି ମିଳିବାର ନିୟମ ନାହିଁ । ଆବେଦନକାରୀ ମହମ୍ମଦ ସୟିଦ ନୁରୀଙ୍କୁ କୋର୍ଟ କହିଛନ୍ତି ଯେ ଯଦି କାହା ବିରୋଧରେ ଏଥିପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ତେବେ ସେମାନେ କୋର୍ଟର ଦ୍ୱାରସ୍ଥ ହୋଇପାରିବେ । ବର୍ତ୍ତମାନ ପାଇଁ ଏହି ଆବେଦନ କେବଳ ଏକ ଅସ୍ପଷ୍ଟ ଭୟ ଉପରେ ଆଧାରିତ । ନୁରୀ ତାଙ୍କ ଆବେଦନରେ ଭୟ ପ୍ରକାଶ କରି ଉଲ୍ଲେଖ କରିଥିଲେ ଯେ ଲୋକମାନେ ଗୀତ ଗାଇବାକୁ ବାଧ୍ୟ ହେବେ । କିନ୍ତୁ ତାଙ୍କୁ ଏମିତି କୌଣସି ନୋଟିସ ମିଳିଛି କି ବୋଲି କୋର୍ଟ ପଚାରିଥିଲେ । ତାଙ୍କ ଓକିଲ କହିଥିଲେ ଯେ ଯଦିଓ ଏହା ଏକ ପରାମର୍ଶ ଭାବେ ଦିଆଯାଇଛି, ତଥାପି ଲୋକେ ଚାପରେ ପଡ଼ିପାରନ୍ତି । ଜଷ୍ଟିସ ବାଗଚି କହିଲେ ଯେ ଏହା କେବଳ ଏକ ମତ ମାତ୍ର । ସୂଚନାଯୋଗ୍ୟ ଯେ ଗତ ଜାନୁୟାରୀ ୨୮ରେ ଗୃହମନ୍ତ୍ରଣାଳୟ ଏକ ପରାମର୍ଶ ଜାରି କରିଥିଲା ଓ ଏଥିରେ ସରକାରୀ କାର୍ଯ୍ୟକ୍ରମ, ସ୍କୁଲ ଓ ଆନୁଷ୍ଠାନିକ ସଭାରେ ବନ୍ଦେ ମାତରମ ବଜାଇବାକୁ କୁହାଯାଇଥିଲା ।



## ଆର୍ଥିକ ବୋଝ ଦର୍ଶାଇ କ୍ଷତିପୂରଣ ମନା କରିପାରିବେ ନାହିଁ ସରକାର

ନୂଆଦିଲ୍ଲୀ, ୨୫ ।୩(ଏଜେନ୍ସି): ଜମି ଅଧିଗ୍ରହଣ ମାମଲାରେ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଜମି ହରାଇଥିବା ଚାଷୀ ଓ ଜମିମାଲିକମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଏକ ସାମ୍ବିଧାନିକ ଅଧିକାର । ସରକାରଙ୍କ ଉପରେ ଆର୍ଥିକ ବୋଝ ପଡ଼ିବ ବୋଲି କହି କାହାର ପ୍ରାପ୍ୟ କ୍ଷତିପୂରଣକୁ କମାଯାଇପାରିବ ନାହିଁ । ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ୨୦୧୯ ପୂର୍ବରୁ ହୋଇଥିବା ଏକ ଜମି ଅଧିଗ୍ରହଣ କ୍ଷେତ୍ରରେ କ୍ଷତିପୂରଣ ଓ ସୁଧ ପ୍ରଦାନ ନେଇ କୋର୍ଟରେ ଏକ ପୁନର୍ବିଚାର ଆବେଦନ ଦାଖଲ କରିଥିଲା । ବୁଧବାର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ,ଜମି ମାଲିକମାନଙ୍କୁ ଏନ୍‌ଏଚ୍‌ଏଆଇ ଆଇନ୍ ଅନୁଯାୟୀ ୫% ନୁହେଁ, ବରଂ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ, ୯% ସୁଧ ଦେବ । ଏନ୍‌ଏଚ୍‌ଏଆଇ ଯୁକ୍ତି ବାଢ଼ିଥିଲା ଯେ ଏହି ନିଷ୍ପତ୍ତି ଦ୍ୱାରା ସରକାରଙ୍କ ଉପରେ ପ୍ରାୟ ୨୯, ୦୦୦ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିବ । ମାତ୍ର କୋର୍ଟ ଏହାକୁ ବୈଧ କାରଣ ଭାବେ ଗ୍ରହଣ କରିନାହାନ୍ତି । ୨୦୧୯ରେ କୋର୍ଟ ଏନ୍‌ଏଚ୍‌ଏଆଇ ଆଇନ୍‌ର ଧାରା ୩ଜେ କୁ ଅସାମ୍ବିଧାନିକ ଘୋଷଣା କରିଥିଲେ, କାରଣ ଏହା ସମାନତାର ଅଧିକାରକୁ ଉଲ୍ଲଂଘନ କରୁଥିଲା । ଫଳରେ ଏବେ ୧୯୯୭ରୁ ୨୦୧୫ ମଧ୍ୟରେ ଯେଉଁମାନଙ୍କର ଜମି ଅଧିଗ୍ରହଣ କରାଯାଇଛି, ସେମାନେ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ ସମାନ ସୁବିଧା ଓ କ୍ଷତିପୂରଣ ପାଇବେ ।

## ହର୍ମୁଜରେ ପାକିସ୍ତାନୀ ଜାହାଜକୁ ଅଟକାଇଲା ଇରାନ

ତେଲ ଅଭିଭ୍/ତେହରାନ, ୨୫ ।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ବୁଧବାର ୨୬ତମ ଦିନରେ ପହଞ୍ଚିଛି । ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧ ମଧ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଇବାରେ ଲାଗିଛି । ନିକଟରେ ହର୍ମୁଜ ପ୍ରଣାଳୀ ଦେଇ ପାକିସ୍ତାନ ଯାଉଥିବା ଏକ କଣ୍ଟେନର ଜାହାଜ 'ସେଲେନ'କୁ ଅଟକା ଯିବା ସହ ତାକୁ ଫେରାଇ ଦିଆଯାଇଛି । ଏହି ଜାହାଜ ପାକିସ୍ତାନର କରାଚୀ ଅଭିମୁଖେ ଯାତ୍ରା କରୁଥିଲା । ସାମୁଦ୍ରିକ ନିୟମ ଉଲ୍ଲଂଘନ ଓ ଅନୁମତି ନିଆଯାଇ ନ ଥିବା ଦର୍ଶାଇ ଇରାନର ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ କର୍ପସ (ଆଇଆରଜିସି) ନୌସେନା ଏହି ପଦକ୍ଷେପ ନେଇଛି । ଆଇଆରଜିସି ତରଫରୁ ଏ ନେଇ ସ୍ପଷ୍ଟୀକରଣ ଦିଆଯାଇଛି । ଆଇଆରଜିସି ନୌସେନା କମାଣ୍ଡର ଅଲିରେଜା ଟାଙ୍ଗସିରି କହିଛନ୍ତି ଯେ ଏହି ଜଳପଥ ଦେଇ ଯାଉଥିବା ଯେକୌଣସି ଜାହାଜକୁ ଇରାନ ସାମୁଦ୍ରିକ କର୍ତ୍ତୃପକ୍ଷଙ୍କ ସହ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ । ଆଇନଗତ ପ୍ରୋଟୋକଲ ପାଳନ ନ କରିବାରୁ ଏହାକୁ ଫେରାଇ ଦିଆଯାଇଛି । ପୁଣି ଇରାନ ସ୍ପଷ୍ଟ କରିଛି ଯେ ମିତ୍ର ଦେଶର ଜାହାଜଗୁଡ଼ିକୁ ଯିବାକୁ ଅନୁମତି ଦିଆଯିବ । ଆମେରିକା କିମ୍ବା ଇସ୍ରାଏଲ ସହ ଜଡ଼ିତ କୌଣସି ବି ଜାହାଜକୁ ଏହି ପଥରେ ସୁରକ୍ଷିତ ଯାତାୟତ ପାଇଁ ଅନୁମତି ମିଳିବ ନାହିଁ । ସୂଚନାଯୋଗ୍ୟ ଯେ ହର୍ମୁଜ ପ୍ରଣାଳୀ ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଜଳପଥ, ଯେଉଁଠାରେ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ କାରବାର ହୋଇଥାଏ । ଆଶ୍ଚର୍ଯ୍ୟର କଥା ହେଉଛି, ପାକିସ୍ତାନ ଏହି ଯୁଦ୍ଧରେ ମଧ୍ୟସ୍ଥତା କରିବାକୁ ଚେଷ୍ଟା କରୁଛି । ଅନ୍ୟପଟେ ଏହି ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ ଭାରତୀୟ ଜାହାଜଗୁଡ଼ିକ ପାଇଁ କୌଣସି ଅସୁବିଧା ନାହିଁ । ବର୍ତ୍ତମାନ ସୁଦ୍ଧା ଭାରତର ୫ଟି ଏଲ୍‌ପିଜି ଓ ତୈଳ ଟ୍ୟାଙ୍କର ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିସାରିଛନ୍ତି । ସେଗୁଡ଼ିକ ହେଲା- ଜଗ ବସନ୍ତ, ପାଇନ ଗ୍ୟାସ୍, ଶିବାଳିକ, ନନ୍ଦାଦେବୀ ଓ ଜଗ ଲାଡକୀ ।

## ଦେଶର ନିର୍ମାଣ ହେବ ୧୦୦ ନୂଆ ବିମାନ ବନ୍ଦର, ୨୦୦ ହେଲିପ୍ୟାଡ଼

ନୂଆଦିଲ୍ଲୀ, ୨୫ ।୩(ଏଜେନ୍ସି): ଆଞ୍ଚଳିକ ବିମାନ ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ବୁଧବାର 'ଉଡ଼ାନ ୨.୦' ଯୋଜନାକୁ ଅନୁମୋଦନ କରିଛି । ଏହି ମାଷ୍ଟରପ୍ଲାନ ପାଇଁ ସରକାର ମୋଟ୍ ୨୮, ୮୪୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ଏହା ଆଗାମୀ ଦଶନ୍ଧି (୨୦୨୬-୨୭ରୁ ୨୦୩୫-୩୬) ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଏହି ଯୋଜନା ଅନୁସାରେ ଦେଶର ବିଭିନ୍ନ ଅଞ୍ଚଳରେ ଥିବା ଅବ୍ୟବହୃତ ଏୟାରଷ୍ଟ୍ରିପ୍‌ଗୁଡ଼ିକର ଉନ୍ନତିକରଣ କରାଯାଇ ୧୦୦ଟି ନୂଆ ବିମାନ ବନ୍ଦରର ବିକାଶ କରାଯିବ । ଏଥିପାଇଁ ୧୨, ୧୮୯ କୋଟି ଟଙ୍କା ଖର୍ଚ୍ଚ ହେବ । ପୁଣି ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ପାଇଁ ୨୦୦ଟି ଅତ୍ୟାଧୁନିକ ହେଲିପ୍ୟାଡ଼ ନିର୍ମାଣ କରାଯିବ । ଏହା ଦ୍ୱାରା ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ସହଜ ହୋଇପାରିବ । ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ହାଲ୍ ଧ୍ରୁବ ହେଲିକପ୍ଟର ଏବଂ ହାଲ୍ ଡର୍ନିୟର ବିମାନ କ୍ରୟ କରିବେ । ଏଥିପାଇଁ ୪୦୦ କୋଟିର ବଜେଟ ରଖାଯାଇଛି ।

## ଭୟଙ୍କର ଭୂସ୍ଖଳନରେ ଫସିଛନ୍ତି ୨୦୦ ପର୍ଯ୍ୟଟକ

ଗ୍ୟାଙ୍ଗଟକ, ୨୫ ।୩(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ସିକିମ୍‌ରେ ପ୍ରବଳ ବର୍ଷା କାରଣରୁ ଏକାଧିକ ସ୍ଥାନରେ ଭୂସ୍ଖଳନ ହୋଇଛି । ଏଥିପାଇଁ ୨୦୦ରୁ ଅଧିକ ପର୍ଯ୍ୟଟକ ଚୁଙ୍ଗଥାଙ୍ଗ ଅଞ୍ଚଳରେ ଫସି ରହିଛନ୍ତି । ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହେବା କାରଣରୁ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ମଙ୍ଗନ ଜିଲ୍ଲାପାଳ ଅନନ୍ଦ ଜୈନଙ୍କ କହିବା ଅନୁଯାୟୀ, ମଙ୍ଗଳବାର ରାତିରେ ଚୁଙ୍ଗଥାଙ୍ଗ୍- ଲାଚେନ ମୁଖ୍ୟ ମାର୍ଗରେ ଭୂସ୍ଖଳନ ଘଟିଥିଲା । ଏହି କାରଣରୁ ଲାଚେନ ଯାଉଥିବା ପର୍ଯ୍ୟଟକମାନେ ଅଧାବାଟରେ ଅଟକି ଯାଇଥିଲେ । ଫସି ରହିଥିବା ପର୍ଯ୍ୟଟକଙ୍କୁ ଗତ ରାତିରେ ଚୁଙ୍ଗଥାଙ୍ଗସ୍ଥିତ ଆଇଟିବିପି କ୍ୟାମ୍ପ ଏବଂ ଏକ ଗୁରୁଦ୍ୱାରରେ ରଖାଯାଇଛି । ସେମାନଙ୍କ ଖାଇବା ଓ ରହିବାର ବ୍ୟବସ୍ଥା କରାଯାଇଛି । ବର୍ଡ଼ର ରୋଡ଼ ଅର୍ଗାନାଇଜେସନ (ବିଆରଓ) ପକ୍ଷରୁ ରାସ୍ତା ସଫା କରିବା କର୍ଯ୍ୟ ଜାରି ରହିଛି । ପାଗ ଅନୁକୂଳ ହେଲେ ଓ ରାସ୍ତା ସୁରକ୍ଷିତ ଘୋଷିତ ହେଲେ ହିଁ ଯାତାୟତ ପାଇଁ ଅନୁମତି ଦିଆଯିବ । ଅନ୍ୟପଟେ ଲାଚୁଙ୍ଗ ଯାଇଥିବା ରାସ୍ତାକୁ ସଫା କରାଯାଇଛି ଓ ସେଠାରେ ଥିବା ପର୍ଯ୍ୟଟକମାନଙ୍କୁ ବୁଧବାର ସକାଳେ ସୁରକ୍ଷିତ ଭାବେ ଗ୍ୟାଙ୍ଗଟକ ଫେରାଇ ଅଣାଯାଇଛି ।

## ୭୪ ଦିନରେ ୧୭୦ଜଣଙ୍କ ହାଜତ ମୃତ୍ୟୁ: କେନ୍ଦ୍ର

ନୂଆଦିଲ୍ଲୀ, ୨୫ ।୩(ଏଜେନ୍ସି): ଦେଶରେ ହାଜତ ମୃତ୍ୟୁ ଚିନ୍ତା ଜନକ ରହିଛି । ଚଳିତ ବର୍ଷ ଜାନୁଆରୀ ୧ରୁ ମାର୍ଚ୍ଚ ୧୫ ମଧ୍ୟରେ ପୁଲିସ ହେପାଜତ୍‌ରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି । କେନ୍ଦ୍ର ଗୃହମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ସଂସଦରେ ଦେଇଥିବା ସୂଚନାରୁ ଭୟଙ୍କର ତଥ୍ୟ ସାମନାକୁ ଆସିଛି । ଚଳିତ ବର୍ଷର ମାତ୍ର ୭୪ ଦିନ ମଧ୍ୟରେ ମୋଟ ୧୭୦ଟି ହାଜତ ମୃତ୍ୟୁ ହୋଇଥିବା ପଞ୍ଜିକୃତ ହୋଇଛି । ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରୁ ମିଳିଥିବା ତଥ୍ୟ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ଏହି କ୍ରମରେ ଦେଖିବାକୁ ଗଲେ ବିହାରରେ ସର୍ବାଧିକ ୧୯ ଜଣ ଲୋକ ହାଜତରେ ମୃତ୍ୟୁବରଣ କରିଛନ୍ତି । ସେହିପରି ରାଜସ୍ଥାନରେ ୧୮, ଉତ୍ତରପ୍ରଦେଶରେ ୧୫, ଗୁଜରାଟ/ମହାରାଷ୍ଟ୍ର/ ପଞ୍ଜାବରେ ୧୪, ଓଡ଼ିଶାରେ ୯, ପଶ୍ଚିମବଙ୍ଗ/ ତାମିଲନାଡୁରେ ୭, ଦିଲ୍ଲୀରେ ୪ଟି ହାଜତ ମୃତ୍ୟୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ବ୍ଲଡ୍ ବ୍ୟାଙ୍କ ଉପରେ କେନ୍ଦ୍ରର କଡ଼ା ନଜର

ନୂଆଦିଲ୍ଲୀ, ୨୫ ।୩(ଏଜେନ୍ସି): ଦେଶରେ ରକ୍ତର କଳାବଜାରୀ ରୋକିବା ଏବଂ ରକ୍ତର ଉପଲବ୍ଧତାକୁ ସ୍ୱଚ୍ଛ କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି । ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେସନ (ସିଡିଏସ୍‌ସିଓ) ସମସ୍ତ ଲାଇସେନ୍ସପ୍ରାପ୍ତ ବ୍ଲଡ୍ ସେଣ୍ଟର ବା ରକ୍ତ ଭଣ୍ଡାରଗୁଡ଼ିକ ପାଇଁ ଇ-ରକ୍ତକୋଶ ପୋର୍ଟାଲର ପଞ୍ଜିକରଣ କରିବା ବାଧ୍ୟତାମୂଳକ କରିଛି । ବର୍ତ୍ତମାନଠାରୁ ଦେଶର ସମସ୍ତ ବ୍ଲଡ଼ ବ୍ୟାଙ୍କରେ କେତେ ପରିମାଣର ରକ୍ତ ଗଚ୍ଛିତ ଅଛି, ତାହା କେନ୍ଦ୍ରୀୟ ପୋର୍ଟାଲରେ ଉପଲବ୍ଧ ହେବା ଦ୍ୱାରା ଜରୁରୀକାଳୀନ ସମୟରେ ରୋଗୀମାନେ ସହଜରେ ରକ୍ତ ପାଇପାରିବେ । ଯାଞ୍ଚ ପ୍ରକ୍ରିୟାରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ଡ୍ରଗ୍ ନରୀକ୍ଷକମାନେ ଯାଞ୍ଚ ସମୟରେ ପୋର୍ଟାଲରେ ଥିବା ତଥ୍ୟ ସହ ପ୍ରକୃତ ଷ୍ଟକକୁ ମିଳାଇବେ । ଯଦି କୌଣସି ମେଳ ହୁଏ ନାହିଁ ଓ ହେରଫେର ମିଳେ, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯେଉଁ ବ୍ଲଡ଼ ବ୍ୟାଙ୍କଗୁଡ଼ିକ ଏହି ନିୟମ ପାଳନ କରିବେ ନାହିଁ, ସେମାନଙ୍କ ଲାଇସନ୍ସ ରଦ୍ଦ କରାଯାଇପାରେ । ସମସ୍ତ ରାଜ୍ୟ ଲାଇସେନ୍ସ ପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ୩୦ ଦିନ ମଧ୍ୟରେ ଏହି ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## କଂଗ୍ରେସକୁ ନୋଟିସ: ଆକବର ରୋଡ-ରାଇସିନା ହିଲ୍ସ ଅଫିସ ଖାଲି କର

ନୂଆଦିଲ୍ଲୀ, ୨୫।୩ (ଏଜେନ୍ସି): କଂଗ୍ରେସ ଦଳକୁ କେନ୍ଦ୍ର ସରକାରଙ୍କ ଇଷ୍ଟେଟ ବିଭାଗ ନୋଟିସ ଜାରି କରିଛି । ଏହି ନୋଟିସରେ ୨୪ ଆକବର ରୋଡ ସ୍ଥିତ ମୁଖ୍ୟାଳୟ ଏବଂ ୫ ରାଇସିନା ହିଲ୍ସ ସ୍ଥିତି ଯୁବ କଂଗ୍ରେସ କାର୍ଯ୍ୟାଳୟ ଖାଲି କରିବାକୁ କୁହାଯାଇଛି । ପ୍ରଥମ କାର୍ଯ୍ୟାଳୟ ଖାଲି କରିବାକୁ ୩ ଦିନ ସମୟ ଦିଆଯାଇଛି । ମାତ୍ର ପୂର୍ବରୁ ୨୦୨୫ ଜାନୁଆରୀ ୧୪ରେ କଂଗ୍ରେସ ମୁଖ୍ୟାଳୟର ଠିକଣା ପରିବର୍ତ୍ତନ ହୋଇଥିଲା । ୪୬ ବର୍ଷ ପରେ ଏହା ଇନ୍ଦିରା ଭବନକୁ ପଳାଇ ଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏବଂ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ୨୦୦୯ରେ ଏହାର ଶିଳାନ୍ୟାସ କରିଥିଲେ । ୨୫୨ କୋଟି ଟଙ୍କା ବ୍ୟୟରେ ଏହାକୁ ନିର୍ମାଣ କରାଯାଇଥିଲା । ଏହା ସତ୍ତ୍ୱେ କଂଗ୍ରେସ ପୁରୁଣା କୋଠାକୁ ଖାଲି କରିବାକୁ ଚାହୁଁନାହିଁ । ସରକାରଙ୍କ ଏହି ନୋଟିସ ବିରୋଧରେ କଂଗ୍ରେସ କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ସୂଚନା ମିଳିଛି । ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ୧ ଅଶୋକ ରୋଡ କିମ୍ବା ପନ୍ତ ମାର୍ଗ ସ୍ଥିତ ବିଜେପି କାର୍ଯ୍ୟାଳୟ ବି ଏ ପର୍ଯ୍ୟନ୍ତ ଖାଲି କରାଯାଇ ନାହିଁ ।

## ୭ ଦିନରେ ଅଚଳାବସ୍ଥା

# ବିରୋଧୀଙ୍କ କଳା ଟି-ସାର୍ଟ, ଶାସକଙ୍କ ପ୍ଲା-କାର୍ଡ

ଭୁବନେଶ୍ୱର, ୨୫।୩ (ସମିସ): ଏସସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ କ୍ରମାଗତ ସପ୍ତମ ଦିନ ଧରି ଗୃହରେ ଅଚଳାବସ୍ଥା ଦେଖାଦେଇଥିବା ବେଳେ ବୁଧବାର ପ୍ରତିବାଦ ନିଆରା ରୂପ ଦେଖିବାକୁ ମିଳିଛି। ଉଭୟ ବିଜେଡି ଓ କଂଗ୍ରେସ 'ଦୁର୍ବଳ ମୁଖ୍ୟମନ୍ତ୍ରୀ- ଶକ୍ତିଶାଳୀ ସ୍ୱାସ୍ଥ୍ୟମନ୍ତ୍ରୀ' ଲେଖାଥିବା କଳା ଟି-ସାର୍ଟ ପିନ୍ଧି ଗୃହରେ ପ୍ରତିବାଦ କରିବା ସହ ବିଧାନସଭା ବାହାରେ ବି ପରିକ୍ରମା କରିଛନ୍ତି। ଅନ୍ୟପକ୍ଷରେ ବିରୋଧୀଙ୍କୁ ମୁକାବିଲା କରିବା ନିମନ୍ତେ ଶାସକ ଦଳ ଗୃହ ମଧ୍ୟରେ ପୋଷ୍ଟର ପ୍ରଦର୍ଶନ କରିଛନ୍ତି। ଶାସକ-ବିରୋଧୀ ମଧ୍ୟରେ ଏହି ଆକ୍ଷେପ ରାଜନୀତି ବିଧାନସଭାକୁ ସରଗରମ କରିଥିବା ବେଳେ ବିରୋଧୀ ସଦସ୍ୟ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗର ଖର୍ଚ୍ଚଦାବି ଆଲୋଚନାକୁ ମଧ୍ୟ ବର୍ଜନ କରିଛନ୍ତି। ବିନା ବିରୋଧୀରେ ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।




- ରିପୋର୍ଟର ଟେବୁଲ ଉପରେ ଶୋଇ ପ୍ରତିବାଦ କଲେ ଲକ୍ଷ୍ମଣ ମୁଣ୍ଡା
- ଗୃହକାର୍ଯ୍ୟରେ ଭାଗ ନେବାକୁ ଆଇନ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଆହ୍ୱାନ
- ଶୁଣିଲେନି ବିରୋଧୀ, ଗୃହ ବିଭାଗ ଖର୍ଚ୍ଚଦାବି ଆଲୋଚନାକୁ ବର୍ଜନ

ବୁଧବାର ପ୍ରଶ୍ନକାଳ ଆରମ୍ଭରୁ ବିଜେଡି, କଂଗ୍ରେସ ଓ ସିପିଆଇଏମ୍ ସଦସ୍ୟମାନେ ଗୃହର ମଧ୍ୟ ଭାଗକୁ ମାଡ଼ି ଆସିଥିଲେ। ସମସ୍ତ ବିରୋଧୀ ଦଳର ସଦସ୍ୟ 'ଦୁର୍ବଳ ମୁଖ୍ୟମନ୍ତ୍ରୀ - ଶକ୍ତିଶାଳୀ ସ୍ୱାସ୍ଥ୍ୟ ମନ୍ତ୍ରୀ' ଲେଖାଥିବା ଟି-ସାର୍ଟ ପିନ୍ଧିଥିଲେ। ପ୍ରତିବାଦ ଓ ସ୍ଲୋଗାନରେ ବିରୋଧୀ ଦଳ ଗୃହ କମ୍ପାଇବା ସହ ବାଚସ୍ପତିଙ୍କ ପୋଡିୟମକୁ ଘେରି ବିରୋଧୀ ପ୍ରବଳ ହଟ୍ଟଗୋଳ କରିଥିଲେ। ମାତ୍ର ୩ ମିନିଟ ପରେ ବାଚସ୍ପତି ଗୃହକୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଗୃହ ମୁଲତବୀ ହେବା ପରେ ବିରୋଧୀ ସ୍ଲୋଗାନ ଦେଇ ବିଧାନସଭା ପରିସର ପରିକ୍ରମା କରିଥିଲେ। ଶୂନ୍ୟକାଳ ଆରମ୍ଭରେ ମଧ୍ୟ ସମାନ ଢଙ୍ଗରେ ବିରୋଧୀଙ୍କ ପ୍ରତିବାଦ ଜାରି ରହିଥିଲା । ବିଜେଡି ବିଧାୟିକା ସୁଜାତା ସାହୁ ଓ ମନୋରମା ମହାନ୍ତି ବାଚସ୍ପତିଙ୍କ ଆସନ ଆଡ଼କୁ ମାଡ଼ି ଯାଇଥିବା ବେଳେ ମହିଳା ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇଥିଲେ। ବିଜେଡି ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ବ୍ୟୋମକେଶ ରାୟ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ବାଚସ୍ପତିଙ୍କ ପୋଡିଅମ ବାଡ଼େଇ ଜୋରଦାର ପ୍ରତିବାଦ କରିଥିଲେ। ବିଜେଡି ବିଧାୟକ ବ୍ରଜ କିଶୋର ପ୍ରଧାନ ବିଧାୟକ ପ୍ରଶାନ୍ତ ବେହେରାଙ୍କୁ କାନ୍ଧରେ ବସାଇ ତାଙ୍କୁ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଉଦ୍ୟମରେ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ସିପିଆଇଏମ୍‌ର ଏକ ମାତ୍ର ବିଧାୟକ ଲକ୍ଷ୍ମଣ ମୁଣ୍ଡା ଗୃହ ମଧ୍ୟରେ ରିପୋର୍ଟସ ଟେବୁଲ ଉପରେ ଶୋଇପଡ଼ି ଅଭିନବ ଢଙ୍ଗରେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା । ଏପଟେ ବିଜେପି ବିଧାୟକମାନେ ନିଜ ନିଜ ଆସନରେ ବସି ବିରୋଧୀଙ୍କ ଉଦ୍ଦେଶ୍ୟରେ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ପ୍ଲାକାର୍ଡ ଗୁଡିକରେ 'ବିଜେଡି କଂଗ୍ରେସ ଭାଇ ଭାଇ, ଦଳୀୟ ସ୍ୱାର୍ଥରେ ବିଧାନସଭା ବନ୍ଦ' ଆଦି ସ୍ଲୋଗାନ ଲେଖାଥିବା ପୋଷ୍ଟର ପ୍ରଦର୍ଶନ କରିଥିଲେ। ବିରୋଧୀଙ୍କ ହୋହାଲ୍ଲା ମଧ୍ୟରେ ଶୂନ୍ୟକାଳରେ ବାଚସ୍ପତି ବିଜେପି ବିଧାୟକ ଓ ମନ୍ତ୍ରୀମାନଙ୍କୁ କହିବାକୁ ସୁଯୋଗ ଦେଇଥିଲେ।

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଗୃହରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗଣତାନ୍ତ୍ରିକ ଅଧିକାର ବିରୋଧୀଙ୍କ ପ୍ରତିବାଦ କରିବା ପାଇଁ। ହେଲେ ଲଗାତାର କିଛି ଦିନ ହେବ ଅସାମ୍ବିଧାନିକ ଉପାୟରେ ବିରୋଧୀ ଗୃହକୁ ଅଚଳ କରୁଛନ୍ତି। ପ୍ରଶ୍ନକାଳ ଓ ଶୂନ୍ୟକାଳ ବନ୍ଦ କରିବା ଦୁର୍ଭାଗ୍ୟଜନକ। ପ୍ରତିଦିନ ବିଧାନସଭା ଚାଲିବା ପାଇଁ ପ୍ରାୟ ୬୮ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ବିରୋଧୀ ଯେତେ ଦିନ ଅଚଳ କରିଛନ୍ତି, ଲୋକଙ୍କର ପ୍ରାୟ ୧୨ କୋଟି ଟଙ୍କା ନଷ୍ଟ ହୋଇଛି। ଏସସିବି ଘଟଣାରେ ସରକାର ତତ୍କାଳ ପଦକ୍ଷେପ ଗ୍ରହଣ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତେଣୁ ଗୃହରେ ଏକ ଭଲ ପରମ୍ପରା ସୃଷ୍ଟି କରାଯାଇ ସମସ୍ତେ ଗୃହ କାର୍ଯ୍ୟରେ ଭାଗ ନିଅନ୍ତୁ ବୋଲି ଆଇନ ମନ୍ତ୍ରୀ ଆହ୍ୱାନ କରିଥିଲେ।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ବିଧାନସଭାରେ ନିର୍ବାଚିତ ପ୍ରତିନିଧିମାନଙ୍କର ଆଚରଣ ଓ ଉଚ୍ଚାରଣ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସଂସଦରେ ମଧ୍ୟ ବିରୋଧୀ ପ୍ରତିବାଦ କରୁଥିଲେ। ହେଲେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଭାରତ ସ୍ଥିତି ସମ୍ପର୍କରେ ଆଲୋଚନା ବେଳେ ସମସ୍ତେ ଭାଗ ନେଇ ଆଲୋଚନା କଲେ । ତେଣୁ ରାଜ୍ୟର ବିରୋଧୀ ଦଳ ସଦସ୍ୟ ଆଲୋଚନାକୁ ଆସନ୍ତୁ। ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହାରି ମଧ୍ୟରେ ସମସ୍ତ ବିରୋଧୀ ଦଳ ବିଜେଡି, କଂଗ୍ରେସ ଓ ସିପିଆଇଏମ୍ କକ୍ଷତ୍ୟାଗ କରି ଚାଲି ଯାଇଥିଲେ।

ଗୃହକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିପାଇଁ ଦୁଇଟି ପର୍ଯ୍ୟାୟରେ ମୁଲତବୀ ହୋଇଥିଲା। ମାତ୍ର ସର୍ବଦଳୀୟ ବୈଠକ ବିଫଳ ହେବାରୁ ବିରୋଧୀ ଆଉ ଗୃହ କାର୍ଯ୍ୟରେ ଭାଗ ନେବାକୁ ଆସି ନ ଥିଲେ।

# ୨୮ ଯାଏଁ କାଳବୈଶାଖୀ ବର୍ଷା

ଭୁବନେଶ୍ୱର,୨୫।୩(ସମିସ): ଗାଙ୍ଗେୟ ପଶ୍ଚିମବଙ୍ଗରୁ ଓଡ଼ିଶା ଦେଇ ଛତିଶଗଡ଼ ପର୍ଯ୍ୟନ୍ତ ବର୍ତ୍ତମାନ ଏକ ଟ୍ରଫ୍ ଲାଇନ୍ ଲମ୍ବିଛି। ଏହାର ପ୍ରଭାବରେ ଗତ ଦୁଇ ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ପବନ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ହେଉଛି।



ବିଶେଷକରି ଉତ୍ତର ଓଡ଼ିଶାରେ ଏହାର ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨୮ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବାର ସମ୍ଭାବନା ରହିଛି।

ଗୁରୁବାର ଏହାର ପ୍ରଭାବ ସାମାନ୍ୟ ହ୍ରାସ ହେବାର ଥିଲେ ମଧ୍ୟ ଶୁକ୍ରବାର ଓ ଶନିବାର ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ସମୟରେ ପବନର ବେଗ ୪୦ରୁ ୫୦ କିମି ବହିବା ସହ କିଛି କିଛି ସ୍ଥାନରେ କୁଆପଥର ମାଡ଼ ନେଇ ମଧ୍ୟ ପାଣିପାଗ କେନ୍ଦ୍ର କହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୭ରୁ ୨୮ ମଧ୍ୟରେ ଉତ୍ତର, ଦକ୍ଷିଣ ଓ ଉପକୂଳ ଓଡ଼ିଶାର ଅନେକ ଜିଲ୍ଲାରେ ବର୍ଷା ସମ୍ଭାବନା ରରହିଛି। ୨୭ ତାରିଖରେ ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, ବଲାଙ୍ଗିର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଓ ଯାଜପୁର ଜିଲ୍ଲାରେ ବଜ୍ରପାତ ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ଥିବା ବେଳେ ୧୬ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ଆସନ୍ତା ୨୮ ତାରିଖ ପାଇଁ ୮ ଜିଲ୍ଲାକୁ ଆଲର୍ଟ ଜାରି ହୋଇଛି।

ଆଗାମୀ ୨ ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସୋନପୁରରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୮ଟି ସ୍ଥାନରେ ବର୍ଷା ରେକର୍ଡ ହୋଇଛି। ଉତ୍ତର ଓଡ଼ିଶାରେ କାଳବୈଶାଖୀ ଝଡ଼ ପ୍ରଭାବରେ ବର୍ଷା ଓ କୁଆପଥରମାଡ଼ରେପନିପରିବାଚାଷବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

## ସରକାର କହିଲେ ଅବଧି ପୂର୍ବରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ

# ଟୋକନ ଧରି ବସିଛନ୍ତି ୧.୭୩ ଲକ୍ଷ ଚାଷୀ

ଭୁବନେଶ୍ୱର,୨୫।୩(ସମିସ): ଚଳିତ ବର୍ଷର ଖରିଫ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ତାରିଖ ଶେଷ ହେବାକୁ ଆଉ ୬ ଦିନ ବାକି ରହିଛି। ମାର୍ଚ୍ଚ ୩୧ ତାରିଖକୁ ଖରିଫ ଧାନ ସଂଗ୍ରହର ଶେଷ ଦିନ ଭାବେ ଧାର୍ଯ୍ୟ କରାଯାଇଛି। ତଥାପି ଏଯାଏ ସବୁ ଚାଷୀଙ୍କଠାରୁ ଧାନ କିଣାଯାଇପାରିନାହିଁ । ଏବେବି ୧ ଲକ୍ଷ ୭୩ ହଜାର ଚାଷୀ ପଞ୍ଜିକୃତ ଚାଷୀ ଧାନ ବିକ୍ରି ଅପେକ୍ଷାରେ ରହିଛନ୍ତି ବୋଲି ବିଧାନସଭାରେ ସ୍ୱୀକାର କରିଛନ୍ତି ଖୋଦ୍ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀଙ୍କ ସୂଚନା ଅନୁସାରେ ଖରିଫରେ ଧାନ ବିକ୍ରି ପାଇଁ ୧୯ ଲକ୍ଷ ୨୪ ହଜାର ପଞ୍ଜିକୃତ ଯୋଗ୍ୟ ବିବେଚିତ ଚାଷୀଙ୍କ ଠାରୁ ଧାନ କ୍ରୟ ନିମନ୍ତେ ଟୋକନ ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୧୭ ଲକ୍ଷ ୬୧ ହଜାର ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିଛନ୍ତି। ଚଳିତ ଧାନ ସଂଗ୍ରହ ବର୍ଷ ୨୦୨୫-୨୬ ଖରିଫ ଋତୁରେ ପଞ୍ଜିକୃତ ଯୋଗ୍ୟ ବିବେଚିତ ଚାଷୀଙ୍କ ଠାରୁ ପ୍ରାୟ ୭୩ ଲକ୍ଷ ଟନ ଧାନ ସଂଗ୍ରହ ପାଇଁ ଲକ୍ଷ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୭୩ ଲକ୍ଷ ୫୧ ହଜାର ୬୫୦ ଟନ ଧାନ ସରକାର କିଣିସାରିଛନ୍ତି। ଏହାସହ ୭୨ ଲକ୍ଷ ୯୯ ହଜାର ୫୪ ଟନ ଧାନ ଉଠିସାରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ବିଧାନସଭାରେ ମନ୍ତ୍ରୀଙ୍କ ଏହି ଉତ୍ତର ପରେ ସନ୍ଧ୍ୟାରେ ଯୋଗାଣ ବିଭାଗ ନିଜର ପିଠି ଥାପୁଡ଼ାଇଛି । ରାଜ୍ୟରେ ଏଥର ରେକର୍ଡ ଧାନ

**ସବୁ ଚାଷୀଙ୍କ ଧାନ କିଣିବାରେ ସରକାର ଅକ୍ଷମ**

ସଂଗ୍ରହ ହୋଇଛି। ଆଜି ସୁଦ୍ଧା ରାଜ୍ୟର ବିଭିନ୍ନ ମଣ୍ଡିକୁ ପ୍ରାୟ ୭୫,୪୫,୩୮୧ ମେଟ୍ରିକ ଟନ୍ ଧାନ ଆସିଥିବା ବେଳେ ସେଥିମଧ୍ୟରୁ ୭୫,୨୦,୨୧୨ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ମୋଟ ୧୮,୧୧,୯୮୮ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରୟ କରିଛନ୍ତି। ସଂଗୃହୀତ ଧାନ ମଧ୍ୟରୁ ପ୍ରାୟ ୭୩,୪୬,୨୨୬ ମେଟ୍ରିକ ଟନ୍ ଧାନ ମିଲରମାନେ ମଣ୍ଡିରୁ ଉଠାଇଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ ୨୨,୩୩୭.୬୦ କୋଟି ଟଙ୍କାର ଏମଏସପି ଓ ଇନପୁଟ ସହାୟତା ଚାଷୀମାନଙ୍କୁ ପ୍ରଦାନ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଧାନ ସଂଗ୍ରହ କ୍ଷେତ୍ରରେ ବରଗଡ଼ ଜିଲ୍ଲା ସବୁଠାରୁ ଆଗରେ ରହିଛି। ଏଠାରେ ସର୍ବାଧିକ ୭,୭୦,୧୫୭ ମେଟ୍ରିକ ଟନ୍ ଧାନ ମଣ୍ଡିକୁ ଆସିଛି ଓ ୭,୬୯,୮୩୮ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଏହା ପଛକୁ ରହିଛି କଳାହାଣ୍ଡି ଜିଲ୍ଲା, ସେଠାରେ ୬,୪୩୧୭୮ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ସେହିପରି ଗଞ୍ଜାମ ଜିଲ୍ଲାରେ ୫,୫୮,୦୧୨ ମେଟ୍ରିକ ଟନ ଓ ସୁବର୍ଣ୍ଣପୁର ଜିଲ୍ଲାରେ ୩,୭୯,୦୪୫ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ସରକାରୀ ଭାବେ ଏଥର ଖରିଫରେ ୭୩ ଲକ୍ଷ ମେଟ୍ରିକ ଟନ୍ ଧାନ କ୍ରୟ କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସରକାରଙ୍କ ଏହି ଟାର୍ଗେଟ ପୂରା ହୋଇ ସାରିଥିବାରୁ ବାକି ଥିବା ୧ ଲକ୍ଷ ୭୩ ହଜାର ପଞ୍ଜିକୃତ ଚାଷୀଙ୍କଠାରୁ ଧାନ ଉଠିବ କି ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

## ମନରେଗା ଯୋଜନା ବାଟବଣା

# ରାଜ୍ୟରେ ୭୯୫.୦୫ କୋଟି ଦେୟ ବକେୟା

ଭୁବନେଶ୍ୱର, ୨୫।୩(ସମିସ): ମନରେଗା ଯୋଜନାରେ କାମ କରିଥିବା ଶ୍ରମିକଙ୍କୁ ମିଳୁନାହିଁ ମଜୁରି। ପ୍ରତି ସପ୍ତାହରେ ପାରିଶ୍ରମିକ ପ୍ରଦାନ କରିବାକୁ ନିୟମ ରହିଥିଲେ ମଧ୍ୟ ସରକାର ହିଁ ତାକୁ ପାଳନ କରୁ ନାହାନ୍ତି। ସପ୍ତାହେ କି ମାସେ ନୁହେଁ, ପ୍ରାୟ ସାଢ଼େ ୩ ମାସ ହେବ ମଜୁରି ଲାଗିଥିବା ଶ୍ରମିକମାନେ ପାରିଶ୍ରମିକ ଅପେକ୍ଷାରେ ରହିଛନ୍ତି। ଫଳରେ ରାଜ୍ୟର ପ୍ରାୟ ୩୧ ଲକ୍ଷରୁ ଅଧିକ ଶ୍ରମିକ ପାରିଶ୍ରମିକ ନ ପାଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି।

ଲୋକସଭାରେ କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଳେଶ ପାଶୱାନ କହିଛନ୍ତି ଯେ ମାର୍ଚ୍ଚ ୧୧ ସୁଦ୍ଧା ସମସ୍ତ ଦେଶରେ ପ୍ରାୟ ୧୮,୮୬୨ କୋଟି ଟଙ୍କା ବକେୟା ଦେୟ ଥିଲା। ଶ୍ରମିକଙ୍କ ମଜୁରି ବାବଦକୁ ୮,୬୮୮.୨୯ କୋଟି ବକେୟା ଥିବାବେଳେ ମାଟେରିଆଲ୍ ବାବଦକୁ ୯,୬୯୨.୨୮ କୋଟି ଟଙ୍କା ଏବଂ ପ୍ରଶାସନିକ ଖର୍ଚ୍ଚ ବାବଦ ୫୦୨.୪୨ କୋଟି ଟଙ୍କା ବକେୟା ରହିଛି। କେବଳ ଓଡ଼ିଶା କ୍ଷେତ୍ରରେ ମୋଟ୍ ୭୯୫.୦୫ କୋଟି ଟଙ୍କା ବକେୟା ରହିଛି। ଶ୍ରମିକଙ୍କ ପାରିଶ୍ରମିକ ବାବଦକୁ ୪୮୩.୧୬ କୋଟି ଟଙ୍କା ପ୍ରଦାନ କରାଯାଇ ନାହିଁ। ଅର୍ଥାତ୍ ପ୍ରାୟ ୧ କୋଟି ୭୬ ଲକ୍ଷ ୯୮ ହଜାରରୁ ଅଧିକ ଶ୍ରମ ଦିବସର ପାରିଶ୍ରମିକ ମିଳିନାହିଁ। କାର୍ଯ୍ୟ କରିସାରିଥିବା ବହୁ

- ୩ ମାସ ହେଲା ମିଳୁନି ମଜୁରି; ଦୁର୍ଦ୍ଦିନରେ ୩୧ ଲକ୍ଷ ଶ୍ରମିକ
- ୧ କୋଟି ୭୬ ଲକ୍ଷ ୯୮ ହଜାର କାର୍ଯ୍ୟ ଦିବସ ପାଉଣା ବାକି
- ମଜୁରିଆ ନିରାଶ; ଦାଦନ ଯିବାକୁ ବାଧ୍ୟ କରୁଛି ସରକାରୀ ବ୍ୟବସ୍ଥା

ଶ୍ରମିକଙ୍କ ଏଫ୍‌ଟିଓ ଜେନେରେଟ୍ ହେଲେ ଏହି ସଂଖ୍ୟା ଆହୁରି ଅଧିକ ହେବ। ମନରେଗା ୱେବସାଇଟ୍‌ର ତଥ୍ୟ ଅନୁଯାୟୀ ଓଡ଼ିଶାରେ ଗତ ଡିସେମ୍ବର ୧୫ ତାରିଖ ଠାରୁ କାମ କରିଥିବା ଶ୍ରମିକଙ୍କୁ ଆଉ ମଜୁରି ମିଳିନାହିଁ।

ସଠିକ୍ ସମୟରେ ପାରିଶ୍ରମିକ ମିଳୁ ନଥିବାରୁ ଦିନ ମଜୁରିଆଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଦିନରେ କାମକଲେ ସଞ୍ଜରେ ଚୁଲି ଜଳୁଥିବା ପରିବାର ଏବେ ମନରେଗାରେ କାମ କରି ନିଜ ଭାଗ୍ୟକୁ ନିନ୍ଦୁଛନ୍ତି। ସରକାର ସେମାନଙ୍କୁ କାମ ଦେବ କହି ମଜୁରି ଦେଉ ନ ଥିବାରୁ ହିନସ୍ତା ହେଉଛନ୍ତି। ଦୁଇଓଳି ଖାଇବା ପାଇଁ ଅନ୍ୟ ପାଖରେ ହାତ ପତାଇବାକୁ ପଡୁଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ରାଜ୍ୟରେ ଦାଦନ ସମସ୍ୟା ଉତ୍କଟ ରୂପ ଧାରଣ କରୁଥିବାବେଳେ ମନରେଗା ଯୋଜନାକୁ ସରକାର ଅଧିକ ବ୍ୟାପକ କରିଥିଲେ। ଘର ଛାଡ଼ି ବାହାରେ ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ପରିବାରକୁ ନିଜ ପଞ୍ଚାୟତରେ ମାସିକ ଶହେ ଦିନ କାମ ଯୋଗାଇ ଦେଲେ। ଏପରିକି ମନରେଗା ଯୋଜନାର ନାମ ପରିବର୍ତ୍ତନ କରି ବିକଶିତ ଭାରତ ନିଶ୍ଚିତ ରୋଜଗାର ଓ ଆଜୀବିକା ମିସନ (ଗ୍ରାମୀଣ) ବା 'ଭିବି-ଜି ରାମ ଜି' କରି କର୍ମ ନିଯୋଜନ ଦିବସକୁ ଆଉ ୨୫ ଦିନ ବଢ଼ାଇଛନ୍ତି। ମାତ୍ର କାମ କରୁଥିବା ଶ୍ରମିକମାନଙ୍କୁ ସଠିକ୍ ସମୟରେ ପାରିଶ୍ରମିକ ମିଳୁ ନଥିବାରୁ ବହୁ ଶ୍ରମିକ ଏହି ଯୋଜନାରୁ ମୁହଁ ଫେରାଉଛନ୍ତି। କାମ କରି ପ୍ରାପ୍ୟ ନ ପାଇବା ଠାରୁ ଦାଦନ ଯିବାକୁ ଶ୍ରେୟ ମଣୁଛନ୍ତି। ଫଳରେ ସରକାରଙ୍କ ଏହି ଯୋଜନା ଏକପ୍ରକାର ବାଟବଣା ହୋଇଛି।

## ହୋଟେଲ, ରେସ୍ତୋରାଁରେ ଗ୍ୟାସ୍ ସଙ୍କଟ

# ବିକଳ୍ପ ଇନ୍ଧନ ପାଇଁ ସରକାରଙ୍କ ପରାମର୍ଶ

ଭୁବନେଶ୍ୱର,୨୫।୩(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବା ବେଳେ ଏଲପିଜି ଗ୍ୟାସ ସଙ୍କଟରେ ସମସ୍ତେ ସନ୍ତୁଳି ହେଉଛନ୍ତି। ବିଶେଷକରି ବାଣିଜ୍ୟିକ ଗ୍ୟାସ ସଙ୍କଟ କାରଣରୁ ହୋଟେଲ, ରେସ୍ତୋରାଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥଳେ ଗ୍ୟାସ ଅଭାବ ଦୂର ପାଇଁ ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ରାଜ୍ୟ ସରକାର। ସମସ୍ତ ହୋଟେଲ ଓ ରେସ୍ତୋରାଁ ମାନଙ୍କୁ ପିଏନଜି, ମାଇକ୍ରୋ ଓଭେନ୍, ଇଣ୍ଡକ୍ସନ୍, ବାଷ୍ପ ରନ୍ଧନ ପ୍ରଣାଳୀ ଇତ୍ୟାଦି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ବିପର୍ଯ୍ୟୟ ଘଟିବା ଯୋଗୁଁ ବର୍ତ୍ତମାନ ପରିପ୍ରେକ୍ଷୀରେ ଘରୋଇ ଏଲପିଜି ଗ୍ୟାସ ବିତରଣରେ କୌଣସି ସମସ୍ୟା ନ ହେବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ଘରୋଇ ଏଲପିଜି ସିଲିଣ୍ଡରଗୁଡିକୁ ପ୍ରାଥମିକତା ଦେଇ ୧୦୦ ପ୍ରତିଶତ ବିତରଣ କରାଯିବା ସହିତ ଶିଳ୍ପ ଅନୁଷ୍ଠାନ, ହୋଟେଲ ଓ ରେସ୍ତୋରାଁ ବ୍ୟବସାୟ ଭଳି ବ୍ୟବସାୟିକ କ୍ଷେତ୍ରକୁ ସେମାନଙ୍କ ମାସିକ ଆବଶ୍ୟକତାର ୭୦ ପ୍ରତିଶତ ଗ୍ୟାସ ଯୋଗାଇ ଦିଆଯିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ଏହାକୁ ଭିତ୍ତିକରି ରାଜ୍ୟ ସରକାରଙ୍କ ଦ୍ୱାରା ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକମାନ କରାଯାଇଥିଲା। ଯେଉଁଥିରେ ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଅଛି। ଏତଦବ୍ୟତୀତ ଏଲପିଜି ଗ୍ୟାସର ଅବୈଧ ଗଚ୍ଛିତ ଏବଂ ସଂଗ୍ରହ ଉପରେ ପ୍ରତ୍ୟେକ ଜିଲ୍ଲା ଗୁଡିକରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଦ୍ୱାରା ତୀକ୍ଷ୍ଣ ନଜର ରଖାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଅଛି। ଘରୋଇ ଏଲପିଜି ସିଲିଣ୍ଡର ବୁକିଂ ପ୍ରକ୍ରିୟା ମିସ୍‌ଡ କଲ୍, ଆଇଭିଆରଏସ, ଅନଲାଇନ ମୋଡ୍, ୟୁପିଆଇ ମୋଡ୍ ମାଧ୍ୟମରେ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ନଦୀରେ ବୁଡ଼ିଗଲେ ମାମୁ-ଭଣଜା

କଣ୍ଟାପଡ଼ା,୨୫।୩(ସମିସ): କଟକ ଜିଲ୍ଲା କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ଥାନା ସିମଳଦା ଗ୍ରାମ ନିକଟସ୍ଥ ଦେବୀ ନଦୀରେ ବୁଧବାର ଏକ ଦୁଃଖଦ ଅଘଟଣ ଘଟିଛି। ନଦୀରେ ଗାଧୋଉଥିବା ସମୟରେ ମାମୁ ଓ ଭଣଜା ପାଣିରେ ବୁଡ଼ି ଯାଇଥିବା ବେଳେ ଗ୍ରାମବାସୀଙ୍କ ସହାୟତାରେ ମାମୁଙ୍କୁ ଉଦ୍ଧାର କରାଯାଇଛି, ମାତ୍ର ୧୩ ବର୍ଷର ଭଣଜା ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ନିଖୋଜ ବାଳକ ଜଣକ ହେଲେ ଆଜମ ବେଗ।

**ମାମୁ ଉଦ୍ଧାର, ଭଣଜା ନିଖୋଜ**

ସୂଚନା ଅନୁଯାୟୀ, ଆଜି ମାମୁ ମୁଜାହିଦ୍ ହୁସେନ ଓ ଭଣଜା ଆଜମ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ହଠାତ୍ ଆଜମଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ମାମୁ ମୁଜାହିଦ୍ ମଧ୍ୟ ନଦୀ ସ୍ରୋତରେ ବୁଡ଼ି ଯାଇଥିଲେ। ନଦୀକୂଳରେ ଥିବା ଲୋକଙ୍କ ଚିତ୍କାର ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚି ମୁଜାହିଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଖବର ପାଇ ଗୋବିନ୍ଦପୁର ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ତଲାସୀ ଅଭିଯାନ ଚଲାଇଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ଆଜମଙ୍କ କୌଣସି ପତ୍ତା ମିଳିପାରି ନାହିଁ।

## ଗୃହ ବିଭାଗର ଅନୁଦାନ ଦାବି ଉପରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର

# ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ

ଭୁବନେଶ୍ୱର,୨୫।୩(ସମିସ): ରାଜ୍ୟରେ ସମ୍ପ୍ରତି ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଅଛି। ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରହିଛି। ସମୟୋପଯୋଗୀ ଗୁଇନ୍ଦା ତଥ୍ୟ ଏବଂ ପୁଲିସର ଆଗୁଆ କାର୍ଯ୍ୟାନୁଷ୍ଠାନ ଫଳରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନଶୃଙ୍ଖଳା ସ୍ଥିତି ଉପୁଜି ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ବିଧାନସଭାରେ ଗୃହ ବିଭାଗର ଅନୁଦାନ ଦାବି ଆଲୋଚନାରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ଏବଂ ଅପରାଧ ନିୟନ୍ତ୍ରଣ କରିବା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ଆମ ସରକାର କ୍ଷମତାକୁ ଆସିବା ପରେ ମାଓବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୫ରୁ ଆଜି ମଧ୍ୟରେ ୨୭ ଜଣ ଦୁର୍ଦ୍ଦାନ୍ତ ସିପିଆଇ (ମାଓବାଦୀ) କ୍ୟାଡରଙ୍କୁ ନିପାତ ସହ ୭୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାଙ୍କ ବିରୋଧରେ ଗୋଟିଏ ବି ହିଂସା କି ନିର୍ଯାତନା ଗ୍ରହଣୀୟ ନୁହେଁ। କିନ୍ତୁ, ଆମ ସମାଜରେ ଅନେକ ଅସାମାଜିକ, ସମ୍ବେଦନହୀନ ଲୋକେ ଅଛନ୍ତି। ଏହା ଏକ ସାମାଜିକ ବ୍ୟାଧି। ଭାରତୀୟ ନ୍ୟାୟ ସଂହିତାର ସଫଳ ପ୍ରୟୋଗ ମାଧ୍ୟମରେ ଦୁଷ୍କର୍ମ ଭଳି ଗୁରୁତର ଅପରାଧର ଅବିଳମ୍ବେ ତଦନ୍ତ ଓ ଦୋଷୀକୁ କଠୋର ଦଣ୍ଡବିଧାନ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବର୍ତ୍ତମାନ ସାଇବର ଅପରାଧ ଏବେ ବଡ଼ ଆହ୍ୱାନ ହୋଇ ଠିଆ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅର୍ଥନୈତିକ ଠକେଇ ଓ ଯୌନ ନିର୍ଯ୍ୟାତନାର ମୁକାବିଲା କରିବା ପାଇଁ ପୁଲିସ ବାହିନୀକୁ କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ଡାଟା ଆନାଲିଟିକ୍ସ ଭଳି ଆଧୁନିକ ଜ୍ଞାନ କୌଶଳରେ ଦକ୍ଷ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ହେଲେ ଉଚ୍ଚ ଶିକ୍ଷିତ ବ୍ୟକ୍ତି, ଏପରିକି ପ୍ରଫେସର, ଡାକ୍ତର, ଇଞ୍ଜିନିୟର ମଧ୍ୟ ସାଇବର ଅପରାଧୀଙ୍କ ଠକାମିର ଶିକାର ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଚିନ୍ତା ପ୍ରକଟ କରିଛନ୍ତି। ତେଣୁ, ସମସ୍ତେ ସଚେତନ ହୁଅନ୍ତୁ ଏବଂ ସାଇବର ସ୍ପେସ୍‌କୁ ବିଚାରବନ୍ତ ଏବଂ ଦାୟିତ୍ୱସମ୍ପର୍ଣ୍ଣତା ସହ ବ୍ୟବହାର କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ଗୃହ ବିଭାଗର ୧୦ ହଜାର ୭୮୬ କୋଟି ୬୯ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ମଞ୍ଜୁରୀ ପ୍ରସ୍ତାବକୁ ଅନୁମୋଦନ ମିଳିଛି।

# ମହାପ୍ରଭୁଙ୍କ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ଆରମ୍ଭ

ପୁରୀ,୨୫।୩(ସମିସ): ଦୀର୍ଘ ୪୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତିକୁ ନେଇ ସମସ୍ତଙ୍କ ମନରେ ଥିବା ଉତ୍ସୁକତାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପୂର୍ବ ନିର୍ଦ୍ଧାରିତ ତାରିଖ ଏବଂ ଶୁଭ ମୁହୂର୍ତ୍ତରେ ଗଣତିମଣତି ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରରେ ଥିବା ସବୁ ଅଳଙ୍କାରର ଗଣତିମଣତି ସମ୍ପୂର୍ଣ୍ଣ ହୋଇଛି। କେବଳ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିଥିବା ଅଳଙ୍କାର ବାକି ରହିଛି। ପ୍ରାୟ ୬ ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଏହି ପ୍ରକ୍ରିୟା ଚାଲିଥିଲା ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।

ଏସ୍‌ଓପି ଅନୁଯାୟୀ, ଗଣତିମଣତି ଲାଗି ଗଠିତ ଦୁଇଟି ଟିମ୍ (ତତ୍ତ୍ୱାବଧାରକ ବା ସୁପରଭାଇଜିଂ ଏବଂ କାର୍ଯ୍ୟନିର୍ବାହୀ ବା ହ୍ୟାଣ୍ଡଲିଂ)ର ସଦସ୍ୟମାନେ ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ମନ୍ଦିରକୁ ପ୍ରବେଶ ପୂର୍ବରୁ ରତ୍ନଭଣ୍ଡାର ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ଏମାନଙ୍କ ସହିତ ଅନ୍ୟ ଅଧିକୃତ ବ୍ୟକ୍ତିମାନେ ମନ୍ଦିରକୁ ପ୍ରବେଶ କରି ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଦୁଇ ଟିମ୍ ସଦସ୍ୟଙ୍କ ସହିତ ଅନ୍ୟ ଯେଉଁମାନେ ବୈଷୟିକ ସହାୟତା ଏବଂ ଅନ୍ୟାନ୍ୟ କାମ ପାଇଁ ଅଧିକୃତ ଥିଲେ ସେମାନେ ମଧ୍ୟ ତାଙ୍କ ସାଜ ସରଞ୍ଜାମ ସହ ମନ୍ଦିରକୁ ପ୍ରବେଶ କରିଥିଲେ। ଭିତରେ ସମସ୍ତେ ପାରମ୍ପରିକ ପୋଷକ ପରିଧାନ କରି ମହାପ୍ରଭୁଙ୍କ ନିକଟରେ ନିଜକୁ ସମର୍ପି ଦେଇ ଗଣତିମଣତି କାର୍ଯ୍ୟରେ ଲାଗିଥିଲେ।

ପ୍ରଥମ ଦିନର ଗଣତିମଣତି କାର୍ଯ୍ୟ ସମାପ୍ତ ହେବା ପରେ ସନ୍ଧ୍ୟାରେ ସମସ୍ତେ ବାହାରକୁ ଆସିଥିଲେ।

- ଚଳନ୍ତି ଭଣ୍ଡାରର ସବୁ ଅଳଙ୍କାର ଗଣତିମଣତି ଶେଷ
- କେବଳ ଶ୍ରୀଅଙ୍ଗରେ ଲାଗିଥିବା ଅଳଙ୍କାର ରହିଯାଇଛି
- ଶୁଭ ମୁହୂର୍ତ୍ତରେ ଆରମ୍ଭ ହୋଇ ୬ ଘଣ୍ଟା ଧରି ଚାଲିଲା
- ଗଣତି ସହ ଓଜନ, ଫଟୋଗ୍ରାଫି ଓ ଥ୍ରୀଡି ମ୍ୟାପିଙ୍ଗ୍

ସିଂହଦ୍ୱାରଠାରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ୩ଟି ଭାଗରେ ରତ୍ନଭଣ୍ଡାର ବିଭକ୍ତ। ଭିତର ରତ୍ନଭଣ୍ଡାରକୁ ପ୍ରଥମ ଭାଗ ବା କ୍ୟାଟେଗୋରୀ-୧ ବୋଲି ଉଲ୍ଲେଖ କରାଯାଇଛି। ଏଥିରେ ବ୍ୟବହାର ହେଉ ନ ଥିବା ଅଳଙ୍କାର ରହିଥାଏ। ଦ୍ୱିତୀୟ ଭାଗ ବା କ୍ୟାଟେଗୋରୀ-୨ ହେଉଛି ବାହାର ରତ୍ନଭଣ୍ଡାର। ଏଥିରେ ବିଭିନ୍ନ ପର୍ବପର୍ବାଣିରେ ବ୍ୟବହୃତ ହେଉଥିବା ଅଳଙ୍କାରାଦି ଗଚ୍ଛିତ ଥାଏ। ତୃତୀୟ ଭାଗ ବା କ୍ୟାଟେଗୋରୀ-୩ ହେଉଛି ଚଳନ୍ତି ଭଣ୍ଡାର। ଏଠାରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିଥିବା ଏବଂ ଦୈନିକ ନୀତିକାନ୍ତିରେ ବ୍ୟବହୃତ ହେଉଥିବା ଅଳଙ୍କାର ଓ ପୂଜା ସାମଗ୍ରୀ ରହିଥାଏ। ବୁଧବାର ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ଭଣ୍ଡାରର ସମସ୍ତ ଅଳଙ୍କାରର ଗଣତି ପ୍ରକ୍ରିୟା ଶେଷ ହୋଇଛି। କେବଳ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିଥିବା ଅଳଙ୍କାର ଗଣତି ହୋଇନାହିଁ। ଯେବେ ସୁଯୋଗ ଆସିବ ଏହାର ଗଣତିମଣତି କରାଯିବ। କେବଳ ତିନି ଠାକୁରଙ୍କର ରାହୁରେଖା, ରତ୍ନଖଚିତ ସୁନାଚିତା ଗଣତି କରିପାରିନାହୁଁ। ବାକି ୧୯୭୮ ମସିହାର ଚଳନ୍ତି ରତ୍ନଭଣ୍ଡାରର ଯାହା ତାଲିକା ଥିଲା ତାହା ସମ୍ପୂର୍ଣ୍ଣ ହୋଇଛି।

ପୂର୍ବ ନିର୍ଦ୍ଧାରିତ ଶୁଭ ମୁହୂର୍ତ୍ତ ଠିକ୍ ମଧ୍ୟାହ୍ନ ୧୨ଟା ୯ ମିନିଟ୍‌ରେ ସମସ୍ତ ଅଧିକୃତ ସଦସ୍ୟ ଏହି ଗଣତିମଣତି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସନ୍ଧ୍ୟା ୬ଟା ୧୦ ମିନିଟ୍ ପର୍ଯ୍ୟନ୍ତ ପ୍ରାୟ ୬ ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଚାଲିଥିଲା। ମଝିରେ ଅଳ୍ପ କିଛି ସମୟ ନୀତିକାନ୍ତି ପାଇଁ ଏହା ବନ୍ଦ ଥିଲା। ଚଳନ୍ତି ରତ୍ନଭଣ୍ଡାରରୁ ଭଣ୍ଡାର ମେକାପ ଯୋଗାଉଥିବା ଅଳଙ୍କାର ଆଦିକୁ ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ଓଜନ ମାପ ଅଧିକାରୀ ସଦସ୍ୟ ଯାଞ୍ଚ ପୂର୍ବକ ସଠିକ୍ ଢଙ୍ଗରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କରିଥିଲେ। ସେହି ଗଣତି ଅଳଙ୍କାରଗୁଡ଼ିକର ଫୋଟୋଗ୍ରାଫି, ଭିଡିଓଗ୍ରାଫି ସହ ଇ-କ୍ୟାଟ୍‌ଲଗ୍ କରାଯାଇଥିଲା। ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି ପାଇଁ ସ୍ୱତନ୍ତ୍ର ଦଳ ନିୟୋଜିତ ହୋଇଥିଲେ। ପ୍ରଥମଥର ପାଇଁ ମୁଖ୍ୟ ଅଳଙ୍କାରର ଥ୍ରୀଡି ମ୍ୟାପିଙ୍ଗ୍ କରାଯାଇଛି। ଏହାକୁ କମ୍ପ୍ୟୁଟରରେ ଲିପିବଦ୍ଧ କରି ରଖାଯିବ। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସମସ୍ତ ପ୍ରକ୍ରିୟା ସରିଛି। ଟ୍ୟାଗିଂରେ କୌଣସି ବ୍ୟତିକ୍ରମ ହୋଇନାହିଁ। ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ କିଛି ସ୍ୱଚ୍ଛତାର ସହ ଏବଂ ନିର୍ବିଘ୍ନ ଭାବେ କରାଯାଇଛି। ଗଣତି, ଓଜନ ମାପ, ଫଟୋଗ୍ରାଫି, ଥ୍ରୀଡି ମ୍ୟାପିଙ୍ଗ୍ ପରେ ପୁନର୍ବାର ମଣତି (ବୁଝିକରି ନେବା) କରି ଭଣ୍ଡାର ମେକାପଙ୍କ ଜିମା ଦିଆଯାଇଥିଲା। ଏହାପରେ ବାହାର ରତ୍ନଭଣ୍ଡାରର ଗଣତିମଣତି ହେବ। କମାଣ୍ଡରଙ୍କ ସହ ଯୋଗାଯୋଗ ହୋଇଛି। ଯେଉଁଦିନ ନୀତି ବହୁଳ ନ ଥିବ ସେଦିନ ପରବର୍ତ୍ତୀ ପର୍ଯ୍ୟାୟ ଗଣତି ହେବ। ତେବେ କେଉଁଦିନ ଏହା କରାଯିବ ସେ ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

# ଆରମ୍ଭ ହେଲା ପାରମ୍ପରିକ ଦଣ୍ଡନାଟ

## ବାହାରିଲେ ୨୧ ଦିନିଆ ଦଣ୍ଡଦଳ

ବ୍ରହ୍ମପୁର,୨୫ ।୩(ସମିସ)

ଗଞ୍ଜାମ ଜିଲ୍ଲାର ପାରମ୍ପରିକ ଦଣ୍ଡାନାଟ ଆରମ୍ଭ ହୋଇଯାଇଛି । ଏନେଇ ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ଆଧ୍ୟାତ୍ମିକ ପରିବେଶ ଦେଖାଦେଇଛି । ଢୋଲ ବାଦ୍ୟରେ ସମଗ୍ର ଇଲାକା ପ୍ରକମ୍ପିତ ହୋଇ ଉଠିଛି । ଦଣ୍ଡନାଟ ଲୋକନାଟକ ଭିତରେ ସର୍ବୋତ୍କୃଷ୍ଟ ଭାବରେ ପରିଗଣିତ । ଏହା ହଟଯୋଗର ସମାହାର । ଶିବଶକ୍ତି ଉପାସନାର ପ୍ରତୀକ । ଚୈତ୍ରମାସରେ ୨୧ଦିନ ସମଗ୍ର ଗଞ୍ଜାମ ଜିଲ୍ଲାର ଉପାସକ, ମାନସିକଧାରୀ, ଭୁକ୍ତା, ପାଟଭୁକ୍ତାଙ୍କ ସହ ଗଞ୍ଜାମବାସୀ ହୋଇଯାନ୍ତି ଏକାକାର । ଜିଲ୍ଲାବ୍ୟାପୀ ଅଧିକାଂଶ ପରିବାର ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ମାଁ ଦଣ୍ଡକାଳୀଙ୍କ ଆରାଧାନାରେ ଲିପ୍ତ ରହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଲୋକନାଟର ବଳିଷ୍ଠ ଏହି ପରମ୍ପରା କାହିଁ କେଉଁ ଆଦିମଯୁଗରୁ ପ୍ରଚଳିତ ଥିବା ବେଳେ ଧୀରେ ଧୀରେ ଏଥିରେ ଯୁଗୋପଯୋଗୀ ପରିବର୍ତ୍ତନ ମଧ୍ୟ ପରିଲକ୍ଷିତ ହୋଇଛି । ମାନସିକଧାରୀମାନେ ସେମାନଙ୍କ ପରିବାରର କଲ୍ୟାଣ ସାଙ୍ଗକୁ ବିଶ୍ୱକଲ୍ୟାଣ ପାଇଁ ଏହି ଦଣ୍ଡଭୋଗ କରୁଥିବାରୁ ଏହାକୁ ସାମ୍ବତ୍ସରିକ ଗଣମହାପର୍ବ ବୋଲି ମଧ୍ୟ କୁହାଯାଇଥାଏ । ଏହାର ଇତିହାସ ଅତି ପ୍ରାଚୀନ । ମହାଦେବ ଓ ମହାଶକ୍ତି ମହାକାଳୀଙ୍କୁ ଆରାଧନା କରି ଦଣ୍ଡୁଆମାନେ ଏହି ଅବସରରେ ମାନସିକଧାରୀ ତଥା ସମଗ୍ର ଜଗତର କଲ୍ୟାଣ କାମନା କରିଥାନ୍ତି । ଆଜି ପାରମ୍ପରିକ ରୀତି ଅନୁସାରେ ଦଣ୍ଡ ପାଇଁ ମାନସିକ କରିଥିବା ଦଣ୍ଡୁଆମାନେ ସେହିକାଳ ମଧ୍ୟରେ ଆମିଷ, ମଦ୍ୟ, ନାରୀ ସଂସର୍କ ପରିହାରର ସଂକଳ୍ପ ନେଇ ଗେରୁଆ ବସ୍ତ୍ର ପରିଧାନ କରି ଉପାସନା କରିଥିବା ଦଣ୍ଡକାଳୀଙ୍କ ମନ୍ଦିରରେ ଏକାଠି ହୋଇଥିଲେ । ସେଠାରେ କାମନା ଘଟ ସ୍ଥାପନ କରିଥିଲେ । ଦୁଇଟି ବେତକୁ ଶିବ ଓ ଗୌରୀଙ୍କ ପ୍ରତୀକ ଭାବରେ ସ୍ଥାପନ କରାଯାଇଥିଲା । ମୁଖ୍ୟ ଦଣ୍ଡୁଆ ବା ପାଟଭୁକ୍ତା ସମସ୍ତ ଦଣ୍ଡୁଆଙ୍କୁ ଉପବୀତ ଧାରଣ କରାଇବା ସହ ବାଉଁଶ କାଠି ଘର୍ଷଣ କରି ଶିବାଗ୍ନି ବାହାର କରିଥିଲେ । ଏହା ଏକ ଅନନ୍ୟ ପରମ୍ପରା । ନଡାରେ ତିଆରି ଚମ୍ପାବରକୁ ଏଡି ଶିବାଗ୍ନିରେ ପ୍ରଜ୍ୱଳିତ କରିଥାନ୍ତି ପାଟଭୁକ୍ତା । ଏହି ବରମେରୁ ସଂକ୍ରାନ୍ତି ପର୍ଯ୍ୟନ୍ତ ନିର୍ବାପିତ ହୁଏ ନାହିଁ । କାଳୀଙ୍କ ଚିତ୍ରପଟ, ମହାଦେବଙ୍କ ପ୍ରତୀକ ନାଗମୂର୍ତ୍ତି, ମୟୁରପୁଚ୍ଛ ଓ ପତାକାକୁ ପୂଜା କରିବା ପରେ ଦଣ୍ଡନାଟ ଆରମ୍ଭ ହୋଇଥିଲା । ମହୁରୀ, ଶାହାନାୟୀ, ଘଣ୍ଟ, ଶଙ୍ଖ, କାହାଳୀ, ଝାଞ୍ଜ, ଘୁଙ୍ଗୁର, ଘାଗୁଡି, ଦାସକାଠି, ରାମତାଳି, ଘୁଡୁକି, ଖଞ୍ଜଣୀ ଆଦି ପାରମ୍ପରିକ ବାଦ୍ୟର ତାଳେ ତାଳେ ଦଣ୍ଡନାଟ କାମନା ମନ୍ଦିରରୁ ଆରମ୍ଭ ହୋଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା । ଆସନ୍ତାକାଲିଠାରୁ ମାନସିକ ଧାରୀଙ୍କ ଘର ଆଗରେ ଧୂଳି ଦଣ୍ଡ, ନିକଟସ୍ଥ ପୋଖରୀରେ ପାଣିଦଣ୍ଡ ଏବଂ ପୁଣିଥରେ ମାନସିକଧାରୀଙ୍କ ଘର ନିକଟରେ ଅଗ୍ନିଦଣ୍ଡ ଓ ସୁଆଙ୍ଗ ପରିବେଶିତ ହୋଇଥାଏ । ସହରର ଆମ୍ବପୁଆ ଦଣ୍ଡଦଳ ସେମାନଙ୍କ ଯାତ୍ରା ଆରମ୍ଭ କରିଥିବା ବେଳେ ଅନ୍ୟ ଦଳ ଗୁଡ଼ିକ ୧୩ଦିନିଆ ଦଣ୍ଡଯାତ୍ରାରେ ବାହାରିବେ ବୋଲି ଜଣାପଡ଼ିଛି ।



# ବ୍ୟବସାୟୀଙ୍କ ଘରୁ ନେଇଗଲେ କେଜିଏ ସୁନା

**● ମର୍ଣ୍ଣିଂୱାକ୍ ଯାଇଥିବା ବେଳେ ଲୁଟିନେଲେ ଦୁର୍ବୃତ୍ତ**



ବ୍ରହ୍ମପୁର,୨୫ ।୩(ସମିସ): ବ୍ରହ୍ମପୁର ସହରର ପ୍ରେମନଗର ଅଞ୍ଚଳରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରୁ ବଡ ଧରଣର ଚୋରି ହୋଇଛି । ବ୍ୟବସାୟୀ ଜଣଙ୍କ ମର୍ଣ୍ଣିଂୱାକ୍‌ରେ ଯାଇଥିବା ବେଳେ ଚୋରମାନେ ତାଙ୍କ ଘରେ ପଶି ପ୍ରାୟ ୧କେଜି ଓଜନର ସୁନା ଅଳଙ୍କାର ଏବଂ ନଗଦ ଲକ୍ଷାଧିକ ଟଙ୍କା ଚୋରି କରି ନେଇ ଯାଇଛନ୍ତି । ଖବରପାଇ ବଡବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି । ସୂଚନାପ୍ରକାରେ, ପ୍ରେମନଗର ୭ମ ଲାଇନରେ ରାଜକମଲ ଏଜେନ୍ସିର ମାଲିକ ପି. ରାଜପ୍ରଭାକର ରାଓ ନିଜ ପରିବାର ସହ ରହୁଛନ୍ତି । କିଛି ଦିନ ହେବ ପରିବାର ଲୋକେ ବାହାରକୁ ଚାଲି ଯାଇଥିବା ବେଳେ ପ୍ରଭାକର ଏକୁଟିଆ ରହୁଥିଲେ । ସବୁଦିନ ଭୋରୁ ସେ ମର୍ଣ୍ଣିଂୱାକ୍ କରିବାକୁ ଯାଉଥିଲେ । ଆଜି ମଧ୍ୟ ଭୋରୁ ଉଠି ଘରେ ତାଲା ପକାଇ ମର୍ଣ୍ଣିଂୱାକ କରିବାକୁ ଯାଇଥିଲେ । ସେଠାରୁ ଫେରିବା ପରେ ଚାବି ଦ୍ୱାରା ତାଲା ଖୋଲିବାକୁ ଚେଷ୍ଟା କରିଥିଲେ । ହେଲେ ତାଲା ଖୋଲିନଥିଲା । ଯାଞ୍ଚ ପରେ ତାଙ୍କ ଘରର ମୁଖ୍ୟ ଫାଟକରେ ଅନ୍ୟ ଏକ ତାଲା ପଡିଥିବା ସେ ଦେଖିଥିଲେ । ସନ୍ଦେହ ହେବାରୁ ପ୍ରଭାକର ସେହି ତାଲାକୁ ଭାଙ୍ଗି ଘର ଭିତରକୁ ପଶିଥିଲେ । ସେତେବେଳେ ଘରେ ଭିତରେ ଥିବା ୨ଟି ଆଲମୀରା ଭାଙ୍ଗା ଯାଇଥିବା ବେଳେ ଆସଭାବପତ୍ର ଏଣେତେଣେ ପଡିଥିଲା । ଆଲମିରା ଭିତରେ ଥିବା ପ୍ରାୟ ୧କେଜି ଓଜନର ସୁନା ଅଳଙ୍କାର ଏବଂ ନଗଦ ୧ଲକ୍ଷ ୩୦ହଜାର ଟଙ୍କା ଚୋରି ହୋଇ ଯାଇଥିବା ଜଣାପଡିଥିଲା । ପ୍ରଭାକର ପୁଲିସକୁ ଫୋନ କରି ଜଣାଇବା ପରେ ବଡବଜାର ପୁଲିସ ତାଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଚୋରି ହୋଇଥିବା ସୁନାର ମୂଲ୍ୟ ୧କୋଟିରୁ ଅଧିକ ଟଙ୍କା ହେବ ବୋଲି ପ୍ରଭାକର କହିଛନ୍ତି ।

**● ନିମଖଣ୍ଡି ଥାନା ଅଞ୍ଚଳରେ ସେକ୍ସ ରାକେଟ୍ ଠାବ**

# ୨ ଯୁବତୀ, ୩ ଗ୍ରାହକ ଅଟକ

ବ୍ରହ୍ମପୁର,୨୫ ।୩(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ଭାବିନୀପୁର ଅଞ୍ଚଳର ଅମରାବତୀ ନଗରରେ ସେକ୍ସ ରାକେଟ ଠାବ ହୋଇଛି । ସେଠାରେ ଥିବା ଏକ ଘରୁ ୨ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୩ ଜଣ ଗ୍ରାହକଙ୍କୁ କାବୁ କରାଯାଇଛି । ଅମରାବତୀ ନଗରରେ ଥିବା ଏକ ଭଡା ଘରେ କିଛି ଦିନ ହେବ ଅନୈତିକ କାରବାର ଚାଲୁଥିବା ଅଭିଯୋଗ ହୋଇଥିଲା । ସେହି ଘରକୁ ବିଭିନ୍ନ ସମୟରେ ପୁରୁଷମାନେ ଆସୁଥିବା ବେଳେ ଅଜଣା ଯୁବତୀ ମଧ୍ୟ ରହୁଥିଲେ । ସେଠାରେ ସେକ୍ସ ରାକେଟ ଚାଲୁଥିବା ଖବର ମିଳିବା ପରେ ନିମଖଣ୍ଡି ଥାନା ପକ୍ଷରୁ ଆଜି ସନ୍ଧ୍ୟାରେ ଅତର୍କିତ ଚଢଉ କରାଯାଇଥିଲା । ଚଢଉ ବେଳେ ଉକ୍ତ ଘରେ ୨ ଜଣ ଯୁବତୀ ଓ ୩ ଜଣ ପୁରୁଷ ରହିଥିଲେ । ସମସ୍ତଙ୍କୁ କାବୁ କରି ଥାନାକୁ ଅଣାଯାଇଥିଲା । ପୁଲିସ ସେମାନଙ୍କୁ ପଚରାଉଚରା ଜାରି ରଖିଛି ।

# ଯାତ୍ରାରେ ଅଶ୍ଳୀଳତା ପରିବେଷଣ ହେଲେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ଆଜିଠୁ ଆରମ୍ଭ ହେଲା ୨୧ଦିନିଆ ଦଣ୍ଡନାଚ । ରାତିରେ ବିଭିନ୍ନ ସଂଘ ପକ୍ଷରୁ ସହରର ବିଭିନ୍ନ ଛକ ଏବଂ ମାନସିକଧାରୀ ଭକ୍ତଙ୍କ ଦାଣ୍ଡରେ ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ କଡ଼ା ପାଟ୍ରୋଲିଂ କରାଯିବ ବୋଲି ଜଣାପଡ଼ିଛି । ଏନେଇ ବ୍ରହ୍ମପୁର ଏସପି ଡାକ୍ତର ସର୍ବଣା ବିବେକ ଏମଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି କି ଯେଉଁମାନେ ଦଣ୍ଡନାଚ କରୁଛନ୍ତି ସେମାନେ ନିଜ ଅଞ୍ଚଳର ଥାନାକୁ ଜଣାଇ ଦଣ୍ଡନାଚ କରିବେ । ଥାନାକୁ ଜଣାଇବା ଦ୍ୱାରା ପୁଲିସର ନଜର ସେହି ଅଞ୍ଚଳ ପ୍ରତି ରହିବ । କୌଣସି ବିଶୃଙ୍ଖଳା ହେବନାହିଁ । ଦଣ୍ଡନାଚ ସମୟରେ ସାହି ସାହିରେ ଲାଗିବ ଅପେରା, ଦଣ୍ଡ ବିଧାନ, ରାମାୟଣ, ଛଡ଼େୟା ନାଚ, ମେଲୋଡି ଇତ୍ୟାଦି । ଏସବୁ ଦେଖିବାକୁ ହଜାର ହଜାର ଲୋକେ ଆସିବେ । ଏଥିରେ ବହୁ ଅସାମାଜିକ ବ୍ୟକ୍ତି ଓ ଲୁଟେରା ମଧ୍ୟ ଆସିଥାନ୍ତି । ଏକୁଟିଆ ଦେଖି ଲୁଟେରା ମାନେ ଲୁଟ୍ ଯୋଜନା କରିବେ ଅନ୍ୟ ପଟେ କୌଣସି କାରଣକୁ ନେଇ ବିଭିନ୍ନ ସ୍ଥାନରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ମଧ୍ୟ ହେଉଥିବା ନଜର ରହିଛି । ଏଭଳି ଗହଳି ସ୍ଥାନରେ ଲୁଟେରାଙ୍କ ଗତିବିଧି ଅଧିକ ବଢିଥାଏ । ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ଅପରାଧୀମାନଙ୍କ ଉପରେ ତୀକ୍ଷଣ ନଜର ରଖାଯିବ ବୋଲି ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ କହିଛନ୍ତି । ଯେଉଁ ଯାତ୍ରାରେ ଅଶ୍ଳୀଳତା ନୃତ୍ୟ ଓ କଳାକାରମାନେ ଅଭିନୟ କରୁଥିବା ଅଭିଯୋଗ ଆସେ ତେବେ ପୁଲିସ କାର୍ଯ୍ୟାନୁଷ୍ଠାନ ନିଆଯିବ । କେବଳ ଏତିକି ନାହିଁ ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଗାଇଡ଼ ଲାଇନର ଟିକେ ବି ଖିଲାପ ହେଲେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯାତ୍ରାରେ ଅପ ସଂସ୍କୃତିକୁ ପ୍ରୋତ୍ସାହନ ଦେଉଥିବା ସଂଗଠନ ବିରୁଦ୍ଧରେ ମଧ୍ୟ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ । ଯେଉଁ ଦଣ୍ଡନାଚ ଯାତ୍ରାରେ ଅଶ୍ଳୀଳ ନାଚଗୀତ ହେବାର ଅଭିଯୋଗ ହୁଏ ତେବେ ଆୟୋଜକଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି କହିଛନ୍ତି । ସମସ୍ତ ଥାନା ଅଧିକାରୀଙ୍କୁ ନିଜ ନିଜ ଅଞ୍ଚଳରେ ପାଟ୍ରୋଲିଂ ଜୋରଦାର କରିବାକୁ ଏସପି ନିର୍ଦ୍ଦେଶ ଦେଇଛନ୍ତି ।

# ଭେଲିଡେସନ ଆକ୍ଟ-୨୦୨୫କୁ ତୁରନ୍ତ ପ୍ରତ୍ୟାହାର ଦାବି

- କଳା ଦିବସ ପାଳନ ସହ ବିକ୍ଷୋଭ ଓ ଆକ୍ଟର ନକଲକୁ ପୋଡିଲେ ଆନ୍ଦୋଳନକାରୀ
- ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଜିଲ୍ଲାବ୍ୟାପୀ ପ୍ରତିବାଦ
- ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦିଆଗଲା ସ୍ମାରକପତ୍ର

ବ୍ରହ୍ମପୁର,୨୫ ।୩(ସମିସ): ଭେଲିଡେସନ ଆକ୍ଟ-୨୦୨୫ ବିରୁଦ୍ଧରେ ସର୍ବଭାରତୀୟ ପେନସନର୍ସ ଫେଡେରେସନ ଓ ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ଆହ୍ୱାନ କ୍ରମେ ଆଜି ଜିଲ୍ଲାବ୍ୟାପୀ କଳାଦିବସ ପାଳନ ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ଶାଖା ସଭାପତି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଧାରଣା ଦେବା ସହ ପ୍ରତିବାଦ କରିଥିଲେ । ଆଜିର ଦିନକୁ କଳାଦିବସ ଭାବେ ପାଳନ କରି ପେନସନ ଭୋଗୀମାନେ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ନିତି ବିରୋଧରେ ସ୍ଲୋଗାନ ଦେଇ ତୁରନ୍ତ ଏହି ଭେଲିଡେସନ ଆକ୍ଟକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ଏହି ଅବସରରେ ଭେଲିଡେସନ ଆକ୍ଟ-୨୦୨୫ର ନକଲକୁ ଆନ୍ଦୋଳନକାରୀ ପୋଡି ନିଜର ପ୍ରତିବାଦ ଜଣାଇଥିଲେ । ପରେ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏଷହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦଳାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର କୁମାର ପଣ୍ଡା, ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡାଙ୍ଗା, ଉପଦେଷ୍ଟା କାମରାଜୁ ମହାରଣା, ଗୌରୀଶଙ୍କର ଦାଶ, ସମୀର କୁମାର ଆଚାର୍ଯ୍ୟ, ଧୋବା ଗୌଡ, ଇ. କନ୍ୟାକୁମାରୀ, ବିଧୁପ୍ରଭା ରଥ, ସୁଷମା ପାଠୀ, ଭାସ୍କର ଚନ୍ଦ୍ର ପାଢୀ, ଯୁଧିଷ୍ଠିର ସ୍ୱାଇଁ ଓ ତ୍ରିନାଥ ମହାରଣା ପ୍ରମୁଖଙ୍କ ସମେତ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ସାମିଲ ହୋଇଥିଲେ । ଆଜି ଜିଲ୍ଲାର ଭଞ୍ଜନଗର, ଛତ୍ରପୁର, ଆସିକା, କୋଦଳା ଓ ପୁରୁଷୋତ୍ତମପୁର ଆଦି ବିଭିନ୍ନ ସ୍ଥାନରେ ମଧ୍ୟ ଅନୁରୂପ ଭାବେ କଳାଦିବସ ପାଳନ ସହିତ ବିକ୍ଷୋଭ କାର୍ଯ୍ୟକ୍ରମ କରାଯାଇଥିଲା ।

# ଜାମ୍ ପ୍ରବେଶିକା ପରୀକ୍ଷାରେ ହୃଷୀକେଶ ସର୍ବଭାରତୀୟ ସ୍ତରରେ ପ୍ରଥମ



ବ୍ରହ୍ମପୁର,୨୫ ।୩(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ହୃଷୀକେଶ ନାହାକ ଜାମ୍(ଜଏଣ୍ଟ ଆଡ଼ମିସନ ଟେଷ୍ଟ ଫର୍ ମାଷ୍ଟର) ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଚଳିତ ବର୍ଷ ଫେବୃୟାରୀରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ୧୦୦ମାର୍କରୁ ୭୩ ମାର୍କ ରଖି ସର୍ବଭାରତୀୟ ସ୍ତରରେ ପ୍ରଥମ ର୍ୟାଙ୍କ ହାସଲ କରିଛନ୍ତି । ସାଧାରଣତଃ ଖଣିଜ ସମ୍ପଦ ସହ ଶିଳା ଓ ଭୂତତ୍ତ୍ୱ ସମ୍ବନ୍ଧୀୟ ପ୍ରସ୍ତୁତି କରିବା ପାଇଁ ଗତ ବର୍ଷରୁ ମନବଳାଇଥିଲେ । ପୁରୁଷୋତ୍ତମପୁର ବ୍ଲକ ସୁନାଥର ଗ୍ରାମ ନିବାସି ପ୍ରମୋଦ କୁମାର ନାହାକ ଓ ରିନା ରାଣୀ ନାହାକଙ୍କ ପୁତ୍ର ହୃଷୀକେଶ ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗରେ ସ୍ନାତକ ଶେଷ ବର୍ଷରେ ପଢୁଛନ୍ତି । ପ୍ରବେଶିକା ପରୀକ୍ଷାରେ ପାଇଁ ହୃଷିକେଶ ପ୍ରତିଦିନ ୮ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିଲେ । ଏଭଳି ସଫଳତା ପାଇଁ ସେ ଅତ୍ୟନ୍ତ ଆନନ୍ଦଦାୟକ ବୋଲି କହିଛନ୍ତି । ଆଗାମୀ ଦିନରେ ଆଇଆଇଟି ବମ୍ବେରେ ମାଷ୍ଟର କରିବାକୁ ଇଛା ପ୍ରକାଶ କରିଥିବା ବେଳେ କେନ୍ଦ୍ରସରକାର ଅଧୀନସ୍ଥ ମହାରତ୍ନ କିମ୍ବା ନବରତ୍ନ ସଂସ୍ଥାରେ କାମ କରିବାକୁ ଲକ୍ଷ୍ୟ ରଖିଛନ୍ତି । ହୃଷୀକେଶଙ୍କ ଏଭଳି ସଫଳତା ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛି । ଏହି ସଫଳତାର ଶ୍ରେୟ ପରିବାରବର୍ଗଙ୍କ ସହ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଓ ବିଭାଗୀୟ ମୁଖ୍ୟ ଡ. ମନୋଜ କୁମାର ପଟ୍ଟନାୟକଙ୍କ ସହ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରିଛନ୍ତି ।

**ଜୁଆ ଆଡ୍ଡାରେ ଚଢ଼ଉ**

# ଟ୍ରାଭେଲ୍‌ସ ମାଲିକ ସମେତ ୧୧ ଗିରଫ

ବ୍ରହ୍ମପୁର,୨୫ ।୩(ସମିସ): ବୁଧବାର ସନ୍ଧ୍ୟାରେ ବଡ଼ବଜାର ଥାନା ଅନ୍ତର୍ଗତ ଗଣେଶ ନଗର ୫ମ ଲାଇନ ସ୍ଥିତ ଜୁଆଡ଼ି ଏନ ଲକ୍ଷ୍ମୀଙ୍କ ଘରେ ଜୁଆ ଖେଳ ଚାଲିଥିବା ନେଇ ପୁଲିସକୁ ଖବର ମିଳିଥିଲା । ଏହି ସୂଚନା ପାଇବା ପରେ ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ଓ ତାଙ୍କ ଟିମ ଉକ୍ତ ନଗରରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଅତର୍କିତ ଭାବେ ଚଢ଼ାଉ କରି ୫ଜଣ ମହିଳା ଜୁଆଡ଼ି ଓ ୬ଜଣ ପୁରୁଷ ଜୁଆଡ଼ିଙ୍କ ସମେତ ମୋଟ ୧୧ଜଣ ଜୁଆଡିଙ୍କୁ କାବୁ କରିଛି ପୁଲିସ । ସେମାନେ ହେଲେ ପି.ରାଜ୍, ଚୁଗୁଲି ସାହୁ, ଏନ ଲକ୍ଷ୍ମୀ, ପିଙ୍କି ପାତ୍ର, ଏସ ଦେବୀ, ଏମ କିରଣ, ବି. କାମେଶ, ଦୀପକ ସାହୁ, ଟି. ପାପା ରାଓ, ଏମ ଦଣ୍ଡ ରେଡ଼ି ଓ ଏନ ସୁରି । ପାପା ରାଓ ଜଣେ ଟୁ ଏଣ୍ଡ ଟ୍ରାଭେଲସ୍ ମାଲିକ ବୋଲି ଜଣାପଡ଼ିଛି । ସମ୍ପୃକ୍ତ ମହିଳାମାନେ ପେଷାଦାର ଜୁଆଡ଼ି ବୋଲି ପୁଲିସ ତଦନ୍ତରେ ଜଣାପଡ଼ିଛି । ପୂର୍ବରୁ ମଧ୍ୟ ପୁଲିସ କିଛି ମହିଳାଙ୍କୁ ଜୁଆ ଆଡ୍ଡାରୁ କାବୁ କରିଥିବା ଜଣାପଡିଛି । ଜୁଆଡ଼ିଙ୍କ ନିକଟରୁ ଜୁଆରେ ବ୍ୟବହୃତ ଖେଳ ସାମଗ୍ରୀ ସହ ନଗଦ ୧୭ହଜାର ୨୩୫ଟଙ୍କା ଓ ୭ଟି ମୋବାଇଲ ଓ ୫ଟି ମୋଟର ସାଇକେଲ ଓ ଦୁଇଟି ତାସ କାଟା ଜବତ କରିଥିବା ଜଣାପଡ଼ିଛି । ପୁଲିସ ଚଢ଼ାଉକୁ ଦେଖି ମହିଳାମାନେ ଖେଳୁଥିବା ଟଙ୍କା କେଉଁଠାରେ ଲୁକାଇ ରଖିଦେଲେ ଯାହା ଫଳରେ ପୁଲିସ ଅଧିକ ଟଙ୍କା ଜବତ କରିପାରିନଥିଲା । ବର୍ତ୍ତମାନ ଜୁଆ ଖେଳିବା ପାଇଁ କିଛି ଅପରାଧୀକ ଗୋଷ୍ଠୀ ମାନଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇସାରିଛି । ପ୍ରତିଦିନ ନୂଆ ନୂଆ ଜାଗାରେ ମଧ୍ୟ ଜୁଆ ଖେଳ ପକାଉଛନ୍ତି । ପୁଲିସକୁ ଜଗିବା ପାଇଁ ଆୟୋଜକ ମାନେ କିଛି ପିଲାଙ୍କୁ ନିୟୋଜିତ କରୁଛନ୍ତି । ଥାନା ପାଖରୁ ଆରମ୍ଭ ହୋଇ ଜୁଆ ଖେଳ ପର୍ଯ୍ୟନ୍ତ ପ୍ରତି ଛକରେ ଆୟୋଜକଙ୍କ ଲୋକ ଜଗି ରହୁଥିବା ଆଲୋଚନା ହେଉଛି । ଜୁଆ ଖେଳରେ କେବଳ ଯେ ପୁରୁଷ ମାନେ ସଂପୃକ୍ତ ତା' ନୁହଁ କିଛି ସ୍ଥାନରେ ମହିଳାମାନେ ମଧ୍ୟ ଖେଳୁଥିବା ଉପରୋକ୍ତ ଘଟଣାରୁ ସ୍ପଷ୍ଟ ହୋଇଛି । ବର୍ତ୍ତମାନ ପୁଲିସ ଆକ୍ସନ ମୁଡ଼ରେ ରହିଛି ଖବର ପାଇଲା ମାତ୍ରେ ହିଁ ଚଢ଼ାଉ କରୁଛି ।



- ଗିରଫଙ୍କ ମଧ୍ୟରେ ୫ ମହିଳା
- ୫ ମୋଟର ସାଇକେଲ, ୭ ମୋବାଇଲ, ନଗଦ ୧୭,୨୩୫ ଟଙ୍କା ଜବତ

## ପ୍ରଥମଥର ପାଇଁ ଏମ୍‌କେସିଜିରେ ହେଲା ଆର୍ଥ୍ରୋସ୍କୋପିକ୍ ଅସ୍ତ୍ରୋପଚାର

# ଆଇଆରଇଏଲ ପକ୍ଷରୁ ଆର୍ଥ୍ରୋସ୍କୋପିକ୍ ମେସିନ ପ୍ରଦାନ

ବ୍ରହ୍ମପୁର,୨୫ ।୩(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରଥମଥର ପାଇଁ ବୁଧବାର ସଫଳ ଭାବେ ଆର୍ଥ୍ରୋସ୍କୋପିକ୍ ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇଛି । ମେଡିକାଲର ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ଏହି ଅସ୍ତ୍ରୋପଚାର କରାଯାଇଛି । ଏହି ଅସ୍ତ୍ରୋପଚାର ପାଇଁ ଡାକ୍ତରୀ ଦଳକୁ ପ୍ରାୟ ଦେଢ ଘଣ୍ଟା ସମୟ ଲାଗିଥିଲା । ଟିମରେ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡ଼ା. ସୁଧୀର ମହାପାତ୍ରଙ୍କ ନେତୃତ୍ୱରେ ଡ଼ା. ଲଳିତ ଦାଶ, ଡ଼ା. ଅଭିଶେଖ ମିଶ୍ର, ପ୍ରିୟଜିତ ସାହୁ ଓ ଡ଼ା. ସାରଦା ମଲ୍ଲୀକଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ । ସୂଚନାଯୋଗ୍ୟ ଯେ, ଗତ ୨ବର୍ଷେ ପୂର୍ବେ ରୋଗୀ ପ୍ରଶାନ୍ତ କୁମାର ସେଠୀ(୩୨) ଦୁର୍ଘଟଣାରେ ଶିକାର ହୋଇଥିଲେ । ଏଥିରେ ତାଙ୍କ ଆଣ୍ଠୁର ଲିଗାମେଣ୍ଟ(ତନ୍ତୁ) ଛିଣ୍ଡି ଯାଇଥିଲା । ଫଳରେ ପ୍ରଶାନ୍ତଙ୍କ ଆଣ୍ଠୁ ଅସ୍ଥିରତା ସୃଷ୍ଟି ହୋଇଥିଲା । ମେଡ଼ିକାଲକୁ ଦୁଇଟି ଆର୍ଥ୍ରୋସ୍କୋପିକ୍ ମେସିନ ମିଳିବା ପରେ ରୋଗୀଙ୍କ ଆର୍ଥ୍ରୋସ୍କୋପିକ୍ ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇଥିଲା । ବର୍ତ୍ତମାନ ରୋଗୀ ଜଣଙ୍କ ସାଧାରଣ ବିଭାଗରେ ଚିକିତ୍ସିତ ହେଉଥିବା ବେଳେ କିଛି ଦିନ ମଧ୍ୟରେ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ଡ଼ାକ୍ତର କହିଛନ୍ତି । ପୂର୍ବରୁ ଆର୍ଥ୍ରୋସ୍କୋପିକ୍ ମେସିନ ନଥିବାରୁ ଶରୀରର ଲିଗାମେଣ୍ଟ(ତନ୍ତୁ) ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା ଅନେକ ରୋଗୀକୁ ବାହାର ହସ୍ପିଟାଲକୁ ଯିବାକୁ ପଡୁଥିଲା । ପ୍ରତିଦିନ ପ୍ରାୟ ୨ରୁ ୩ଜଣ ରୋଗୀ ଚିକିତ୍ସା ନ ପାଇ ନିରାଶ ହୋଇ ଫେରୁଥିବା ଦେଖାଯାଉଥିଲା । ଏହି ସମସ୍ୟାର ସମାଧାନ ପାଇଁ ଆଇଆରଇଏଲ୍ ପକ୍ଷରୁ ପ୍ରାୟ ଏକ କୋଟି ଟଙ୍କାର ଦୁଇଟି ଆର୍ଥ୍ରୋସ୍କୋପିକ୍ ଅସ୍ତ୍ରୋପଚାର ମେସିନ ପ୍ରଦାନ କରାଯାଇଥିଲା । ଏହି ନୂତନ ମେସିନ ଆସିବା ପରେ ଏବେ ଏମକେସିଜି ମେଡ଼ିକାଲରେ ଆର୍ଥ୍ରୋସ୍କୋପିକ୍ ପଦ୍ଧତିରେ ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି । ସେହିପରି ସକ୍ରିୟ ବ୍ୟକ୍ତି, ଖେଳାଳି କିମ୍ବା ଦୈନନ୍ଦିନ କାର୍ଯ୍ୟକଳାପ ସମୟରେ ଲିଗାମେଣ୍ଟ(ତନ୍ତୁ) ସମ୍ପୂର୍ଣ୍ଣ ଛିଣ୍ଡି ଦୀର୍ଘକାଳୀନ ଆଣ୍ଠୁ ଅସ୍ଥିରତା ସୃଷ୍ଟି କରେ ସେତେବେଳେ ରୋଗୀଙ୍କ ଅସ୍ତ୍ରୋପଚାର ଆବଶ୍ୟକ ରହିଥାଏ ବୋଲି ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡ଼ା. ସୁଧୀର ମହାପାତ୍ର କହିଛନ୍ତି । ଅପରପକ୍ଷେ ଆଜି ହିଁ ଉକ୍ତ ମେସିନ୍ ପ୍ରଦାନ କରାଯାଇଥିବା ବେଳେ ପ୍ରଥମ ଦିନରେ ହିଁ ଅସ୍ତ୍ରୋପଚାର କରାଯାଇଥିଲା । ମେସିନ୍ ପ୍ରଦାନ ବେଳେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡ଼ିନ ପ୍ରଫେସର ଡ଼ା. ସୁଚିତ୍ର ଦାଶ, ପଦ୍ମଶ୍ରୀ ଡ଼ା. କେଏମ ପାଠୀ, ପୂର୍ବତନ ଡ଼ିନ ଡ଼ା. ଅବନୀକାନ୍ତ ମିଶ୍ର, ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡ଼ା. ସୁଧୀର ମହାପାତ୍ର, ଆଇଆରଇଏଲ୍‌ର ଓଏସସିଓଏମ ମୁଖ୍ୟ ସିଭିଆର ମୁର୍ତ୍ତୀ, ଜିଏମ ଜେ. ଏନ ନାୟକ ଓ ଡ଼ିଜିଏମ ଏସଏସ ମଲ୍ଲୀକ ପ୍ରମୁଖ ଉପସ୍ଥିତ ଥିଲେ ।



# ଖେଲୋ ଇଣ୍ଡିଆ ଅସ୍ମିତା ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୨୫ ।୩(ସମିସ): ଓଡିଶା ବାସ୍କେଟବଲ ସଂଘ ସହାୟତାରେ ମଡର୍ଣ୍ଣ ୟୁଥ କ୍ଲବ ଆନୁକୂଲ୍ୟରେ ଖେଲୋ ଇଣ୍ଡିଆ ଅସ୍ମିତା ବାସ୍କେଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ୩ଦିନ ଧରି ଚାଲିବାକୁ ଥିବା ବେଳେ ୨୭ ତାରିଖରେ ଉଦ୍‌ଯାପିତ ହେବ । ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରତିଯୋଗିତାକୁ ସୁଶୋଭନ ମିଶ୍ର ଓ ପ୍ରଶାନ୍ତ କୁମାର ରାଉତ, କାଳୀ ରଥ ପ୍ରମୁଖ ପରିଚାଳନା କରୁଥିବା ବେଳେ ଶରତ ମହାପାତ୍ର ଚିଫ୍ ଟେକ୍ନିକାଲ ପର୍ସନ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ଉଦ୍‌ଘାଟନୀ ଅବସରରେ ରାଜ୍ୟ ବାସ୍କେଟବଲ ସଂଘର ସମ୍ପାଦକ ଅଶୋକ କୁମାର ସାହୁ ଓ ଦୈନିକ ଓଡିଆ ଖବରକାଗଜ 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ ।



୪୪ତମ ଶ୍ରଦ୍ଧା ସ୍ମରଣ ବାର୍ଷିକୀ
ତା ୨୬.୦୩.୨୦୨୬ ଶ୍ରୀରାମ ନବମୀ



୰ସ୍ୱର୍ଣ୍ଣଲତା ପରିଡ଼ା
ଧରାଶ୍ରୟ :ପୌଷ ଶୁକ୍ଳ ଚତୁର୍ଥୀ ୧୯୩୩
ସ୍ୱର୍ଗବାସ : ଚୈତ୍ର ଶୁକ୍ଳ ନବମୀ ୧୯୮୨
ସ୍ୱାମୀ : ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମା ! ଚୈତ୍ରନବରାତ୍ରୀ ଓ ଶ୍ରୀରାମଜନ୍ମ ତିଥିରେ ତୁମେ ଅହ୍ୟ ସୁଲକ୍ଷଣୀ ହୋଇ ଚାଲିଗଲ । ସେଦିନୁ ସବୁ ଶ୍ରୀରାମନବମୀ ଆମ ପାଇଁ ତୁମ ଶ୍ରଦ୍ଧାସ୍ମରଣ ଓ ପିଣ୍ଡଦାନ ତିଥି । ତୁମକୁ ମୋକ୍ଷଗତି ମିଳୁ । ଠାକୁରଙ୍କୁ ଡାକୁଛୁ ।
ଶୋକସନ୍ତପ୍ତ :
ପୁଅବୋହୂ, ନାତିନାତୁଣୀ,
ଅଣନାତିନାତୁଣୀମାନେ

# ବିକ୍ରମଙ୍କ ଜାମିନ ଆବେଦନକୁ ପିଣ୍ଟୁ ଓ ମଦନଙ୍କ ଆବେଦନ ଠାରୁ ପୃଥକ କଲେ କୋର୍ଟ

ବ୍ରହ୍ମପୁର,୨୫ ।୩(ସମିସ): ପିତବାସ ପଣ୍ଡା ହତ୍ୟା ମାମଲାରେ ଅଭିଯୁକ୍ତଙ୍କ ଜାମୀନ ଆବେଦନ ଉପରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବା ଜଣାପଡିଛି । ମାମଲେରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପକ୍ଷରୁ ହୋଇଥିବା ଜାମୀନ ଆବେଦନ ସ୍ୱତନ୍ତ୍ର କୋର୍ଟରେ ଚାଲିଥିବା ବେଳେ ପରବର୍ତ୍ତି ସମୟରେ ପର୍ଯ୍ୟାୟକ୍ରମେ ପୂର୍ବତନ ମେୟର ପିଣ୍ଟୁ ଦାଶ ଓ ଆଇନଜୀବୀଙ୍କ ପକ୍ଷରୁ ମଧ୍ୟ ଜାମୀନ ଆବେଦନ ହୋଇଥିଲା । ସମସ୍ତ ଆବେଦନ ଏକାଠି ହୋଇ ସ୍ୱତନ୍ତ୍ର କୋର୍ଟରେ ବିଚାରଣା ପାଇଁ ତାଲିକାଭୁକ୍ତ ହୋଇଥିଲା । ତେବେ ଏହି ମାମଲାରେ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ କୋର୍ଟରେ ଆଜି ବିଚାରଣା ବେଳେ ଏହା ବିଧାୟକ ଓ ସାଂସଦଙ୍କ ମାମଲା ପାଇଁ ସ୍ୱତନ୍ତ୍ର କୋର୍ଟ ହୋଇଥିବା ବେଳେ ଏଠାରେ ବିକ୍ରମଙ୍କ ବ୍ୟତିତ ଅନ୍ୟ କାହାରି ଜାମିନ ଆବେଦନର ଶୁଣାଣି ନହୋଇ ବରଂ ଅନ୍ୟ କୋର୍ଟରେ ହେବ ବୋଲି କହିଥିବା ସୂଚନା ମିଳିଛି । ଫଳରେ ପିଣ୍ଟୁ ଦାଶ ଓ ମଦନ ଦଳେଇଙ୍କ ଜାମୀନ ଆବେଦନର ଶୁଣାଣି ଅନ୍ୟ କୋର୍ଟରେ ହେବାକୁ ଥିବା ବେଳେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପକ୍ଷରୁ ହୋଇଥିବା ଜାମୀନ ଆବେଦନର ପରବର୍ତ୍ତି ଶୁଣାଣି ଆସନ୍ତା ୮ ତାରିଖରେ କହିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଜଣାପଡିଛି ।

**ଆସନ୍ତା ୮ ରେ ସ୍ୱତନ୍ତ୍ର ଅଦାଲତରେ ହେବ ବିକ୍ରମଙ୍କ ଜାମିନର ପରବର୍ତ୍ତୀ ଶୁଣାଣି**

**ପୀତବାସ ପଣ୍ଡା ହତ୍ୟା ମାମଲା**

# ଦୁଇ ବିହାରୀଙ୍କ ସମେତ ୪ ଅଭିଯୁକ୍ତଙ୍କ ପକ୍ଷରୁ ଡିସଚାର୍ଜ ପିଟିସନ



- ଯୋଗୀ ଓ କାଳୁଙ୍କ ଜାମିନ ଆବେଦନ, ପୂର୍ବରୁ ଖାରଜ ହୋଇଛି ୫ଜଣଙ୍କ ଆବେଦନ
- ୯ ତାରିଖରେ ପରବର୍ତ୍ତୀ ଶୁଣାଣି, ଜାମିନରେ ମୁକୁଳିଲେ ରାଜେନ୍ଦ୍ର

ବ୍ରହ୍ମପୁର,୨୫ ।୩(ସମିସ):

ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍(ଦ୍ୱିତୀୟ) ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ପୀତବାସ ପଣ୍ଡା ହତ୍ୟା ମାମଲାର ଶୁଣାଣି ହୋଇଛି । ଘଟଣାରେ ଗିରଫ ମୋଟ ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪ଜଣଙ୍କ ପକ୍ଷରୁ ଡିସଚାର୍ଜ ପିଟିସନ ଦାଖଲ କରାଯାଇଥିଲା । ତେବେ ଏହାର ବିଚାରଣା ମୂଳ କୋର୍ଟ ବା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ)ଙ୍କ କୋର୍ଟରେ କରାଯିବ ବୋଲି ଜଣାପଡିଛି । ଦୁଇ ବିହାରୀ କୁନ୍ଦନ କୁମାର ଓ ଶିଶୁପାଳ ପାଶୱାନଙ୍କ ସମେତ ସୀମାଞ୍ଚଳ ନାୟକ ଓ ବିପିନ ସ୍ୱାଇଁଙ୍କ ପକ୍ଷରୁ ତାଙ୍କ ଓକିଲ ଚକ୍ରପାଣି ନାହାକ ପିଟିସନ ଦାଖଲ କରିଛନ୍ତି । ମାମଲାରେ ଉପରୋକ୍ତ ଅଭିଯୁକ୍ତଙ୍କ କୌଣସି ପ୍ରକାରେ ସମ୍ପୃକ୍ତି ନଥିବା ଦର୍ଶାଇ ଏହି ଡିସଚାର୍ଜ ପିଟିସନ ଦାଖଲ କରାଯାଇଥିବା ଆଇନଜୀବୀ ଚକ୍ରପାଣି ନାହକ କହିଛନ୍ତି । ସେପଟେ ଗିରଫ ଅନ୍ୟ ଦୁଇ ଅଭିଯୁକ୍ତ ଯୋଗେନ୍ଦ୍ର ରାଉତ ଓରଫ ଯୋଗୀ ଏବଂ କାଳୁ ଚରଣ ଭୂୟାଁଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିବା ଜଣାପଡିଛି । ଉପରୋକ୍ତ ୬ଜଣ ଅଭିଯୁକ୍ତଙ୍କ ପାଇଁ ଆଇନଜୀବୀ ଚକ୍ରପାଣି ନାହକ, ଆଶ୍ରିତ ବେହେରା, ଦୁର୍ଗା ପ୍ରସାଦ ପଟ୍ଟନାୟକ, ଶିବ ପ୍ରସାଦ ପାଢୀ, ନାରାୟଣ ପ୍ରଧାନ, ସୁବ୍ରତ ବକ୍ସି ପଟ୍ଟନାୟକ ଓ ଅସ୍ମିତା ଦାଶ ପ୍ରମୁଖ ମକଦ୍ଦମା ପରିଚାଳନା କରୁଛନ୍ତି । ପୂର୍ବରୁ ସୁନୀଲ ହୋତାଙ୍କ ସମେତ କୁନ୍ଦନ କୁମାର, ଶିଶୁପାଳ ପାଶୱାନ, ସୀମାଞ୍ଚଳ ନାୟକ ଓ ବିପିନ ସ୍ୱାଇଁଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିସାରିଛନ୍ତି । ତେବେ ଆଜି ଯୋଗୀ ରାଉତ ଓ କାଳୁ ଭୂୟାଁଙ୍କ ପକ୍ଷରୁ ହୋଇଥିବା ଜାମୀନ ଆବେଦନ ଉପରେ ଆସନ୍ତା ୯ ତାରିଖରେ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ଓ ତାଙ୍କ ସହଯୋଗୀ ଅବିନାଶ ପାଢୀ ସୂଚନା ଦେଇଛନ୍ତି । ସେହିଭଳି ପୂର୍ବରୁ ସୁନୀଲ ହୋତାଙ୍କ ପକ୍ଷରୁ ତାଙ୍କ ଓକିଲ କୋର୍ଟରେ ଡିସଚାର୍ଜ ପିଟିସନ ଦାଖଲ କରିସାରିଛନ୍ତି । ସେପଟେ ପିତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ମୋଟ ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରଥମ ଅଭିଯୁକ୍ତ ଭାବେ ରାଜେନ୍ଦ୍ର କୁମାର ସାହୁ ଆଜି ସର୍ତ୍ତମୂଳକ ଜାମୀନରେ ବ୍ରହ୍ମପୁର ଜେଲରୁ ମୁକୁଳିଥିବା ଜଣାପଡିଛି । ରାଜେନ୍ଦ୍ର କୁମାର ସାହୁଙ୍କୁ ବହୁ ପୂର୍ବରୁ ଜିଲ୍ଲା ଓ ଦୌରାଜଜ୍ ଜାମୀନ ପ୍ରଦାନ କରିସାରିଥିଲେ ହେଁ ବେଲବଣ୍ଡ ଦାଖଲ କରିନପାରି ରାଜେନ୍ଦ୍ର ଦୀର୍ଘ ଦିନ ଧରି ଜେଲରେ ଥିଲେ । ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରିବା ପରେ ଦୁଇ ସାର୍ପ ସୁଟର ବାଇକ ଯୋଗେ ଜାତୀୟ ରାଜପଥକୁ ବାହାରିଥିଲେ । ପରେ ଟାଙ୍ଗି ନିକଟରେ ରାଜପଥ କଡରେ ଏକ ଚାହା ଦୋକାନ ନିକଟରେ ଉକ୍ତ ବାଇକକୁ ଛାଡି ବସରେ ପୁରୀ ଚାଲିଯାଇଥିଲେ । ସେମାନେ ଛାଡି ଚାଲିଯାଇଥିବା ବାଇକ ଯାହା ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିଲା ତାହାକୁ ରାଜେନ୍ଦ୍ର ରାସ୍ତା କଡରୁ ଉଠାଇ ନେଇ କବାଡି ଦୋକାନରେ ଖଣ୍ଡ ଖଣ୍ଡ କରି ବିକ୍ରୀ କରିଦେଇଥିଲେ । ବାଇକକୁ ଜବତ କରିବାକୁ ଯାଇ ପୁଲିସ ରାଜେନ୍ଦ୍ରଙ୍କୁ ଗିରଫ କରିଥିଲା ।

● ଆମ ବସ୍ ଚାଳକଙ୍କ ଔଦ୍ଧତ୍ୟ

## ହର୍ଣ୍ଣ ବଜାଇଲେ; ନ ଉଠିବାରୁ ମଡ଼େଇ ଦେଲେ

ଗଞ୍ଜାମ,୨୫ ।୩(ସମିସ): ଦିନକୁ ଦିନ ଆମ ବସ୍ ଚାଳକଙ୍କ ଔଦ୍ଧତ୍ୟତା ବଢ଼ି ଚାଲିଛି। ମନମୁଖୀ ଶାସନରେ ଅତିଷ୍ଠ ହୋଇ ପଡିଲେଣି ଜନସାଧାରଣ ଓ ଯାତ୍ରୀ। ମାନବିକତା ହରାଇ କିଛି ବି କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ଏଭଳି ଏକ ଅମାନବିକତା ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ସହରରେ। କୁକୁରଟି ରାସ୍ତାରେ ଶୋଇଥିବା ବେଳେ ବସ ଚାଳକ ହର୍ଣ୍ଣ ବଜାଇଥିଲେ। କିନ୍ତୁ କୁକୁରଟି ଉଠିବାରେ ସାମାନ୍ୟ ବିଳମ୍ବ ହେବାରୁ ଗାଡି ମଡ଼େଇ ଦେଇଥିଲେ। ଫଳରେ କୁକୁରଟିର ଗୋଡ଼ରେ ଚକା ଚଢି ଯାଇଥିଲା। ଦୁର୍ଘଟଣା ବେଳେ କୁକୁରଟି ଛଟପଟ ହେଉଥିବା ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଏହାକୁ ବିରୋଧ କରିବାରେ ଦେଶୀ କୁକୁରଟା କଣ ଦେଶ ଭାସିଗଲା ବୋଲି ଡ୍ରାଇଭର ଜଣକ କହିବା ସହ ଶହେ ଟଙ୍କା ନିଅ ଚିକିତ୍ସା କରାଇବ ବୋଲି ତାଚ୍ଛଲ୍ୟ କରି କହିଥିବା ସ୍ଥାନୀୟ ଅଞ୍ଚଳର ଗୋ ରକ୍ଷକ ଏଲେୟା ଗଣମାଧ୍ୟମକୁ କହିଛନ୍ତି। ଯେକୌଣସି ପଶୁ କିମ୍ବା ପକ୍ଷୀ ସେମାନଙ୍କ ଜୀବନ ଅଛି ଜାଣିଶୁଣି ଏଭଳି କରିବା ଠିକ ନୁହଁ ବୋଲି କହିଛନ୍ତି ସାମାଜିକ କର୍ମୀ ଏଲେୟା। ଅନ୍ୟପଟେ ମୋ ବସ୍‌ର କିଛି ଡ୍ରାଇଭର ବେପରୁଆ ଗାଡି ଚଳାଇବା ସହ ବିନା ଷ୍ଟପେଜରେ ଗାଡି ରଖିବା, ଯାତ୍ରୀ ଠିଆ ହୋଇଥିବା ସ୍ଥାନ ଠାରୁ କିଛି ଦୂରରେ ଗାଡି ରଖିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସ୍ଥାନୀୟ ଅଞ୍ଚଳ ଲୋକେ। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

● ମୁଖ୍ୟମନ୍ତ୍ରୀ ବସ୍ ଉପରେ ପଡ଼ିଲା ଗଛ ଡାଳ

## ଅଳ୍ପକେ ବର୍ତ୍ତିଲେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ

ଦିଗପହଣ୍ଡି,୨୫ ।୩(ସମିସ): ବୁଧବାର ଅପରାହ୍ନରେ ଦିଗପହଣ୍ଡି ସହର ସମେତ ଆଖାପାଖ ଅନେକ ଗ୍ରାମରେ କାଳବୈଶାଖୀର ପ୍ରଭାବରେ ପ୍ରଚଣ୍ଡ ଘଡଘଡି ସହ କୁଆପଥର ବର୍ଷା ହୋଇଥିଲା। ଏହି ସମୟରେ ଦିଗପହଣ୍ଡିରୁ ଯାତ୍ରୀଙ୍କୁ ନେଇ ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମ ଅଭିମୁଖେ ଯାଉଥିବା ମୁଖ୍ୟମନ୍ତ୍ରୀ ବସ୍ ଉପରେ ଏକ ଗଛ ଡ଼ାଳ ଭାଙ୍ଗି ପଡି ଯାଇଥିଲା। ବସଟି



ସାମାନ୍ୟ ଭାଙ୍ଗି ଯାଇଥିବା ବେଳେ ସୌଭାଗ୍ୟବଶତଃ ବସରେ ଥିବା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିଲେ। ଏହି ଘଟଣା ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମ ଛକରେ ଘଟିଥିଲା। ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ ବସ୍‌ଟି ଦିଗପହଣ୍ଡିରୁ ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମ ଅଭିମୁଖେ ଯାଉଥିଲା । ତେବେ ଏହି ସମୟରେ କାଳବୈଶାଖୀ ପ୍ରଭାବରେ ବର୍ଷା ସହ ପ୍ରବଳ ବେଗରେ ପବନ ହୋଇଥିଲା। ବସଟି ଗନ୍ତବ୍ୟ ସ୍ଥଳରେ ପହଞ୍ଚି ବୁଲାଣି କରି ପୁଣିଥରେ ଦିଗପହଣ୍ଡି ଫେରିଥାନ୍ତା। ଏହି ସମୟରେ ରାସ୍ତାକଡରେ ଥିବା ଏକ ଗଛର ଡାଳ ଭାଙ୍ଗି ବସ୍ ଉପରେ ପଡି ଯାଇଥିଲା। ଫଳରେ ଗାଡ଼ିରେ ବସିଥିବା ସମସ୍ତ ଯାତ୍ରୀ ଭୟଭୀତ ହୋଇ ଚିତ୍କାର କରିଥିଲେ। ତେବେ ଯାତ୍ରୀଙ୍କ କୌଣସି କ୍ଷତି ହୋଇନଥିବା ବେଳେ ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି ବୋଲି କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଟର ମେସିନ ସାହାଯ୍ୟରେ ବସ୍ ଉପରୁ ଗଛ ଡ଼ାଳକୁ କାଟିବା ପରେ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସ୍ଥିତି ଯାଞ୍ଚ କରୁନି ସିଡିଏ

# ଚିଲିକା ଉପକୂଳ ସୁରକ୍ଷାରେ ଅବହେଳା

ହୁମ୍ମା,୨୫ ।୩(ସମିସ): ପ୍ରତ୍ୟେକ ବର୍ଷ ପଙ୍କ ଓ ପଟୁମାଟି ଯୋଗୁଁ ଚିଲିକା ପୋତି ହୋଇଯାଉଛି। ଫଳରେ ଜୈବ ବିବିଧତା ନଷ୍ଟ ହୋଇଗଲାଣି। ଜିରୋ ଆକାରର ଜାଲ ସାହାର୍ଯ୍ୟରେ ସମସ୍ତ ଜଳଚର ପ୍ରାଣୀଙ୍କ ଯାଆଁଳାକୁ ମାଫିଆ ମାନେ ଧରି ଅବାଧ କାରବାର କରୁଛନ୍ତି। ମାଛ,ଚିଙ୍ଗୁଡ଼ି ଓ କଙ୍କଡ଼ା ଉତ୍ପାଦନ ହ୍ରାସ ପାଉଛି। ଚିଲିକାରେ ବେଆଇନ ଘେରି ଯୋଗୁଁ ମତ୍ସ୍ୟଜୀବୀମାନେ ଗ୍ରାମ ଉପକୂଳରେ ଜାଲ ବସାଇବା ପାଇଁ ଜାଗା ନାହିଁ। ବିଦେଶୀ ପକ୍ଷୀ ଓ ଡ଼ଲଫିନ ସୁରକ୍ଷାରେ ବାଧା ସୃଷ୍ଟି ହେଉଛି। ଜୁଆର ଭଟ୍ଟା ସମୟରେ ସମୁଦ୍ର ଓ ଚିଲିକା ସଂଯୋଗ ପଥ ଅଥବା କେନାଲ ମୁହାଁଣରେ ପାଣି ଓ ଜଳଚରଜୀବର ଗତିପଥ ଉପରେ କୌଣସି ନଜର ରଖା ଯାଉନାହିଁ ବୋଲି ଅଭିଯୋଗ ହୋଇଛି। ଗଂଜାମ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ୩ ଲକ୍ଷରୁ



ଉକ୍ଷରୁ ମତ୍ସ୍ୟଜୀବୀ ପରିବାର ଜୀବନ ଜୀବିକା ବୁଡ଼ିବାକୁ ବସିଲାଣି। ତଥାପି ଚିର ନିଦ୍ରାରେ ଶୋଇଛି ସିଡିଏ(ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ)। ସିଡିଏ ଚିଲିକା ସମ୍ପର୍କିତ ସମସ୍ତ ତଥ୍ୟ ସଂଗ୍ରହ କରି ସରକାର ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିବାର ଦାୟିତ୍ୱ ରହିଛି। କିନ୍ତୁ ଅଫିସ ଛାଡ଼ି ସିଡ଼ିଏ ଅଫିସର ବାବୁ ଓ କର୍ମଚାରୀମାନେ କୌଣସି ତଦାରଖ କରୁନଥିବା ଅଭିଯୋଗ ହୋଇଛି। ବାଲୁଗାଁରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡ଼ିଏ)ଙ୍କ କାର୍ଯ୍ୟାଳୟ ରହିଛି। ବାଲୁଗାଁ ନିକଟବର୍ତ୍ତୀ ଅଞ୍ଚଳ ଛାଡିଦେଲେ ଚିଲିକାର ବାକି ଗଞ୍ଜାମ ଓ ପୁରୀ ଜିଲ୍ଲାର ଚିଲିକା ଅଞ୍ଚଳଙ୍କୁ ପରିଦର୍ଶନ କରିବାକୁ ଯାଉନଥିବା ଅଭିଯୋଗ ହୋଇଛି।

ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ବ୍ଲକ ଅଧୀନରେ ଥିବା ଚିଲିକା ଉପକୂଳ ଅଞ୍ଚଳ ଲଙ୍ଗଳେଶ୍ୱର, ପଥରା, କେଶପୁର, ସାବୁଳିଆ, ଗଞ୍ଜାମ ବ୍ଲକର ରମ୍ଭା, ମଧୁରଚୁଆ, ଡିଆଁଡେଇଁ, ଗୌରାଙ୍ଗପାଟଣା, ଆର.ବିଞ୍ଝଣାପଲ୍ଲୀ, ପାଲୁର ଓ ପୁରୀ ଜିଲ୍ଲାର ଅନେକ ଗ୍ରାମର ଚିଲିକା ଉପକୂଳକୁ ମାଫିଆମାନେ ନିଜ ଆୟତ୍ତକୁ ନେଇ ସାରିଲେଣି। କିନ୍ତୁ ସିଡ଼ିଏଙ୍କ ପାଖରେ କୌଣସି ସୂଚନା ନାହିଁ। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଯୁବକଙ୍କ ମୃତଦେହ ଉଦ୍ଧାର

ସାନଖେମୁଣ୍ଡି,୨୫ ।୩(ସମିସ): ପାଟପୁର ଥାନା ତଥା ପାଟପୁର ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରୁ ବୁଧବାର ପୁଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ପାଟପୁର ଗ୍ରାମର ନାରାୟଣ ଶିଙ୍ଗ(୪୩)। ମଙ୍ଗଳବାର ଠାରୁ ସେ ନିଖୋଜ ଥିବା ବେଳେ ପରିବାର ଲୋକେ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ପତ୍ତା ମିଳିନଥିଲା। ମଙ୍ଗଳବାର ଭୋରରୁ ଘୋଡ଼ାହାଡ଼ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା କାରଣରୁ ନଦୀ ଭିତର ଗଣ୍ଡକୁ ଚାଲିଯାଇଥିଲେ। ବୁଧବାର ଭୋରରୁ ମୃତଦେହ ପାଟପୁର ଗ୍ରାମ ନିକଟ ଘୋଡାହାଡ଼ ନଦୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଦିଗପହଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିବା ଜଣାପଡିଛି।

## ବସ୍ ଧକ୍କାରେ ଯୁବକ ଗୁରୁତର

ବେଲଗୁଣ୍ଠା,୨୫ ।୩(ସମିସ): ଆଜି ବୁଧବାର ଅପରାହ୍ଣ ପାଞ୍ଚ ଘଣ୍ଟା ସମୟରେ ଭଞ୍ଜନଗରରୁ ବ୍ରହ୍ମପୁର ଯାଉଥିବା କାଳେଶ୍ୱର ନାମକ ଘରୋଇ ବସ୍ ଜଣେ ଯୁବକକୁ ଧକ୍କା ଦେବା ପରେ ଯୁବକଙ୍କ ହାତ ଏବଂ ଗୋଡରେ ଗଭୀର ଆଘାତ ଲାଗିଛି। ଯୁବକ ଜଣଙ୍କ ବର୍ତ୍ତମାନ ବ୍ରହ୍ମପୁର ମେଡିକାଲ୍‌କୁ ରେଫର କରାଯାଇ ଥିବା ବେଳେ ଗାଙ୍ଗପୁର ପୁଲିସ୍ ବସ୍‌ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଖବର ନେବାରେ ଜଣା ପଡ଼ିଛି ବୁଧବାର ସନ୍ଧ୍ୟାରେ ଭଞ୍ଜନଗରରୁ ବ୍ରହ୍ମପୁର ଯାଉଥିବା କାଳେଶ୍ୱର ନାମକ ଘରୋଇ ବସ୍ କ୍ଷତ୍ରିୟବରପୁର ହାଇସ୍କୁଲ୍ ଛକରେ ରହିବା ପରେ ସେଥିରୁ ନିକଟସ୍ଥ ବଡ଼ ଦୋଡ଼ଙ୍ଗା ଗ୍ରାମର ନାରାୟଣ ନାଇକଙ୍କ ପୁଅ ତୋଫାନ ନାଇକ (୨୨) ଓହ୍ଲାଇଥିଲେ ଓ ବସ୍‌ରୁ ଓହ୍ଲାଇ ତୋଫାନ ରାସ୍ତା ପାର ହେଉଥିବା ବେଳେ ଗାଡ଼ିଟି ହଠାତ୍ ଚାଲି ଯାଇଥିଲା। ଯାହା ଫଳରେ ତୋଫାନ ତଳେ ପଡ଼ିଯାଇଥିଲେ ଏବଂ ତାଙ୍କ ବାମ ହାତ ଓ ଗୋଡ଼ ଉପରେ ଗାଡ଼ିଟି ପଳାଇଥିଲା। ଫଳରେ ତୋଫାନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଗୋବରା ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ଥିବାରୁ ତୋଫାନକୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଏସ୍ଆଇ ଅଜୟ ମଲ୍ଲିକ ଦୁର୍ଘଟଣା ଘଟାଇଥିବା ଗାଡି ଜବତ କରି ଘଟଣାର ତଦନ୍ତ କରୁଛନ୍ତି।

## ଦୁର୍ଘଟଣାରେ ମହିଳା ଆହତ

ବେଲଗୁଣ୍ଠା,୨୫ ।୩(ସମିସ): ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଗୋବରା କାଳିଆମ୍ବା ନାଳରେ ପୁରୁଣା ପୋଲକୁ ଭାଙ୍ଗି ନୂଆପୋଲ ତିଆରି ଚାଲିଥିବା ବେଳେ ପୋଲର ଉଭୟ ପଟେ ଗାଡ଼ି ଚାଳକ ମାନଙ୍କୁ ସତର୍କ କରାଇ ଗାଡ଼ିର ଦ୍ରୁତ ଗତିକୁ ରୋକିବା ପାଇଁ ପୋଲର ଉଭୟ ପଟେ ହମ୍ପସ୍ ନିର୍ମାଣ ହୋଇଛି। ବୁଧବାର ସନ୍ଧ୍ୟାରେ ଗୋବରା ନିକଟସ୍ଥ ବିରିପୁର ଗ୍ରାମର ସବିତା କାଞ୍ଜିଆ କୌଣସି କାମରେ ତାଙ୍କର ସମ୍ପର୍କୀୟ ସନାତନ ଡାକୁଆଙ୍କ ସହ ବଡବୋର୍ସି ଯାଇ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ସବିତା ଅସାବଧାନତା ବଶତଃ ଗୋବରା କଲେଜ୍ ଛକ ନିକଟରେ ଥିବା ହମ୍ପସ୍‌ରେ ବାଇକରୁ ଖସି ପଡିଥିଲେ। ଫଳରେ ସବିତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଓ ତାଙ୍କୁ ସଙ୍ଗେ ସଙ୍ଗେ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

● ଭ୍ୟାଲିଡେସନ ବିଲ ପ୍ରତ୍ୟାହାର ଦାବି

## ପ୍ରଧାନମନ୍ତ୍ରୀଙ୍କୁ ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବିପତ୍ର

ଛତ୍ରପୁର,୨୫ ।୩(ସମିସ): ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ଓ ତତ୍ ଜନିତ ସୁବିଧାରୁ ବଞ୍ଚିତ କରି ଅଷ୍ଟମ ବେତନ କମିଶନ ସୁପାରିଶରୁ ବାଦ ଦେବା ପାଇଁ ୨୦୨୫ ମାର୍ଚ୍ଚ ୨୫ ତାରିଖରେ କେନ୍ଦ୍ର ସରକାର ସଂସଦରେ ଏକ ଭ୍ୟାଲିଡେସନ୍ ବିଲ୍ ପାରିତ କରାଇଛନ୍ତି। ଏହା ବିରୋଧରେ ସମଗ୍ର ଦେଶର ପେନସନର୍ସଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସର୍ବ ଭାରତୀୟ ପେନସନର୍ସ ଫେଡେରେସନର ନିଷ୍ପତ୍ତି ଓ ନିର୍ଦ୍ଦେଶ ପ୍ରକାରେ ସମଗ୍ର ଦେଶର ସମସ୍ତ ଜିଲ୍ଲାପାଳଙ୍କ ଜରିଆରେ ଉକ୍ତ ବିଲ୍ ପ୍ରତ୍ୟାହାର ଦାବି କରି ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯିବା ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ତରଫରୁ ଆଜିର ଦିବସକୁ କଳାଦିବସ ରୂପେ ପାଳନ କରାଯାଇଛି। ଏଥିସହ ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡିଶା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ସଂପାଦକ ଶ୍ୟାମସୁନ୍ଦର ଖାଡଙ୍ଗାଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମନା ଅନୁଷ୍ଠିତ ପ୍ରତିବାଦ ସଭାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଅଧ୍ୟକ୍ଷ କାମରାଜୁ ମହାରଣା ଯୋଗ ଦେଇ ପେନସନ ବିରୋଧି ବିଲ୍‌କୁ ପ୍ରତ୍ୟାହାର ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ବ୍ଲକ ସଭାପତି ବାନାମ୍ବର ପୋଲାଇ, ସଂପାଦକ ବାଳକୃଷ୍ଣ ମହାରଣା, ଭଗବାନ ଦାସ, ରବୀନ୍ଦ୍ର କୁମାର ଦାସ, ଅଶ୍ୱିନୀ କୁମାର ଚୌଧୁରୀ, ପ୍ରାଣବନ୍ଧୁ ପାତ୍ର, ସୁରେନ୍ଦ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

ଆସିକା: ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଆସିକା ଶାଖାର ଭେଲି଼ଡେସନ ଏକ୍ଟ ପ୍ରତ୍ୟାହାର ଦାବିରେ ପ୍ରତିବାଦ ସଭା ସଭାପତି ପୀତବାସ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ପେନସନର୍ସ କଳା ବ୍ୟାଜ ପିନ୍ଧି ଯୋଗଦେଇଥିଲେ। ଉପସଭାପତି ସୁବାଷ ଚନ୍ଦ୍ର ମିଶ୍ର ସଭାର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ଉକ୍ତ ସଭାରେ ଗଞ୍ଜାମ ଶାଖାର ସହ ସମ୍ପାଦକ ମିହିର କାନ୍ତ ମହାପାତ୍ର, ଆସିକା ଶାଖାର ସମ୍ପାଦକ ଉପେନ୍ଦ୍ର ନାୟକ, ଉପଦେଷ୍ଟା ଦେବହରି ମହାନ୍ତି, ସୁରେନ୍ଦ୍ର ବେହେରା, ମହେଶ୍ୱର ନାହାକ, ରାଜେଶ୍ୱର ପାତ୍ର, ନିରଞ୍ଜନ ନାୟକ, ପଞ୍ଚାନନ ସ୍ୱାଇଁ, ଲକ୍ଷ୍ମୀନାରାୟଣ ନାୟକ, କାଶୀ ବିଶ୍ୱନାଥ ନାହାକ, ବିଶ୍ୱନାଥ ଲେଙ୍କା, କୁଶ ନାଇଡୁ, ପ୍ରଦୀପ କୁମାର ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କ ପରଲୋକ

ଦିଗପହଣ୍ଡି,୨୫ ।୩(ସମିସ): ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଉଜ୍ଜ୍ୱଳ ପଣ୍ଡାଙ୍କ ୬୬ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ଘଟିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ କରାଯାଇଥିଲା। ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କ ଉପସ୍ଥିତିରେ ତାଙ୍କ ଏକମାତ୍ର ପୁତ୍ର ପପୁନ ମୁଖାଗ୍ନି ଦେଇଥିଲେ। ତାଙ୍କ ପୈତୃକ ଗ୍ରାମ ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ଡ଼ଭାର ଗ୍ରାମରେ। ସେ ଖେମୁଣ୍ଡି କଲେଜ ପ୍ରତିଷ୍ଠା ପରଠାରୁ ୧୯୮୩ ମସିହାରୁ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରି ୨୦୨୦ ମେ ୩୧ ତାରିଖରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ସମୟାନୁବର୍ତ୍ତି କର୍ତ୍ତବ୍ୟନିଷ୍ଠ ମେଳାପୀ ଛାତ୍ରବତ୍ସଳ ପ୍ରାଧ୍ୟାପକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ପରଲୋକରେ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା, ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ଚିକିଟି ବିଧାୟକ ମନୋରଞ୍ଜନ ସାମନ୍ତରା, ଖେମୁଣ୍ଡି କଲେଜ ଅଧ୍ୟକ୍ଷ ଡ଼.ଅସିତ କୁମାର ଷଡଙ୍ଗୀ, ଆଇନଜୀବୀ ସଦାନନ୍ଦ ପରମଗୁରୁ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର

କୋଦଳା,୨୫ ।୩(ସମିସ): କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ "ଭାରତରେ ସଂଘୀୟ ବ୍ୟବସ୍ଥା ଏବଂ କେନ୍ଦ୍ର - ରାଜ୍ୟ ସମ୍ପର୍କ' ବିଷୟକୁ ନେଇ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣାବଳୀ ବର୍ଦ୍ଧକ ସଂଯୋଜକ ସପନ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଲିପୁନ ମାଝୀ କହିଥିଲେ। ସାଧନାକର୍ମୀ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼କ୍ଟର ବିଷ୍ଣୁ ଚରଣ ଚୌଧୁରୀ ଯୋଗଦେଇ ଭାରତରେ ସଂଘୀୟ ବ୍ୟବସ୍ଥା ଓ କେନ୍ଦ୍ର ରାଜ୍ୟ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼ି. ରତ୍ନମାଳା ପାତ୍ର, ଅଧକ୍ଷ ରଘୁନାଥ ମୁଦୁଲି, ବିନୋଦ କୁମାର ମିଶ୍ର ଏବଂ ପ୍ରଶାସନିକ ଅଧିକାରୀ ରଞ୍ଜୁବାଳା ନନ୍ଦ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ତପସ୍ୱିନୀ କରଣ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ପ୍ରଦୀପ ନାହାକ ଏବଂ ଛାତ୍ରୀ ଜ୍ୟୋତିପ୍ରଭା ସେଠୀ ପରିଚାଳନା କରିଥିଲେ।

## ଦକ୍ଷତା ବିକାଶ ଓ ସଚେତନ କର୍ମଶାଳା



ସୋରଡ଼ା,୨୫ ।୩(ସମିସ): ଦକ୍ଷିଣ ଘୁମୁସର ବନଖଣ୍ଡ ବଡ଼ଗଡ଼ ବନାଞ୍ଚଳ ଅଧୀନରେ ଥିବା ଖାରୀଗୁଡ଼ା ନର୍ସରିରେ ବନାଗ୍ନି ପ୍ରତିରୋଧ ନେଇ ଦିନିକିଆ ଦକ୍ଷତା ବିକାଶ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିପସା ପାରୁଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟାନ୍ୟ ଅତିଥି ଭାବେ ସୋରଡ଼ା ବନାଞ୍ଚଳ ଅଧିକାରୀ ତଥା ସହକାରୀ ବନଖଣ୍ଡ ଅଧିକାରୀ ନିହାର ରଞ୍ଜନ ମଲ୍ଲିକ, ପ୍ରବେସିନାରୀ ଆଇଏଫଏସ ଲବଲି ଜୈନ, ଅବସରପ୍ରାପ୍ତ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜୀ ଯୋଗଦେଇ ଆଗାମୀ ଗ୍ରୀଷ୍ମ ଋତୁରେ ବନାଗ୍ନି ପ୍ରତିରୋଧ ସମ୍ପର୍କରେ ଆଲୋଚନା କରିଥିଲେ। ନିଆଁ ଦାଉରୁ ଜଙ୍ଗଲକୁ କିଭଳି ସୁରକ୍ଷା ଦେଇ ହେବ ଓ ନିରାକରଣ ବାବଦରେ ସୋରଡ଼ା ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ।

## ଆରମ୍ଭ ହେଲା ୨୧ ଦିନିଆ ଦଣ୍ଡଯାତ୍ରା



ପୁରୁଷୋତ୍ତମପୁର,୨୫ ।୩(ସମିସ): ଗଞ୍ଜାମ ପ୍ରସିଦ୍ଧ ୨୧ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ଏଥିପାଇଁ ପୁରୁଷୋତ୍ତମପୁର ସହର ସମେତ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ଢୋଲ, ଘଣ୍ଟ, ଝାଞ୍ଜ, ଗିନି ସାଙ୍ଗକୁ ଝୁଣା ବାସ୍ନା ସହ କଳାରୁଦ୍ରମଣିଙ୍କୁ ଭଜହେ, ଦଣ୍ଡକାଳୀଙ୍କୁ ଭଜହେ ଧ୍ୱନିରେ ସମଗ୍ର ଗାଁଠୁ ସହର ପ୍ରକମ୍ପିତ ହେଉଛି। ପୁରୁଷୋତ୍ତମପୁର ସହରରେ ଥିବା ଦଣ୍ଡ ଯାତ୍ରାଦଳ ଗୌଡ଼ ପୁଞ୍ଜା, ଧୋବା ପୁଞ୍ଜା, ବିପତ୍ତିହାରିଣୀ ତେଲି ପୁଞ୍ଜା, ତେଲି ପୁଞ୍ଜା ଓ ବାଣନଇ, ମୋରାବଇ, ରାଉଳପଲ୍ଲୀ, କୋଳିଦାସପୁର ପୂର୍ବ, ପଶ୍ଚିମ, ଜାମୁନୀ ୨ପାର୍ଟିରେ ଶହଶହ ସଂଖ୍ୟାରେ ମାନସିକଧାରୀ ଭୁକ୍ତା ଭାବେ ସାମିଲ ହୋଇଛନ୍ତି। ଏହା ମେଷ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ।

ଛତ୍ରପୁର: ବୁଧବାର ଠାରୁ ଛତ୍ରପୁର ସହର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଦଣ୍ଡକାଳୀ ମନ୍ଦିରରେ ମାଙ୍କ ଯାତ୍ରାର ଶୁଭାରମ୍ଭ ହୋଇଛି। ଛତ୍ରପୁର ବ୍ଲକର ଲଣ୍ଡାବାଉଁଶ ପାରମ୍ପରିକ ଦଣ୍ଡଯାତ୍ରାର ଶୁଭାରମ୍ଭ ହୋଇଛି ବୋଲି ପୂର୍ବତନ ସମିତି ସଭ୍ୟ ମଥୁରା ଚରଣ ସୁବୁଦ୍ଧି କହିଛନ୍ତି। ପ୍ରତ୍ୟୁଷରେ ଭୁକ୍ତା ମାନେ ଗ୍ରାମର ପୋଖରୀକୁ ଯାଇ ସ୍ନାନାଦି କର୍ମ ସାରିବା ପରେ ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ସାରି ଗ୍ରାମ ପରିକ୍ରମା କରିବା ପରେ ଦଣ୍ଡକାଳୀ ମନ୍ଦିରକୁ ଫେରିଥିଲେ। ଦଣ୍ଡଯାତ୍ରା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରାଯାଇଥାଏ । ମାନସିକ ଦଣ୍ଡଯାତ୍ରା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଲଣ୍ଡାବାଉଁଶ ଗ୍ରାମରେ ୨୧ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ପର୍ଯ୍ୟାୟ କ୍ରମେ ଯାତ୍ରା ଆରମ୍ଭ ହେବ। ଶ୍ରଦ୍ଧାଳୁ ମାନେ ବହୁ ମାତ୍ରାରେ ବୁଲି ଧୂଳି ଦଣ୍ଡ ଏବଂ ସନ୍ଧ୍ୟା ଆଳତି ଦେଖିବାକୁ ଜନ ଗହଳି ହେଉଛି।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆଲୋଚନାଚକ୍ର

ବେଲଗୁଣ୍ଠା,୨୫ ।୩(ସମିସ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ର "ବିଚିତ୍ର କାବ୍ୟ ବୈଦେହୀଶ ବିଳାଶ' ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ତଥା ଆଲୋଚକଭାବେ ଅବସରପ୍ରାପ୍ତ ଶିକ୍ଷକ ଓ ଭଞ୍ଜଗବେଷକ କାମରାଜୁ ସାହାଣୀ ଯୋଗଦେଇ ପ୍ରକୃତି କବି ବିଚିତ୍ର କାବ୍ୟ ବୈଦେହୀଶ ବିଳାଶ କାବ୍ୟ ସମ୍ଭାର ଓ ଅନ୍ୟାନ୍ୟ ସାହିତ୍ୟକ କୃତୀ ସମେତ କାବ୍ୟ ବୈଦେହୀଶ ବିଳାଶ ସଂପର୍କରେ ଉଚ୍ଚକୋଟୀର ମନ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସପନ କୁମାର ପଟ୍ଟନାୟକ ଏବଂ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ, ଅଧ୍ୟାପକ ଅଜୟ ବିଶ୍ୱାଳ, ଅଧ୍ୟାପକ ସନ୍ତୋଷ କୁମାର ପ୍ରାଣିଗ୍ରାହୀ, ଅଧ୍ୟାପକ ଡ଼.ପ୍ରଫୁଲ୍ଲ କୁମାର ଜେନା,ଅଧ୍ୟାପକ ଅଶୋକ କୁମାର ପ୍ରଧାନ, ଅଧ୍ୟାପିକା ପିଙ୍କି ପାତ୍ର, ଅଧ୍ୟାପିକା ଲକ୍ଷ୍ମୀ ଗୌଡ଼ ଏବଂ କ୍ରୀଡ଼ା ଶିକ୍ଷକ ବିଶ୍ୱରଂଜନ ସ୍ୱାଇଁ, ଗ୍ରନ୍ଥାଗାରିକ ରଞ୍ଜିତ କୁମାର ସାମଲ ପ୍ରାରମ୍ଭରେ ଅଧ୍ୟାପକ ସପନ କୁମାର ପଟ୍ଟନାୟକ ଅତିଥି ପରିଚୟ ସହ ବୈଦେହୀଶ ବିଳାଶ କାବ୍ୟ ସଂପର୍କରେ ମଧ୍ୟ ସମ୍ୟକ୍ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ଓଡ଼ିଆ ସମ୍ମାନର ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅଧ୍ୟାପକ ସପନ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ନାମ ସଙ୍କୀର୍ତ୍ତନ ଦଳ ଗଠନ

ଧରାକୋଟ,୨୫ ।୩(ସମିସ): ଧରାକୋଟ ବ୍ଲକର ଜାହାଡା ଗ୍ରାମରେ ନୂତନ ଭାବରେ ଶ୍ରୀଜଗନ୍ନାଥ ମହିଳା ସଙ୍କୀର୍ତ୍ତନ ଦଳ ଗଠନ ହୋଇଛି। ପୁରୁଷ ପ୍ରଧାନ ସମାଜରେ ହରିନାମ ସଙ୍କୀର୍ତ୍ତନ ଗଠନ କରି ନିକଟସ୍ଥ ଗ୍ରାମ ଗୁଡିକରେ ମନ୍ଦିର ପ୍ରତିଷ୍ଠା, ମୂର୍ତ୍ତି ପ୍ରତିଷ୍ଠା ଏବଂ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ପ୍ରହରୀ ଅନୁଯାୟୀ ଏହି ମହିଳା ଦଳ ନାମ ଜପ କରୁଥିବାରୁ ପରିବେଶ ବେଶ ଆକର୍ଷଣୀୟ ହୋଇଥିବା ଦେଖିବାକୁ ମିଳୁଛି। ଏହି ସଙ୍କୀର୍ତ୍ତନ ଦଳର ଗୁରୁ ରଙ୍ଗନିଧି ହୋଇଥିବା ବେଳେ ଗାୟକ ନରେଶ ଜେନା, ଅଧିକାରୀ ନମିତା ବିଷୋୟୀ ଓ ଲୁଲୁ ପରିଡ଼ା ପରିଚାଳକ ଭାବରେ ଦାୟିତ୍ୱ ତୁଲାଉଛନ୍ତି। ଏହି ସଙ୍କୀର୍ତ୍ତନ ଦଳରେ କୋଡ଼ିଏ ଜଣ ମହିଳା ସାମିଲ ହୋଇଥିବା ଜଣାଯାଇଛି।

ସୁନୀଲ ନାହାକ ହତ୍ୟା ମାମଲା

# ଦୈତାରି ବେହେରାଙ୍କ ଘର ଆଗରେ ଲଟକା ଲଗାଇଲା ପୁଲିସ

ଖଲ୍ଲିକୋଟ,୨୫ ।୩(ସମିସ): ବହୁ ଚର୍ଚ୍ଚିତ ସୁନୀଲ ନାହାକ ହତ୍ୟା ମାମଲାରେ ଅଭିଯୁକ୍ତ ଥାଇ ଫେରାର ଥିବା ଖଲ୍ଲିକୋଟର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରାଙ୍କ ଘର ଆଗରେ ବୁଧବାର କୋଦଳା ପୁଲିସ ଲଟକା ଜାରି କରିଛି। ଏଥିରେ ଆଜି ଠାରୁ ୩୦ ଦିନ ଭିତରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ରହିଥିବା ଜଣାପଡ଼ିଛି। ୨୦୨୩ ସେପ୍ଟେମ୍ବର ମାସ ୨୯ ତାରିଖରେ କୋଦଳା ଥାନା ଅନ୍ତର୍ଗତ ଦାନପୁର ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆସିକାର ସୁନୀଲ ନାହାକଙ୍କୁ ହତ୍ୟା କରାଯାଇଥିଲା। ଗଣେଶ ପୂଜା ଭୋଜି ଖାଉଥିବା ସମୟରେ କିଛି ଯୁବକ ସୁନୀଲକୁ ସଂଘବଦ୍ଧ ଆକ୍ରମଣ ଥିଲେ। ଫଳରେ ସୁନୀଲଙ୍କ



ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଫେରାର ହୋଇଥିବା ତିନି ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଦୀପକ କୁମାର ଖଟୁଆଙ୍କ ସମେତ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ୍ କରିବାରେ ସଫଳ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ କୁହା ଯାଉଥିବା କୁମର ସାହୁ ଏବେ ବି ଫେରାର୍ ରହିଛି। ପରବର୍ତ୍ତୀ ସମୟରେ ଏହି ହତ୍ୟାକାଣ୍ଡରେ ଖଲ୍ଲିକୋଟର ପୂର୍ବତନ ବିଧାୟିକାଙ୍କ ସ୍ୱାମୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରାଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ କୋଦଳା ଥାନା କେଶ ନମ୍ବର ୪୭୩/୨୦୨୬ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। କିନ୍ତୁ ଏହା ପରେ ଦୈତାରୀ ବେହେରାଙ୍କୁ ଖଲ୍ଲିକୋଟରେ ଆଉ ଦେଖିବାକୁ ମିଳି ନଥିଲା। ସେପଟେ ଦୈତାରି ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ମଧ୍ୟ କୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ। ଦୈତାରିଙ୍କୁ ନ ପାଇ ପୁଲିସ ଦୈତାରୀ ତାଙ୍କ ବିପକ୍ଷରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲା। କିନ୍ତୁ ଦୈତାରୀ କୋର୍ଟରେ ହାଜର ନ ହେବାରୁ ବୁଧବାର କୋଦଳା ଥାନା ଅଧିକାରୀ ସୁବାସ ବେହେରାଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଏବଂ ଖଲ୍ଲିକୋଟ ପୁଲିସ କେଶପୁର ଯାଇ ଡେଙ୍ଗୁରା ବଜାଇ ଦୈତାରୀ ବେହେରାଙ୍କ ଘର ଆଗରେ ଲଟକା ଜାରି କରିଛନ୍ତି। ଆଜି ଠାରୁ ୩୦ ଦିନ ମଧ୍ୟରେ କୋର୍ଟ ରେ ହାଜର ହେବାକୁ ନିର୍ଦ୍ଦେଶ ରହିଥିବା କହିଛନ୍ତି କୋଦଳା ଥାନା ଅଧିକାରୀ ସୁବାସ ବେହେରା।

## ତାରାତାରିଣୀ ଯାତ୍ରାରେ ସ୍ୱେଚ୍ଛାସେବୀଙ୍କ ସହାୟତା

ଛତ୍ରପୁର,୨୫ ।୩(ସମିସ): ସକାଳୁ ପାଣିପାଗ ଅନୁକୂଳ ଥିବାରୁ ଚଇତି ଯାତ୍ରାର ତୃତୀୟ ପାଳିରେ ମା'ତାରାତାରିଣୀଙ୍କ ପାଖରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। କିନ୍ତୁ ଦିନ ବଢିବା ସହ ପ୍ରବଳ ରୌଦ୍ରତାପରେ ଅସ୍ତବ୍ୟସ୍ତ ହୋଇଉଠିଥିଲେ ଲକ୍ଷାଧିକ ଭକ୍ତ ତଥା କୁନି କୁନି ଶିଶୁ। ସେତେବେଳେ ଦେବଦୂତ ସାଜି ସନାତନ ମହାରଣା, ଲକ୍ଷ୍ମୀ ନାରାୟଣ ପ୍ରଧାନ, ନାରାୟଣ ସାହୁଙ୍କ ନେତୃତ୍ୱାଧୀନ ଦଳ ଲିଓରା ଫାଉଣ୍ଡେସନ ସହାୟତାରେ ଲକ୍ଷାଧିକ ଭକ୍ତଙ୍କୁ ଗ୍ଲୁକୋଜ ପାଣି ବାଣ୍ଟିଥିଲେ। ସେହିପରି ଭିଡ଼ ମଧ୍ୟରେ ହଜିଯାଇଥିବା କୁନି ଶିଶୁଙ୍କୁ ବି. ବୈରାଗୀ ଓ ଓକିଲ ମନୋଜ ପାଣିଗ୍ରାହୀଙ୍କ ସହାୟତାରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା ଓ ଅନ୍ୟ ହଜିଯାଇଥିବା ପରିବାର ସଦସ୍ୟଙ୍କୁ ସେମାନଙ୍କ ପରିବାର ସହ ମିଶାଇବା ପାଇଁ ଯଥାର୍ଥ ପ୍ରଚେଷ୍ଟା କରାଯାଇଥିଲା। ସେହିପରି ଗହଳି ସମୟରେ ସମାଜସେବୀ ଶିବ ପ୍ରସାଦ ବେହେରା, ବିକାଶ ମହାରଣା ଏବଂ ଏସ. ରବି ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ଦିବ୍ୟାଙ୍ଗଙ୍କ ପାଇଁ ସୁଚାରୁ ଦର୍ଶନ ବ୍ୟବସ୍ଥା କରିଥିଲେ। ସେହିପରି ଏହି ସେବା ଦଳରେ ସାମିଲ ହୋଇଥିବା ଡ଼ଃ ପ୍ରିୟବ୍ରତ ଶତପଥୀ ଓ ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ଦ୍ୱାରା ଅଂଶୁଘାତ ତଥା ବିଭିନ୍ନ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା କରାଯାଇଥିଲା। ଏହି ସମସ୍ତ



ସେବା କାର୍ଯ୍ୟ ଶ୍ରୀତମ ପଟ୍ଟନାୟକ, ଆଦିତ୍ୟ ଦାସ, ରାଜେଶ ପାତ୍ର ତଥା ଆଇଆରଇରେ କାର୍ଯ୍ୟରତ ଟୁଟୁ ନାୟକଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା।

THE SAKALA

# ବିରତି ନୁହେଁ ପ୍ରସ୍ତୁତି

ମଧ୍ୟପ୍ରାଚ୍ୟ ଯୁଦ୍ଧର କେବେ ଅବସାନ ଘଟିବ ସେ ନେଇ ଅନିଶ୍ଚିତତା ଜାରି ରହିଥିବା ବେଳେ ସମ୍ଭାବ୍ୟ ଶାନ୍ତି ଆଲୋଚନା ଓ ସେଥିରେ ପାକିସ୍ତାନର ଭୂମିକା କୂଟନୈତିକ ସ୍ତରରେ ଭୂକମ୍ପନ ସୃଷ୍ଟି କରିଛି । ଅଥଚ ଏ ସଂପର୍କରେ ହ୍ୱାଇଟ ହାଉସ ପକ୍ଷରୁ ସେଭଳି କୌଣସି ସ୍ପଷ୍ଟ ସୂଚନା ମିଳିନି । ଅନ୍ଧାରରେ ବାଡ଼ି ବୁଲାଇବା ଭଳି ସାମ୍ବାଦିକଙ୍କ ପକ୍ଷରୁ ଚାଲିଥିବା ଖୋଳତାଡ଼ରୁ ଏପର୍ଯ୍ୟନ୍ତ କିଛି ନିର୍ଦ୍ଦିଷ୍ଟ ତଥ୍ୟ ହସ୍ତଗତ ହୋଇନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ ଏନେଇ ନିରବ ରହିଥିବା ବେଳେ ଏହା ଏକ ରଣନୀତିକ ନିଷ୍ପତ୍ତି ହୋଇଥିବାରୁ ସେ ସଂପର୍କରେ କିଛି ଆଗୁଆ ସୂଚନା ଦେବା ସମ୍ଭବ ନୁହେଁ ବୋଲି ହ୍ୱାଇଟ ହାଉସ ମୁଖପାତ୍ର ରୋକ୍‌ଠୋକ୍ କହିଛନ୍ତି । ସୂଚନାଯୋଗ୍ୟ କି ହର୍ମୁଜ ପ୍ରଣାଳୀ ଉପରୁ କଟକଣା ପ୍ରତ୍ୟାହାର ପାଇଁ ୪୮ ଘଣ୍ଟିଆ ମିଆଦ ଦେଇ ଇରାନର ସମସ୍ତ ଶକ୍ତିକେନ୍ଦ୍ର ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିବା ଟ୍ରମ୍ପ ପାଲଟା ଜବାବରେ ସୋମବାର ପୁଣି ଥରେ ୫ ଦିନିଆ ବିରତି ଘୋଷଣା କରିଛନ୍ତି । ଏହି ଘୋଷଣାକୁ କେନ୍ଦ୍ରକରି କୂଟନୈତିକ ସ୍ତରରେ ବିବାଦ ସମାଧାନ ଉଦ୍ୟମ ଆରମ୍ଭ ହୋଇଛି । ଆମେ ଏଠାରେ କହିବାକୁ ଚାହୁଁ ଯେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ବିରୋଧରେ ଯୁଦ୍ଧ ଘୋଷଣା କରିଥିବା ବେଳେ ଜଣେ ଆକ୍ରମଣ ଜାରି ରଖିଛି ଓ ଅନ୍ୟ ଜଣେ ଆପୋସ ଆଲୋଚନାର କ୍ଷେତ୍ର ପ୍ରସ୍ତୁତ କରୁଛି କିପରି? ଏହାକୁ କେନ୍ଦ୍ର କରି ଯେଉଁ ଦ୍ୱିବିଧା ସୃଷ୍ଟି ହୋଇଛି ସେଥିରେ ପ୍ରତି ପ୍ରସଙ୍ଗରେ ବାରମ୍ବାର ମତ ବଦଳାଉଥିବା ଟ୍ରମ୍ପଙ୍କୁ ଅବିଶ୍ୱାସ କରିବା ସ୍ୱାଭାବିକ ।

ଏକଥା ସତ ଯେ ଏହି ଯୁଦ୍ଧ ଘନଘଟା ସମଗ୍ର ବିଶ୍ୱରେ ତୈଳ ଓ ଇନ୍ଧନ ଗ୍ୟାସ ସଂକଟ ସୃଷ୍ଟି କରିଛି । ତେଣୁ ଏକ ସମାଧାନ ସୂତ୍ର ବାହାର କରିବାକୁ ଟ୍ରମ୍ପଙ୍କ ଏହି ୫ଦିନିଆ ଯୁଦ୍ଧ ବିରତି ଘୋଷଣା ସୁଯୋଗ ସୃଷ୍ଟି କରିଛି କହିଲେ ଭୁଲ ହେବ ନାହିଁ । ତୁର୍କୀ, ଇଜିପ୍ଟ ଓ ପାକିସ୍ତାନ ମଧ୍ୟସ୍ଥତାରେ ଆଲୋଚନାର ଯେଉଁ କ୍ଷେତ୍ର ପ୍ରସ୍ତୁତ ହୋଇଛି ତାହାକୁ କୌଣସିପ୍ରକାର ସାକାର କରିବାକୁ ଚାପରେ ଅଛନ୍ତି ଟ୍ରମ୍ପ । ତେବେ ଇରାନ ଯେ କେତେଦୂର ଏହି ପ୍ରସ୍ତାବକୁ ସମର୍ଥନ କରିବ ତାହା ସ୍ପଷ୍ଟ ହୋଇନାହିଁ । କାରଣ ଏବେ ମଧ୍ୟ ତେହେରାନ ନିଜ ସର୍ତ୍ତରୁ ଓହରି ନାହିଁ । ଏକ ଅସ୍ପଷ୍ଟ ଭିତ୍ତିଭୂମି ଉପରେ କଥାବାର୍ତ୍ତାକୁ ନେଇ ଯେଉଁ ବିଚାରବିମର୍ଶ ଚାଲିଛି ତାହାକୁ ନେଇ ଆମ ଦେଶର ରାଜନୀତି ଚଳଚଞ୍ଚଳ ହୋଇପଡ଼ିଥିବାର ଲକ୍ଷ୍ୟ କରାଯାଉଛି । ମଧ୍ୟପ୍ରାଚ୍ୟରେ ସାଉଦୀ ଆରବର ପ୍ରାଧାନ୍ୟ ଦୃଷ୍ଟିରୁ ପ୍ରସ୍ତାବିତ କଥାବାର୍ତ୍ତା ପାକିସ୍ତାନରେ କରାଯିବାକୁ ଯେଉଁ ଚାପ ପଡ଼ିଛି ସେଥିରେ ରାଜି ହୋଇଛନ୍ତି ଟ୍ରମ୍ପ । କାରଣ ତୁର୍କୀର ପ୍ରାଧାନ୍ୟକୁ ସାଉଦୀ ବରଦାସ୍ତ କରିନପାରିବା କାରଣରୁ ପାକିସ୍ତାନକୁ ଏହି ସୁଯୋଗ ମିଳିଛି । ଆଗକୁ କ'ଣ ହେବ ନହେବ ଯେତେ ବଡ଼ କଥା ନୁହେଁ, ଯଦି ବା କିଛି ସଫଳତା ମିଳେ ତାହାର ଶ୍ରେୟ ନେବ ପାକିସ୍ତାନ । ତୁର୍କୀ କ୍ଷେତ୍ରରେ ସାଉଦୀ ଆରବ ଯାହା ପାକିସ୍ତାନ ପାଇଁ ଅନୁରୂପ ଭାବେ ଭାରତ ତାହା । କିଛି ପର୍ଯ୍ୟବେକ୍ଷକଙ୍କ ମତରେ ପ୍ରଧାନମନ୍ତ୍ରୀ ଯଦି ଯୁଦ୍ଧ ପୂର୍ବରୁ ଇସ୍ରାଏଲ ଗସ୍ତରେ ଯାଇନଥା'ନ୍ତେ ତେବେ ଭାରତକୁ ହୁଏତ ଏହି ସୁଯୋଗ ମିଳିଥା'ନ୍ତା । ମଧ୍ୟପ୍ରାଚ୍ୟରେ ଭାରତର ପତିଆରା ଓ ପ୍ରଭାବ ବୃଦ୍ଧିରେ ଏହା ସହାୟକ ହୋଇଥା'ନ୍ତା । 'ଅପରେସନ ସିନ୍ଦୂର' ପରବର୍ତ୍ତୀ ପରିସ୍ଥିତିରେ ପାକିସ୍ତାନର କୂଟନୈତିକ ସଫଳତା ଆମ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି ।

ଏହାପୂର୍ବରୁ ଜେନିଭାରେ ଇରାନ ସହ ଚାଲିଥିବା କଥାବାର୍ତ୍ତା ଏକ ସକାରାତ୍ମକ ସ୍ଥିତିରେ ଥିବା ବେଳେ ତାହାକୁ ଏକ ଉପସଂହାରରେ ପହଞ୍ଚାଇବା ପୂର୍ବରୁ ଯୁଦ୍ଧ ଘୋଷଣା କରାଯାଇଥିଲା । ମାର୍ଚ୍ଚ ୪ ରେ ଚୂଡ଼ାନ୍ତ ପର୍ଯ୍ୟାୟ ଆଲୋଚନା ସକାଶେ ଥିବା ସୁଯୋଗକୁ ଉଦ୍ଦେଶ୍ୟମୂଳକ ଭାବେ ଏଡ଼ାଇ ଦିଆଯାଇଥିବାରୁ ଏବର ପ୍ରସ୍ତାବିତ କଥାବାର୍ତ୍ତା ଏକ ଅନିଶ୍ଚିତ ବାତାବରଣ ଦେଇ ଗତି କରୁଛି । ଆମେରିକା ଉପରୁ ଇରାନର ଭରସା ଏକପ୍ରକାର ତୁଟିଯାଇଛି । ଆମେରିକା ଇସ୍ରାଏଲର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଇଥିବା ସଂପର୍କରେ ଜଣେ ବ୍ରିଟିଶ କୂଟନୀତିଜ୍ଞ ଦେଇଥିବା ପ୍ରତିକ୍ରିୟା ଏକ୍ଷେତ୍ରରେ ପ୍ରତିବନ୍ଧକ ସାଜିଛି । ଏକ ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ ଯେ ମଧ୍ୟପ୍ରାଚ୍ୟ ଯୁଦ୍ଧର ବିରୋଧୀ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଆମେରିକା ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେଇଛି । ଏସବୁ ସତ୍ତ୍ୱେ ଇରାନର ଭୂମିକା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଅନ୍ୟପକ୍ଷରେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବିଭୀଷିକା ଜାରି ରହିଛି । ପରିବର୍ତ୍ତିତ ପରସ୍ଥିତିରେ ଇସ୍ରାଏଲର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ହୋଇଛି ଇରାନ କ୍ଷେପଣାସ୍ତ୍ରର ଟାର୍ଗେଟ ।

ପରିବର୍ତ୍ତିତ ସ୍ଥିତିରେ ସାଉଦୀ ଆରବ ପକ୍ଷରୁ ସାମରିକ କାର୍ଯ୍ୟାନୁଷ୍ଠାନ ପ୍ରସ୍ତୁତି ଆରମ୍ଭ ହୋଇଛି । ଯେତେଦୂର ସମ୍ଭବ ସ୍ଥଳଭାଗ ଆକ୍ରମଣର କ୍ଷେତ୍ରସ୍ଥଳ ପାଲଟିବ । ଏହି ବିରତିର ସୁଯୋଗ ନେଇ ଆମେରିକା ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଚଳାଇବା କିଛି ବିଚିତ୍ର ନୁହେଁ । ବିଶେଷକରି ସୁଦକ୍ଷ ଓ କୁଶଳୀ ରଣନୀତି ଇରାନର ବିପର୍ଯ୍ୟୟ ଘଟାଇପାରେ । ଟ୍ରମ୍ପଙ୍କ ଏହି ଦୋହରା ନୀତି ସଂପର୍କରେ ତେହେରାନ ଯେ ଅବଗତ ନଥିବା ଏକଥା ନୁହେଁ । ନିଜର ଶକ୍ତି, ସାମର୍ଥ୍ୟ ଓ କ୍ଷମତାର ଅହଂକାର ବେଳେ ବେଳେ ବ୍ୟକ୍ତିକୁ ଅନ୍ଧକାର ମଧ୍ୟକୁ ଠେଲି ଦିଏ । ଭିଏତନାମ ଓ ଆଫଗାନିସ୍ତାନରେ ଆମେରିକା ଯେ ଶିକ୍ଷା ପାଇନି ଏକଥା ନୁହେଁ । ମଧ୍ୟପ୍ରାଚ୍ୟରେ ଆମେରିକା ନିଜ ପାଇଁ ନୁହେଁ ଇସ୍ରାଏଲର ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇ ପଡ଼ିଛି । ଏଭଳି ଏକ କଟୁ ମନ୍ତବ୍ୟ ଦେଇ ଆମେରିକାର ଆତଙ୍କବାଦ ପ୍ରତିରୋଧ କେନ୍ଦ୍ରର ନିର୍ଦ୍ଦେଶକ ଜେ କେଣ୍ଟ ଇସ୍ତଫା ଦେଇଛନ୍ତି । ଆମକୁ ଏଠାରେ କହିବାକୁ ପଡୁଛି ଯେ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧ କରି ଯଦି ଟ୍ରମ୍ପ ଏହି ବିରତି ଘୋଷଣା କରିଛନ୍ତି ତେବେ ନେତାନ୍ୟାହୁଙ୍କୁ କାହିଁକି ପ୍ରବର୍ତ୍ତାଇ ପାରିଲେ ନାହିଁ? ଉପଯୁକ୍ତ କାର୍ଯ୍ୟପନ୍ଥା ହିଁ ଏହା ଭିତରେ ଥିବା ରହସ୍ୟ ଉନ୍ମୋଚନ କରିପାରିବ । କ୍ଷେପଣାସ୍ତ୍ର ମାଡ଼ରେ ଧ୍ୱସ୍ତବିଧ୍ୱସ୍ତ ଇସ୍ରାଏଲ ଆଣବିକ ଅସ୍ତ୍ର ପ୍ରୟୋଗ କରିବା କିଛି ଅସମ୍ଭବ ନୁହେଁ । ଗାଜାପଟିର ଅମାନବୀୟ ନୃଶଂସ ଗଣହତ୍ୟା ଭିଆଇଥିବା ନେତୃତ୍ୱ ଠାରୁ ଏଭଳି ଏକ ଅବିମୃଶ୍ୟକାରୀ ପଦକ୍ଷେପ ନେଇ ବିଭିନ୍ନ ମହଲରେ ଆଶଙ୍କା ସୃଷ୍ଟି ହୋଇଛି ।

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ବେଳେ ହାୱାଇରେ ଥିବା ଆମେରିକାର ନୌବାହିନୀ କେନ୍ଦ୍ର ପର୍ଲହାର୍ବରରେ ଜାପାନ ଯେଉଁ ବିପର୍ଯ୍ୟୟ ଘଟାଇଥିଲା ତାହାର ଶେଷ ପରିଣତି ହୋଇଥିଲା ଆଣବିକ ବୋମା ପ୍ରୟୋଗ । ହିରୋସିମା ଓ ନାଗାସାକିରେ ଆମେରିକାର ଏହି ବିଧ୍ୱଂସୀ ଆକ୍ରମଣରେ ପରିସମାପ୍ତି ଘଟିଥିଲା ବିଶ୍ୱଯୁଦ୍ଧ । ତାହାର ପୁନାରାବୃତ୍ତି ନ ଘଟୁ ମଧ୍ୟପ୍ରାଚ୍ୟରେ । ଯେତେଦୂର ମନେ ହୁଏ, ସେହିଭଳି କୌଣସି କାରଣରୁ ଇସ୍ରାଏଲକୁ ହାତଛଡ଼ା କରିଛି ଆମେରିକା ।

# ସମ୍ପାଦକୀୟ



'ଅ' ଠାରୁ 'କ୍ଷ' ଅକ୍ଷର ମାଆ ମୁଁହ ପରି ଦିଶେ,
ମାତୃଭାଷାର ପ୍ରତିଟି ଶବ୍ଦ ସ୍ୱର୍ଗରୁ ଭାସି ଆସେ ।
-ରାମକୃଷ୍ଣ ନନ୍ଦ

# ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ବିଷମୟ ବିଶ୍ୱ

**ଡକ୍ଟର ପ୍ରମୋଦ କୁମାର ପଣ୍ଡା**

ପୃଥିବୀର ବିଭିନ୍ନ ଭାଗରେ ବର୍ତ୍ତମାନ ୫୦ ରୁ ଅଧିକ ପ୍ରତ୍ୟକ୍ଷ ଯୁଦ୍ଧ ଓ ଗୃହଯୁଦ୍ଧ ଚାଲିଛି । ଇରାନ-ଆମେରିକା, ରୁଷିଆ-ୟୁକ୍ରେନ, ଇସ୍ରାଏଲ-ପାଲେଷ୍ଟାଇନ, କାମ୍ବୋଡ଼ିଆ-ଥାଇଲ୍ୟାଣ୍ଡ, ଆଫଗାନିସ୍ତାନ-ପାକିସ୍ତାନ ଯୁଦ୍ଧ ସେଥିମଧ୍ୟରୁ ପ୍ରମୁଖ । ଇରାନ ଯୁଦ୍ଧରେ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟ ଅସ୍ଥିର । ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକା ଦ୍ୱାରା ଅପହୃତ ଓ ବନ୍ଦୀ । ଗ୍ରୀନଲ୍ୟାଣ୍ଡ ଉପରେ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ନଜର । ମ୍ୟାଁମାର ଓ ସୁଦାନରେ ଗୃହ ଯୁଦ୍ଧ । ସହେଲ, କଂଗୋ, ହାଇତି, ଇରାକ, ସିରିଆ, ୟେମେନ, ସୋମାଲିଆ, ଲେବାନନ, ଇଥିଓପିଆ ଇତ୍ୟାଦି ଦେଶରେ ହିଂସା, ଅସ୍ଥିରତା, ବିଦ୍ରୋହ, ଅଶାନ୍ତି, ଗଣ୍ଡଗୋଳ, ବିବାଦ ସଂଘର୍ଷ, ମାନବିକ ସଙ୍କଟ ଲାଗିରହିଛି । ଧନଜୀବନ ନଷ୍ଟ ହେଉଛି । ଲୋକେ ଆକାରଣରେ ପୋକମାଛି ପରି ମରୁଛନ୍ତି । ଇରାନ ପରେ ଟ୍ରମ୍ପଙ୍କ ଆଖି କ୍ୟୁବା ଉପରେ ।

ଅନେକ ଦିନର ପ୍ରସ୍ତୁତି ପରେ ଆମେରିକା-ଇସ୍ରାଏଲ ଇରାନ ଉପରେ ୨୮ ଫେବୃଆରୀ ୨୦୨୬ରେ ଆକ୍ରମଣ କଲେ । ପ୍ରଥମ ଦିନ ଇରାନର ସୁପ୍ରିମ ଲିଡର ପରିବାର ସମେତ ମୃତ୍ୟୁବରଣ କଲେ । ସୌଭାଗ୍ୟକ୍ରମେ ତାଙ୍କର ଦ୍ୱିତୀୟ ପୁତ୍ର ମୋଜତବା ଖେମିନି, ଯିଏ ବର୍ତ୍ତମାନ ଇରାନର ସର୍ବୋଚ୍ଚ ନେତା, ଅଳ୍ପକେ ମୃତ୍ୟୁ ମୁଖରୁ ବଞ୍ଚିଗଲେ । କେବଳ ଆୟୋତୋଲ୍ଲା ଖେମିନି ନୁହନ୍ତି ଇରାନ ସତ୍ତାରେ ଅପୂର୍ବ ଯୋଗଦାନ ଥିବା ବିଶିଷ୍ଟ ତଥା ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ଯୁଦ୍ଧରେ ନିଧନ ଘଟିଛି । ତନ୍ମଧ୍ୟରୁ ଚିଫ୍ ଅଫ୍ ଷ୍ଟାଫ୍, କେଏସି ଇଣ୍ଟେଲିଜେନ୍ସ ପ୍ରମୁଖ, ଲଜିଷ୍ଟିକ ସପୋର୍ଟ ଡେପ୍ୟୁଟି ଚିଫ୍, ପାରାମିଲିଟାରୀ ଫୋର୍ସ ହେଡ୍, ନ୍ୟାସନାଲ ଡିଫେନ୍ସ କାଉନସିଲ, ରକ୍ଷା ମନ୍ତ୍ରୀ, ପୂର୍ବତନ ଓ ବର୍ତ୍ତମାନର ଏସପିଏନଡି ଚେୟାରମେନ, କମାଣ୍ଡର ଇନ୍ ଚିଫ୍, ଆଇଜିଆରସି, କମାଣ୍ଡର ପୁଲିସ ଇଣ୍ଟେଲିଜେନ୍ସ ଓ ହେଡ, ଅପରେସନ ଓ ପ୍ଲାନିଙ୍ଗ, ମିଲିଟାରୀ ବ୍ୟୁରୋ ହେଡ୍ ପ୍ରମୁଖ । ଇରାନ ସରକାରଙ୍କ ତରଫରୁ ସ୍ପଷ୍ଟ ହୋଇନଥିଲେ ହେଁ ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ମୁଖ୍ୟ ଅଲି ଲାରିଜାନି ଓ ବେସିଜ ଫୋର୍ସ କମାଣ୍ଡର ଗୁଲାମ ରେଜା ସୁଲେମାନୀ ମଧ୍ୟ ନିହତ ହୋଇଛନ୍ତି ।

ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଇରାନ ଜନତାଙ୍କୁ ଯୁଦ୍ଧ ପୂର୍ବ ଭଳି ରାସ୍ତାରେ ଓହ୍ଲାଇ ସରକାର ବିରୋଧୀ ପ୍ରଦର୍ଶନ କରିବାକୁ ଆହ୍ୱାନ କରିଥିଲେ । କିନ୍ତୁ ଫେବୃଆରୀ ୨୦, ୨୦୨୬ ରୁ ବେସିଜ ଫୋର୍ସ ଇରାନ ଜନତାଙ୍କ ଉପରେ କଡ଼ା ନଜର ରଖିଥିଲା । ତେଣୁ ତାଙ୍କୁ ସଫଳତା ମିଳିନଥିଲା । ତେହେରାନର ଏକ ଶୋଭାଯାତ୍ରାରେ ଅଲି ଲାରିଜାନି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କୁ ଜୀବନରୁ ମାରିଦେବାର ଖୋଲା ଧମକ ଦେଇଥିଲେ । ବୋଧହୁଏ ତା'ର ପରିଣାମ ତାଙ୍କୁ ଭୋଗିବାକୁ ପଡ଼ିଲା । ଲାରିଜାନି ଓ ସୁଲେମାନୀଙ୍କ ହତ୍ୟା ପରେ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତବା ଖେମିନି, ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ବିଦେଶ ମନ୍ତ୍ରୀ, ସଂସଦର ବାଚସ୍ପତି, ମୁଖ୍ୟ ବିଚାରପତି, ବିଧାନସଭା ବିଶେଷଜ୍ଞ ପ୍ରମୁଖ, ରହଲ୍ଲା ଖେମିନିଙ୍କ ନାତି ଇସ୍ରାଏଲର ଟାର୍ଗେଟରେ ଅଛନ୍ତି । କିନ୍ତୁ ଏତେ ଶୀର୍ଷ ନେତାଙ୍କ ମୃତ୍ୟୁ ସତ୍ତ୍ୱେ ଇରାନର ଆଭିମୁଖ୍ୟରେ କିଛି ପରିବର୍ତ୍ତନ ନାହିଁ । ବରଂ ପୂର୍ବାପେକ୍ଷା ଆହୁରି ଅଧିକ ଭୟଙ୍କର ଯୁଦ୍ଧ ଲଢୁଛି ।

ଆମେରିକା ଅନୁଗତ ମଧ୍ୟପ୍ରାଚ୍ୟ ମୁସଲିମ ଦେଶ ଉପରେ ଇରାନ୍ ଆକ୍ରମଣ ଜାରି ରଖିଛି । ଯୁଦ୍ଧରେ ଇରାନ ଏପର୍ଯ୍ୟନ୍ତ ୮୬୭ ମିସାଇଲ ଓ ୨୬୫୮ ଡ୍ରୋନ ବ୍ୟବହାର କରିଛି । ସୁନ୍ନି ବହୁଳ ସାଉଦି ଆରବ ସିଆ ବହୁଳ ଇରାନର ପାରମ୍ପରିକ ଶତ୍ରୁ ରାଷ୍ଟ୍ର । ଅଲ ସଉଦ ରାଜବଂଶର ଶାସନ ଚାଲିଥିବା ୯୪ ବର୍ଷ ପୂର୍ବେ ଗଠିତ ସାଉଦି ଆରବ ପ୍ରଗତିଶୀଳ ଇସ୍‌ଲାମ୍ ଓ ଇରାନ କଠୋରପନ୍ଥୀ ଇସ୍‌ଲାମିକ ଶାସନ ଉପରେ ବିଶ୍ୱାସ ରଖନ୍ତି । ଉଭୟ ରାଷ୍ଟ୍ର ମଧ୍ୟପ୍ରାଚ୍ୟରେ ସୁପର ଷ୍ଟାର ହେବା ପାଇଁ ସତତ ପ୍ରୟସରତ । ଇସ୍ରାଏଲ ଓ ସାଉଦି ଆରବର ଚାପ ଓ ପ୍ରରୋଚନାରେ ଆମେରିକା ଇରାନ ଉପରେ ଆକ୍ରମଣ କରୁଥିବା କୁହାଯାଏ । ଏସବୁ ସତ୍ତ୍ୱେ ଇରାନ ନିଜର ଶତ୍ରୁ ରାଷ୍ଟ୍ର ସାଉଦି ଆରବ ଉପରେ କମ୍ ଓ ୟୁଏଇ ଉପରେ ଅଧିକ ମିସାଇଲ ଓ ଡ୍ରୋନ ବର୍ଷଣ କରୁଛି । ବର୍ତ୍ତମାନ ପର୍ଯ୍ୟନ୍ତ ଇରାନ ସାଉଦି ଆରବ ଉପରେ ଚାରି ଗୋଟି ମିସାଇଲ ଓ ୨୫୦ ଡ୍ରୋନ ଆକ୍ରମଣ କରିଥିବା ବେଳେ ୟୁଏଇ ଉପରେ ୩୧୯ ମିସାଇଲ ଓ ୧୬୨୭ ଡ୍ରୋନ ଯୋଗେ ଆକ୍ରମଣ କରିଛି । ଓମାନ, କୁଏତ, କତର, ଜର୍ଡ଼ାନ ଓ ବାହାରିନ ଉପରେ ଯଥାକ୍ରମେ ୪ ଓ ୨୦, ୨୩୪ ଓ ୪୨୨, ୧୩୬ ଓ ୫୯, ୨୦ ଓ ୬୫ ଏବଂ ୨୨୯ ଓ ୨୧୫ ଲେଖାଏଁ ମିସାଇଲ ଓ ଡ୍ରୋନ ନିକ୍ଷେପ କରିଛି । ୟୁଏଇ ଉପରେ ଅଧିକ ଆକ୍ରମଣ ହୋଇଛି । କାରଣ ଏହା ବିଶ୍ୱର ୧୮ ତମ ଧନୀ ରାଷ୍ଟ୍ର । ବିଗତ ଦଶବର୍ଷରେ ୟୁଏଇରେ କୋଟିପତି ସଂଖ୍ୟା ୧୦୨ ଗୁଣ ବୃଦ୍ଧି ପାଇଛି । ଭୌଗୋଳିକ ଦୃଷ୍ଟିକୋଣରୁ ୟୁଏଇ ଅନ୍ୟ ଦେଶମାନଙ୍କ ଅପେକ୍ଷା ଇରାନ୍‌ର ନିକଟରେ ଅବସ୍ଥିତ । ବିଶ୍ୱର ଅନ୍ୟାନ୍ୟ ସ୍ଥାନରୁ ଧନୀ ଲୋକ ୟୁଏଇରେ ବସବାସ କରନ୍ତି । କାରଣ ଏହା ଏକ ନିରାପଦ ଓ କରମୁକ୍ତ କ୍ଷେତ୍ର ରୂପେ ପରିଚିତ । ତେଣୁ ୟୁଏଇ ଉପରେ ଆକ୍ରମଣ କଲେ ଏହା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିବ ।

ଇସ୍ରାଏଲ ଇରାନର ପ୍ରାକୃତିକ ଗ୍ୟାସ ଭଣ୍ଡାର ଉପରେ ବୋମା ମାଡ଼ କରିଥିବାରୁ ସେ ଏବେ ରକ୍ତମୁଖା । ସିଜିଲ ୨ ଓ କ୍ଲଷ୍ଟର ବମ ବ୍ୟବହାର କରୁଛି ଇରାନ । ସିଜିଲ ୨ ର ମାରକ କ୍ଷମତା ୨୫୦୦ କିଲୋମିଟର । ଶବ୍ଦର ବେଗଠାରୁ ଏହି ମରଣାସ୍ତ୍ରର ବେଗ ୧୩/୧୪ ଗୁଣ ଅଧିକ । ଗ୍ରୀସ, ତୁର୍କୀ, ୟୁକ୍ରେନ, ରୋମାନିଆ, ଅଜରବୈଜାନ, ବୁଲଗେରିଆ, ସାଉଦି ଆରବ, ଇସ୍ରାଏଲ, ଆଫଗାନିସ୍ତାନ, ପାକିସ୍ତାନ, କୁଏତ, ସିରିଆ, ଇଜିପ୍ଟ, ନାମିବିଆ, କାଜାକସ୍ତାନ, ତୁର୍କମେନିସ୍ତାନ, ୟୁଏଇ, ବାହାରିନ, କତର ଓ ଓମାନ ଆଦି ଦେଶ ଏହାରି ରେଞ୍ଜ ଭିତରେ । ଏହା ଇସ୍ରାଏଲକୁ ୭ ରୁ ୧୦ ମିନିଟ, କୁଏତକୁ ୬ ରୁ ୧୦ ମିନିଟ, ସାଉଦି ଆରବକୁ ୮ ରୁ ୧୨ ମିନିଟ, ୟୁଏଇକୁ ୬ ରୁ ୧୦ ମିନିଟ ଓ ଓମାନକୁ ୭ ରୁ ୧୦ ମିନିଟ ଭିତରେ ଅତି ଆରାମରେ ଟାର୍ଗେଟ କରିପାରିବ । କ୍ଲଷ୍ଟର ମିସାଇଲ ଦ୍ୱାରା ହମଲା କରି ଇରାନ ଇସ୍ରାଏଲ ରେଲୱେ ଷ୍ଟେସନକୁ ଅଭୂତପୂର୍ବ କ୍ଷତି ପହଞ୍ଚାଇଛି । ଆଖପାଖରେ ମୋସାଦ ଏଜେଣ୍ଟମାନଙ୍କର ଉପସ୍ଥିତି ଯୋଗୁଁ ଅନେକ ଶୀର୍ଷ ନେତା ଓ ଆଇଆରଜିସି କମାଣ୍ଡର ଭୂମିଗତ ହୋଇଥିଲେ ହେଁ ଅଲି ଲାରି ଜାନିଙ୍କ ଶବ ଯାତ୍ରାରେ ୧୦ ଲକ୍ଷ ଲୋକ ସାମିଲ ହୋଇଛନ୍ତି । ଇରାନର ସର୍ବମୋଟ ଲୋକସଂଖ୍ୟା ପ୍ରାୟ ୯ କୋଟି । ତେହେରାନରେ ପ୍ରାୟ ଏକ କୋଟି ଲୋକ ରୁହନ୍ତି । ସେଥିରୁ ୧୦ ଲକ୍ଷ ଲୋକ ଶୋଭାଯାତ୍ରାରେ ବାହାରିବା କିଛି କମ୍ କଥା ନୁହଁ । ସେପଟେ ସିଆ ମୁସଲିମ ସଂଗଠନ ହିଜବୁଲ୍ଲା ଇସ୍ରାଏଲ ବିରୁଦ୍ଧରେ ଇରାନ ପଟୁ ଛାୟା ଯୁଦ୍ଧ ଜାରି ରଖିଛି । ଏହି ସଂଗଠନ ଇରାନକୁ ୧୯୮୨ ମସିହାରୁ ସମର୍ଥନ ଦେଇଆସୁଛି । ଗତ ୨ ତାରିଖରେ ହିଜବୁଲ୍ଲା ଇସ୍ରାଏଲ ଉପରେ ଛଦ୍ମ ଆକ୍ରମଣ କରିଥିଲା । ଇରାନ ଏହି ସଂଗଠନକୁ ବାର୍ଷିକ ୯୨୦୦୦ କୋଟି ଟଙ୍କା ସହାୟତା କରିଥାଏ ଏବଂ ଆଇଆରଜିସି ଏମାନଙ୍କୁ ତାଲିମ ମଧ୍ୟ ପ୍ରଦାନ କରିଥାଏ ।

ବର୍ତ୍ତମାନ ସୁଦ୍ଧା ଇରାନର ୫୬ ଜଣ ଶୀର୍ଷ ନେତାଙ୍କୁ ହତ୍ୟା କରାଯାଇଛି । ଆଗକୁ ଆହୁରି ଅନେକ ନେତା ଟାର୍ଗେଟରେ ଅଛନ୍ତି । ମଧ୍ୟପ୍ରାଚ୍ୟ ମୁସ୍‌ଲିମ୍ ଦେଶ ପ୍ରତ୍ୟକ୍ଷ ଯୁଦ୍ଧର ଅଂଶୀଦାର ନହେଲେବି ଆମେରିକାକୁ ଇରାନର ସମୂଳ ବିନାଶ ପାଇଁ ଅପ୍ରତ୍ୟକ୍ଷ ସମର୍ଥନ ଜଣାଉଛନ୍ତି । ଆମେରିକା ଅଲି ଲାରିଜାନିଙ୍କ ହତ୍ୟା କରାଇ ଯୁଦ୍ଧ ଉତ୍ତେଜନା ହ୍ରାସ କରିବାକୁ ଚାହୁଁଥିଲା । ମୃତ୍ୟୁ ଭୟରେ ଇରାନ ଯୁଦ୍ଧ ବିରାମ ପାଇଁ ବାଧ୍ୟ ହେବ ବୋଲି ଆକଳନ କରୁଥିଲା । କିନ୍ତୁ ଇରାନ ଆଗରେ ଆମେରିକାର ଆଶା ଓ ଅନୁମାନ ବିଫଳ ହୋଇଛି । କୌଣସି ନେତା କିମ୍ବା ବ୍ୟକ୍ତିର ମୃତ୍ୟୁ ଇରାନର ଲକ୍ଷ୍ୟରେ ପ୍ରଭାବ ପକାଏନି । ଗୁରୁତ୍ୱ ରଖେନି । ଯଦିଓ ଇରାନର ସର୍ବୋଚ୍ଚ ନେତା ସଶସ୍ତ୍ର ସାମରିକ ବଳର କମାଣ୍ଡର ଇନ୍ ଚିଫ୍ ଏବଂ ସ୍ଥଳ, ଜଳ, ନୌସେନା ଏବଂ ଆଇଆରଜିସି ତାଙ୍କୁ ରିପୋର୍ଟ କରନ୍ତି, କିନ୍ତୁ ଆଇଆରଜିସି ଓ ସରକାରଙ୍କ ଗୁଇନ୍ଦା ବିଭାଗ ସ୍ୱତନ୍ତ୍ର ଭାବେ କାମ କରେ । କେହି କାହାରି କାମରେ ହସ୍ତକ୍ଷେପ କରନ୍ତିନାହିଁ । ବେସିଜ ଫୋର୍ସ ଆଇଆରଜିସି ଅଧୀନରେ କାମ କରେ । ଏହା ଜନବିଦ୍ରୋହ ଓ ଆନ୍ତରିକ ସୁରକ୍ଷା ବିଷୟରେ ବୁଝେ । ଆଇଆରଜିସି ଅଧୀନରେ ୧୬ ଗୁଇନ୍ଦା ସଂସ୍ଥା ରହିଛି । ସେମାନଙ୍କ ପାଇଁ ଅଲଗା ଅଲଗା କଣ୍ଟ୍ରୋଲ ରୁମ ଥାଏ । ଇରାନ ସେନା ମକର ସିଷ୍ଟମରେ କାମ କରେ । ଅଲଗା ଅଲଗା ଓ ସ୍ୱତନ୍ତ୍ର ସୈନ୍ୟ ଅପରେସନ, ତେହେରାନର ସୁରକ୍ଷା ଏବଂ ଆପାତକାଳୀନ ନିଷ୍ପତ୍ତି ନିଆଯାଇଥାଏ । ଏପରି ସ୍ଥିତିରେ ଯୁଦ୍ଧ କେତେ ଦିନ ଚାଲିବ ଓ କେତେ ଭୟାବହ ହେବ ତାହା କହିବା କଷ୍ଟକର ।

ସମ୍ବଲପୁର, ମୋ: ୭୯୭୮୨୮୩୧୯୦

# ଓଡ଼ିଶାରେ ଅଣାୟତ୍ତ ଜଙ୍ଗଲ ନିଆଁ

**ସରୋଜ କୁମାର ବିଶ୍ୱାଳ**

ଜଙ୍ଗଲ କେବଳ ମାନବ ସଭ୍ୟତାର ସୁରକ୍ଷା କବଚ ନୁହେଁ, ଏହା ବନ୍ୟଜନ୍ତୁ ଓ ଜୈବ ବିବିଧତାକୁ ସୁରକ୍ଷା ଦେଇ ସନ୍ତୁଳିତ ପରିବେଶ ବଜାୟ ରଖିବାରେ ସହାୟକ ହୋଇଥାଏ । ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ୨୦୨୫ ରିପୋର୍ଟ ଆଧାରରେ ରାଜ୍ୟରେ ମୋଟ୍ ୫୮, ୫୯୭ ବର୍ଗ କିଲୋମିଟର ଜଙ୍ଗଲ ଅଛି, ଯାହାକି ଓଡ଼ିଶାର ମୋଟ ଭୌଗୋଳିକ ଅବସ୍ଥିତିର ୩୭.୬୩ ପ୍ରତିଶତ । ମାତ୍ର ଏହି ଜଙ୍ଗଲ ଏବେ ବିପଦରେ । ଖରା ଦିନ ଆରମ୍ଭ ନ ହେଉଣୁ ହଜାର ହଜାର କିଲୋମିଟର ଜଙ୍ଗଲରେ ନିଆଁ ଲାଗି ସବୁ ପୋଡ଼ି ନଷ୍ଟ ହୋଇଯାଇଛି । ଜଙ୍ଗଲ ଯଦି କଥା କହିପାରୁ ଥା'ନ୍ତା ହୁଏତ ଜଙ୍ଗଲର କୋହକୁ ମଣିଷ ବୁଝିପାରନ୍ତା ।

ମଣିଷ ନିଜର ଦୈନନ୍ଦିନ ଜୀବନରେ ଭୋଗୁଥିବା ଅସୁବିଧାର କାରଣ ସେ ନିଜେ । ସାରା ବିଶ୍ୱ ଆଜି ଅନେକ ସମସ୍ୟା ଦେଇ ଗତି କରୁଥିଲା ବେଳେ ବିଶ୍ୱ ତାପମାତ୍ରା ବୃଦ୍ଧି ହେଉଛି ଅନ୍ୟତମ । ଦିନକୁ ଦିନ ଏହା ଉତ୍କଟ ରୂପ ଧାରଣ କରୁଛି । ଏ ସବୁର ମୂଳ କାରଣ ହେଉଛି ଅସନ୍ତୁଳିତ ପରିବେଶ, ଯାହାର ସୃଷ୍ଟିକର୍ତ୍ତା ମଣିଷ । ଆଧୁନିକତାକୁ ଉପଭୋଗ କରିବା ପାଇଁ ମଣିଷ ପରିବେଶକୁ ନଷ୍ଟ କରିବାରେ ଲାଗିଛି । ଏହାର ସିଧାସଳଖ ପ୍ରଭାବ ଏବେ ଦେଖିବାକୁ ମିଳୁଛି । ମାର୍ଚ୍ଚ ମାସ ଆରମ୍ଭରୁ ରାଜ୍ୟର ବିଭିନ୍ନ ସହରର ତାପମାତ୍ରା ୪୦ ଡିଗ୍ରୀ ପାର କରିଥିବା ବେଳେ ଆଗକୁ ଏହା ଆହୁରି ଉତ୍କଟ ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି । କୋରାପୁଟ, ରାୟଗଡ଼ା, ସମ୍ବଲପୁର, ମୟୂରଭଞ୍ଜ, ନବରଙ୍ଗପୁର, କେନ୍ଦୁଝର, ବାଲେଶ୍ୱର, କନ୍ଧମାଳ, ନୟାଗଡ଼ ପରି ଜଙ୍ଗଲବହୁଳ ଜିଲ୍ଲାରେ ବନାଗ୍ନି ବ୍ୟାପକ ହୋଇଛି । ଏହାଦ୍ୱାରା ଜୈବ ବିବିଧତା ନଷ୍ଟ ହେଉଛି ।

'ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ'ର ତଥ୍ୟ ଅନୁଯାୟୀ ଓଡ଼ିଶାରେ ଗତ ଜାନୁଆରୀରୁ ମାର୍ଚ୍ଚ ବର୍ତ୍ତମାନ ସୁଦ୍ଧା ୬,୭୦୦ ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି । ଏହି ତଥ୍ୟ ଆଧାରରେ ଆମ ରାଜ୍ୟ ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତରେ ଜଙ୍ଗଲ ନିଆଁରେ ପ୍ରଥମ ସ୍ଥାନ ଅଧିକାର କରିଛି, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । କିଏ ଓ କାହିଁକି ଜଙ୍ଗଲରେ ନିଆଁ ଲଗାଉଛି କିଛି ଜଣାପଡୁନାହିଁ । କିନ୍ତୁ ନିଆଁ ଲାଗିବାର କାରଣ ମନୁଷ୍ୟକୃତ ବୋଲି ଅନୁମାନ କରାଯାଉଛି । ବର୍ତ୍ତମାନ ମହୁଲ ସଂଗ୍ରହ ଋତୁ ଚାଲୁଥିବାରୁ ମହୁଲ ସଂଗ୍ରହ କରିବାକୁ ଯାଉଥିବା ଲୋକମାନେ ଗଛର ପତ୍ର ଅସୁବିଧା କରୁଥିବା କାରଣରୁ ନିଆଁ ଲଗାଉଥିବା ଅନୁମାନ କରାଯାଉଛି । ରାତିରେ ଜଙ୍ଗଲ ଜଳୁଥିବାର ଦୃଶ୍ୟ ସହିତ ଜଙ୍ଗଲରେ ବସବାସ କରୁଥିବା ପଶୁପକ୍ଷୀମାନଙ୍କର ବିକଳ ରଡ଼ି ଅତ୍ୟନ୍ତ ହୃଦୟ ବିଦାରକ ।

ଚଳିତ ମାର୍ଚ୍ଚ ୧୦ ରେ ବିଧାନସଭାରେ ଜଙ୍ଗଲ ପୋଡ଼ିକୁ ନେଇ ପଚରା ଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀଙ୍କ ଉତ୍ତର ରାଜ୍ୟ ପାଇଁ ଉଦ୍‌ବେଗଜନକ । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଗତ ତିନିବର୍ଷ ମଧ୍ୟରେ ଓଡ଼ିଶାରେ ୨୨, ୨୯୩ ହେକ୍ଟର ଜଙ୍ଗଲ ପୋଡ଼ି ନଷ୍ଟ ହୋଇଛି । ସେଥିମଧ୍ୟରୁ ୨୦୨୨ ରେ ୮, ୪୬୨ ହେକ୍ଟର, ୨୦୨୩ ରେ ୯, ୭୬୪ ହେକ୍ଟର, ୨୦୨୪ରେ ୪, ୦୬୭ ହେକ୍ଟର ଏବଂ ୨୦୨୫ରେ ୪, ୬୦୯ ହେକ୍ଟର ଜଙ୍ଗଲ ନିଆଁରେ ପୋଡ଼ି ନଷ୍ଟ ହୋଇଛି । ଏହି ପୃଷ୍ଠଭୂମିରେ ସରକାରଙ୍କ ଜଙ୍ଗଲ ସୁରକ୍ଷା ଯୋଜନା ଏବଂ ଏହାର କାର୍ଯ୍ୟକାରିତା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ଜଙ୍ଗଲ ନିଆଁର ନିବାରଣ ପାଇଁ ୧୨.୮୧ କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ମାତ୍ର ଫଳ 'ଯଥା ପୂର୍ବଂ ତଥା ପରଂ' ।

ସରକାର ପ୍ରତିବର୍ଷ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ପାଇଁ ବହୁ ସଚେତନତା କାର୍ଯକ୍ରମ କରୁଛନ୍ତି । ମାତ୍ର ତା'ର ପ୍ରଭାବ ସେତେଟା ଦେଖିବାକୁ ମିଳୁନାହିଁ । ବନ୍ୟ ପ୍ରାଣୀ ସୁରକ୍ଷା ନିୟମ -୧୯୭୨ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଉଥିବା ବେଳେ ଧରାପଡ଼ନ୍ତି, ତେବେ ସାତ ବର୍ଷ ପର୍ଯ୍ୟନ୍ତ ଜେଲ ଓ ଜୋରିମାନା ଦଣ୍ଡ ଭୋଗିବାର ନିୟମ ରହିଛି । ମାତ୍ର ନିୟମର ସଠିକ୍ କାର୍ଯ୍ୟକରିତା ନ ହେବା କାରଣରୁ ଦୁର୍ବୃତ୍ତମାନେ ଡରୁ ନାହାନ୍ତି । ମାତ୍ର ମଣିଷ ବୁଝିପାରୁ ନାହିଁ ଏହାର ପ୍ରଭାବ ଆଗାମୀ ଦିନରେ ଏତେ ପ୍ରଚଣ୍ଡ ହେବ ଯେ ତାହାର ପରିକଳ୍ପନା ଅସମ୍ଭବ । ବର୍ତ୍ତମାନ ସମୟରେ ଦେଖାଦେଉଥିବା ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି ଜଙ୍ଗଲ ହ୍ରାସ ।

ବର୍ତ୍ତମାନ ସମୟ ଆସିଛି ମିଳିତ ପ୍ରୟାସରେ ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ନିଜେ ସଚେତନ ହେବା ସହ ନିଜର ଆଗାମୀ ପିଢ଼ିଙ୍କୁ ମଧ୍ୟ ଏଥିରେ ସାମିଲ କରିବା । ଜଙ୍ଗଲ ଓ ପରିବେଶର ସୁରକ୍ଷା କେବଳ ସରକାରଙ୍କର ଦାୟିତ୍ୱ ନୁହେଁ । ଏହା ଆମ ସମସ୍ତଙ୍କର । ଏହା ଆମକୁ ବୁଝିବାକୁ ପଡ଼ିବ । ଜଙ୍ଗଲ ନିଆଁ ନିବାରଣ ପାଇଁ ଜନଭାଗିଦାରିତା ଏକ ପ୍ରମୁଖ ଆହ୍ୱାନ । ସରକାର ଜଙ୍ଗଲରେ ନିଆଁ ଲଗାଇଥିବା ଦୁର୍ବୃତ୍ତମାନଙ୍କ ପାଇଁ କଠୋର ଦଣ୍ଡବିଧାନ ସହିତ ଜଙ୍ଗଲି ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିପାରିଲେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରାଯାଇପାରିବ । କେବଳ ଚାରାରୋପଣ କରି ଫଟୋ ଉଠାଇ ଏହାକୁ ସାମାଜିକ ଗଣମାଧ୍ୟମରେ ପ୍ରଚାରପ୍ରସାର କରି ନିଜକୁ ପରିବେଶବିତ୍ କହି ବୋଲିଲେ ହେବ ନାହିଁ । ଚାରାରୋପଣ ସହିତ ତା'ର ପୋଷଣର ଆବଶ୍ୟକତା ରହିଛି । ଯେଉଁ ମାଟି, ପାଣି, ପବନ ଓ ପରିବେଶରେ ଆମେ ବଡ଼ ହେଇଛେ ସେହି ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ । ବୃକ୍ଷର ବିକଳ୍ପ କେବଳ ବୃକ୍ଷ । ଜଙ୍ଗଲ ପୋଡ଼ି ହେବା ଦ୍ୱାରା ଯେଉଁଭଳି ଭାବରେ ଜୈବ ବିବିଧତା ନଷ୍ଟ ହେଉଛି ସମୟ ଆସିବ ମଣିଷ ମଧ୍ୟ ଡାଏନେସର୍ ପରି ପୃଥିବୀ ପୃଷ୍ଠରୁ ଲୋପ ପାଇଯିବ ।

କ୍ଷୀରକୋଣୀ(ବାଲେଶ୍ୱର),
ମୋ: ୬୩୭୨୩୨୧୧୦୪

# ଗଦ୍ୟଜଗତର ଗୌରବ: ଗୋଲୋକ ବିହାରୀ ଧଳ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ଗଦ୍ୟ-ସାହିତ୍ୟ-ପଠନ-ସାନ୍ନିଧ୍ୟ! ତାହା ପୁଣି ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ! କେଉଁ ଓଡ଼ିଆ ପାଠକ ଅବା ନିଜକୁ ଭାଗ୍ୟବାନ ମନେ କରିନାହିଁ ଏହି ସୁଯୋଗ ଲାଭ କରି! ଯେଉଁମାନେ ପ୍ରତିଭା-ସମ୍ପନ୍ନ ଶିଳ୍ପୀ ସେମାନେ ସର୍ବଦା କଠିନ ବିଷୟକୁ ସରଳ ଭାବରେ ଉପସ୍ଥାପନ କରିପାରିଥା'ନ୍ତି । ସେଇ ବିରଳ କଳାର ଅଧିକାରୀ ଥିଲେ ଗୋଲୋକ ବିହାରୀ । ଭାଷାତତ୍ତ୍ୱ, ଧ୍ୱନିବିଜ୍ଞାନ ପରି ଜଟିଳବିଦ୍ୟାକୁ ସେ ଯେପରି ଚିତ୍ତାକର୍ଷକ ଶୈଳୀରେ ଆଲୋଚନା କରିଛନ୍ତି, ଶତସହସ୍ର ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି ତାହାଦ୍ୱାରା । 'ମଣିଷର ଭାଷା', 'ଭାଷାଶାସ୍ତ୍ର ପରିଚୟ' ପୁସ୍ତକ ସହିତ ଧ୍ୱନିବିଜ୍ଞାନ ସମ୍ପର୍କରେ ଓଡ଼ିଆ ଓ ହିନ୍ଦୀରେ ରଚିତ ତାଙ୍କର ପୁସ୍ତକ ସର୍ବାଧିକ ଲୋକପ୍ରିୟତା ଅର୍ଜନ କରିଛି ଭାଷାଚର୍ଚ୍ଚା କ୍ଷେତ୍ରରେ । ତାଙ୍କର ଯେଉଁମାନେ ପ୍ରତ୍ୟକ୍ଷ ଶିକ୍ଷାଦାନର ସ୍ନେହ-ସ୍ପର୍ଶରେ ଆଲୋଡ଼ିତ, ସେମାନେ ଅନୁଭବ କରିପାରିଛନ୍ତି ଏକ ଗଭୀରତର ସତ୍ୟ । ତାହା ହେଉଛି ତାଙ୍କର ସାହିତ୍ୟ ଓ ବ୍ୟକ୍ତିତ୍ୱ ମଧ୍ୟରେ ନ ଥିଲା କୌଣସି ବ୍ୟବଧାନ ।

ପ୍ରତିଟି ପୁସ୍ତକରେ ସେ ନିଜ ହୃଦୟକୁ ନିଷ୍କପଟ ଭାବରେ କରିଦେଇଛନ୍ତି ଉନ୍ମୋଚିତ । ଏହି କାରଣରୁ ହିଁ ସେଥିରେ ଭରିଯାଇଛି ଆତ୍ମୀୟତାର ମାର୍ମିକ ମଧୁରତା । ପାଠକର ମନେହୁଏ ସତେ କି ନିଜ ସମ୍ମୁଖରେ ସେ ଶୁଣି ପାରୁଛି ଲେଖକଙ୍କ ଶ୍ରଦ୍ଧାସିକ୍ତ ଆକର୍ଷଣୀୟ କଣ୍ଠସ୍ୱର । ଭ୍ରମଣକାହାଣୀ ରଚନା ବେଳେ ସତକୁ ସତ ସେ ତାଙ୍କ ପ୍ରିୟ ପାଠକମାନଙ୍କୁ ନିଜ ସହିତ ନେଇ ନେଇ ଯାଆନ୍ତି ବର୍ଣ୍ଣିତ ସ୍ଥାନକୁ । ପ୍ରତିଟି ଘଟଣା, ପରିବେଶ, ଚରିତ୍ର ସହ ସେ ସମସ୍ତଙ୍କୁ କରିଦିଅନ୍ତି ଅତି ନିକଟତର ।

ଗୋଲୋକ ବିହାରୀଙ୍କ ଅନ୍ତରର ସୂକ୍ଷ୍ମ ବୀଣାତାର କମ୍ପିତ ହେଉଥିଲା ଅନୁରାଗପୂର୍ଣ୍ଣ ଭାବଧାରାରେ । ସେଥିପାଇଁ ତାଙ୍କ ରଚିତ 'ଲଣ୍ଡନ ଚିଠି', 'ଆମେରିକା ଅନୁଭୂତି', 'ଗଙ୍ଗାରୁ ଗୋଦାବରୀ', 'ତାଜମହଲର ଦେଶେ' ଆଦି ପୁସ୍ତକ ହୋଇପାରିଛି ମାନବିକ ସମ୍ପର୍କ ସ୍ଥାପନର ଏକ ଏକ ସୁଦୃଢ଼ ସେତୁ । 'ଗଙ୍ଗାରୁ ଗୋଦାବରୀ', 'ତାଜମହଲର ଦେଶେ' ପୁସ୍ତକରେ ନିଜ ଦେଶର ସୌନ୍ଦର୍ଯ୍ୟ ଓ ସଂସ୍କୃତି ପ୍ରସ୍ଫୁଟିତ । ସେହିପରି ଅନୁବାଦ ସାହିତ୍ୟ ଜଗତକୁ ମଧ୍ୟ ସେ ଐଶ୍ୱର୍ଯ୍ୟ ବିମଣ୍ଡିତ କରି ଦେଇଛନ୍ତି । ପ୍ରେମଚାନ୍ଦଙ୍କ 'ଗୋଦାନ', 'ଗବନ', 'ପ୍ରେମାଶ୍ରମ', 'ପ୍ରତିଜ୍ଞା', 'ପ୍ରେମଚାନ୍ଦ ଗଳ୍ପମାଳା', ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ 'ଆମ ସଂସ୍କୃତି', ଲୁଇ ଫିସରଙ୍କ 'ଗାନ୍ଧିଜୀଙ୍କ ସହ ଏକ ସପ୍ତାହ', ରାମ ଗୋପାଳଙ୍କ 'ବନ୍ଦୀ ନେହେରୁ', ସିନଥିଆ ବୋଲସଙ୍କ 'ଭାରତ ମୋର ଘର', ଫଣୀଶ୍ୱରନାଥ ରେଣୁଙ୍କ 'ଧୂସର ପଣତ' ଆଦି ପୁସ୍ତକର ଭାଷାନ୍ତର ଦ୍ୱାରା ସେ ତୁଳନାତ୍ମକ ଅଧ୍ୟୟନ ପାଇଁ ମଧ୍ୟ ପ୍ରଶସ୍ତ ମାର୍ଗ ନିର୍ମାଣ କରି ପାରିଛନ୍ତି । ଏହାବ୍ୟତୀତ 'ଓଡ଼ିଆ କେବେ?', 'ବିଚାର ଓ ବିବେଚନା' ଭଳି ପୁସ୍ତକ ରଚନା କରି ସେ ସ୍ୱକୀୟ ସ୍ୱାଭିମାନର ପରିଚୟ ଦିଅନ୍ତି । ଅନେକ ମୌଳିକ ପ୍ରବନ୍ଧରେ ସ୍ୱଦେଶ ଓ ସ୍ୱଜାତିକୁ ଉଦବୁଦ୍ଧ କରିବା ପରି ତୀକ୍ଷ୍ଣ ଭାଷା ପ୍ରୟୋଗ କରି ତାଙ୍କ ସ୍ପଷ୍ଟବାଦିତା ମଧ୍ୟ ପ୍ରତିପାଦନ କରି ଦେଇଛନ୍ତି । ପୁଣି ଏହାସହିତ ଶିଶୁ ଓ କିଶୋର ପ୍ରାଣକୁ ମହତ ଭାବଧାରାରେ ପରିଶୁଦ୍ଧ କରିଦେବା ସକାଶେ ଅନେକ ଜୀବନୀମୂଳକ ପ୍ରବନ୍ଧ ରଚନା କରିଛନ୍ତି । କେନେଡ଼ିଙ୍କ ଜୀବନ କାହାଣୀର ଅନୁବାଦ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିଥାଏ ।

ଗୋଲୋକ ବିହାରୀ ଥିଲେ ବାସ୍ତବରେ ପୃଥିବୀର ବିଭିନ୍ନ ଭାଷା ସାହିତ୍ୟ ଜଗତ ସମ୍ପର୍କରେ ସଦା ସଚେତନ । ସେ ଯେପରି ଖାଣ୍ଟି ଓଡ଼ିଆ, ସେପରି ସତ୍ୟନିଷ୍ଠ ଭାରତୀୟ ଓ ସଚ୍ଚା ମଣିଷ । ଗୋଲୋକଙ୍କ ଗଦ୍ୟ ଭାଷା ଅତ୍ୟନ୍ତ ସୁସ୍ପଷ୍ଟ ଓ ପରିଚ୍ଛନ୍ନ । କୌଣସି ସ୍ଥାନରେ ଭାଷାର କୃତ୍ରିମ ଆଡ଼ମ୍ବର, ବର୍ଣ୍ଣନାରେ ଚମତ୍କାରିତା ପ୍ରଦର୍ଶନର କୌଣସି ପ୍ରଲୋଭନ ଲକ୍ଷ୍ୟ କରିହୁଏନା । ସେହିପରି ପୃଥିବୀର ବିଶାଳ ଜ୍ଞାନଜଗତରେ ତାଙ୍କର ଗଭୀର ପ୍ରବେଶ ଥିବା ସତ୍ତ୍ୱେ କୌଣସି ସ୍ଥାନରେ ସ୍ୱକୀୟ ପାଣ୍ଡିତ୍ୟ ପ୍ରଦର୍ଶିତ ହୋଇନାହିଁ । ତାଙ୍କ ପୁସ୍ତକ ସବୁର ସର୍ଜନା ହୋଇ ପାରିଛି କେବଳ ଗଭୀର ହୃଦୟବତ୍ତାରୁ । ସେଥିପାଇଁ ତାହା ଯେକୌଣସି ପାଠକ ପାଇଁ ଆଦରର ବିଷୟ । ତାଙ୍କ ରଚିତ ପୁସ୍ତକ ପାଠ କରି କେହି କେବେ କ୍ଳାନ୍ତି ଅନୁଭବ କରିନାହାନ୍ତି । ସେ ନିଜେ ଅତ୍ୟନ୍ତ ଆନନ୍ଦରେ ଲେଖିଛନ୍ତି ସବୁକିଛି ଆଉ ପାଠକକୁ ମଧ୍ୟ ସେଇପରି ନିର୍ମଳ ଭାବରେ ଆପ୍ଲୁତ କରି ଦେଇଛନ୍ତି ଆନ୍ତରିକ ଭାବରେ । ମଣିଷର ଜୀବନକୁ ସବୁଦୃଷ୍ଟିରୁ ଅର୍ଥପୂର୍ଣ୍ଣ କରିଦେବାରେ ତାଙ୍କ ନିଷ୍ଠା ଉତ୍ସର୍ଗୀକୃତ । ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ସାମଗ୍ରିକ ଅବଦାନ ଆକଳନ କଲେ ହୃଦବୋଧ କରିହୁଏ ଯେ ଆଗାମୀ ଶତାବ୍ଦୀ ସକାଶେ ସେ ଯେମିତି ପ୍ରଶସ୍ତ ପଥ ନିର୍ମାଣରେ ଥିଲେ ସମ୍ପୂର୍ଣ୍ଣ ସଚେତନ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

■ କଳାବାଘ ଚମଡ଼ା ଜବତ ଘଟଣା

## ୫ ଶିକାରୀଙ୍କୁ କୋର୍ଟ ଚାଲାଣ, ୨ଫେରାର

ବାରିପଦା,୨୫ ।୩ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡରୁ ଶିକାର ହୋଇଥିବା କଳା ମହାବଳ ବାଘ ଚମଡ଼ା ଜବତ ଘଟଣାରେ ଅଟକ ଥିବା ୫ଶିକାରୀଙ୍କୁ ପଚରାଉଚରା ପରେ ବୁଧବାର ବନବିଭାଗ କୋର୍ଟ ଚାଲାଣ କରିଛି। ସମସ୍ତେ ଉଦଳା ଥାନା ଅଞ୍ଚଳର। ସେମାନେ ହେଲେ ଅମ୍ବିକାଦେଈପୁର ଗ୍ରାମର ବୁଧିରାମ ସିଂ(୩୦), ହାତୀକୁଟ ଗ୍ରାମର ପ୍ରକାଶ ବିଶ୍ୱାଳ(୨୬), କାଶୀକୁନ୍ଦାଳ ଗ୍ରାମର ପୂର୍ଣ୍ଣ ନାଏକ(୩୨), କାହ୍ନାଭକ୍ତା (୫୧) ଓ ସଞ୍ଜୟ ନାଏକ(୨୫) । ଏହି ୫ଜଣଙ୍କ ମଧ୍ୟରୁ ୪ଜଣ ବାଘ ଶିକାରରେ ଓ ଜଣେ ବାଘ ଚମଡା ବିକ୍ରିରେ ସହଯୋଗ କରିଥିଲେ। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ କହିବାନୁଯାୟୀ ଘଟଣାର ମୁଖ୍ୟ ଶିକାରୀ ସହିତ ଆଉ ୨ଜଣ ଫେରାର ଥିବା ବେଳେ ଖୁବଶୀଘ୍ର ଧରାପଡିବେ। ୩ବର୍ଷ ବୟସର ହୃଷ୍ଟପୃଷ୍ଟ କଳାବାଘଟିକୁ ପାଟଶାଣୀପୁର ଅଞ୍ଚଳରେ ଗୁଳି ମରାଯାଇଥିବା ଦେଶୀ ବନ୍ଧୁକ ମଧ୍ୟ ଜବତ କରାଯିବ। ପୂର୍ବରୁ ଧନୁତୀର ଜବତ ହୋଇଛି। ସୂଚନାଯୋଗ୍ୟ, ଏଥି ପୂର୍ବରୁ ଏହି ଘଟଣାରେ ସୋମବାର ୬ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେମାନେ ବାଘ ନିଶ ଓ ଚମଡା କିଣାବିକା ଏବଂ ବନ୍ୟଜନ୍ତୁ ଦେହାଂଶକୁ ନେଇ ତନ୍ତ୍ରସାଧନା ଭଳି ଅନ୍ଧବିଶ୍ୱାସରେ ଧନୀ ହେବା ନିଶାରେ ଜଡିତ ଥିଲେ। ଫେରାର ୨ଅଭିଯୁକ୍ତ ଗିରଫ ପରେ ବନବିଭାଗ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବ ବୋଲି ଜଣାପଡିଛି।

## ଠାକୁରମୁଣ୍ଡାକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ମହୁଲଡିହା,୨୫।୩(ସମିସ): ଠାକୁରମୁଣ୍ଡା ବ୍ଲକ୍ ତରାମରା ପଞ୍ଚାୟତ ବରାବିନ୍ଧା ରଞ୍ଜିତ ବେହେରା(୨୧) ଏବଂ ପତ୍ନୀ ମାମିନା ଅଗଷ୍ଟ ୨୦୨୫ ମସିହାରେ ଗୁଜୁରାଣ ମେଣ୍ଟାଇବା ପାଇଁ କର୍ଣ୍ଣାଟକ ରାଜ୍ୟ(କଲାର) ଜିଲ୍ଲାକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଗୋଟିଏ କୁକୁଡ଼ା ଫାର୍ମରେ ପତିପତ୍ନୀ କାମ କରୁଥିଲେ। କୌଣସି ଘଟଣାକୁ ନେଇ ପତି ପତ୍ନୀ ମଧ୍ୟରେ ଝଗଡ଼ା ହେବା ପରେ ରଞ୍ଜିତ ସେଠାରେ ଆତ୍ମହତ୍ୟା କରିଥିଲେ। ଏ ନେଇ ୨୩ ତାରିଖ ରାତିରେ ଘରକୁ ଖବର ଆସିଥିଲା। ମୃତକଙ୍କ ପିତା ଅମର ବେହେରା ଖବର ପାଇ ବୋହୂ ମାମିନା ଏବଂ କୁକୁଡା ଫାର୍ମ ମାଲିକଙ୍କୁ ଫୋନ କରି ଘଟଣା ଜାଣି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ୨୪ ତାରିଖ ଶବ ବ୍ୟବଚ୍ଛେଦ କରି ୨୫ ତାରିଖ ପ୍ରାୟ ସନ୍ଧ୍ୟା ୮ଟାରେ ତରାମରା ଗ୍ରାମରେ ପହଞ୍ଚିଥିଲା ମର ଶରୀର। ଖବର ପାଇ ଘଟଣା ସ୍ଥଳରେ ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ରଞ୍ଜିତ ବେହେରା ୨୦୨୫ ମସିହା ଜୁନ ମାସ ୧୮ ତାରିଖରେ ବିବାହ କରିଥିଲେ। ଅମର ବେହେରାଙ୍କ ୩ ପୁଅ ମଧ୍ୟରୁ ରଞ୍ଜିତ ବଡ଼ ଏବଂ ରୋଜଗାରିଆ ପୁଅ ଥିଲା। ରଞ୍ଜିତଙ୍କ ମୃତ୍ୟୁରେ ସପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି।

ଓଡ଼ିଶା ମାନବାଧିକାର କମିସନରେ ଅଧ୍ୟକ୍ଷ ଓ ସଦସ୍ୟ ପଦ ଖାଲି ପ୍ରସଂଗ

## ଉଚ୍ଚସ୍ତରୀୟ କମିଟି ବୈଠକ ହୋଇଛି ବୋଲି ଜଣାଇଲେ ସରକାର

କଟକ,୨୫ ।୩(ସମିସ): ଓଡ଼ିଶା ମାନବାଧିକାର କମିସନ(ଓଏଚଆରସି)ରେ ଖାଲି ପଡ଼ିଥିବା ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ କରାଯାଉନଥିବା ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାର ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଆଜି ଶୁଣାଣି ବେଳେ ଏ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରିଥିଲେ ଅତିରିକ୍ତ ସରକାରୀ ଓକିଲ ଶାଶ୍ୱତ ଦାସ। ଅଧ୍ୟକ୍ଷ ଓ ସଦସ୍ୟ ଚୟନ ପାଇଁ ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟି ବୈଠକ ଗତ ମାର୍ଚ୍ଚ ୨୩ତାରିଖ ଦିନ ଅନୁଷ୍ଠିତ ହୋଇଛି। ପଦ ପୂରଣ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସେ ଦର୍ଶାଇଥିଲେ। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୨୨ତାରିଖକୁ ଧାର୍ଯ୍ୟ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ମାନବାଧିକାର ସୁରକ୍ଷା ଅଧିନିୟମ, ୧୯୯୩ର ଧାରା ୨୧ ଅନୁସାରେ ଜଣେ ଅଧ୍ୟକ୍ଷ ଓ ଦୁଇ ଜଣ ସଦସ୍ୟଙ୍କୁ ନେଇ ଓଡ଼ିଶା ମାନବାଧିକାର କମିସନ ଗଠିତ ହୋଇଛି। ଗତ ଫେବ୍ରୁଆରୀ ୯ ତାରିଖରେ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କ କାର୍ଯ୍ୟକାଳ ପୂରଣ ହେତୁ ଏବେ କେବଳ ଜଣେ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ନେଇ କମିସନ କାର୍ଯ୍ୟ କରୁଛି। ତେଣୁ ତୁରନ୍ତ ଖାଲିପଡ଼ିଥିବା ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ କରିବା ସହିତ ଏବେ କାର୍ଯ୍ୟରତ ଏକମାତ୍ର ସଦସ୍ୟଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ମାମଲାରେ ପ୍ରାର୍ଥନା କରାଯାଇଛି। ସଚିବ ଓ ତଦନ୍ତ ନିର୍ଦ୍ଦେଶକ ଅବସର ନେଇସାରିଥିବାରୁ ଏହି ଦୁଇ ପଦ ଖାଲି ରହିଛି। ସେହିଭଳି କମିସନରେ ଅନୁମୋଦିତ କର୍ମଚାରୀ ପଦବିରୁ ୨୭ଟି ଖାଲି ପଡ଼ିଥିବାରୁ ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ ପ୍ରାର୍ଥନା କରାଯାଇଛି।

## ବିନା ସୂଚନାଫଳକରେ ୩୦ କୋଟିର ରାସ୍ତା କାମ

କପ୍ତିପଦା, ୨୫।୩(ସମିସ): ଝରଣଘାଟିରୁ ଖୁଣ୍ଟା ୨୯କିଲୋମିଟର ରାସ୍ତା କାମ ବିନା ସୂଚନା ଫଳକରେ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଛି। ଝରଣଘାଟି ୧୯ନମ୍ବର ରାଜ୍ୟ ରାଜପଥର ପ୍ରଶସ୍ତୀକରଣ ପାଇଁ ୩୦କୋଟି ଟଙ୍କା ଅନୁମୋଦନ ହୋଇଥିବାବେଳେ ଏହା ୨୯ କିଲୋମିଟର ଖୁଣ୍ଟା ପର୍ଯ୍ୟନ୍ତ ରାସ୍ତାକାମ ଚାଲୁଛି। ବାଲି, ମୋରମ ଅଳ୍ପ ପରିମାଣରେ ପଡୁଥିବା ବେଳେ ନୟନଯୋରୀରୁ ମାଟି ଉଠାଇ ପକାଯାଉଛି। କେତେକ ଯାଗାରେ ପୁରୁଣା ଗାର୍ଡୱାଲକୁ ସିମେଣ୍ଟ ପାଣିଦେଇ ନୂଆ କରିଦିଆଯାଇଛି। ନୂଆ ଗାର୍ଡୱାଲଗୁଡ଼ିକ ମଧ୍ୟ ଠିକ ଭାବରେ ହେଉନଥିବା ଅଭିଯୋଗ ହେଉଛି। ପରିମାଣ ତୁଳନାରେ ରଡ୍ ଦିଆଯାଉନି। ବାଲି ସିମେଣ୍ଟର ମିଶ୍ରଣ ଠିକ ଭାବରେ ହେଉନଥିବା ବେଳେ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଛି, ଫଳରେ ଅଳ୍ପ ଦିନରେ ନଷ୍ଟ ହୋଇଯିବ ବୋଲି ମଧ୍ୟ କୁହାଯାଉଛି। ଏହି କାମ ଏଆର୍ଏସ୍ଏସ୍ ନାମକ ଏକ କମ୍ପାନୀ କରୁଛି। ବିନା ସୂଚନା ଫଳକରେ ଲୋକଙ୍କୁ ଅନ୍ଧାରରେ ରଖି କରାଯାଉଥିବା ଅଭିଯୋଗ କରାଯାଉଛି। ଅନ୍ୟପକ୍ଷରେ ଓଡ଼ିଶାର ଜଣେ ସୁପ୍ରସିଦ୍ଧ କନଷ୍ଟ୍ରକସନ ସଂସ୍ଥା



ଏହି କାମ କରୁଛି ବୋଲି ଉପସ୍ଥିତ ଥିବା ସୁପରଭାଇଜର ପ୍ରକାଶ କରିଛନ୍ତି। ଏ ନେଇ ପୂର୍ତ୍ତବିଭାଗ ଏସ୍‌ଡିଓ ରାଜେନ୍ଦ୍ର କିଶାନଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନଥିଲେ।

■ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରଫେସରଶୂନ୍ୟ ପ୍ରସଂଗ

## ସତ୍ୟପାଠ ଦାଖଲ କରିବାକୁ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ

କଟକ,୨୫ ।୩(ସମିସ): ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଦୀର୍ଘ ଦିନ ଧରି ସମସ୍ତ ପ୍ରଫେସର ପଦ ସହ ବହୁ ଅଧ୍ୟାପକ ପଦ ଖାଲି ପଡ଼ିଥିବା ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଏହି ପ୍ରସଂଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଜରିଆରେ ଜଣାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ତରଫରୁ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଏପ୍ରିଲ ୨୨ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆଜି ମାମଲାର ଶୁଣାଣି ବେଳେ ସରକାରୀ ଓକିଲ ଦର୍ଶାଇଥିଲେ ଯେ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ଚୂଡାନ୍ତ ପର୍ଯ୍ୟାୟରେ ରହିଛି। କୁଳପତି ନିଯୁକ୍ତି ପରେ ହିଁ ଅଧ୍ୟାପକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

ମାମଲାରୁ ପ୍ରକାଶ ଯେ ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅଧ୍ୟୟନ ଓ ପ୍ରଚାର ପ୍ରସାର ପାଇଁ ଏକ ଭାଷାଭିତ୍ତିକ ବିଶ୍ୱବିଦ୍ୟାଳୟ ଭାବେ ଗତ ୨୦୧୭ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସମସ୍ତ ୨୧ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର, ସହକାରୀ ପ୍ରଫେସର ଓ ସହଯୋଗୀ ପ୍ରଫେସର ପଦ ଖାଲି ପଡିଥିବା ବେଳେ ଅତିଥି ଶିକ୍ଷକ (ସହକାରୀ ପ୍ରଫେସର) ଓ ଅବସରପ୍ରାପ୍ତ ପ୍ରଫେସରଙ୍କ ଭରସାରେ ଏଠାରେ ଶିକ୍ଷାଦାନ ଚାଲିଥିବା ଅଭିଯୋଗ ହୋଇଛି। ବିଶ୍ୱବିଦ୍ୟାଳୟର ପ୍ରଥମ ଶିକ୍ଷାବର୍ଷ ୨୦୨୩ ସେପ୍ଟେମ୍ବର ୫ ତାରିଖରୁ ଆରମ୍ଭ ହୋଇଥିଲା। କିନ୍ତୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନରୁ ଏ ପର୍ଯ୍ୟନ୍ତ ମଞ୍ଜୁରୀପ୍ରାପ୍ତ ୩ଟି ପ୍ରଫେସର, ୬ଟି ସହଯୋଗୀ ପ୍ରଫେସର ଓ ୧୨ଟି ସହକାରୀ ପ୍ରଫେସର ପଦ ପୂରଣ କରାଯାଇ ନାହିଁ। ଏହି ପ୍ରସଂଗରେ କୌଣସି ପଦକ୍ଷେପ ବିଶ୍ୱବିଦ୍ୟାଳୟ ବା ଉଚ୍ଚଶିକ୍ଷା ବିଭାଗ ତରଫରୁ ଗ୍ରହଣ କରାଯାଇ ନାହିଁ। ଏଣୁ ନିର୍ଦ୍ଧାରିତ ସମୟସୀମା ଭିତରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ପଦ ପୂରଣ କରିବାକୁ ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

ପିଜି ପ୍ରବେଶିକା ପରୀକ୍ଷା ପାଇଁ ସରିଲା ଆବେଦନ

## ପରୀକ୍ଷା ଦେବେ ୫୮,୭୦୮ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୫ ।୩(ସମିସ): ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ସିପିଇଟିର ଆବେଦନ ଅବଧି ଶେଷ ହୋଇଛି। ସମୁଦାୟ ୩୧,୯୧୫ ସିଟ୍ ପାଇଁ ୫୮,୭୦୮ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଏପ୍ରିଲ୍ ୩୦ ତାରିଖରେ ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍‌ବି) ୱେବସାଇଟ୍‌ରେ ଆଡମିଟ୍ କାର୍ଡ ପ୍ରକାଶ ପାଇବ। ଏହାପରେ ମେ' ୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ୧୯ରେ ପ୍ରୋଭିଜିନାଲ୍ ଆନସାର୍ କି' ପ୍ରକାଶ ପାଇବ। ଏହି ଉତ୍ତରକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆପତ୍ତି ଥିଲେ ୨୦ରୁ ୨୨ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଲେଖାଏଁ ଫି' ଦେବାକୁ ହେବ। ଏହା ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କୁ ଆଉ ଫେରସ୍ତ କରାଯିବ ନାହିଁ। ପ୍ରବେଶିକା ପରୀକ୍ଷା ମାର୍କ ଅନୁସାରେ ମେଧା ତାଲିକା ପ୍ରକାଶ ପାଇବ। ଏନେଇ ଉଚ୍ଚଶିକ୍ଷା ବିଭାଗ ତରଫରୁ ପରିବର୍ତ୍ତିତ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଚଳିତଥର ନାମଲେଖା ପ୍ରକ୍ରିୟାକୁ ତ୍ୱରିତ ସାରି ଜୁଲାଇ ୧୦ ତାରିଖରୁ ପାଠପଢ଼ା ଆରମ୍ଭ କରିବାକୁ ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏଥିପାଇଁ ମାର୍ଚ୍ଚ ଶେଷ ସୁଦ୍ଧା ସ୍ନାତକ ପିଲାଙ୍କ ପରୀକ୍ଷା ସାରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଏପରିକି ପରୀକ୍ଷା ସରିବାର ମାସକ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ କରିବା ବାଧ୍ୟତାମୂଳକ ବୋଲି ମଧ୍ୟ ସୂଚାଇଦେଇଛି। ଫଳରେ ନିର୍ଦ୍ଧାରିତ ସମୟରେ ନାମଲେଖା ସରିବା ସହ ପାଠପଢ଼ା ଆରମ୍ଭ ହୋଇପାରିବ ବୋଲି କୁହାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦେଶର ଗର୍ବ...

ଆୟୋଜନ କରାଯାଇଛି। ଏଥିରେ ୨୬ଟି ଟ୍ରାକ୍ ଓ ଫିଲ୍ଡ ଇଭେଣ୍ଟରେ ପାଖାପାଖି ୩୦୦ ଜାତୀୟ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। କେବଳ ଟ୍ରାକ ଓ ଫିଲ୍ଡ ଇଭେଣ୍ଟ ନୁହେଁ; ଅନେକ ଦୃଷ୍ଟିରୁ କଳିଙ୍ଗ ସାରା ଦେଶର ଷ୍ଟାଡ଼ିଅମଗୁଡ଼ିକଠାରୁ ଯଥେଷ୍ଟ ଉନ୍ନତ। କଳିଙ୍ଗର ହକି ଷ୍ଟାଡ଼ିଅମ ଅନେକ ବିଶ୍ୱସ୍ତରୀୟ ହକି ଲିଗ୍ ଆୟୋଜନ କରିଛି। ୧୫୦୦୦ ଆସନ ବିଶିଷ୍ଟ ଏହି ହକି ଷ୍ଟାଡ଼ିଅମରେ ବିଶ୍ୱକପ୍ ହକି ଓ ପ୍ରୋ-ଲିଗ୍ ଅନୁଷ୍ଠିତ ହୋଇଛି। ଦକ୍ଷିଣ ଏସିଆର ସର୍ବବୃହତ୍ ଇଣ୍ଡୋର ଆଥଲେଟିକ୍ସ ଷ୍ଟାଡ଼ିଅମ ଭାବରେ କଳିଙ୍ଗ ମାନ୍ୟତା ପାଇଛି। ୨୦୦ ମିଟର ଦୈର୍ଘ୍ୟର ୮ ଲେନ୍ ସିନ୍ଥେଟିକ୍ ଟ୍ରାକ୍ ସହ ୨ହଜାର ଦର୍ଶକଙ୍କ ବସିବା ବ୍ୟବସ୍ଥା କଳିଙ୍ଗ ଷ୍ଟାଡ଼ିଅମକୁ ଦେଶର ଅନ୍ୟ ଷ୍ଟାଡ଼ିଅମଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ ରଖିଛି। ଏହାବ୍ୟତୀତ ବିଜୁ ପଟ୍ଟନାୟକ ସ୍ୱିମିଂ ପୁଲ, କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ଜିମ୍ନାଷ୍ଟିକ ଓ ବ୍ୟାଡ଼ମିଣ୍ଟନ ଉତ୍କର୍ଷ କେନ୍ଦ୍ର ସାରା ବିଶ୍ୱରେ କଳିଙ୍ଗ ଷ୍ଟାଡ଼ିଅମ ପ୍ରତି ଆକର୍ଷଣ ଓଡ଼ିଶାକୁ ଗର୍ବିତ କରିଛି। ଆନନ୍ଦ ମହିନ୍ଦ୍ରା ତାଙ୍କ ଟ୍ୱିଟ୍‌ରେ ଯାହା ଉଲ୍ଲେଖ କରିଛନ୍ତି, ତାହା ଯଥାର୍ଥ ସାବ୍ୟସ୍ତ ହୋଇଛି। ଆପଣ ଭିତ୍ତିଭୂମି ପ୍ରସ୍ତୁତ କରନ୍ତୁ, ସାରା ବିଶ୍ୱ ଆପଣଙ୍କ ପାଖକୁ ଆସିବ। ତାହା କ୍ରୀଡ଼ା, ହେଉ ଅବା ନିବେଶ। ଆଜି ନବୀନ କ୍ଷମତାରେ ନାହାନ୍ତି, ମାତ୍ର 'କଳିଙ୍ଗ'ର ଭିତ୍ତିଭୂମି ବିକାଶ ପାଇଁ ତାଙ୍କର ଦୂରଦୃଷ୍ଟି ଏବେ ଓଡ଼ିଶାକୁ ସାରା ବିଶ୍ୱରେ ଗର୍ବିତ କରିଛି। ସାରା ଦେଶର ପ୍ରଥମ ଷ୍ଟାଡ଼ିଅମ ଭାବରେ ଭାରତରେ ପ୍ରଥମ ବିଶ୍ୱ ଆଥଲେଟିକ୍ ଚମ୍ପିଆନସିପ୍ ଆୟୋଜନର ସୁଯୋଗ ପାଇଛି।

### ମାର୍କିନ୍ ଯୁଦ୍ଧପୋତ...

୨ ହଜାର ପାରା ଟ୍ରୁପରଙ୍କୁ ପଠାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ହଜାର ସୈନିକଙ୍କୁ ମଧ୍ୟ ପଠାଇବାକୁ ଯୋଜନା କରାଯାଉଛି। ପୂର୍ବରୁ ୫୦ ହଜାରରୁ ଅଧିକ ସୈନିକ ଏହି ଅଞ୍ଚଳରେ ମୁତୟନ ଅଛନ୍ତି। ଏଭଳି ସ୍ଥିତିରେ ଆମେରିକା କୌଣସି ବଡ଼ ଅଭିଯାନ ପାଇଁ ପ୍ରସ୍ତୁତ କରୁଛି ବୋଲି କୁହାଯାଉଛି। ତେବେ ଇରାନ ଚେତାବନୀ ଦେଇଛି ଯେ ଇରାନରେ ବିଦେଶୀ ସେନା ପଶିଲେ ସେମାନଙ୍କୁ କୁପରିଣତି ଭୋଗିବାକୁ ପଡ଼ିବ।

ଶାନ୍ତି ଆଲୋଚନା ଏବଂ ଯୁଦ୍ଧବିରତିକୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ପାରସ୍ୟ ଉପସାଗରରେ ଥିବା ଆମେରିକାର ଯୁଦ୍ଧ ଜାହାଜ ୟୁଏସ୍ଏସ୍ ଆବ୍ରାହାମ ଲିଙ୍କନ ଉପରେ ଇରାନ କ୍ରୁଜ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହି ଆକ୍ରମଣ ଦେଖି ଯୁଦ୍ଧ ଜାହାଜ ପଛଘୁଞ୍ଚା ଦେଇଥିବା ଦାବି କରାଯାଉଛି। ଇରାନ ଏହାର ଏକ ଭିଡିଓ ଚିତ୍ର ମଧ୍ୟ ଜାରି କରିଛି। ଇରାନର କ୍ଷେପଣାସ୍ତ୍ର ସୀମା ଭିତରେ ଆସିଲେ ଆହୁରି ଭୟଙ୍କର ଆକ୍ରମଣ କରାଯିବ ବୋଲି ଇରାନ ଚେତାବନୀ ଦେଇଛି। ଏ ପର୍ଯ୍ୟନ୍ତ ଆମେରିକା ଏହି ଆକ୍ରମଣକୁ ନେଇ ମୁହଁ ଖୋଲିନାହିଁ। ଆମେରିକାର ପ୍ରତ୍ୟେକ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି ବୋଲି ଇରାନ ସଂସଦର ଅଧ୍ୟକ୍ଷ ମହମ୍ମଦ ବାକର ଗାଲିଫ କହିଛନ୍ତି। ଇରାନ ଆଜି ୪୦ ମିନିଟ ଭିତରେ ଇସ୍ରାଏଲ ଉପରେ ୪ଟି କ୍ଷେପଣାସ୍ତ୍ର ମାଡ଼ କରିଛି। ଏହା ରାଜଧାନୀ ତେଲ ଆଭିଭ ଏବଂ ଏହାର ଆଖପାଖ ଅଞ୍ଚଳରେ ପଡ଼ିଥିଲା। ଫଳରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏହାବ୍ୟତୀତ ଇରାକରେ ଆଜି ବଡ଼ଧରଣର ଆକ୍ରମଣ ହୋଇଛି। ଅନବାର ଅଞ୍ଚଳରେ ଥିବା ଏକ ଅର୍ଦ୍ଧସାମରିକ ଠିକଣାରେ ଲଢୁଆ ବିମାନରୁ ବୋମା ମାଡ଼ କରାଯାଇଛି। ଏଥିରେ ୭ ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଇରାନ ସମର୍ଥିତ କୌଣସି ସଂଗଠନ ଏଭଳି ଆକ୍ରମଣ କରିଥିବା ଦାବି ହେଉଛି।

ଆଗାମୀ ଦିନରେ ଆମେରିକାର ୮୨ତମ ଏୟାରବର୍ଣ୍ଣ ଡିଭିଜନରୁ ଅତି କମରେ ୧,୦୦୦ ସୈନ୍ୟ ମଧ୍ୟପ୍ରାଚ୍ୟରେ ମୁତୟନ ହେବାର ସମ୍ଭାବନା ଅଛି। ଏକ ଦ୍ରୁତ-ପ୍ରତିକ୍ରିୟା ବାହିନୀ ଭାବରେ ଜଣାଶୁଣା ଏହି ୟୁନିଟ୍ ଶତ୍ରୁ ଅଞ୍ଚଳରେ କାର୍ଯ୍ୟ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ପାଇଁ ପ୍ରଶିକ୍ଷିତ। ଏହି ଯବାନଙ୍କୁ ମୁତୟନ କରି ଇରାନର ତୈଳ ନେଟୱର୍କର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଖାର୍ଗ ଦ୍ୱୀପକୁ ଦଖଲ କରିବାକୁ ଚେଷ୍ଟା କରିପାରେ ବୋଲି କୁହାଯାଉଛି। ଯଦି ଆମେରିକୀୟ ସୈନିକମାନେ ସେଠାରେ ଅବତରଣ କରନ୍ତି, ତେବେ ପାରସ୍ୟ ଉପସାଗରରେ ମାଇନ ବିଛାଇବା ପାଇଁ ଇରାନ ଚେତାବନୀ ଦେଇଛି। ଆଲୋଚନା ଏକ ନିର୍ଦ୍ଦିଷ୍ଟ ରୂପ ନେଉଥିବାରୁ ଟ୍ରମ୍ପ ଇରାନର ବିଦ୍ୟୁତ୍ ଭିତ୍ତିଭୂମିକୁ ଟାର୍ଗେଟ୍ ନ କରିବା ପାଇଁ କହି ବଡ଼ ଖେଳ ଖେଳୁଛନ୍ତି। ଏହି ପଦକ୍ଷେପ ଦ୍ୱାରା ସାମରିକ ପ୍ରସ୍ତୁତି ପାଇଁ ସମୟ ମିଳିବା ସହ କୂଟନୈତିକ ସମାଧାନ ପାଇଁ ପଥ ଉନ୍ମୁକ୍ତ ହେବ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

### ଦିନକୁ ଘଣ୍ଟାଏ...

ପ୍ରସ୍ତାବ ଅନୁଯାୟୀ ବିଦ୍ୟାଳୟଗୁଡ଼ିକରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯିବ। ପାଠ୍ୟକ୍ରମରେ 'ଡିଜିଟାଲ ୱେଲବିଙ୍ଗ' ଏବଂ ଅନଲାଇନ୍ ସୁରକ୍ଷା ବିଷୟ ଯୋଡ଼ାଯିବା ସାଇବର ବୁଲିଙ୍ଗ ବିଷୟରେ ପିଲାମାନଙ୍କୁ ସଚେତନ କରିବା ସହ ବିଦ୍ୟାଳୟରେ ଟେକ୍- ଫ୍ରି ପରିୟଡ, ଡିଜିଟାଲ ଡିଟକ୍ସ ଡେ, ପାଳନ କରାଯିବ। ଅଭିଭାବକଙ୍କ ସହ ଯୋଗାଯୋଗ କରିବା ପାଇଁ ହ୍ୱାଟ୍ସଆପ ପରିବର୍ତ୍ତେ ଡାଏରୀ ବ୍ୟବହାର କରାଯିବ। ହୋମୱାର୍କରେ କୃତ୍ରିମ ବୁଦ୍ଧିମତା ବା ଏଆଇ ବ୍ୟବହାର ଉପରେ ନିୟନ୍ତ୍ରଣ ରଖିବାକୁ ଗାଇଡଲାଇନ୍ ପ୍ରସ୍ତୁତ କରାଯିବ।

### ପେଟ୍ରୋଲ, ଗ୍ୟାସ୍‌ର...

ସଂପ୍ରତି ସଙ୍କଟ ସମୟରେ ପରିସ୍ଥିତିର ମୁକାବିଲା ଲାଗି ସରକାର ଯାହା ପଦକ୍ଷେପ ନେବେ, ତାହାକୁ ସମର୍ଥନ କରିବେ ବୋଲି ବିରୋଧୀ ଦଳ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଲେ ଯେ ଦେଶରେ ପେଟ୍ରୋଲିୟମ ସାମଗ୍ରୀର କୌଣସି ସଙ୍କଟ ନାହିଁ। ହରମୁଜ ବନ୍ଦ ହେବାପରେ ଭାରତ ସରକାର ଅନ୍ୟ ଦେଶରୁ ତୈଳ ସାମଗ୍ରୀ ଆଣୁଛନ୍ତି। ଅନ୍ୟପକ୍ଷରେ ଆଜିର ବୈଠକକୁ ପ୍ରଧାନମନ୍ତ୍ରୀ ମୋଦୀ କାହିଁକି ଆସିଲେ ନାହିଁ ବୋଲି ବିରୋଧୀ ପ୍ରଶ୍ନ ଉଠାଇଥିଲେ। ସେମାନେ କହିଥିଲେ ଯେ ସଂସଦରେ ଦୁଇ ଦିନ ଧରି ମନ୍ତବ୍ୟ ରଖିଥିବା ମୋଦୀ ଆଜିର ବୈଠକରେ ଉପସ୍ଥିତ ରହିଥିଲେ ଭଲ ହୋଇଥାଆନ୍ତା। ବୈଠକ ପରେ କଂଗ୍ରେସ ପ୍ରତିନିଧି ତାରିକ ଅନୱର କହିଲେ ଯେ ଆଜିର ବୈଠକର ଫଳାଫଳ ସନ୍ତୋଷଜନକ ନୁହେଁ। ସରକାର ଅନେକ କଥା ଲୁଚାଉଛନ୍ତି ଏବଂ ଚର୍ଚ୍ଚା କରିବାକୁ ପ୍ରସ୍ତୁତ ନୁହନ୍ତି। ତେବେ ଆଜିର ବୈଠକରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏବଂ ଟିଏମସି ନେତାମାନେ ଯୋଗ ଦେଇନଥିବାରୁ ବିଜେପି ନେତା ସେମାନଙ୍କର ସମାଲୋଚନା କରିଛନ୍ତି।

### ବିଜେଡିକୁ ଫେରିଲେ...

ପଟ୍ଟନାୟକଙ୍କୁ ଭେଟିଛନ୍ତି। ସେମାନଙ୍କ ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିବା ସହ ନବୀନ ଦଳ ପାଇଁ ନିଷ୍ଠାପର ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।

ଉଭୟଙ୍କୁ ବିଜୁ ଜନତା ଦଳକୁ ସ୍ୱାଗତ କରି ନବୀନ ପଟ୍ଟନାୟକ କହିଛନ୍ତି ଯେ ଏ ଦୁଇ ନେତାଙ୍କ ଯୋଗଦାନ ଦ୍ୱାରା ବିଜେଡି ବାଲେଶ୍ୱର ଜିଲ୍ଲାରେ ଆହୁରି ମଜଭୁତ ହେବ। ଅନ୍ୟପକ୍ଷରେ ବିଜେଡିରେ ସେମାନଙ୍କୁ ଗ୍ରହଣ କରିଥିବାରୁ ଶ୍ରୀ ମହାନ୍ତି ଓ ଶ୍ରୀ ଦାସ ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲାର ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ବଡ଼ସାହି ନିର୍ବାଚନମଣ୍ଡଳୀରେ ବିଜେଡିକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସେମାନେ କାମ କରିବେ ବୋଲି ଘୋଷଣା କରିଛନ୍ତି। ରଘୁନାଥ ମହାନ୍ତି କହିଛନ୍ତି ଯେ ଦଳର ଶୃଙ୍ଖଳିତ କର୍ମୀ ଭାବେ କାମ କରିବୁ। ବିଜୁ ଜନତା ଦଳ ବାଲେଶ୍ୱର ଜିଲ୍ଲାରେ କିପରି ସୁସଂଗଠିତ ହୋଇ ପାରିବ ସେଥିପାଇଁ କାର୍ଯ୍ୟ କରିବି। ବିଜୁ ବାବୁଙ୍କ ସମୟରୁ ତାଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗ ପାଇଛି। ପରେ ବିଜୁ ଜନତା ଦଳର ଗଠନ ବେଳେ ଜଣେ ପ୍ରତିଷ୍ଠିତ ସଭ୍ୟ ଭାବେ କାର୍ଯ୍ୟ କରିଥିଲି। ସେହିପରି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ କହିଥିଲେ, ପାଞ୍ଚ ବର୍ଷ ବିଜେଡି ବାହାରେ ରହିବା ପରେ ଦଳକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରି ଅତ୍ୟନ୍ତ ଆନନ୍ଦିତ। ବାଲେଶ୍ୱର ଜିଲ୍ଲାରେ ବିଜୁ ଜନତା ଦଳ କିପରି ସୁସଂଗଠିତ ହୋଇ ପାରିବ, ସେଥିପାଇଁ ନବୀନ ବାବୁଙ୍କ ନିର୍ଦ୍ଦେଶକ୍ରମେ ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିବି।

ଏହି ମିଶ୍ରଣ ପର୍ବରେ ବିଜେଡି ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ପ୍ରତାପ କେଶରୀ ଦେବ, ଅଶ୍ୱିନୀ ପାତ୍ର, ଅରୁଣ ସାହୁ, ବ୍ୟୋମକେଶ ରାୟ, ମାଧବ ଧଡ଼ା, ଗୌତମ ବୁଦ୍ଧ ଦାସ, ପୂର୍ବତନ ମନ୍ତ୍ରୀ ସର୍ବଶ୍ରୀ ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁକାନ୍ତ ନାୟକ, ସୁଧାଂଶୁ ପରିଡ଼ା, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଓ ଭୃଗୁ ବକ୍ସିପାତ୍ରଙ୍କ ସମେତ ଜିଲ୍ଲାର ବିଜେଡି ନେତୃବୃନ୍ଦ ଓ ଶହ ଶହ କର୍ମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ରଘୁନାଥ ମହାନ୍ତି ପୂର୍ବରୁ ବିଜେଡି ସରକାରରେ ଦୀର୍ଘ ଦିନ ଧରି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ନିକଟରେ ବିଜେପିରୁ ଇସ୍ତଫା ଦେଇଥିଲେ।

### ଦିନକୁ ୪...

ଶେଷ ସୁଦ୍ଧା ଅଧାରୁ କମ୍ ମାମଲା ଅର୍ଥାତ୍ ୬୦୧ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି। ସେହିପରି ମାତ୍ର ଗୋଟିଏ ବର୍ଷରେ ରାଜ୍ୟରେ ୩୩୮୭ଟି ଚୋରି ମାମଲା ମଧ୍ୟ ବୃଦ୍ଧି ପାଇଛି। ୨୦୨୪ରେ ୧୭୮୦୫ଟି ଚୋରି ଘଟଣା ସାମ୍ନାକୁ ଆସିଥିବା ବେଳେ ୨୦୨୫ରେ ଏହି ସଂଖ୍ୟା ୨୧୧୯୨କୁ ବୃଦ୍ଧି ପାଇଛି। ପୁନଶ୍ଚ ୨୦୨୫ରେ ରାଜ୍ୟରେ ସାଇବର ଅପରାଧରେ ମଧ୍ୟ ବୃଦ୍ଧି ଘଟିଥିବା ଶ୍ୱେତପତ୍ର ରିପୋର୍ଟରୁ ଜଣାପଡ଼ିଛି। ୨୦୨୪ରେ ରାଜ୍ୟରେ ୨୫୦୧ଟି ସାଇବର ଅପରାଧ ଘଟିଥିବା ବେଳେ ୨୦୨୫ରେ ୨୮୦୩ଟି ସାଇବର ଅପରାଧ ସଂଗଠିତ ହୋଇଛି। ମାତ୍ର ୩୯୧ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରିବାକୁ ସକ୍ଷମ ହୋଇଛନ୍ତି ତଦନ୍ତକାରୀ ସଂସ୍ଥା।

ଅପରପକ୍ଷେ ୨୦୨୪ ତୁଳନାରେ ୨୦୨୫ରେ ଆର୍ଥିକ ଠକେଇର ପରିମାଣ ମଧ୍ୟ ତୁଳନାତ୍ମକ ଭାବେ ବୃଦ୍ଧି ପାଉଥିବା ସାମ୍ନାକୁ ଆସିଛି। ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲରେ ଉଲ୍ଲିଖିତ ତଥ୍ୟ ଅନୁଯାୟୀ ୨୦୨୪ରେ ଆର୍ଥିକ ଠକେଇ ସଂକ୍ରାନ୍ତୀୟ ୪୩୭୪୦ ଅଭିଯୋଗ ଗ୍ରହଣ କରାଯାଇଥିଲା। ଏହାର ଠକେଇ ପରିମାଣ ୪୧୫ କୋଟି ୯୦ ଲକ୍ଷ ୭୮୨୨ ଟଙ୍କା ହୋଇଥିବା ବେଳେ ଏଥିରୁ ମାତ୍ର ୧.୦୩ ପ୍ରତିଶତ ଅର୍ଥାତ୍ ୪ କୋଟି ୩୯ ଲକ୍ଷ ୨୮ ହଜାର ୨୬୬ ଟଙ୍କା ଫେରସ୍ତ ହୋଇଥିଲା। ୨୦୨୫ରେ ୪୯୪୨୬ଟି ଠକେଇ ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଏ ସଂକ୍ରାନ୍ତୀୟ ଠକେଇ ପରିମାଣ ମୋଟ ୪୩୨ କୋଟି ୨୮ ଲକ୍ଷ ଟଙ୍କା। ଏଥିରୁ ୧.୨୩ ପ୍ରତିଶତ ଅର୍ଥାତ୍ ୫ କୋଟି ୩୧ ଲକ୍ଷ ୪୫୮୮୬ ଟଙ୍କା ଫେରସ୍ତ କରାଯାଇଛି।

ଏତଦ୍ ବ୍ୟତୀତ ୨୦୨୫ ମସିହାରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଗୁଡ଼ିକରେ ଶିଶୁ ଅଶ୍ଳୀଳତା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ସମ୍ବନ୍ଧୀୟ ସାମଗ୍ରୀ ଅପଲୋଡ ହେବା ସମ୍ପର୍କରେ ୧୭୮୧ଟି ଅଭିଯୋଗ ଗ୍ରହଣ କରାଯାଇଛି। ଏଥରୁ ୧୫୪୫ଟି ଅଭିଯୋଗର ସଫଳ ପରିସମାପ୍ତି ହୋଇଥିବା ନେଇ ଶ୍ୱେତପତ୍ରରେ ଦର୍ଶାଯାଇଛି। ୨୦୨୩ରେ ଏହି ସଂଖ୍ୟା ୫୬୯ ଥିବାବେଳେ ୨୦୨୪ରେ ଏହି ସଂଖ୍ୟା ୧୦୨୩ ଅଭିଯୋଗ ଗ୍ରହଣ କରାଯାଇଥିଲା। ଏହାବ୍ୟତୀତ ୨୦୨୫ରେ ୧୪୫ଟି ଯୌତୁକ ଜନିତ ହତ୍ୟା, ୭୭ଟି ଯୌତୁକ ଜନିତ ଆତ୍ମହତ୍ୟା, ୪୩୬୧ଟି ଯୌତୁକ ଜନିତ ନିର୍ଯାତନା, ୫୪୧୯ଟି ଅଣ-ଯୌତୁକ ଜନିତ ନିର୍ଯାତନା, ୩୧୬୦ଟି ଏସସି, ଏସଟିଙ୍କ ଉପରେ ନିର୍ଯାତନା ସମ୍ବନ୍ଧୀୟ ମାମଲା ରୁଜୁ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପରି ୨୦୨୫ରେ ୭୫ ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ କରାଯାଇ ୭୩ ଜଣଙ୍କୁ ଦେଶାନ୍ତର ଏବଂ ୨ ଜଣଙ୍କୁ ଗିରଫ କରାଯାଇଛି। ଏତଦ୍ ବ୍ୟତୀତ ଓଡ଼ିଶାରେ ମୋଟ ୩୭୩୮ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ରାଜ୍ୟରେ ବସବାସ କରୁଥିବା ବେଳେ ସମସ୍ତେ ହିନ୍ଦୁ ବୋଲି ଶ୍ୱେତପତ୍ରରେ ଉଲ୍ଲେଖ ରହିଛି।


**AFFIDAVIT**

MAQSUD ALAM SHAIK aged about 38 years, S/o-SHAIK MASIUDDIN, Akhund Mohalla, Po-Sayedpur, Binjharpur, Dist-Jajpur,755004,ODISHA,declared by this Affidavit No.1786/2026 Dated.23.03.2026, that now onwards I shall Be Known As **MAQSUD ALAM SHAIK** for all future Purposes .

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 554, dated 18.03.2026, I, MANAHAR BHATARA, S/o - Late. Nilakantha Bhatara, permanent resident of Village - Khandiguda, PO - Sindhigaon, PS - Nabarangpur, Dist-Nabarangpur, Odisha, Pin - 754063, declare that I have changed the name of my Son from GALANDHAR BHATRA to JALANDHAR BHATARA. Henceforth, he shall be known as **JALANDHAR BHATARA** for all purposes.

**Sd/- Manahar Bhatara**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 276, dated 23.03.2026, I, RAM BHATRA, S/o - Late. Mundru Bhatra, permanent resident of Village - Sanakusumi, PO -Pujariguda, PS - Nabarangpur, Dist- Nabarangpur, Odisha, Pin - 754059, declare that I have changed the name of my Daughter from RAMA BHATRA to LISA BHATRA. Henceforth, She shall be known as **LISA BHATRA** for all purposes.

**Sd/- Ram Bhatra**

**OFFICE OF THE DIVISIONAL FOREST OFFICER, REDHAKHOL DIVISION**
Mobile No: 06644-299949, Email ID: dfo.redhakhol@odisha.gov.in
**BID IDENTIFICATION No.: F&E/RKL/05 (Online)/2025-26**
E-Tender NoticeNo. 05 — Dated – 23.03.2026
8001/179/2526

The Divisional Forest Officer, Redhakhol Forest Division, on behalf of Governor of Odisha, invites Lumsum bids in Single Cover System in ONLINE MODE.

1) Nature of Service : E-Tender for Hiring 18 no. of Vehicle
2) Tender Cost : Nil
3) Class of Supplier : Any Travel Agency / Tour Operator / Private Individual
4) Availability of bid document in the website :11:00 Hours of 24.03.2026 to 13:30 Hours of 15.04.2026
5) Date of Opening of Tenders :15:30 Hours on dt. 15.04.2026
6) The Bidders have to participate in ONLINE bidding only. Further details can be seen from the website:www.tendersodisha.gov.in only. Any Corrigendum / Addendum / cancellation of tender will be displayed in the website said only.

Divisional Forest Officer
Redhakhol Forest Division

OIPR-8001/8146/1/25-26/0003

**OFFICE OF THE SUPERINTENDING ENGINEER UI**
**RIGHT CANAL DIVISION NO.: 1, MUKHIGUDA,**
**DIST.: KALAHANDI,**
e-Mail ID: eeuircd1@gmail.com
3200/1/256/2526

**CORRIGENDUM to Quotation call Notice No. SE, RCD-I-01(01-04)/2026-27**

This is to inform you that as per OM No.: 15836, dated-27.05.2025 of Finance Department, Odisha the tender paper cost of Rs.100/- as mentioned in the above quotation call notice may be treated as NIL.

Sd/-
Superintending Engineer
U.I.R.C.D No-I, Mukhiguda

OIPR-32001/32193/1/25-26/0003

**OFFICE OF THE DIVISIONAL FOREST OFFICER, GHUMSUR NORTH DIVISION**
Bhejiput, Bhanjanagar, Ganjam, Odisha, Pin - 761126
Tele/Fax – 06821-240164, E-mail: dfoghumsurnorth@gmail.com
**Notice No. 82/1F – 2026 Dated, Bhanjanagar the 24th March' 2026**
8001/182/2526

**TENDER CALL NOTICE FOR HIRING VEHICLE**

Sealed tenders are invited from interested Reputed Travel Agencies/ Tour Operators/ Private individuals for providing 13 (Thirteen) Nos. of AC Petrol/Diesel driven BS–IV / BS–VI compliant Bolero vehicles having sitting capacity not more than nine including driver, which shall conform to the Terms and Conditions (Annexure-II) for official use at different Govt. offices under the establishment of Ghumsur North Forest Division on monthly rent basis so as to reach in the O/o the DFO, Ghumsur North Forest Division on or before 31.03.2026 up to 1.00 PM through dropped in the Tender Box placed in the Office of the Divisional Forest Officer, Ghumsur North Forest Division.The tenders will be opened in the same office on the same day at 04.30 PM. The Standard Bidding Document and Terms and Conditions can be downloaded from https://ganjam.nic.in / www.odishaforest.in and also can be obtained from the Office of the Divisional Forest Officer, Ghumsur North Forest Division, Bhanjanagar from **25.03.2026 to 31.03.2026 during office hours.**

Sd/-
Divisional Forest Officer,
Ghumsur North Division

OIPR-8001/8033/1/25-26/0017

**ZILLA SWASTHYA SAMITI, GAJAPATI**
**(Department of Health & FW, Govt. of Odisha)**
10001/148/2526
Advt. No. 01 / DPMU/NHM/2026 — Date: 25/03/2026

**NOTICE**

Applications are invited from in-house contractual employee of NHM working in the same post under OSH & FW Society in other districts desiring to be posted in Gajapati district. Fresh candidates need not to apply.

The interested candidates may log on the website www.gajapati.odish.gov.in for details (Vacancies, terms & conditions and application form etc.). Eligible candidates are requested to apply in the prescribed application form with NOC and certificate for last uninterrupted service in the same post under the society and with all relevant documents to Chief District Medical & Public Health Officer, At/Po-Paralakhemundi, Gajapati, 761200 by Regd/speed post on or before **dt. 09.04.2026 by 5:00 PM.** The undersigned is not responsible for any postal delay. Application received after due date will be rejected. Vacancies under this advertisement are provisional and subject to change. Time to time notification regarding status of selection process will be web-hoisted in the district website. The authority reserves the right of accepting/rejecting any application and modify/cancel the advertisement without assigning any reason thereof.

Sd/-
CDM & PHO-Cum-DMD, Gajapati

OIPR-10001/10105/1/25-26/0002

# ମୋରମ ବଦଳରେ ମାଟି ରାସ୍ତା ପାଲଟିଛି

**ପାରଳାଖେମୁଣ୍ଡି, ୨୫ ।୩ (ସମିସ) :**



ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଲାବାଣ୍ୟଗଡ ଠାରୁ ଜଙ୍ଗଲପାଡୁ ରାଜ୍ୟରାଜପଥ-୪ ରାସ୍ତା ତଟରେ ମୁରମ ମାଟି ପକାଇବା ବଦଳରେ ଚକଟା ମାଟି ପକାଇ ମରଣଯନ୍ତା ସୃଷ୍ଟି କରିଛି ପୂର୍ତ୍ତ ବିଭାଗ । ଗତ ଦୁଇ ଦିନ ହେଲା ଏହି ରାଜ୍ୟରାଜପଥ କଡରେ ମାଟି ପକା କାମ ଚାଲୁ ରହିଛି । ତେବେ ଏହି ଚକଟା ମାଟି ପକାଯିବା ଯୋଗୁଁ ଛୋଟ ଗାଡି ମୋଟର ଆବଶ୍ୟକସ୍ଥଳେ ରାସ୍ତା ପାର୍ଶ୍ୱକୁ ଯାଇପାରୁ ନଥିବା ବେଳେ ଏହି ରାସ୍ତା ମଧ୍ୟରେ ଥିବା ଗ୍ରାମାଞ୍ଚଳର ଲୋକେ ନିଜ ନିଜ ଘର କିମ୍ବା ଦୋକାନକୁ ଯିବାରେ ସମସ୍ୟା ଭୋଗୁଥିବାର ଅଭିଯୋଗ ହୋଇଛି । ସୂଚନା ପ୍ରକାରେ ଗତ କିଛି ମାସ ହେଲା ଲାବାଣ୍ୟଗଡ-ଗୁଣୁପୁର ରାଜ୍ୟରାଜପଥର ରକ୍ଷଣାବେକ୍ଷଣ କରାଯାଇ ରାସ୍ତା ନିର୍ମାଣ କରାଯାଇଥିଲା । ନୂତନ ରାସ୍ତା ନିର୍ମାଣ ପରେ ଏହାର ପାର୍ଶ୍ୱବର୍ତ୍ତୀ ତଥା ରାସ୍ତା ତଟ ସ୍ଥାନ ସାମାନ୍ୟ ଖାଲ ହୋଇଯାଇଥିଲା । ଏହାପରେ ରାସ୍ତା ତଟରେ ମାଟି ପକାଯାଇ ଉଚ୍ଚତା ବୃଦ୍ଧି ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କାମ ଆରମ୍ଭ କରାଯାଇଛି । ସରକାରୀ ନିୟମାନୁସାରେ ମୁରମ ପକାଯିବା କଥା ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ବର୍ତ୍ତମାନ ଚକଟା ମାଟି ବା ଜମି ମାଟି ଆଣି ପକାଯାଉଛି । ଫଳରେ ଯାତାୟତ କରୁଥିବା ଗାଡି ମୋଟର ଠାରୁ ଆରମ୍ଭ କରି ପଥଚାରୀମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷରେ ଗତ ଦୁଇ ଦିନ ହେଲା ଏହି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଥିବା ଯୋଗୁଁ ପୂର୍ତ୍ତ ବିଭାଗ ପକ୍ଷରୁ ପକାଯାଇଥିବା ଚକଟା ମାଟି କର୍ଦ୍ଦମାକ୍ତ ହୋଇପଡିବା ସହ ଲୋକେ ନିଜ ନିଜ ଘର କିମ୍ବା ଦୋକାନକୁ ମଧ୍ୟ ଯାଇପାରୁନାହାନ୍ତି । ଏହି ଚକଟା ମାଟି ଉପରେ ଗୋଡ ପଡିଲେ କିମ୍ବା ଗାଡି ଗଲେ ଖସିଯିବା ଭୟ ରହୁଥିବା ବେଳେ କାଦୁଅ ଭରା ହୋଇପଡିଥିବାରୁ ଗାଡି ମୋଟର ଜରୁରୀ ପରିସ୍ଥିତି କିମ୍ବା ଆବଶ୍ୟକ ସ୍ଥଳେ ରାସ୍ତା କଡକୁ ଯାଇପାରୁ ନାହାନ୍ତି । ସେପଟେ ଏହି ରାସ୍ତାରେ ଗତ ଦୁଇ ଦିନ ହେଲା ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟି ମୃତାହାତ ହେଉଥିବାର ନଜିର ରହିଛି । ତେଣୁ ଏହି ଚକଟା ମାଟିକୁ ବାହାର କରାଯାଇ ସରକାରୀ ନିୟମ ମୁତାବକ ମୁରମ ମାଟି ଆଣି ପକାଇବା ପାଇଁ ଦାବୀ ହୋଇଛି । ଯଦି ତୁରନ୍ତ ଏପରି ନକରାଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ କହିଛନ୍ତି ।

## ମିଶନ ଶକ୍ତି କାଫେ ପୁନଃ ଉଦଘାଟିତ



**ଟିକାବାଲି,୨୫।୩(ସମିସ):** ଟିକାବାଲି ପଞ୍ଚାୟତ ସମିତି ପରିସରରେ ଥିବା ସୁଭଦ୍ରା ମିଶନ ଶକ୍ତି କାଫେ ବୁଧବାର ଦିନ ପୁନଃ ଉଦଘାଟିତ ହୋଇଛି। ଫୁଲବାଣୀ ପ୍ରକଳ୍ପ ନିର୍ଦ୍ଦେଶକ ଶମ୍ଭୁନାଥ ନନ୍ଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାଫେର ଆନୁଷ୍ଠାନିକ ଉଦଘାଟନ କରିଥିଲେ। ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ତଥା ସ୍ଥାନୀୟ ଅଞ୍ଚଳରେ ସ୍ୱଚ୍ଛ ଓ ସୁସାଦୁ ଖାଦ୍ୟ ଯୋଗାଇଦେବା ଲକ୍ଷ୍ୟରେ ଏହି କାଫେ ପୁଣିଥରେ କାର୍ଯ୍ୟକ୍ଷମ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଟିକାବାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ଏବଂ ବିଶିଷ୍ଟ ସମାଜସେବୀ ରାଘବ ମଲ୍ଲିକ ଉପସ୍ଥିତ ଥିଲେ। ଏଥିସହ ଓ ଏଲମ୍ ବିପିଏମ ପରେଶ ପ୍ରଧାନ, ବିପିସି ସରୋଜ ଦିଗାଲ ଓ ବିଏଲଏଫ ସଭାପତି ଯୋଗଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ ଯେ, ଶକ୍ତି ମାତା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏହି କାଫେର ପରିଚାଳନା କରାଯାଉଛି। ଗୋଷ୍ଠୀର ସଭାପତି ସୁଦ୍ଧାରାଣୀ ଭୂୟାଁଙ୍କ ନେତୃତ୍ୱରେ ସଂଘର ମହିଳା ସଦସ୍ୟା ଏହାର ଦାୟିତ୍ୱ ସମ୍ଭାଳିଛନ୍ତି। ଉଦଘାଟନୀ ସମୟରେ ସ୍ଥାନୀୟ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ଅନେକ ଶୁଭେଚ୍ଛୁ ତଥା ସାଧାରଣ ଜନତା ଉପସ୍ଥିତ ରହି ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଥରେ ଏହି କାଫେ ଉଦଘାଟିତ ହୋଇଥିଲା। କିନ୍ତୁ କିଛି ଦିନ ପରେ ବନ୍ଦ ହୋଇଯାଇଥିଲା।

## ଫସଲ ବିବିଧିକରଣ ଯୋଜନା ସଂକ୍ରାନ୍ତ ତାଲିମ ଶିବିର



**ଜି.ଉଦୟଗିରି,୨୫।୩(ସମିସ):** ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ର, ଓୟୁଏଟି, ଚିପିଲିମା ସମ୍ବଲପୁର ଅଧୀନରେ ଥିବା ସର୍ବଭାରତୀୟ ସମନ୍ୱିତ କୃଷି ଅନୁସନ୍ଧାନ ପ୍ରକଳ୍ପ ଦ୍ୱାରା ପାଇଲଟ ପ୍ରକଳ୍ପର ଫସଲ ବିବିଧିକରଣ ଯୋଜନା ନିମନ୍ତେ ୨ ଦିନିଆ ପ୍ରସାରଣ ଅଧିକାରୀ ତାଲିମ ଶିବିର ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ବରିଷ୍ଠ କ୍ଷେତ୍ର ବୈଜ୍ଞାନିକ ଡ.ସଂଯୁକ୍ତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏହି ତାଲିମ୍ ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼. ନାରାୟଣ ବାର ସ୍ୱାଗତ ସମ୍ବୋଧନ ଦେଇଥିଲେ। ଶିବିରରେ ୨୦ ଜଣ ପ୍ରସାରଣ ଅଧିକାରୀ ଯୋଗ ଦେଇଥିଲେ । ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ରର ଉଦ୍ଭିଦ ରୋଗ ବିଜ୍ଞାନୀ ଡ଼. ଦୀପଙ୍କର ମଣ୍ଡଳ ଓ ଅନ୍ୟ ସବୁ ବୈଜ୍ଞାନିକ ଏହି ଯୋଜନାର ରୋଗ ଓ ପୋକ ନିୟନ୍ତ୍ରଣ, ପରିବେଶ ସନ୍ତୁଳନ, କ୍ଷତି ନିୟନ୍ତ୍ରଣ ପ୍ରମୁଖ ଦିଗ ଉପରେ ଅଧିକ ଆଲୋକପାତ କରିଥିଲେ । ଏହି ତାଲିମ୍‌କୁ ଯୁବ ପ୍ରଫେସନାଲ କରିସ୍ମା ପ୍ରିୟଦର୍ଶିନୀ ଆୟୋଜନ କରିବା ସହିତ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

## ଫିରିଙ୍ଗିଆରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଫିରିଙ୍ଗିଆ,୨୫।୩(ସମିସ):** ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଚାଇଲଡ ହେଲ୍ପଲାଇନ (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ) କନ୍ଧମାଳ ତରଫରୁ ଶିଶୁ ସୁରକ୍ଷା ଓ ୧୦୯୮ ସେବା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ



କାର୍ଯ୍ୟନିର୍ବାହୀ ଅଧିକାରିଣୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ଭବାନୀ ପାଣିଗ୍ରାହୀ ପରିଚୟ ପ୍ରଦାନ କରିଥିଲେ । ବାଲ୍ୟ ବିବାହ ଓ ଏହାର କୁପରିଣାମ ବିଷୟରେ ସଚେତନ କରିଥିଲେ। ଏହା ପରେ ଚାଇଲଡଲାଇନ ସୁପରଭାଇଜର ଶିବଶଙ୍କର ବେହେରା ୧୦୯୮ ସେବା ସମ୍ପର୍କରେ ସଚେତନ କରିଥିଲେ। ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଯୌନ ନିର୍ଯାତନା ଓ ଶିଶୁ ଅଧିକାର ବିଷୟରେ ସଚେତନ କରିଥିଲେ। ଶେଷରେ ଶିଶୁ ସମସ୍ୟା ଚିହ୍ନଟକରଣ ଓ ଚାଇଲଡ ହେଲ୍ପ ଲାଇନ ୧୯୦୮ ଏବଂ ସହାୟତା ପାଇଁ ଏକ ଦଶ ଜଣିଆ ଶିଶୁ ସହାୟତା ଗ୍ରୁପ ଗଠନ କରାଯାଇଥିଲା। ସରପଞ୍ଚ ଜଳନ୍ଧର କହଁର ଗ୍ରୁପକୁ ଅବହେଳିତ ଶିଶୁଙ୍କ ସହାୟତା ପାଇଁ ସଠିକ କାମ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଭଲ କାମ କରିଥିବା ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରିବା ପାଇଁ ଘୋଷଣା କରିଥିଲେ।

## ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅଭିଯାନ



**ବ୍ରହ୍ମପୁର,୨୫ ।୩(ସମିସ):** ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ଉପଲକ୍ଷେ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଏମସି ମେୟର ସଂଘମିତ୍ର ଦଳେଇ ଓ କମିଶନର ଏ. ଶସ୍ୟା ରେଡ୍ଡୀଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ୧୦୦ଦିନିଆ ସ୍ୱତନ୍ତ୍ର ଅଭିଯାନ(୨.୦)ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଭବାନୀ ଶଙ୍କର ମିଶ୍ର, ଏଡିପିଏଚଓ(ଯକ୍ଷ୍ମା) ଡା. ଅବନୀ କୁମାର ପାତ୍ର, ଏନଏଚଏମ ଡିପିଏମ ବୁଲୁନାଥ ସାହୁ, ଜିଲ୍ଲା ସଂଯୋଜକ(ଯକ୍ଷ୍ମା) ବିଦେଶୀ ଜେନା, ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳା ଏବଂ ବିଏମସି ଡେପୁଟି କମିଶନର ଆର୍ଶୀବାଦ ପରିଡ଼ା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୋଲସରା, ବଡ଼ଗଡ଼, ଖଲ୍ଲିକୋଟ ଏବଂ ଆସିକା ବ୍ଲକକୁ ପୁରସ୍କୃତ କରାଯାଇଥିଲା। ଏଥି ସହିତ ପାତ୍ରପୁର ଓ ସିଟି ହସ୍ପିଟାଲର ରେଡିଓଗ୍ରାଫରଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଆଗାମୀ ୧୦୦ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ଯକ୍ଷ୍ମା ସଂକ୍ରମିତ ଗ୍ରାମକୁ ଚିହ୍ନଟ କରାଯାଇ ସେଠାରେ ମାଇକ୍ରୋ-ପ୍ଲାନିଂ ମାଧ୍ୟମରେ ମୋବାଇଲ ମେଡିକାଲ ୟୁନିଟ୍ ଓ ନିକ୍ଷୟ ବାହାନ ପହଞ୍ଚାଇବାକୁ ବ୍ଲୁ-ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହି ରୋଡ୍-ମ୍ୟାପ୍ ଅନୁଯାୟୀ ପ୍ରତି ଗ୍ରାମରେ ନିକ୍ଷୟ ଶିବିର ଆୟୋଜନ କରାଯାଇ ଲୋକଙ୍କୁ ମାଗଣା ପରୀକ୍ଷା ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ନେତାଜୀ ସାରସ୍ୱତ ମଞ୍ଚର କ୍ଷୁଦ୍ରଗଳ୍ପ ଆସର

**ବ୍ରହ୍ମପୁର,୨୫ ।୩(ସମିସ):** ସ୍ଥାନୀୟ ଉତ୍କଳ ଆଶ୍ରମ ପରିସରରେ ସାହିତ୍ୟାନୁଷ୍ଠାନ ନେତାଜୀ ସାରସ୍ୱତ ମଞ୍ଚର ଦ୍ୱିମାସିକ କ୍ଷୁଦ୍ରଗଳ୍ପ ଆସର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଶରତ କୁମାର ଦାସଙ୍କ ପୌରୋହିତ୍ୟରେ 'ଏକୋଇଶ ବର୍ଷ ପରେ' ଶିରୋନାମାରେ



ଉକ୍ତ ଆସରକୁ ବର୍ଷୀୟାନ୍ କବି ପ୍ରମୋଦ କୁମାର ପଣ୍ଡା ଉଦଘାଟନ କରିଥିଲେ। ଗାଳ୍ପିକା ଭାଗ୍ୟଲକ୍ଷ୍ମୀ ମହାରଣାଙ୍କ ସଂଯୋଜନାରେ ସଂଚାଳିତ ଏହି ଆସରରେ କବି ଓ କଥାକାର ଅଞ୍ଜଳି ଦାଶ ଆମନ୍ତ୍ରିତ ଅତିଥି ରୂପେ ସାମସମୟିକ ଓଡ଼ିଆ କ୍ଷୁଦ୍ରଗଳ୍ପର ଧରା ଓ ଧାରା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନେତାଜୀ ସାରସ୍ୱତ ମଞ୍ଚର ସଂପାଦକ ନଳିନୀକାନ୍ତ ଗୌଡ଼ ପ୍ରାକ୍-ସୂଚନା ସହ ସ୍"ାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହି ଆସରରେ ଡ. ନିବେଦିତା ନନ୍ଦ, ଅନୁପ କୁମାର ମିଶ୍ର, ଡ. ସୁଜିତ କୁମାର ପଣ୍ଡା, ସ୍ୱର୍ଣ୍ଣମୟୀ ପାଢ଼ୀ, ଦିଲୀପ କୁମାର ମିଶ୍ର, ଜ୍ୟୋତ୍ସ୍ନା ପାଣି, ପ୍ରମୋଦ କୁମାର ଦାସ, ଶରତ କୁମାର ଦାସ, ସୁଶାନ୍ତ କୁମାର ସାହୁ, ଭାଗ୍ୟଲକ୍ଷ୍ମୀ ମହାରଣା, ଅଞ୍ଜଳି ଦାଶ, ମିହିର କୁମାର ରଥଶର୍ମା ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିବା ସହ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ନଳିନୀକାନ୍ତ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ବିଶ୍ୱ କାବ୍ୟ ଦିବସ



**ବ୍ରହ୍ମପୁର,୨୫ ।୩(ସମିସ):** ସ୍ଥାନୀୟ କୁଇନ୍ ମିଶନ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହାୟତାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଗଞ୍ଜାମ ଜିଲ୍ଲା ପକ୍ଷରୁ "ବିଶ୍ୱ କାବ୍ୟ ଦିବସ ପାଳିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ସଭାପତି ହରେକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିଷଦ ରାଜ୍ୟ ସଭାପତି ଡ. ଅଭୟ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ, ଅନ୍ୟତମ ବକ୍ତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସମୀର ଭୋଇ ଓ ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ବିଭାଗ ପ୍ରାଧ୍ୟାପିକା ମଧୁସ୍ମିତା ସ୍ୱାଇଁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ କବି ସ୍ୱରଚିତ କବିତାମାନ ପାଠ କରିଥିଲେ। ବରିଷ୍ଠ କବି କୃଷ୍ଣ ଚନ୍ଦ୍ର ତ୍ରିପାଠୀ ଓ ଜ୍ୟୋତ୍ସ୍ନା ରାଣୀ ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଶିଷ୍ଟ କବି, ସାହିତ୍ୟିକ ଭିକାରୀ ଚରଣ ମହାପାତ୍ରଙ୍କ ରଚିତ ପୁସ୍ତକ ସଭାରେ ଉନ୍ମୋଚିତ ହୋଇଥିଲା। ରାଜ୍ୟ ଉପାଧ୍ୟକ୍ଷ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେବ ସମ୍ପାଦକ କେଶବ ଚନ୍ଦ୍ର ନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ସହ ସଂଯୋଜକ ଗୋପାଳ କୃଷ୍ଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କବି କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀକୁ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବଂଶୀଧର ସେଠୀ, ଆରତୀ ଶତପଥୀ ଓ ପଦ୍ମିନୀ ମିଶ୍ର ପ୍ରଥମେ ଡ. ସାଗର ରଞ୍ଜନ ତ୍ରିପାଠୀ, ହୃଷୀକେଶ ଦାଶ ଓ ସୁଦେଷ୍ଣା ବେହେରା ପରିଚାଳନାରେ ଥିଲେ।

## ବରିଷ୍ଠ କଳାକାର ସଂଘର ସ୍ମାରକପତ୍ର

**ବେଲଗୁଣ୍ଠା,୨୫ ।୩(ସମିସ):** ବିଭିନ୍ନ ଦାବି ନେଇ ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ବେଲଗୁଣ୍ଠା ଶାଖା ତରଫରୁ ବେଲଗୁଣ୍ଠା ବିଡିଓଙ୍କ ଜରିଆରେ ସଂସ୍କୃତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଶେଷକରି ଏହି ଦାବିପତ୍ରରେ ରାମ ନାଟକ ଭଳି ଲୋକ କଳାର ଚିହ୍ନଟ ଏବଂ ପ୍ରଚଳନ ନିମନ୍ତେ ପୁନଃ ପ୍ରୟାସ, କଳା ଅନୁଷ୍ଠାନ ଗୁଡ଼ିକୁ ସଂସ୍କୃତି ବିଭାଗ ଦ୍ୱାରା ଯଥାର୍ଥ ତାଲିକାଭୁକ୍ତ କରାଇ ଅବକାଶ ସହାୟତା ଯୋଗାଇବା, ପ୍ରତିଟି ବ୍ଲକ୍‌ରେ ପ୍ରେକ୍ଷାଳୟ ସ୍ଥାପନ କରି ସ୍ଥାନୀୟ କଳାକାର କମିଟିକୁ ହସ୍ତାନ୍ତର, କଳାକାର ଭତ୍ତାକୁ ୫୦୦୦ ଟଙ୍କାକୁ ବୃଦ୍ଧି କରିବା ସହିତ ତାହାକୁ ଫ୍ୟାମିଲି ପେନସନ୍ ମାନ୍ୟତା ପ୍ରଦାନ, ପ୍ରାନ୍ତୀୟ ଭେଦରେ ନାଟକ- ସଙ୍ଗୀତ ମହାବିଦ୍ୟାଳୟ ସ୍ଥାପନ, ବ୍ଲକ୍ କଳାକାର ସଂଘର ନୂତନ କମିଟି ଚୟନ,



କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ କଳାକାର ଭତ୍ତା ରାଶି ଅଭିବୃଦ୍ଧି ସହିତ ହିତାଧିକାରୀ ସଂଖ୍ୟା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସୁପାରିଶ କରାଯିବା ,ସହରାଞ୍ଚଳରେ ନାଟ୍ୟାଭ୍ୟାସ ଗୃହର ବ୍ୟବସ୍ଥା କରିବା, କଳାକାର ଭତ୍ତା ପାଇବାକୁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ କଳାକାର ଭତ୍ତା ପାଉଥିବା କଳାକାରଙ୍କୁ ପରିଚୟ ପତ୍ର ପ୍ରଦାନ ସମ୍ପର୍କରେ ଦାବି ସମୂହ ଉଲ୍ଲେଖ ରହିଛି। ସଂଘ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଶତାଧିକ କଳାକାର ବେଲଗୁଣ୍ଠା ବ୍ଲକ୍ ଛକ ଠାରୁ ଶୋଭାଯାତ୍ରାରେ ଯାଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଏହାର ନକଲ ରାଜ୍ୟପାଳ, ସଂସ୍କୃତି ବିଭାଗ ସଚିବ ଏବଂ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ମଧ୍ୟ ପ୍ରେରଣ କରିଥିଲେ।

## ମାଙ୍କଡ ମାରି ଭାଇରାଲ୍; ୨ ଗିରଫ

**ବାଲିଗୁଡ଼ା,୨୫।୩(ସମିସ):** ମାଙ୍କଡ ମାରି ସୋସିଆଲ ମିଡିଆରେ ଭାଇରାଲ କରିବା ମହଙ୍ଗା ପଡିଲା। ଏନେଇ ଦୁଇଜଣ ଗିରଫ ହୋଇ ଜେଲ ଯାଇଥିବା ଜଣାପଡ଼ିଛି। କିଛିଦିନ ପୂର୍ବେ ବାଲିଗୁଡ଼ା ବ୍ଲକ ସଲାଗୁଡା ପଞ୍ଚାୟତ ନାରାଗାଁର ଦୁଇ ଯୁବକ ମାନବ ମଲ୍ଲିକ(୩୨) ଓ ଜୟଦେବ ମଲ୍ଲିକ(୨୧) ଏକ ମାଙ୍କଡକୁ ମାରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଭିଡିଓ ଭାଇରାଲ ହେବା ପରେ ସମସ୍ତଙ୍କ ନଜରକୁ ଆସିଥିଲା। ଭାଇରାଲ ଭିଡିଓ ବାଲିଗୁଡ଼ା ବନଖଣ୍ଡ ଅଧିକାରୀଙ୍କ ନିକଟକୁ ମଧ୍ୟ ଆସିଥିଲା। ତାହାକୁ ଦେଖି ଅନୁସନ୍ଧାନ କରି ଜାଣିବାକୁ ପାଇଥିଲେ ଯେ ନାରାଗାଁର ଦୁଇ ଯୁବକ ଏଥିରେ ଜଡିତ। ନାରାଗାଁରେ ବନବିଭାଗ ଅଧିକାରୀ ପହଞ୍ଚି ୨ ଯୁବକକୁ ପଚାରାଉଚରା କରିବା ସହ ଗିରଫ କରି ବନବିଭାଗର କାର୍ଯ୍ୟାଳୟକୁ ଆଣିଥିଲେ। ଏସମ୍ପର୍କରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବାଲିଗୁଡ଼ା ରେଞ୍ଜର ଡି. ସୁବାସ ସୂଚନା ଦେଇଛନ୍ତି।



## ରୋଲାଣ୍ଡ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ



**ବ୍ରହ୍ମପୁର,୨୫ ।୩(ସମିସ):** ରୋଲାଣ୍ଡ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ "ଏଲିକ୍ସର-୨୦୨୬" ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ମୁଖ୍ୟ ବକ୍ତା ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପାର୍ବତୀ ମଞ୍ଜରୀ ମହାଲିକ ଏବଂ ବରିଷ୍ଠ ମଧୁମେହ ଓ ଅନ୍ତଃସ୍ରାବୀ ଗ୍ରନ୍ଥି ବିଶେଷଜ୍ଞ ଡା. ସୁନିଲ୍ କୁମାର କୋଟା ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଉତ୍ସବରେ ଅନୁଷ୍ଠାନର ଚେୟାରପର୍ସନ ଜେ. ଜୟଲକ୍ଷ୍ମୀ, ନିର୍ଦ୍ଦେଶକ ଡ ଜେ. ଶ୍ରୁତି, ଅଧ୍ୟକ୍ଷ ଡ. ବିଭିଭି ରବି କୁମାର, ଉପାଧ୍ୟକ୍ଷ ଡ. ସିଏଚ୍. ନିରଞ୍ଜନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପିକା ଅର୍ପିତା ଜେନା କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ଅଧ୍ୟାପିକା ସଂଘମିତ୍ରା ଦାସ ଓ ସୁନିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ବାର୍ଷିକ ପତ୍ରିକା 'ରିପସିଜିମ୍-୨୦୨୬' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶିକ୍ଷା କ୍ଷେତ୍ରରେ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ ଓ ବିଭିନ୍ନ କ୍ରୀଡ଼ା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲ। ଶେଷରେ ଅଧ୍ୟାପିକା ବି. ଶ୍ୱେତା ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଅଭାବ**

# ପ୍ଲାଷ୍ଟିକ ବୋତଲରେ ମିଳୁଛି ପେଟ୍ରୋଲ

**ବ୍ରହ୍ମପୁର,୨୫ ।୩(ସମିସ):**

ବାଲେଶ୍ୱର ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା ପରେ ପେଟ୍ରୋଲ ଯୋଗାଣକୁ ନେଇ ଜାରି ହୋଇଥିଲା କଟକଣା। ପେଟ୍ରୋଲ ପମ୍ପରେ ବୋଲତରେ ପେଟ୍ରୋଲ କିମ୍ବା ଖୋଲାରେ ପେଟ୍ରୋଲ ବିକ୍ରୀକୁ ନିଷିଦ୍ଧ କରାଯାଇଥିଲା। ଏପରିକି ଏଥିରେ ଖିଲାପ କଲେ ପେଟ୍ରୋଲ ପମ୍ପ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ତାଗିଦ କରାଯାଇଥିଲା। ଅର୍ଥାତ୍ ଗାଡି ସହିତ ପେଟ୍ରୋଲ ପମ୍ପକୁ ଗଲେ ହିଁ ମିଳିବ ପେଟ୍ରୋଲ, ଏଭଳି କଡା ନିୟମ ଲାଗୁ କରାଯାଇଥିଲା। ଧନଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ପେଟ୍ରୋଲ ବିକ୍ରୟକୁ ନେଇ ରାଷ୍ଟ୍ରାୟତ୍ତ ତୈଳ କମ୍ପାନି ଦ୍ୱାରା ପ୍ରଦତ୍ତ ନିୟମର କଡ଼ାକଡ଼ି ପାଳନ କରିବାକୁ ଖୋଦ୍ ମନ୍ତ୍ରୀ ଶ୍ରୀପାତ୍ର ସଂଘଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିୟମ ଯେଭଳି ରାଜ୍ୟର ସବୁ ପେଟ୍ରୋଲ ପମ୍ପରେ କଡ଼ାକଡ଼ି ପାଳନ ହେବ, ସେନେଇ ଜିଲ୍ଲାପାଳମାନଙ୍କୁ ତଦାରଖ କରିବାକୁ କୁହାଯାଇଥିଲା। ତେବେ ନିୟମିତ ତଦାରଖର ଅବହେଳାରୁ ବର୍ତ୍ତମାନ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି। ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ବୋତଲରେ ପେଟ୍ରୋଲ ଦିଆଯାଉଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ନିର୍ଦ୍ଦେଶନାମାକୁ ବେଖାତିର କରି କେବଳ ପେଟ୍ରୋଲ ପମ୍ପରେ କାହିଁକି ରାସ୍ତାକଡରେ ମଧ୍ୟ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଉପଲବ୍ଧ ହେଉଛି।

### ଆଉ କାହାର ଜୀବନ ଗଲାପରେ ଚେତିବ କି ପ୍ରଶାସନ?

ସେପଟେ ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ଗତ କିଛିଦିନ ଧରି ସହରରେ ରନ୍ଧନ ଗ୍ୟାସ ସାଙ୍ଗକୁ ପେଟ୍ରୋଲର ଅଭାବ ଦେଖିବାକୁ ମିଳିଛି। ସହରର କେତେକ ପେଟ୍ରୋଲ ପମ୍ପ ଖୁବ କମ ସମୟ ପାଇଁ ଖୋଲୁଥିବା ବେଳେ ଆଉ କେତେକ ନିୟମିତ ଖୋଲାଯାଉନଥିବା ଦେଖିବାକୁ ମିଳୁଛି। ଫଳରେ ଖୋଲାଥିବା ହାତ ଗଣତି ପେଟ୍ରୋଲ ପମ୍ପରେ ଲୋକଙ୍କ ଭିଡ଼ ଲାଗି ରହୁଛି। ୩ଦିନ ଧରି ସହରର ଗିରି ମାର୍କେଟ ଛକ, ଜୟପ୍ରକାଶ ନଗର ଛକ,



ଖୋଡ଼ାସିଙ୍ଗି ଛକ ଓ ବଡ଼ବଜାର ଥାନା ସମ୍ମୁଖ ପେଟ୍ରୋଲ ପମ୍ପ ଆଂଶିକ ଖୋଲା ରହୁଥିବା ଦେଖିବାକୁ ମିଳିଛି। ଗତ ସୋମବାର ଅପରାହ୍ନରେ ଏହି ସମସ୍ତ ପେଟ୍ରୋଲ ପମ୍ପ ସମେତ ଖଲ୍ଲିକୋଟ କଲେଜ ଟ୍ରାଫିକ୍ ଛକ ପିଭିଏନ୍ ରାଓ ପେଟ୍ରୋଲ ପମ୍ପ ମଧ୍ୟ ବନ୍ଦ ରହିଥିଲା। ସେହିପରି କେତେକ ପେଟ୍ରୋଲ ପମ୍ପରେ କେବଳ ସ୍ପିଡ ବା ପ୍ରିମିୟମ ପେଟ୍ରୋଲ ମିଳୁଛି। ଯାହାର ମୂଲ୍ୟ ସାଧାରଣ ପେଟ୍ରୋଲ ଠାରୁ ଲିଟର ପିଛା ୭ଟଙ୍କା ଅଧିକ। ପ୍ରକୃତରେ ପେଟ୍ରୋଲର ଅଭାବ ରହିଛି ଅଥବା ଯୁଦ୍ଧ ପରିସ୍ଥିତିକୁ ନେଇ କିଛି ଅସାଧୁ ବ୍ୟବସାୟୀ ଏଭଳି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଗତବର୍ଷ ନଭେମ୍ବରରେ ବଡ଼ବଜାର ଥାନା ଅନ୍ତର୍ଗତ ତଳମେଣ୍ଟୁ ଛକର ସୁରଜ ସାହୁ ନାମକ ଜଣେ ଯୁବକ ନିଜ ଶରୀରରେ ପୋଟ୍ରୋଲ ଢାଳି ଆତ୍ମାହୂତି ଉଦ୍ୟମ କରି ଭୁବନେଶ୍ୱରରେ ଏକ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୂର୍ବରୁ ବାଲେଶ୍ୱରର ଛାତ୍ରୀ ସୌମ୍ୟାଶ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ନିଜକୁ ଜାଳି ଦେଇଥିବା ବେଳେ ଏଠାରେ ସୁରଜଙ୍କ କ୍ଷେତ୍ରରେ ମଧ୍ୟ ଏକା ପରିସ୍ଥିତି ସୃଷ୍ଟି ହୋଇଥିଲା। ପେଟ୍ରୋଲ ପମ୍ପ ବାହାରେ ଖୋଲାରେ ବିକ୍ରୀ କରି ବ୍ୟବସାୟୀ ଲିଟର ପିଛା ୧୦ରୁ ୧୫ଟଙ୍କା ପର୍ଯ୍ୟନ୍ତ ମୁନାଫା କମାଉଛନ୍ତି। ସବୁଜାଣି ପ୍ରଶାସନ ଚୁପ ବସିଥିବା ବେଳେ କେତେବେଳେ ଯେ ପୁଣି ସୌମ୍ୟାଶ୍ରୀ ଓ ସୁରଜଙ୍କ ଭଳି ଆଉ ଏକ ଘଟଣା ନଘଟିବ ତାହା କିଏ କହିପାରିବ। ଏଣୁ ଆଉ ଏକ ଅଘଟଣକୁ ନିମନ୍ତ୍ରଣ ନକରି ସମୟ ପୂର୍ବରୁ ଆବପଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନ ନିକଟରେ ଜନସାଧାରଣ ଦାବି କରିଛନ୍ତି।

## ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ



ପାରଳାଖେମୁଣ୍ଡି,୨୫।୩(ସମିସ): ପାରଳାଖେମୁଣ୍ଡି ହାଇଟେକ ପ୍ଲାଜା ପରିସରରେ ଆଜି ବିଜେଡିର ଏକ ବହୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆସନ୍ତା ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ସଫଳ ହୋଇ ପୁଣି ଥରେ ବିଜେଡି ହାତକୁ ଆସିବ ସେନେଇ ଆଲୋଚନା ହୋଇଥିଲା। ଏହି ଅବସର ରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ୨୦ରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସମସ୍ତ ବିଜେଡି ନେତା ଓ କର୍ମୀ ଏକଜୁଟ ହୋଇ କାମ କରିବା ପାଇଁ ଗୁରୁମନ୍ତ୍ର ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ଡ. ତିରୁପତି ପାଣିଗ୍ରାହୀ । ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ ଓ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ ନୂତନ ଭାବେ ବିଜେଡି ସାମିଲ ହୋଇଥିବା କର୍ମୀଙ୍କୁ ଉପଢୌକନ ଦେଇ ସେମାନଙ୍କୁ ସ୍ୱାଗତ କରି ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇଅମ୍ମା, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍ ବାଉରାଜୁ, ସମସ୍ତ ଜିଲ୍ଲାପରଷଦ, ସରପଞ୍ଚ , ସମିତି ଓ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବାଇକ ଧକ୍କାରେ ବୃଦ୍ଧା ମୃତ; ଆମ୍ବୁଲାନ୍ସ ସେବା ନ ମିଳିବାରୁ ଅସନ୍ତୋଷ



ପାରଳାଖେମୁଣ୍ଡି,୨୫।୩ (ସମିସ): ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଆଡାଗାଁ ଗ୍ରାମ ଛକରେ ଏକ ବାଇକ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଲୋକେ ଆମ୍ବୁଲାନ୍ସ ପାଇଁ ବାରମ୍ବାର ଫୋନ କରିଥିଲେ ମଧ୍ୟ ନ ଆସିବାରୁ ଜନଅସନ୍ତୋଷ ବୃଦ୍ଧି ପାଇଛି। ଘଟଣାରୁ ପ୍ରକାଶ ଯେ ଆଡାଗାଁ ଗ୍ରାମର ଚନ୍ଦ୍ରମା ବେହେରା (୭୦) ଆଡାଗାଁ ଛକକୁ ଯାଆସ କରୁଥିଲେ। ସବୁଦିନ ପରି ଆଜି ମଧ୍ୟ ଚନ୍ଦ୍ରମା ନିଜ ଘରକୁ ଫେରୁଥିବା ସମୟରେ ସୀମାଞ୍ଚଳ ପାଟଭୂୟାଁ ନାମକ ଜଣେ ଯୁବକ ବାଇକରେ ଗୁରାଣ୍ଡି ଗ୍ରାମରୁ ଗାରାବନ୍ଧ ଥାନା ଅନ୍ତର୍ଗତ ମାଡବା ଗ୍ରାମକୁ ଯାଉଥିବା ସମୟରେ ଆଡାଗାଁ ଛକରେ ବୃଦ୍ଧାଙ୍କ ସହ ଧକ୍କା ଘଟିଥିଲା। ଫଳରେ ଚନ୍ଦ୍ରମାଙ୍କ ଗୋଡ ଭାଙ୍ଗିଯିବା ସହ ଶରୀର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ତୁରନ୍ତ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସିନଥିଲା। ଏଥିରେ ବୃଦ୍ଧାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ବିଗିଡିଯାଇଥିଲା। ଖବର ପାଇ ଗୁରାଣ୍ଡି ପୁଲିସ ପହଞ୍ଚି ଗୁରୁତର ବୃଦ୍ଧାଙ୍କୁ ଉଦ୍ଧାର କରି ପୁଲିସ ଗାଡିରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ସମୟରେ ଚନ୍ଦ୍ରମାଙ୍କ ମୃତ୍ୟୁ ଘଟିଥିଲା। ବାଇକ ଚାଳକ ସୀମାଞ୍ଚଳ ଦୁର୍ଘଟଣା ପରେ ପଳାୟନ ନକରି ବୃଦ୍ଧାଙ୍କୁ ଧରିବସିଥିବା ଏବଂ ବୃଦ୍ଧାଙ୍କ ଚିକିତ୍ସା ପାଇଁ ସେ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଆବଶ୍ୟକ ସମୟରେ ଆମ୍ବୁଲାନ୍ସ ଆସୁନଥିବାରୁ ଜନଅସନ୍ତୋଷ ଦେଖାଦେଇଛି । ଦୁର୍ଘଟଣାକୁ ନେଇ ଗୁରାଣ୍ଡି ଥାନାରେ ଏକ ମାମଲା ରୁଜୁ କରାଯିବା ସହ ବାଇକକୁ ଜବତ କରି ଘଟଣାର ତଦନ୍ତ ଜାରି ରହିଥିବାର ଥାନା ସୂତ୍ରରୁ ପ୍ରକାଶ।

## ଗୋଷାଣି ବ୍ଲକରେ କାଳବୈଶାଖୀ



ଗୋଷାଣି,୨୫।୩(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ସାଙ୍ଗକୁ ବର୍ଷା ମଧ୍ୟ ହୋଇଛି । ସ୍ୱଳ୍ପ ସମୟ ପାଇଁ ଏହି ପବନ ବର୍ଷା ହୋଇଥିଲେ ମଧ୍ୟ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ଗଛ ଡାଳ ଭାଙ୍ଗି ପଡିବା ସହ ଟିଣ ଛପର ଉଡିଯାଇଥିବା ଜଣାପଡିଛି । ବର୍ଷା ପବନ ସାଙ୍ଗକୁ ପ୍ରବଳ କୁଆପଥର ମାଡ ହୋଇଥିବା ଯୋଗୁଁ ଚଳିତ ବର୍ଷ ଆମ୍ବ ଫସଲକୁ ନେଇ ଆଶଙ୍କା ମଧ୍ୟ ଉପୁଜିଛି । ବିଶେଷ କରି ଜଙ୍ଗଲପାଢୁ ଗ୍ରାମାଞ୍ଚଳରେ ପ୍ରବଳ ପବନ ହୋଇଥିବା ଯୋଗୁଁ ଗଛଡାଳ ପଡିବା, ଟିଣଛପର ଉଡିବା ଭଳି ଘଟଣା ଘଟିଛି। କାଳବୈଶାଖୀ ପ୍ରଭାବରେ ବ୍ଲକର ଅନ୍ୟାନ୍ୟ ଅଞ୍ଚଳରେ କ୍ଷୟକ୍ଷତି ସମ୍ପର୍କରେ କିଛି ସୂଚନା ମିଳିନାହିଁ ।

### ମାଓବାଦୀ ସାମ୍ରାଜ୍ୟର ପତନ

# ହିଂସାର ଅନ୍ତ, ମୁଖ୍ୟଧାରାରେ ନୂଆ ଜୀବନ

ଫୁଲବାଣୀ,୨୫।୩(ସମିସ)

ଓଡ଼ିଶାରେ ନକ୍ସଲ ବିରୋଧୀ ଅଭିଯାନରେ ଆଜି ଏକ ଐତିହାସିକ ସଫଳତା ମିଳିଛି। କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିବା ପ୍ରତିବନ୍ଧିତ ସିପିଆଇ (ମାଓବାଦୀ) ସଂଗଠନକୁ ଏକ ଶକ୍ତ ଧକ୍କା ଦେଇ, ସଂଗଠନର ଜଣେ ପ୍ରଭାବଶାଳୀ ନେତା ତଥା ରାଜ୍ୟ କମିଟି ସଦସ୍ୟ କୋସା ସୋଡି ଓରଫ ସୁକ୍ରୁଙ୍କ ସମେତ ମୋଟ ୫ ଜଣ ହାର୍ଡକୋର ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଫୁଲବାଣୀସ୍ଥିତ ରିଜର୍ଭ ପୁଲିସ ଲାଇନ୍ସାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ମାଓବାଦୀ ହିଂସାର ପଥ ଛାଡ଼ି ଗଣତନ୍ତ୍ର ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଓଡ଼ିଶା ପୁଲିସ ଏବଂ ସୁରକ୍ଷା ବାହିନୀର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମାଓବାଦୀଙ୍କୁ ସ୍ୱାଗତ କରିଥିଲେ। ଉପସ୍ଥିତ ଅଧିକାରୀମାନେ ହେଲେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ତଥା ଆଣ୍ଟି ନକ୍ସଲ ଅପରେସନ ସଞ୍ଜୀବ ପଣ୍ଡା, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଆଇଜି ଅପରେସନ ଡ. ଦୀପକ କୁମାର, ଏସଆଇଡବ୍ଲୁ ଡିଆଇଜି ଅଖିଳେଶ୍ୱର ସିଂ, ସିଆରପିଏଫ ଡିଆଇଜି ଦିଲୀପ ଅମ୍ରେଶ, କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଓ ଏସପି ହରିଶ ବି.ସି। ଆତ୍ମସମର୍ପଣ କରିଥିବା ୫ ଜଣ କ୍ୟାଡରଙ୍କ ମଧ୍ୟରେ ଜଣେ ରାଜ୍ୟ କମିଟି ସଦସ୍ୟ ଏବଂ ୪ ଜଣ ପାର୍ଟି ମେମ୍ବର ରହିଛନ୍ତି। ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ କୁରୁବ ଗ୍ରାମର ୪୯ ବର୍ଷୀୟ କୋସା ସୋଡି ଓରଫ ସୁକ୍ରୁ ୧୯୯୭ ମସିହାରୁ ସଂଗଠନରେ ସାମିଲ ଥିଲେ। ସେ କନ୍ଧମାଳ କଳାହାଣ୍ଡି-ବୌଦ୍ଧ-ନୟାଗଡ଼ (କେକେବିଏନ) ଡିଭିଜନର ସାମରିକ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୁଣ୍ଡ ଉପରେ ସରକାର ୫୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ତାଙ୍କ ନାମରେ ଓଡ଼ିଶା ଏବଂ ଛତିଶଗଡ଼ରେ ଶତାଧିକ ମାମଲା ରହିଛି। ଆତ୍ମସମର୍ପଣ କରିଥିବା ଅନ୍ୟ ମାଓବାଦୀ ମାନଙ୍କ ମଧ୍ୟରେ ଛତିଶଗଡ଼ର ସୁକମା ଜିଲ୍ଲାର ବାସିନ୍ଦା ସଞ୍ଜୟ ଭାଗଙ୍କ ଉପରେ ୨.୭୫ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ଛତିଶଗଡ଼ ବିଜାପୁର ଜିଲ୍ଲାର ରୋନି



ପାଟାମି ମହିଳା ମାଓବାଦୀଙ୍କ ଉପରେ ମଧ୍ୟ ୨.୭୫ ଲକ୍ଷ ଟଙ୍କାର ପୁରସ୍କାର ଥିଲା। କଳାହାଣ୍ଡି ଜିଲ୍ଲାର କୁନି ମାଝୀ ମହିଳା କ୍ୟାଡର ୨୦୧୬ରୁ ସଂଗଠନରେ ସକ୍ରିୟ ଥିଲେ। ସେହିପରି ଦଶମତୀ ଓରଫ ଫୁଲମତୀ କଳାହାଣ୍ଡି ଜିଲ୍ଲାର ବାସିନ୍ଦା ହୋଇଥିବା ବେଳେ ମାଓ ସଙ୍ଗଠନରେ ବହୁ ଦିନରୁ ରହି ଆତଙ୍କ ସୃଷ୍ଟି କରୁଥିଲେ। ଆତ୍ମସମର୍ପଣ ସମୟରେ ମାଓବାଦୀମାନେ ସେମାନଙ୍କର ବ୍ୟକ୍ତିଗତ ଅସ୍ତ୍ରଶସ୍ତ୍ର ପୁଲିସ ନିକଟରେ ଦାଖଲ କରିଥିଲେ। ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ଗୋଟିଏ ଏକେ ୪୭ ରାଇଫଲ, ଗୋଟିଏ ଏସଏଲଆର , ଦୁଇଟି ୩୦୩ ରାଇଫଲ ଏବଂ ଗୋଟିଏ ସିଙ୍ଗଲ ସଟ୍‌ଗନ୍ ସହ ବହୁ ପରିମାଣର ଗୁଳିଗୋଳା ରହିଛି। ସୁକ୍ରୁ ନିକଟରୁ ମିଳିଥିବା ଏକେ ୪୭ ରାଇଫଲଟି ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇ କହିଛନ୍ତି ଯେ, ଗତ ଡିସେମ୍ବର ୨୦୨୫ରେ କନ୍ଧମାଳରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ମୃତ୍ୟୁ ପରେ ମାଓ ସଂଗଠନ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଛି। ସୁରକ୍ଷା ବାହିନୀ ଏସଓଜି, ଡିଭିଏଫ, ସିଆରପିଏଫ ଓ ବିଏସଏଫର ଜୋରଦାର ଅଭିଯାନ ଏବଂ ସୂଚନାଭିତ୍ତିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାଓବାଦୀ କୋଣଠେସା ହୋଇପଡ଼ିଛନ୍ତି। ବର୍ତ୍ତମାନ ଓଡ଼ିଶାରେ ସଶସ୍ତ୍ର ମାଓବାଦୀଙ୍କ ସଂଖ୍ୟା ମାତ୍ର ୮ ରୁ ୯ ମଧ୍ୟକୁ ଖସିଆସିଛି, ଯାହା ଏକକ ଅଙ୍କରେ ସୀମିତ। ଓଡ଼ିଶା ପୁଲିସ ଆସନ୍ତା ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ସମଗ୍ର ରାଜ୍ୟକୁ ନକ୍ସଲ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଆତ୍ମ ସମର୍ପଣ କରିଥିବା ପ୍ରତ୍ୟେକଙ୍କୁ ତୁରନ୍ତ ୨୫,୦୦୦ ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରାଯାଇଛି। ରାଜ୍ୟ କମିଟି ସଦସ୍ୟ ସୁକ୍ରୁଙ୍କୁ ତାଙ୍କ ମୁଣ୍ଡ ଉପରେ ଥିବା ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଅତିରିକ୍ତ ୧୦ ଲକ୍ଷ ଟଙ୍କା ଏବଂ ଅସ୍ତ୍ରଶସ୍ତ୍ର ପାଇଁ ପ୍ରାୟ ୭ ଲକ୍ଷ ଟଙ୍କା ମିଳିବ। ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯିବ। ଏହାସହ ବୃତ୍ତିଗତ ତାଲିମ ପାଇଁ ପ୍ରତି ମାସରେ ୧୦,୦୦୦ ଟଙ୍କା ଲେଖାଏଁ ୩ ବର୍ଷ ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ଦିଆଯିବ। ସମସ୍ତଙ୍କୁ ସରକାରୀ ସ୍ୱାସ୍ଥ୍ୟକାର୍ଡ ଏବଂ ମାଗଣା ରାସନ ସୁବିଧା ମିଳିବ। ଏପରିକି ବିବାହ ପାଇଁ ୨୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ରହିଛି। ଡିଜିପି ଏବଂ ଏଡିଜି ସଞ୍ଜୀବ ପଣ୍ଡା ଅନ୍ୟ ସମସ୍ତ ଅଣ୍ଡରଗ୍ରାଉଣ୍ଡ ମାଓବାଦୀଙ୍କୁ ଅନୁରୋଧ କରିଛନ୍ତି ଯେ, ସେମାନେ ହିଂସାର ପଥ ପରିତ୍ୟାଗ କରି ଶୀଘ୍ର ଆତ୍ମସମର୍ପଣ କରନ୍ତୁ। ସେମାନଙ୍କୁ ସମାଜର ମୁଖ୍ୟଧାରାରେ ସମ୍ମାନର ସହ ବଞ୍ଚିବା ପାଇଁ ପୁଲିସ ଏବଂ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ। ଏହି ସଫଳତା ପାଇଁ ଏଡିଜି ଶ୍ରୀ ପଣ୍ଡା ବିଶେଷ ଭାବେ ଆଇଜି ଅପରେସନ ଡ. ଦୀପକ କୁମାର, ଡିଆଇଜି ଅଖିଳେଶ୍ୱର ସିଂ ଏବଂ କନ୍ଧମାଳ ଏସପି ହରିଶ ବିସିଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାର କିଛି ପକେଟରେ ବାକି ରହିଥିବା ମାଓବାଦୀଙ୍କୁ ଧରିବା ପାଇଁ ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି କହିଛନ୍ତି।

### ଚାଲିଲା କୋଟଗଡ଼-ବ୍ରହ୍ମପୁର ସରକାରୀ ବସ

## କେବେ ଚାଲିବ ପୁରୀ- ରାଇଘର ବସ



ଜି.ଉଦୟଗିରି,୨୫।୩(ସମିସ): ଜିଉଦୟଗିରିରୁ ବ୍ରହ୍ମପୁରକୁ ପ୍ରାୟତଃ ସରକାରୀ ଯାତ୍ରୀବାହୀ ବସ୍ ଚଳାଚଳ କରୁନଥିବା ବେଳେ ଲୋକେ ନାନା ସମସ୍ୟା ରେ ସମ୍ମୁଖୀନ ହେଉଥିଲେ। ଏଥିପାଇଁ ଏହି ରୁଟରେ ସରକାରୀ ବସ୍ ଚଳାଚଳ କରିବାକୁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଥିଲା। ଏବେ ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଠାରୁ କୋଟଗଡ଼ରୁ ବ୍ରହ୍ମପୁରକୁ ଏସି ଡ଼ିଲକ୍ସ ବସ୍ ଯାତାୟାତ ଆରମ୍ଭ କରିଛି। ଯାହା ଦ୍ୱାରା କନ୍ଧମାଳ ସହିତ ଦକ୍ଷିଣ ଓଡ଼ିଶାକୁ ଯାତାୟାତ ସୁଗମ ହୋଇପାରିବ ବୋଲି କୁହାଯାଉଥିବା ବେଳେ ଲାଭବାନ ହେବେ ଯାତ୍ରୀ।

ଅନ୍ୟ ପଟେ ଜି.ଉଦୟଗିରି ଦେଇ ରାଇଘର-ପୁରୀ ସରକାରୀ ଭଲଭୋ ଜଗନ୍ନାଥ ଏକ୍ସପ୍ରେସ ଛ ମାସ ହେଲା ବନ୍ଦ ହୋଇଯାଇଥିବା ବେଳେ ଜଗନ୍ନାଥ ଦର୍ଶନରୁ ବଞ୍ଚିତ ହୋଇ ଆସୁଛନ୍ତି ଅଞ୍ଚଳବାସୀ। ଏହି ବସ୍ ଚାଲିବାକୁ ଲୋକେ ବାରମ୍ବାର ଦାବି କରି ଆସୁଥିବା ବେଳେ ମୁଖ୍ୟମନ୍ତ୍ରୀ ଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇଲା ପରେ ମଧ୍ୟ କିଛି ସୁଫଳ ମିଳିନି। ଶୀଘ୍ର ଏହି ରାସ୍ତା ଦେଇ ପୁରୀ-ରାଇଘର ଭାଲଭୋ ବସ୍ ଚଳାଚଳ କରିବାକୁ ଦାବି ହୋଇଛି। ତାହା ନହେଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

## ଗୁମ୍ମା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗୁମ୍ମା,୨୫।୩(ସମିସ): ଗୁମ୍ମା ବ୍ଲକ ସଦର ମହକୁମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଉତ୍ସର୍ଗିତା ବଡ଼ରଇତ, ସାମାଜିକ ସୁରକ୍ଷା ଅଧିକାରୀ ଏଲ.ସନ୍ତୋଷ କୁମାର, ବିଡ଼ିଓ ଦୁଲାରାମ ମାରାଣ୍ଡି ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟଜିତ ବେହେରା ଯୋଗ ଦେଇଥିଲେ। ଶିବିରରେ ସ୍ଥାନୀୟ ବ୍ଲକ, ତହସିଲ, ଶିଶୁ ବିକାଶ ବିଭାଗ, ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ କର୍ମଚାରୀ ବିଭିନ୍ନ ଷ୍ଟଲରେ ଉପସ୍ଥିତ ରହି ୨୦ ପଞ୍ଚାୟତରୁ ଆସିଥିବା ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୩୬ ନାମ ପଞ୍ଜୀକରଣ କରାଯାଇଥିବା ବେଳେ ଡ଼. ଶାନ୍ତନୁ ପାଢ଼ୀ ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୯୧ଅସ୍ଥିଶଲ୍ୟ, ୬ ଜଣଙ୍କୁ ବସପାସ୍, ୩ ଡିଆରଆଇ ଋଣ, ୫ କୌଶଳବିକାଶ, ଗ୍ରାମୀଣଘର ୫, ଏମ୍ଆର୍ ଏବଂ ସିପି ୭ ଓ ଦୃଷ୍ଟିହୀନ ୫ଜଣଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଏହି ଶିବିରକୁ ଗୋଷ୍ଠୀ ସାମାଜିକ ଅଧିକାରୀ ସତ୍ୟଜିତ ବେହେରା, ଉପେନ୍ଦ୍ର ମାଛ, ଓ ବ୍ଲକ କର୍ମଚାରୀ ପରିଚାଳନା କରିଥିଲେ। ବିଭିନ୍ନ ପ୍ରକାର ସରକାରୀ ଯୋଜନାକୁ ଗ୍ରାମାଞ୍ଚଳରେ ପହଞ୍ଚିବା ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଡ଼ିଓ କହିଛନ୍ତି।

## ଜନଗଣନା ପ୍ରଶିକ୍ଷଣ ଶିବିର

ଗୁମ୍ମା,୨୫।୩(ସମିସ): ଗୁମ୍ମା ବ୍ଲକ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜନଗଣନା ତାଲିମ ଅନୁଷ୍ଠିତ ହୋଇଯାଇଛି। ଜନଗଣନା ଅଧିକାରୀ ତଥା ଗୁମ୍ମା ତହସିଲଦାର ଶରତ ଶବରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଅନୁପ ପଣ୍ଡା ଯୋଗ ଦେଇଥିଲେ। ତାଲିମ ଆସନ୍ତା ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ଚାଲିବା ସୂଚନା ମିଳିଛି। ଗୁମ୍ମା ବ୍ଲକର ୧୬୧ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ଗଣନାକାରୀ ଏବଂ ୨୨ ଜଣ ପର୍ଯ୍ୟବେକ୍ଷକ ଭାବରେ ତାଲିମ ଦିଆଯାଉଥିବା ଜନଗଣନା ଅଧିକାରୀ ସୂଚନା ଦେଇଛନ୍ତି। ୪ ପର୍ଯ୍ୟାୟ କ୍ରମେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ଦିଆଯାଉଥିବା ବେଳେ ଟି.ଶିବାଜୀ ଓ ବାଲ କ୍ରିଷ୍ଣା ପାଲକା ତାଲିମ ପ୍ରଦାନ କରୁଛନ୍ତି। ତାଲିମପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସାଧାରଣତଃ ଗମଣାକାରୀ ଭାବେ କାର୍ଯ୍ୟ କରିବେ। ସେହିପରି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିବେ। ଉକ୍ତ ତାଲିମରେ ଏକ ମୋବାଇଲ ଆପ ମାଧ୍ୟମରେ ଜନଗଣନା ଡାଟା ସଂଗ୍ରହ କରାଯିବା ନେଇ ତାଲିମ ଦିଆଯିବ। ଏହି ପ୍ରକ୍ରିୟାରେ ଯେପରି ୧୦୦% ଡିଜିଟାଲ ତଥ୍ୟ ସଂଗ୍ରହ ଅନ୍ତର୍ଭୁକ୍ତ ହୋଇପାରିବ ସେଥିନେଇ ଗୁରୁତ୍ୱାରୋପ କରାଯାଇଛି। ସେହିପରି ଆଗାମୀ ଦିନରେ ଜନଗଣନା ଆରମ୍ଭ ହେବାକୁ ଥିବାବେଳେ ଜନଗଣନା ଦାୟିତ୍ୱରେ ଥିବା ଗଣନାକାରୀ କର୍ମଚାରୀ ଓ ପର୍ଯ୍ୟବେକ୍ଷକଙ୍କୁ ଗୁମ୍ମା ବ୍ଲକର ସମସ୍ତ ଜନସାଧାରଣ ସହଯୋଗ କରିବା ପାଇଁ ତହସିଲଦାର ଶ୍ରୀ ଶବର କହିଛନ୍ତି।

## ୫ ବର୍ଷ ଧରି ଚାଲିଛି ପୋଲ ନିର୍ମାଣ



ବ୍ରାହ୍ମଣୀଗାଁ,୨୫।୩(ସମିସ): ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ଠାରୁ ୨୦୦ ମିଟର ଦୂରରେ ପାଟଣା ସାହି ସମେତ ଅନ୍ୟାନ୍ୟ ୫ ସାହିରେ ପ୍ରାୟ ୮୦୦ ଗ୍ରାମ ବାସୀ ବସବାସ କରୁଛନ୍ତି। ଡାକ୍ତରଖାନା, ବିଦ୍ୟାଳୟ, ବ୍ୟାଙ୍କ ଇତ୍ୟାଦିକୁ ଆସିବାକୁ ହେଲେ ୨୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ପଡ଼େ। ରାସ୍ତାରେ ଚମ୍ପା ନାଳ ରହିଛି। ଲୋକଙ୍କ ଯିବା ଆସିବାରେ ସୁବିଧା ପାଇଁ ଏହି ନାଳ ଉପରେ ୧୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। କିନ୍ତୁ ପୋଲ କାମ ୫ ବର୍ଷ ହେଲା ଆରମ୍ଭ ହୋଇଥିଲେ ସୁଦ୍ଧା ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଏଥିପାଇଁ ନିଜର କାମ ପାଇଁ ଲୋକଙ୍କୁ ଦୁଇ କିଲୋମିଟର ରାସ୍ତା ଅତିକ୍ରମ କରି ଅନ୍ୟ ରାସ୍ତାରେ ଯିବାକୁ ପଡୁଛି। ବିଶେଷ କରି ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା, ରୋଗୀଙ୍କୁ ଅଧିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏହି ପୋଲର ନିର୍ମାଣ ଶେଷ କରିବା ନିମନ୍ତେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ଗ୍ରାମବାସୀ ପୋଲ ନିର୍ମାଣ କାମ ତୁରନ୍ତ ସମାପ୍ତ କରାନଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଥାଉ କି ଏହି ବିପଦସଙ୍କୁଳ ରାସ୍ତାରେ ଯିବା ଆସିବା କରି ବିଗତ ଦିନରେ ଅନେକ ମୃତାହତ ହୋଇଥିବା ନଜିର ରହିଛି।

## ସିଙ୍ଗିପୁର ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପାରଳାଖେମୁଣ୍ଡି,୨୫।୩(ସମିସ): କାଶୀନଗର ବ୍ଲକ ସିଙ୍ଗିପୁର ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ୨ ବର୍ଷ ହେଲା ଆରମ୍ଭ ହୋଇ ସମାପନ



ହୋଇଛି। ପ୍ରତିଷ୍ଠା ଉତ୍ସବ ଲାଗି ୫ ଦିନ ଧରି ପୂଜାର୍ଚ୍ଚନା ହେବା ସହ ଆଜି ପଞ୍ଚମ ତଥା ଅନ୍ତିମ ଦିବସରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମାଙ୍କ ସେ ଓ ସ୍ଥାନୀୟ ସରପଞ୍ଚ ତେଜେଶ୍ୱର ରାଓ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ଆଶିଷ ଭିକ୍ଷା କରିଥିଲେ। ଏହି ମନ୍ଦିର ନିର୍ମାଣ ପାଇଁ ତତ୍କାଳୀନ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଆ ଯୋଜନାରୁ ୧୫ ଲକ୍ଷ ଟଙ୍କା, ବିଧାୟକ ପାଣ୍ଠିରୁ ୩ ଲକ୍ଷ ଟଙ୍କା ସହ ବିଧାୟକଙ୍କ ବ୍ୟକ୍ତିଗତ ଆର୍ଥିକ ସହାୟତାରେ ନିର୍ମିତ ହୋଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମ ଶେଷରେ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିବା ବେଳେ ଅଞ୍ଚଳର ହଜାର ହଜାର ଭକ୍ତ ତଥା ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ଆହତଙ୍କୁ ଚିକିତ୍ସାଳୟ ପଠାଇଲେ ସିଡିଏମ୍‌ଓ

ପାରଳାଖେମୁଣ୍ଡି,୨୫।୩ (ସମିସ): ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶାନ୍ତନୁ କୁମାର ପାଢୀଙ୍କ ମହାନୀୟତା ଦେଖାଇ ଦୁର୍ଘଟଣାରେ ଗୁରୁତର ହୋଇ ଛଟପଟ ହେଉଥିବା ଦୁଇ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ରାସ୍ତାରୁ ଉଠାଇ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ଡା. ପାଢୀ ଆଜି ଗୁମ୍ମା ବ୍ଲକରେ ଅନୁଷ୍ଠିତ ହୋଇଥିବା ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଯୋଗ ଦେଇ ପାରଳାଖେମୁଣ୍ଡି ଫେରୁଥିଲେ। ହେଲେ ପାର୍ଶମ୍ବା ଗ୍ରାମ ନିକଟ ମୁଖ୍ୟ ରାସ୍ତାରେ ଦୁଇ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ଉଭୟ ବାଇକ ଚାଳକ ଗୁରୁତର ଆହତ ହୋଇଥିଲେ। ଇତି ମଧ୍ୟରେ ସିଡିଏମ୍‌ଓ ଏହି ଦୁର୍ଘଟଣାକୁ ଦେଖି ଅଟକି ଯାଇ ତୁରନ୍ତ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଘଟଣାସ୍ଥଳରେ ହିଁ ଦେଖିବା ସହ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିଛି ସମୟ ମଧ୍ୟରେ ଆମ୍ବୁଲାନ୍ସ ପହଞ୍ଚି ଉଭୟ ଗୁରୁତରଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା । ଏହାପରେ ମଧ୍ୟ ସିଡିଏମ୍‌ଓ ନିଜେ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ତଦାରଖ କରୁଛନ୍ତି । ଦୁର୍ଘଟଣାରେ ଉଭୟ ଆହତଙ୍କ ନାମ ଠିକଣା ଏବଂ ଦୁର୍ଘଟଣାର କାରଣ ଜଣାପଡିନଥିବା ବେଳେ ସିଡିଏମ୍‌ଓଙ୍କ ଏପରି ମହାନୀୟତାକୁ ନେଇ ପ୍ରଶଂସା କରାଯାଉଛି ।

## ପୁଣି ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ



କାଶୀନଗର,୨୫।୩(ସମିସ): କାଶୀନଗର ତହସିଲ ତଥା ବ୍ଲକାଞ୍ଚଳରେ ବେଆଇନ ଇଟାଭାଟିକୁ ପ୍ରଶାସନ ପକ୍ଷରୁ ପୁଣି ଭଙ୍ଗା ଯିବା ସହ ଜରିମାନା ଆଦାୟ କରାଯାଇଛି। କିଛି ଦିନ ପୂର୍ବେ କାଶୀନଗର ବ୍ଲକ୍ ଖାଣ୍ଡବା ପଞ୍ଚାୟତରେ ଚାଲିଥିବା ବେଆଇନ ଇଟା ଭାଟିକୁ ବନ୍ଦ କରିବା ପରେ କିଛି ଲୋକେ ପ୍ରଶାସନର ପଦକ୍ଷେପକୁ ଅସମର୍ଥନ କରି ବେଆଇନ ଇଟା ଭାଟି ଚଲାଇଥିଲେ। ଖବର ଜାଣି ପ୍ରଶାସନ ପକ୍ଷରୁ ବୁଧବାର ବେଆଇନ ଇଟା ଭାଟି ଭଙ୍ଗା ଯିବା ସହ ଜରିମାନା ଆଦାୟ କରିଛି। ବିଶେଷ କରି ପାରଳାଖେମୁଣ୍ଡି ସହରର ଉପକଣ୍ଠରେ ଥିବା ରାଣୀପେଣ୍ଠ ପଞ୍ଚାୟତରେ ଆଇନ କାନୁନକୁ ଜଳାଞ୍ଜଳି ଦେଇ ୫ରୁ ଅଧିକ ଇଟାଭାଟିରେ ଇଟାପୋଡା ଯାଉଥିଲା। ଯାହାକୁ ବନ୍ଦ କରିବା ପାଇଁ ଆଜି ପ୍ରଶାସନ ଅଣ୍ଟା ଭିଡି ଏସବୁକୁ ନଷ୍ଟ କରିବା ସହ ୨ଲକ୍ଷ ୪୦ହଜାର ଟଙ୍କା ଜରିମାନା ଆଦାୟ କରିଛି। ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡା ଓ କାଶୀନଗର ତହସିଲଦାର ସୁଧିର କୁମାର ନନ୍ଦ ମିଳିତ ଭାବେ ଚଢଉ କରିଥିଲେ। ଇଟାଭାଟି ମାଲିକ ବେଆଇନ ଭାବେ ମାଟିଉତ୍ତୋଳନ କରିବା ସହ ଇଟା ପୋଡିବା ପାଇଁ ବହୁ ମୂଲ୍ୟବାନ ଗଛ ବେଆଇନ ଭାବେ ଜଙ୍ଗଲରୁ କାଟି ନିଜ ନିଜର ବ୍ୟବସାୟ ଚଳାଇ ଆସୁଥିଲେ । ଚଢା ଦରରେ ଇଟା ବିକ୍ରି କରି ମାଲାମାଲ୍ ହେଉଥିବା ବେଳେ ଇଟାଭାଟିର ପ୍ରଦୂଷଣ ଯୋଗୁ ପରିବେଶ ଦୂଷିତ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ସରକାର ପୋଡା ଇଟା ଭାଟିକୁ ବେଆଇନ ବୋଲି କହୁଥିବା ବେଳେ ପ୍ରଶାସନର ନାକ ତଳେ ବେଆଇନ ଇଟାଭାଟି କାରବାର ହେଉଛି। ବିଗତ ବର୍ଷ ମଧ୍ୟ ସମାନ ସ୍ଥାନରେ ଇଟାଭାଟି ଗଢାଯାଇ ଚଢଉ କରାଯାଇଥିବା ବେଳେ ଚଳିତ ବର୍ଷ ମଧ୍ୟ ସେହି ସ୍ଥାନରେ ଇଟାଭାଟିକୁ ଭଙ୍ଗା ଯାଇ ଲକ୍ଷାଧିକ ଟଙ୍କା ଜରିମାନା କରାଯାଇଛି । ହେଲେ ଚଢଉର କିଛି ମାସ ବ୍ୟବଧାନରେ ଏପରି ବେଆଇନ ପୋଡା ଇଟାଭାଟି ନିର୍ମାଣ କରାଯାଉଛି। ବୁଦ୍ଧିଜୀବୀ ଇଟାଭାଟି ଯୋଗୁ ପ୍ରଦୂଷଣ ବଢୁଥିବା ଓ ଜଙ୍ଗଲର ଗଛ କାଟିବା ଦ୍ୱାରା ପରିବେଶ ନଷ୍ଟକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି।

## ଡିଏଭି ସ୍କୁଲ୍‌ର ମାଧ୍ୟମିକ ପ୍ରଶିକ୍ଷଣ ବାର୍ଷିକ ଉତ୍ସବ



ଜି.ଉଦୟଗିରି,୨୫।୩(ସମିସ): କଳିଙ୍ଗାରେ ଥିବା ସରକାରୀ ଡିଏଭି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଏଡ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦୀପକ କୁମାର ମହାନ୍ତି ଓ ମୁଖ୍ୟବକ୍ତା କଳିଙ୍ଗ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଅଧ୍ୟାପକ ଡ଼. ନଳିନୀ କୁମାର ପାଣିଗ୍ରାହୀ ଯୋଗ ଦେଇ ଗୁରୁ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ର ନିର୍ମାଣ ଦିଗରେ ପ୍ରସ୍ତୁତ ହେବା ନିମନ୍ତେ ଅଭିମନ୍ତ୍ରିତ କରିଥିଲେ। ସମ୍ମାନିତ ଅତିଥି ରୂପେ ଅବସର ପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବଳରାମ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ଅଧ୍ୟାପକ ବିନାୟକ ବିଶ୍ୱାଳ, ଶିକ୍ଷକ ସୁଧୀର କୁମାର ସାହୁ ଓ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଭୋଇ ଯୋଗଦେଇ ସାଂପ୍ରତିକ ସ୍ଥିତିରେ ଗୁରୁଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଶିକ୍ଷୟିତ୍ରୀ ଜୟନ୍ତୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅମିତ୍ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଜ୍ଞାନ ଶିକ୍ଷୟିତ୍ରୀ ସ୍ନେହଲତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶିକ୍ଷକ ରଶ୍ମୀକାନ୍ତ ସାହୁ ଓ କାର୍ଯ୍ୟାଳୟ ସହାୟିକା ପିଙ୍କି ପ୍ରଧାନ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣରେ ସହଯୋଗ କରିଥିଲେ । ପରେ ଗୁରୁଛାତ୍ରଛାତ୍ରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ତଳେ ରତ୍ନ ଅଳଙ୍କାର ଗଣତି; ଉପରେ ଡ୍ରୋନ୍

## ଶ୍ରୀମନ୍ଦିର ଉପରେ ଉଡୁଥିବା ୨ ଡ୍ରୋନ୍ ଜବତ, ପଶ୍ଚିମବଙ୍ଗର ୨ ଯୁବକ ଅଟକ

ପୁରୀ,୨୫।୩(ସମିସ): ଦୀର୍ଘ ୪୮ ବର୍ଷ ପରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ପାଇଁ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବରିଷ୍ଠ ପୁଲିସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପ୍ରାୟ ୧୦ ସେକ୍ସନ ଫୋର୍ସ ନିୟୋଜିତ ଥିଲେ। ପ୍ରବେଶ ପଥରେ ଭକ୍ତଙ୍କୁ କଡ଼ାକଡ଼ି ଯାଞ୍ଚ କରାଯାଉଥିଲା। ଦୁର୍ମୂଲ୍ୟ ରତ୍ନ ଅଳଙ୍କାର ଗଣତିମଣତି ପାଇଁ ସବୁ ବରିଷ୍ଠ ଅଧିକାରୀ ମଧ୍ୟ ମନ୍ଦିର ଭିତରେ ଉପସ୍ଥିତ ଥିଲେ। ହେଲେ ସୁରକ୍ଷା ବ୍ୟବସ୍ଥା ଯେ ଚିରାଚରିତ ଥିଲା ତାହାର ମୂକ ସାକ୍ଷୀ ଥିଲେ ହଜାର ହଜାର ଭକ୍ତ। କାରଣ ତଳେ ରତ୍ନ ଅଳଙ୍କାର ଗଣତିମଣତି ଚାଲିଥିବାବେଳେ ଶ୍ରୀମନ୍ଦିର ଉପରେ ଚକ୍କର କାଟୁଥିଲା ଡ୍ରୋନ୍। ପୁଲିସ ଡ୍ରୋନ୍‌କୁ ଜବତ କରିଥିବାବେଳେ ଏହାକୁ ଉଡ଼ାଉଥିବା ଦୁଇ ବଙ୍ଗୀୟ ଯୁବକଙ୍କୁ ଧରିବାରେ ସଫଳ ହୋଇଛି। କିନ୍ତୁ ସୁରକ୍ଷା ବ୍ୟବସ୍ଥାକୁ ନାଲିଆଖି ଦେଖାଇ ଡ୍ରୋନ୍ ଉଡୁଥିବା ଯୋଗୁଁ ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବୁଧବାର ଶ୍ରୀମନ୍ଦିରରେ ଚାଲିଥିଲା ରତ୍ନ ଅଳଙ୍କାର ଗଣତିମଣତି। ଅପରାହ୍ଣରେ ନୀଳଚକ୍ରରେ ଧ୍ୱଜା ପରିବର୍ତ୍ତନ ହେଉଥିଲା। ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିର ଭିତରେ ଏବଂ ବାହାରୁ ବାନା ପରିବର୍ତ୍ତନର ଦୃଶ୍ୟ ଉପଭୋଗ କରୁଥିଲେ। ଅପରାହ୍ଣ ପ୍ରାୟ ୫ଟା ୨୦ରେ ଗୋଟିଏ ଡ୍ରୋନ୍ ଶ୍ରୀମନ୍ଦିର ଉପରେ ଉଡ଼ି ଲାଇଭ୍ ଭିଡିଓ ଉତ୍ତୋଳନ





କରୁଥିବା ଦେଖିବାକୁ ମିଳିଥିଲା। ନୀଳଚକ୍ରରେ ଚୁନରା ସେବାୟତମାନେ ବାନା ବାନ୍ଧୁଥିବାବେଳେ ଦ୍ରୁତଗାମୀ ଡ୍ରୋନ୍ ଚକ୍କର କାଟୁଥିଲା। ଗଣତିମଣତି ଚାଲୁଥିବାବେଳେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଖବର ପାଇବା ପରେ ପୁଲିସ ତ୍ୱରିତ ଭାବେ ଅନୁସନ୍ଧାନ ଚଳାଇ ଡ୍ରୋନ୍‌କୁ ଅନୁସରଣ କରିଥିଲା। ଏହାକୁ କିଏ କେଉଁଠୁ ଅପରେଟ୍ କରୁଛି ଜାଣିବା ପାଇଁ ପୁଲିସ ତୁରନ୍ତ ନିଜ ଡ୍ରୋନ ଉଡାଇଥିଲା। ସେମାନେ ମାଟିମଣ୍ଡପ ସାହିରେ ଥାଇ ଡ୍ରୋନ୍ ପରିଚାଳନା କରୁଥିବା ଜଣାପଡ଼ିଥିଲା। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ କାବୁ କରିଥିଲା। ଧରାପଡ଼ିଥିବା ଯୁବକ ଦୁଇଜଣ ହେଉଛନ୍ତି ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଉତ୍ତରପଡ଼ାର କଲ୍ୟାଣ ଦାସ(୩୧) ଏବଂ ରିସ୍ରାର ସମ୍ରାଟ ବିଶ୍ୱାସ(୨୦)। ସମ୍ରାଟ ଡ୍ରୋନ୍‌କୁ ଉଡ଼ାଉଥିଲେ। ସେମାନଙ୍କଠାରୁ ଡ୍ରୋନ୍ ଏବଂ ଏହା ସହିତ ସଂଯୁକ୍ତ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସିଂହଦ୍ୱାର ଥାନା ପୁଲିସ ଉଭୟଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି।

ଏ ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ସନ୍ଧ୍ୟାରେ ଶ୍ରୀମନ୍ଦିର ଉପରେ ଗୋଟିଏ ଡ୍ରୋନ୍ ଉଡୁଥିବା ଖବର ମିଳିବା ପରେ ସଙ୍ଗେ ସଙ୍ଗେ ପୁଲିସ ପହଞ୍ଚିଥିଲା। ନୀଳଚକ୍ର ଉପରେ କେହି ଡ୍ରୋନ ଉଡ଼ାଇ ଭିଡିଓ ଉତ୍ତୋଳନ କରୁଥିବା ଜଣାପଡୁଥିଲା। ସଙ୍ଗେ ସଙ୍ଗେ ପିଛା କରି ପଶ୍ଚିମବଙ୍ଗର ୨ ଯୁବକଙ୍କୁ ଧରାଯାଇଛି। ଯାତ୍ରୀ ହିସାବରେ ଆସି ସେମାନେ ଡ୍ରୋନ୍ ଉଡ଼ାଉଥିବା ଜଣାପଡ଼ିଛି। ସେମାନଙ୍କଠାରୁ ଡିଜେଆଇ କମ୍ପାନୀର ଡ୍ରୋନ୍, ରିମୋର୍ଟ ସହିତ ସଂଯୁକ୍ତ ଗୋଟିଏ ମୋବାଇଲ୍ ଫୋନ୍ ସିଂହଦ୍ୱାର ପୁଲିସ ଜବତ କରିଛି। ଶ୍ରୀମନ୍ଦିର ଉପରେ ଉଡ଼ାଣ ଉପରେ କଟକଣା ଥିବାବେଳେ ଏହାକୁ ଉଲ୍ଲଂଘନ କରିଥିବାରୁ ଏକ ମାମଲା ରୁଜୁ କରାଯାଇଛି। ଏହି ଡ୍ରୋନ୍‌କୁ ଯାଞ୍ଚ କରାଯାଇ କଡ଼ା ପଦକ୍ଷେପ ନିଆଯିବ ବୋଲି ଏସ୍‌ପି କହିଛନ୍ତି।

---

**୧୨.୩୩ କୋଟି ଟଙ୍କାର ସାଇବର ଠକେଇ**

# କୋଲକାତାରୁ ଏମ୍‌ବିଏ ଡିଗ୍ରୀଧାରୀ ଯୁବକ ଗିରଫ

କଟକ,୨୫।୩(ସମିସ): ଓଡ଼ିଶା କ୍ରାଇମବ୍ରାଞ୍ଚ ଏକ ବଡ଼ଧରଣର ଅନଲାଇନ୍ ଟ୍ରେଡିଂ ଠକେଇ ମାମଲାର ପର୍ଦ୍ଦାଫାସ କରିଛି। ଏହି ଘଟଣାରେ କୋଲକାତା ବାଘମାରୀ ରୋଡ୍ ଅଞ୍ଚଳର ଅଭିଯୁକ୍ତ ଏମବିଏ ଡିଗ୍ରୀଧାରୀ ଯୁବକ ରାହୁଲ ଜୈସୱାଲ (୩୬)କୁ କ୍ରାଇମବ୍ରାଞ୍ଚ ଟିମ ଗିରଫ କରିଛି। ଅଭିଯୁକ୍ତ ଜଣକ ଏକ ଜାଲ୍ ଟ୍ରେଡିଂ ପ୍ଲାଟଫର୍ମ ଜରିଆରେ ୧୨କୋଟି ୩୩ଲକ୍ଷ ଟଙ୍କା ଲୁଟିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ଇନ୍ସପେକ୍ଟର ତପନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଅନୁସନ୍ଧାନ କରି ପଶ୍ଚିମବଙ୍ଗର କୋଲକାତାସ୍ଥିତ ମାଣିକତଲା ଅଞ୍ଚଳରେ ଚଢ଼ଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ନିକଟରୁ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଭଳି ଅନେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗର ଶିଆଲଦା କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇଛି। ତାକୁ କଟକର ଜେଏମଏଫସି-୩ କୋର୍ଟରେ ହାଜର କରାଯାଇ ଅଧିକ ତଦନ୍ତ କରାଯିବ। ଏହି ସଂଗଠିତ ସାଇବର ଅପରାଧ ଗୋଷ୍ଠୀର ଅନ୍ୟ ସଦସ୍ୟଙ୍କୁ ଧରିବା ପାଇଁ କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ ଜାରି ରଖିଛି।



ପ୍ରକାଶଥାଉକି, ଅଭିଯୋଗକାରୀଙ୍କୁ ଗତ୨୦୨୫ ଜୁଲାଇ ୩୧ରେ ହ୍ୱାଟସଆପ୍ ମାଧ୍ୟମରେ ଜଣେ ଅଜ୍ଞାତ ବ୍ୟକ୍ତି ଯୋଗାଯୋଗ କରି ଏକ ଷ୍ଟକ୍ ମାର୍କେଟ୍ ପରାମର୍ଶଦାତା ଗ୍ରୁପରେ ସାମିଲ କରିଥିଲେ। ଅନଲାଇନରେ ନିବେଶ ଟିପ୍ସ ଏବଂ ମିଥ୍ୟା ସଫଳତାର ପ୍ରମାଣ ଦେଖାଇ ଠକମାନେ ଅଭିଯୋଗକାରୀଙ୍କ ବିଶ୍ୱାସ ଜିତିଥିଲେ। ପରେ ଅଭିଯୋଗକାରୀଙ୍କୁ ଏକ ଜାଲ୍ ଟ୍ରେଡିଂ ଆପ୍ ଡାଉନଲୋଡ୍ କରିବାକୁ କୁହାଯାଇଥିଲା। ଗତ ୨୦୨୫ ଅଗଷ୍ଟ ୧୨ରୁ ସେପ୍‌ଟେମ୍ବର ୨ମଧ୍ୟରେ ଅଭିଯୋଗକାରୀ ୫୨ଟି କାରବାର ମାଧ୍ୟମରେ ମୋଟ ୧୨କୋଟି ୩୩ଲକ୍ଷ, ୫୦ହଜାର ଟଙ୍କା ୯ଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ଯେତେବେଳେ ସେ ନିଜର ଟଙ୍କା ଉଠାଇବାକୁ ଚେଷ୍ଟା କଲେ, ସେହି ଜାଲ୍ ପ୍ଲାଟଫର୍ମର "ରିସ୍କ କଣ୍ଟ୍ରୋଲ୍ ଟିମ୍" ବିଭିନ୍ନ ବାହାନା ଦେଖାଇ ତାଙ୍କୁ ମନା କରିଦେଇଥିଲେ। ପରେ ଠକେଇର ଶିକାର ହୋଇଥିବା ଜାଣି ଅଭିଯୋଗକାରୀ କ୍ରାଇମବ୍ରାଞ୍ଚରେ ଏତଲା ଦେଇଥିଲେ। ଠକେଇ ହୋଇଥିବା ମୋଟ ଅର୍ଥରୁ ୪କୋଟି ୧୫ଲକ୍ଷ, ୫୦ହଜାର ଟଙ୍କା ସିଧାସଳଖ ଅଭିଯୁକ୍ତ ରାହୁଲ ସହ ଜଡ଼ିତ ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିଲା ବୋଲି କ୍ରାଇମବ୍ରାଞ୍ଚ ତଦନ୍ତରୁ ଜଣାପଡିଥିଲା। ଏହି ଠକେଇରେ ଆଉ କେଉଁ ମାନେ ସମ୍ପୃକ୍ତ ଅଛନ୍ତି ତାହାର ଖୋଳତାଡ଼ କରୁଛି କ୍ରାଇମବ୍ରାଞ୍ଚ।

---

■ ପେଟ୍ରୋଲିୟମ ଉତ୍ପାଦକୁ ନେଇ ସମୀକ୍ଷା ବୈଠକ

# ବାଧାହୀନ ପେଟ୍ରୋଲ, ଡିଜେଲ ଏବଂ ସିଏନଜି ଯୋଗାଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୫।୩(ସମିସ): ଦେଶରେ ପେଟ୍ରୋଲିୟମ ଉତ୍ପାଦ ଏବଂ ଗ୍ୟାସର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ପାଇଁ ବୁଧବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ମନ୍ତ୍ରଣାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଂଜୟ କୁମାର ସିଂ ଏବଂ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଗ୍ରାହକଙ୍କୁ ଇନ୍ଧନ ଯୋଗାଣ ନେଇ ବିସ୍ତୃତ ଆଲୋଚନା ହୋଇଛି। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶରେ ପେଟ୍ରୋଲ, ଡିଜେଲ ଏବଂ ସିଏନଜି ଯୋଗାଣ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାଳେଣି ଦର ବୃଦ୍ଧି କିମ୍ବା ଅଭାବ ନେଇ ଚାଲିଥିବା ଗୁଜବକୁ ସରକାର ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି। ତୈଳ ବିଶୋଧନାଗାରଗୁଡ଼ିକ ସମ୍ପୂର୍ଣ୍ଣ କ୍ଷମତାର ସହ କାର୍ଯ୍ୟ କରୁଥିବାରୁ ଖାଉଟିମାନଙ୍କୁ ଆତଙ୍କିତ ହୋଇ ଜାଳେଣି ସଂଗ୍ରହ ନକରିବାକୁ ଅନୁରୋଧ କରାଯାଇଛି। ବ୍ୟବସାୟିକ ଅନୁଷ୍ଠାନ ଗୁଡିକରେ ଏଲପିଜି ବଦଳରେ ପିଏନଜି ଯୋଗାଣକୁ ପ୍ରାଥମିକତା ଦିଆଯିବ। ଜାଳେଣି ମହଜୁଦ ଏବଂ କଳାବଜାରୀ ରୋକିବା ପାଇଁ ପ୍ରଶାସନ ପକ୍ଷରୁ 'ଅତ୍ୟାବଶ୍ୟକ ସାମଗ୍ରୀ ଆଇନ' ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ସାମାଜିକ ଗଣମାଧ୍ୟମରେ ଇନ୍ଧନ ଅଭାବକୁ ନେଇ ବ୍ୟାପୁଥିବା ଗୁଜବ ଏବଂ ଭୟରେ ଆତଙ୍କିତ ନ ହେବାକୁ ପାଇଁ ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି। ବର୍ତ୍ତମାନ ସ୍ଥିତିର ତଦାରଖ ପାଇଁ ଜିଲ୍ଲା ଓ ରାଜ୍ୟ ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବା ଏବଂ ଦୈନିକ ରିପୋର୍ଟ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି।

---

**କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି**

# ତ୍ୱରାନ୍ୱିତ ହେଉ ଚଣ୍ଡିଖୋଲ 'ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ' ପ୍ରକଳ୍ପ କାର୍ଯ୍ୟ

ଭୁବନେଶ୍ୱର,୨୫।୩(ସମିସ): ସାମ୍ପ୍ରତିକ ବିଶ୍ୱ ପରିସ୍ଥିତି, ବିଶେଷ କରି ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ଏବଂ ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ଭବିଷ୍ୟତରେ ଦେଶର ଉର୍ଜା ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିନ୍ତାପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭବିଷ୍ୟତରେ ଦେଶର ତୈଳ ଆବଶ୍ୟକତାକୁ ସୁରକ୍ଷିତ ରଖିବା ପାଇଁ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଠାରେ ପ୍ରତିଷ୍ଠା ହେବାକୁ ଥିବା ୪ ମିଲିୟନ୍ ମେଟ୍ରିକ୍ ଟନ୍ (ଏମଏମଟି) କ୍ଷମତା ବିଶିଷ୍ଟ 'ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ' (ଏସପିଆର) ପ୍ରକଳ୍ପର ଶୀଘ୍ର ସମାପ୍ତି ତଥା ତ୍ୱରିତ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନେବାକୁ ସେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୃଥକ ପୃଥକ ପତ୍ର ଲେଖି ଅନୁରୋଧ କରିଛନ୍ତି।

ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ଏ ବିଷୟରେ ପ୍ରତିକ୍ରିୟା ଦେବା ସହ ଉକ୍ତ ପତ୍ରରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ୨୦୧୮ ଜୁନ୍ ୨୭ରେ ଚଣ୍ଡିଖୋଲ ଠାରେ ଏହି ପ୍ରକଳ୍ପ ପାଇଁ ଅନୁମୋଦନ ଦେଇଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ମୁଁ ଚିଠି ଲେଖିଥିଲେ ମଧ୍ୟ କ୍ରିୟାନ୍ୱୟନ ହୋଇପାରିନଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୫ ମସିହା ଏପ୍ରିଲ ୮ରେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ମୋର ଉପସ୍ଥିତିରେ ଇପିକିଲ୍, ଓଡ଼ିଶା ସରକାର ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍(ଆଇଏସପିଆରଏଲ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇ କାର୍ଯ୍ୟ ଆଗକୁ ବଢ଼ିଛି । ପ୍ରାୟ ୮,୭୪୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ବିଶ୍ୱର ସର୍ବବୃହତ ଭୂତଳ ଅଶୋଧିତ ତୈଳ ଭଣ୍ଡାର ହେବ। ଏହାଦ୍ୱାରା ୫,୦୦୦ରୁ ଅଧିକ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବର୍ତ୍ତମାନ ଭାରତ ପାଖରେ ୯.୫ ଦିନର ତୈଳ ସଂରକ୍ଷଣ କ୍ଷମତା ଅଛି । ଚଣ୍ଡିଖୋଲ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏହା ଦେଶର ଅଶୋଧିତ ତୈଳ ଆବଶ୍ୟକତାରେ ଅତିରିକ୍ତ ୭.୧୨ ଦିନ ବୃଦ୍ଧି କରିବ । ଏହି ପ୍ରକଳ୍ପ ଓଡ଼ିଶାର ଜିଡ଼ିପିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା ସହ ପରିବହନ, ଆତିଥ୍ୟ ଏବଂ ନିର୍ମାଣ ଶିଳ୍ପକୁ ତ୍ୱରାନ୍ୱିତ କରିବ। ବିଶ୍ୱ ବଜାରରେ ତୈଳ ଦର ଅସ୍ଥିରତା କିମ୍ବା ଯୋଗାଣ ବ୍ୟାହତ ସମୟରେ ଏହି ଭଣ୍ଡାର ଦେଶ ପାଇଁ ଏକ 'ବଫର ଷ୍ଟକ୍' ଭାବେ କାର୍ଯ୍ୟ କରିବ । ଏହା ଓଡ଼ିଶାକୁ ପୂର୍ବ ଭାରତର ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧିର ମୁଖ୍ୟ ସାରଥି ଭାବେ ଗଢ଼ିତୋଳିବା ସହ ପ୍ରଧାନମନ୍ତ୍ରୀଙ୍କ 'ମିଶନ ପୂର୍ବୋଦୟ'ର ପରିକଳ୍ପନାକୁ ସାକାର କରିବ । ଏହି ପ୍ରକଳ୍ପ ଦେଶର ଉର୍ଜା ସୁରକ୍ଷା ସହ ଦେଶର ଅର୍ଥନୀତିକୁ ଗତି ଦେବ ଏବଂ ଜରୁରୀକାଳୀନ ପରିସ୍ଥିତିରେ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି।

**୮,୭୪୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ଦେଶର ଉର୍ଜା ସୁରକ୍ଷା ସହ ଅର୍ଥନୀତିକୁ ଗତି ଦେବ**

---

**କନ୍ଧମାଳ ଜଙ୍ଗଲରେ ପୁଲିସ-ମାଓବାଦୀ ଗୁଳି ବିନିମୟ**

# ଜଣେ ଯବାନ ଗୁରୁତର ଆହତ

ଫୁଲବାଣୀ,୨୫।୩(ସମିସ): କନ୍ଧମାଳ ଜିଲ୍ଲାରେ ପୁଣିଥରେ ମାଓବାଦୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ଘଟିଛି। ଦାରିଙ୍ଗବାଡ଼ି ଅଞ୍ଚଳରେ ଚାଲିଥିବା ଏକ କମ୍ବିଂ ଅପରେସନ ସମୟରେ ମାଓବାଦୀଙ୍କ ଅତର୍କିତ ଗୁଳିଚାଳନାରେ ଜଣେ ଏସଓଜି ଯବାନ ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଦାରିଙ୍ଗବାଡ଼ି ଜଙ୍ଗଲରେ ମାଓବାଦୀ ଡିଭିସି ମେମ୍ବର ଶୀଲାଙ୍କ ନେତୃତ୍ୱରେ ପ୍ରାୟ ୯ ଜଣ ମାଓବାଦୀ ସକ୍ରିୟ ଥିବା ନେଇ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହି ଗୁଇନ୍ଦା ସୂଚନା ଆଧାରରେ ସୁରକ୍ଷା ବାହିନୀ ପକ୍ଷରୁ ସେହି ଅଞ୍ଚଳରେ ବଡ଼ ଧରଣର ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଅପରେସନ ଏଡିଜି ସଞ୍ଜୀବ ପଣ୍ଡାଙ୍କ ସୂଚନା ମୁତାବକ, ଯବାନ ଜଙ୍ଗଲ ଭିତରେ ମାଓବାଦୀଙ୍କ ଗଡ଼ ଆଡ଼କୁ ଅଗ୍ରସର ହେଉଥିବା ବେଳେ ମାଓବାଦୀ ପ୍ରଥମେ ଗୁଳି ଚଳାଇଥିଲେ। ଯବାନ ମଧ୍ୟ ଏହାର ଦୃଢ଼ ଜବାବ ଦେଇଥିଲେ। ଏହି "ଏକ୍ସଚେଞ୍ଜ ଅଫ୍ ଫାୟାର୍' ବା ଗୁଳି ବିନିମୟ ସମୟରେ ଜଣେ ଯବାନଙ୍କ ଦେହରେ ଗୁଳି ବାଜିଥିଲା। ତାଙ୍କୁ ସାଙ୍ଗେ ସାଙ୍ଗେ ଉଦ୍ଧାର କରାଯାଇ ସୋରଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଗୁରୁତର ଯବାନ ଜଣକ ସୁକାନ୍ତ ମାଝି(୨୭) ଏବଂ ତାଙ୍କ ଘର କେନ୍ଦୁଝର ଜିଲ୍ଲା ହରିପୁର ବୋଲି ଜଣାଯାଇଛି। ନିକଟରେ ଜଣେ ମାଓବାଦୀ ଷ୍ଟେଟ୍ କମିଟି ମେମ୍ବର ସୁରକ୍ଷା ବାହିନୀ ନିକଟରେ ଆତ୍ମସମର୍ପଣ କରିବା ପରେ ମାଓ ସଂଗଠନ ଏବେ ଦୁର୍ବଳ ହୋଇପଡ଼ିଛି। ବର୍ତ୍ତମାନ ଏହି ଅଞ୍ଚଳରେ ଫୋର୍ସ ମୁତୟନ ବୃଦ୍ଧି କରାଯାଇଛି ଏବଂ ପଳାୟନ କରିଥିବା ଅନ୍ୟ ମାଓବାଦୀଙ୍କୁ ଧରିବା ପାଇଁ ଜଙ୍ଗଲକୁ ଚାରିପଟୁ ଘେରାଉ କରାଯାଇ କମ୍ବିଂ ଅପରେସନକୁ ଆହୁରି ଜୋରଦାର କରାଯାଇଛି।

---

# ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ଷମତା ବୃଦ୍ଧି

ଭୁବନେଶ୍ୱର,୨୫।୩(ସମିସ): ରାଜ୍ୟ ସରକାର ଓଡ଼ିଶା ମ୍ୟୁନିସିପାଲ ନିୟମାବଳୀ,୧୯୫୩ର ସଂଶୋଧନ କରିଛନ୍ତି। ଏହା ଓଡ଼ିଶା ମ୍ୟୁନିସିପାଲ (ସଂଶୋଧନ) ନିୟମାବଳୀ, ୨୦୨୫ ନାମରେ ନାମିତ ହୋଇଛି। ନୂତନ ନିୟମ ଅନୁଯାୟୀ ଏଣିକି କାର୍ଯ୍ୟନିର୍ବାହୀ ଅଧିକାରୀମାନେ ପରିଷଦର ବିନା ଅନୁମତିରେ ପୌର ପ୍ରଶାସନ ସହିତ ଜଡ଼ିତ ଆକସ୍ମିକ ବ୍ୟୟ ବାବଦକୁ ପ୍ରତ୍ୟେକ ଥର ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। କୋଟେସନ୍ କିମ୍ବା ବିଡ୍ ଆହ୍ୱାନ ନ କରି ନିଜ ଦ୍ୱାରା ଲିଖିତ ଫର୍ମାଟ୍‌ରେ ଏହି ଖର୍ଚ୍ଚ ହୋଇପାରିବ।

■ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଲ୍ ଅନୁମୋଦନ କ୍ଷମତା
■ ୭ ଦିନରେ ଅଧ୍ୟକ୍ଷ ଦସ୍ତଖତ ନ କଲେ ଜିଲ୍ଲାପାଳଙ୍କ ଭିଟୋ

ସେହିପରି ଏହି ବାବଦରେ 'ଲୋକାଲ୍ ପରଚେଜ୍' କମିଟିର ସୁପାରିଶ୍ କ୍ରମେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବ କ୍ଷମତା ମଧ୍ୟ ପ୍ରଦାନ କରାଯାଇଛି। ଏହି କମିଟିରେ ସମ୍ପୃକ୍ତ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟକ୍ଷ ରହିବେ ଓ ସ୍ଥାନୀୟ ପଞ୍ଚାୟତ ସମିତିର ଆକାଉଣ୍ଟସ୍ ଅଫିସରଙ୍କ ସମେତ ଜିଲ୍ଲାପାଳ/ପିଡି, ଡୁଡାଙ୍କ ପ୍ରତିନିଧି ସଦସ୍ୟ ରହିବା ସହ ପୌର ସଂସ୍ଥାର ଆକାଉଣ୍ଟାଣ୍ଟ ଆବାହକ ରହିବେ। ତେବେ ଏହି ଖର୍ଚ୍ଚ ବାବଦକୁ କାର୍ଯ୍ୟନିର୍ବାହୀ ଅଧିକାରୀ ପରବର୍ତ୍ତୀ ପରିଷଦ ବୈଠକକୁ ଅବଗତ କରାଇବେ ବୋଲି କୁହାଯାଇଛି। ପ୍ରତ୍ୟେକ ବିଲ୍ କିମ୍ବା ଅନ୍ୟ ପ୍ରକାରର ଦାବିଗୁଡ଼ିକ ପ୍ରଥମେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯିବ। ଯଦି ବିଲ୍ ପରିମାଣ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୁଏ ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ଦସ୍ତଖତ କରିବେ ଓ ଏହାଠାରୁ ଅଧିକ ହେଲେ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ। ମାତ୍ର ବେତନ ବିଲ୍ କିମ୍ବା ଦେୟ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଞ୍ଜୁର କରିବାର କ୍ଷମତା ଦିଆଯାଇଛି। ଏହି ବାବଦକୁ ଅର୍ଥ ୨୫ ଲକ୍ଷ ଟଙ୍କାରୁ ଅଧିକ ହେଲେ ଅଧ୍ୟକ୍ଷଙ୍କଠାରୁ କାଉଣ୍ଟର ସାଇନ୍ ଆବଶ୍ୟକ ହେବ। ଯଦି ୭ ଦିନ ମଧ୍ୟରେ ଅଧ୍ୟକ୍ଷ ଏଥିରେ ଦସ୍ତଖତ ନ କରନ୍ତି ତାହାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉକ୍ତ ବିଲ୍‌କୁ ଜିଲ୍ଲାପାଳଙ୍କ ଦ୍ୱାରା କାଉଣ୍ଟର୍ ସାଇନ୍ କରାଇ ପାରିବେ ବୋଲି ନୂତନ ବ୍ୟବସ୍ଥା କରାଯାଇଛି।

---

**ଆଇଏଏସ୍ ସ୍ତରରେ ଛୋଟ ଅଦଳବଦଳ**

## ଅରୁଗୁଲା ସ୍ନେହା ହେଲେ ପୁରୀ ମହାନଗର ନିଗମ ଆୟୁକ୍ତ

ଭୁବନେଶ୍ୱର,୨୫।୩(ସମିସ): ଆଏଏସ୍ ସ୍ତରରେ ଏକ ଛୋଟ ଅଦଳ ବଦଳ କରିଛନ୍ତି ରାଜ୍ୟ ସରକାର। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଏନେଇ ବିଜ୍ଞପ୍ତି ଜାରି କରିଛି। ବିଭାଗର ବିଜ୍ଞପ୍ତି ଅନୁଯାୟୀ ବଣେଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କୁ ଜଗତସିଂହପୁର ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ପଦମପୁର ଉପଜିଲ୍ଲାପାଳ ଅରୁଗୁଲା ସ୍ନେହାଙ୍କୁ ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ଏହାସହିତ ତାଙ୍କୁ ପୁରୀ ମହାନଗର ନିଗମର ଆୟୁକ୍ତ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ପାଞ୍ଚପିଢ଼, କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କୁ ବାରିପଦା ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି।

---

# ଘୂର୍ଣ୍ଣିଝଡ଼ରେ ଆହତ କଲେଜ ଛାତ୍ରୀଙ୍କ ମୃତ୍ୟୁ

କରଞ୍ଜିଆ,୨୫।୩(ସମିସ): ଗତ ୧୫ ତାରିଖରେ କରଞ୍ଜିଆ ଅଞ୍ଚଳରେ ଘଟିଥିବା ଭୟାବହ ଘୂର୍ଣ୍ଣିଝଡ଼ରେ ଆହତ ହୋଇଥିବା ଜଣେ କଲେଜ ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ କେନ୍ଦୁଝର ଜିଲ୍ଲାର ଗୁଣ୍ଡୁରୀପୋଷି ଅଞ୍ଚଳର ୧୭ ବର୍ଷୀୟା ମୋନାଲିସା ମହାରଣା। ସେ ପଞ୍ଚାପିଢ଼ ମହିଳା ଉଚ୍ଚ ବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ସୂଚନା ଅନୁଯାୟୀ, ଘଟଣା ଦିନ ମୋନାଲିସା ତାଟୋଠାରୁ କରଞ୍ଜିଆକୁ ଅଟୋରେ ଯାଉଥିବା ବେଳେ ଭୀଷଣ ପବନରେ ଅଟୋଟି ଉଡ଼ିଯାଇ ପୋଖରୀରେ ପଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଥିଲା। ପରେ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଉଲ୍ଲେଖନୀୟ, ଏହି ଘୂର୍ଣ୍ଣିଝଡ଼ରେ କରଞ୍ଜିଆ ସହିତ ଆହୁରି ୫ଟି ବ୍ଲକ୍ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୩୦୦ଟି ଘର ନଷ୍ଟ ହୋଇଥିବା ବେଳେ ୨୯ ଜଣ ଆହତ ହୋଇଥିଲେ। ସେଥିରୁ ୯ ଜଣ ଗୁରୁତରଙ୍କୁ କେନ୍ଦୁଝର ପଠାଯାଇଥିଲା ଏବଂ ତାଙ୍କ ମଧ୍ୟରୁ ୪ ଜଣଙ୍କୁ ପୁଣି ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣା ସହିତ ଘୂର୍ଣ୍ଣିଝଡ଼ ମୃତ୍ୟୁ ସଂଖ୍ୟା ୩ କୁ ବୃଦ୍ଧି ପାଇଛି।



ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି

---

# ବଜ୍ରପାତରେ ଜଣେ ମୃତ

ବାଲେଶ୍ୱର,୨୫।୩(ସମିସ): ବାଲେଶ୍ୱରରେ ବୁଧବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ନୀଳଗିରି ବ୍ଲକ ଘାଟଘରସାହି ଅଂଚଳର ଗଣେଶ୍ୱର ବେହେରା (୪୨)। ଆଜି ଅପରହାହ୍ନରେ ବର୍ଷା ବେଳେ ଗଣେଶ୍ୱର ଘର ବାହାରେ କିଛି କାମ କରୁଥିଲେ। ଏଥିକି ବେଳେ ସେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତୁରନ୍ତ ମେଡିକାଲକୁ ନେଇଥିବାବେଳେ ସେଠାରେ ଡାକ୍ତର ଗଣେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ।

---

■ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

# ଯୋଗାଣ ବିଭାଗ ଉପସଚିବ ଗଣିବେ ୧ ଲକ୍ଷ ଟଙ୍କା ଦଣ୍ଡ

କଟକ,୨୫।୩(ସମିସ): ଏକ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଏବଂ କାର୍ଯ୍ୟକାରୀ କରିବାରେ ଅହେତୁକ ବିଳମ୍ବ କରିବା ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏଥିପାଇଁ ଆବେଦନକାରୀଙ୍କୁ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ଉପସଚିବ ମନୋଜ କୁମାର ପଟ୍ଟନାୟକ ନିଜ ପକେଟରୁ ୧ଲକ୍ଷ ଟଙ୍କା ଦଣ୍ଡ ଗଣିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଦେବାଶିଷ ନାୟକଙ୍କ ତରଫରୁ ରୁଜୁ ଅଦାଲତ ଅବମାନନା ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଧିକାରୀ ଜଣକ ଅଭିଯୋଗକାରୀଙ୍କୁ ଆସନ୍ତା ୪ ସପ୍ତାହ ମଧ୍ୟରେ ଏହି ୧ଲକ୍ଷ ଟଙ୍କା ଦଣ୍ଡ ରାଶି ପଇଠ କରିବେ। ଯଦି ଏହି ସମୟସୀମା ମଧ୍ୟରେ ଅର୍ଥ ପ୍ରଦାନ କରା ନଯାଏ, ତେବେ ପ୍ରଥମ ମାସ ପାଇଁ ଦୈନିକ ୫୦୦ ଟଙ୍କା ଏବଂ ତା' ପରବର୍ତ୍ତୀ ସମୟ ପାଇଁ ଦୈନିକ ୧୦୦୦ ଟଙ୍କା ଅତିରିକ୍ତ ଜରିମାନା ଦେବାକୁ ପଡ଼ିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୨୪ ଡିସେମ୍ବର ୧୮ରେ ଏକ ରିଟ୍ ପିଟିସନର ଶୁଣାଣି କରି ଅଭିଯୋଗକାରୀ ଦେବାଶିଷ ନାୟକଙ୍କ ବେତନ ହାର ସଂଶୋଧନ ଆବେଦନ ଉପରେ ୩ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ବିଭାଗୀୟ ଉପ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ଆଦେଶର ନକଲ ଗତ ୨୦୨୫ ଜାନୁଆରୀ ୨୪ରେ ପ୍ରଦାନ କରାଯାଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଅଧିକାରୀ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଫଳରେ ଆବେଦନକାରୀ ଏକ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ଗତ ୨୦୨୬ ଫେବୃଆରୀ ୧୯ରେ ଅଭିଯୋଗକାରୀଙ୍କ ଦାବିପତ୍ର ବିଚାର କରାଯାଇଥିବା ନେଇ ଗତ ମାର୍ଚ୍ଚ ୨୦ରେ ଏକ ସତ୍ୟପାଠ ଦେଇଥିଲେ ସମ୍ପୃକ୍ତ ଅଧିକାରୀ। ଏଥିସହ ଅହେତୁକ ବିଳମ୍ବ ନେଇ ଅଦାଲତଙ୍କୁ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲେ। ଏଭଳି ବିଳମ୍ବକୁ କୋର୍ଟ "ଅପରାଧିକ ବିଳମ୍ବ' ବୋଲି କହିଛନ୍ତି।

---

**ଅପ୍ରେଲ ୨ରେ ନୂତନ ଶ୍ରେଣୀ ପାଠପଢ଼ା**

# ସରକାରୀ ପାଠ୍ୟପୁସ୍ତକ ଅଭାବ; ଚିନ୍ତାରେ ଅଭିଭାବକ ଓ ବିଦ୍ୟାର୍ଥୀ

ବାରିପଦା, ୨୫।୩ (ମନୋଜ ପଣ୍ଡା): ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଆଉ ଏକ ସପ୍ତାହ ବାକି ଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଣରେ ବିରାଟ ଅନିୟମିତତା ଦେଖାଦେଇଛି। ରାଜ୍ୟର ସର୍ବବୃହତ୍ତ ଆଦିବାସୀ ବହୁଳ ଜିଲ୍ଲା ମୟୂରଭଞ୍ଜରେ ପାଠ୍ୟପୁସ୍ତକ ଯୋଗାଣ ଆବଶ୍ୟକ ତୁଳନାରେ ମାତ୍ର ୨୩.୦୫ ଶତାଂଶ (ରାଜ୍ୟର ସର୍ବନିମ୍ନ) ହୋଇଥିବା ଜଣାପଡ଼ିଛି। ଗୋଟିଏ ପଟେ ନୂତନ ଶ୍ରେଣୀରେ ଶିକ୍ଷାଦାନ ଆରମ୍ଭ ପାଇଁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାକ ବ୍ୟାପକ ଆୟୋଜନ କରୁଥିବା ବେଳେ ପାଠ୍ୟପୁସ୍ତକ ବିନା ତାହା କେତେ ସଫଳ ହେବ ସେ ନେଇ ଅଭିଭାବକ ଓ ଛାତ୍ରଛାତ୍ରଛାତ୍ରୀ ଆଶଙ୍କାରେ ଅଛନ୍ତି ।

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିପଣନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର ଦ୍ୱାରା ମାର୍ଚ୍ଚ ୨୪ ତାରିଖ ସୁଦ୍ଧା ପ୍ରକାଶିତ ତଥ୍ୟ ଅନୁଯାୟୀ, ରାଜ୍ୟର ସମସ୍ତ ଜିଲ୍ଲାରେ ମୋଟ ଆବଶ୍ୟକତା ୨,୭୩,୮୨,୦୫୦ ପୁସ୍ତକ ଥିବା ବେଳେ ମାତ୍ର ୧,୧୮,୪୫,୮୦୦ ପୁସ୍ତକ ଯୋଗାଣ ହୋଇଛି। ଏହା ମୋଟ ଆବଶ୍ୟକତାର ମାତ୍ର ୪୩.୨୬ ପ୍ରତିଶତ। ସେ ତୁଳନାରେ

ମୟୂରଭଞ୍ଜ ଜିଲ୍ଲାର ତଥ୍ୟ ନୈରାଶ୍ୟ ଜନକ । ମୟୂରଭଞ୍ଜର ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟର ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨ଲକ୍ଷ ୮୭ହଜାର ୭୭ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପାଠ୍ୟପୁସ୍ତକ ଆବଶ୍ୟକତା ଥିଲା ୧୮ଲକ୍ଷ ୪୧ହଜାର ୬୫୦। କିନ୍ତୁ ଯୋଗାଣ ହୋଇଛି ମାତ୍ର ୪ଲକ୍ଷ ୨୪ହଜାର ୫୦୦ ପୁସ୍ତକ। ଏହା ମୋଟ ଆବଶ୍ୟକତାର ମାତ୍ର ୨୩.୦୫ ପ୍ରତିଶତ। ଏହି ଶତାଂଶ ରାଜ୍ୟର ଅନ୍ୟ କୌଣସି ଜିଲ୍ଲା ତୁଳନାରେ ସର୍ବନିମ୍ନ।

■ ମୟୂରଭଞ୍ଜ ଜିଲ୍ଲାକୁ ପାଠ୍ୟପୁସ୍ତକ ଯୋଗାଣ ରାଜ୍ୟରେ ସର୍ବନିମ୍ନ
■ ଆଦିବାସୀବହୁଳ ସର୍ବବୃହତ୍ତ ଜିଲ୍ଲାକୁ ମିଳିଛି ମାତ୍ର ୨୩.୦୫% ବହି

ରାଜ୍ୟର ଦେଓଗଡ଼ ଜିଲ୍ଲାରେ ଯୋଗାଣ ଶତାଂଶ ୭୪.୨୬% (ରାଜ୍ୟ ହାରରୁ ପ୍ରାୟ ଦୁଇ ଗୁଣ) ଥିବା ବେଳେ କୋରାପୁଟ ଜିଲ୍ଲାରେ ୬୮.୨୧%, ସୁନ୍ଦରଗଡ଼ରେ ୬୩.୧୬%, ବରଗଡ଼ରେ ୬୦.୯୧%, ଅନ୍ୟ ଜିଲ୍ଲା ଯେପରିକି ଗଞ୍ଜାମ ୨୯.୪୮%, ଜାଜପୁର ୨୯.୫୭%, ନୟାଗଡ଼ ୨୬.୮୬% ମଧ୍ୟ ମୟୂରଭଞ୍ଜ ଠାରୁ ଅଧିକ ପୁସ୍ତକ ପାଇଛନ୍ତି। ରାଜ୍ୟ ହାର ୪୩.୨୬% ଥିବା ବେଳେ ମୟୂରଭଞ୍ଜର ଯୋଗାଣ ତାହାର ଅଧାରୁ କମ୍। ଡବଲ ଇଞ୍ଜିନ ସରକାରରେ ଜିଲ୍ଲାରୁ ୨ଜଣ ମନ୍ତ୍ରୀ, ୪ଜଣ ସାଂସଦ ଓ ୭ଜଣ ବିଧାୟକ ସମସ୍ତେ ଶାସକ ଦଳର ହୋଇଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଜିଲ୍ଲାକୁ ଉପେକ୍ଷା ସହଜରେ ହଜମ ହେଉନି ।

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ପାଖାପାଖି ୩ଲକ୍ଷ ଛାତ୍ରଛାତ୍ରୀ ପାଠ୍ୟପୁସ୍ତକ ବିନା ନୂତନ ଶିକ୍ଷାବର୍ଷ(ଅପ୍ରେଲ ୨ତାରିଖରୁ) ଆରମ୍ଭ କରିବାର ସମ୍ଭାବନା ରହିଛି। ଏହା ଶିକ୍ଷା କ୍ଷେତ୍ରରେ ଅସମାନତା ବୃଦ୍ଧି କରିବ ଏବଂ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଅଗ୍ରଗତିକୁ ବାଧା ଦେବ ବୋଲି ଆଶଙ୍କା କରାଯାଉଛି। ଅଧିକାରୀମାନେ ଏହି ସଙ୍କଟର ଶୀଘ୍ର ସମାଧାନ କରିବାକୁ ଦାବି ଉଠିଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୮୧୨- ଭେନେଜୁଏଲାର କାରାକାସରେ ଭୟଙ୍କର ଭୂମିକମ୍ପରେ ୨୦ ହଜାର ଲୋକ ପ୍ରାଣ ହରାଇଲେ।
- ୧୯୦୭- ହିନ୍ଦୀ ସାହିତ୍ୟିକା ମହାଦେବୀ ବର୍ମାଙ୍କ ଜନ୍ମ।
- ୧୯୭୨- ରାଷ୍ଟ୍ରପତି ଭି.ଭି. ଗିରି ପ୍ରଥମ ଆନ୍ତର୍ଜାତୀୟ ସଂସ୍କୃତ ସମ୍ମିଳନୀକୁ ଉଦ୍‌ଘାଟନ କଲେ।
- ୧୯୭୪- ଚିପ୍‌କୋ ଆନ୍ଦୋଳନ ଆରମ୍ଭ।
- ୨୦୦୬- ମେଲବର୍ଣ୍ଣରେ ୧୮ ତମ ରାଷ୍ଟ୍ରମଣ୍ଡଳ ଖେଳର ସମାପନ।

# ଅଶୋକାଷ୍ଟମୀ



ଚୈତ୍ର ମାସ ଶୁକ୍ଳପକ୍ଷ ପୁନର୍ବସୁ ନକ୍ଷତ୍ରଯୁକ୍ତ ଅଷ୍ଟମୀ ତିଥିରେ ପ୍ରଭୁ ଲିଙ୍ଗରାଜଙ୍କର ରଥଯାତ୍ରା ଅନୁଷ୍ଠିତ ହୁଏ। ଏକାମ୍ର କ୍ଷେତ୍ରର ଅଧୀଶ୍ୱର ପ୍ରଭୁ ଲିଙ୍ଗରାଜଙ୍କର ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଅଶୋକାଷ୍ଟମୀ ଅନ୍ୟତମ। ଏହି ଦିନ ଲିଙ୍ଗରାଜଙ୍କର ବିଜେ ପ୍ରତିମା ଚନ୍ଦ୍ରଶେଖରଙ୍କ ସହ ବାସୁଦେବ ଓ ରୁକ୍ମିଣୀଙ୍କୁ ରଥରେ ବସାଇ ରାମେଶ୍ୱର ମନ୍ଦିର ଯାଏଁ ନିଆଯାଏ। ଏହି ରଥର ନାମ 'ରୁକୁଣା ରଥ'। ରୁକୁଣା ରଥକୁ 'ଅଣଲେଉଟା ରଥ' ବୋଲି କୁହାଯାଏ। ଏ ରଥକୁ ଏପରି କହିବାର ଅର୍ଥ ଏହା ଯେ, ଏହାର ବାହୁଡ଼ା ଯାତ୍ରା ବେଳେ ରଥକୁ ବୁଲାଇ ମୋଡ଼ାଯାଏ ନାହିଁ। କେବଳ ରଥର ସମ୍ମୁଖ ଭାଗକୁ ବନ୍ଦ କରାଯାଇ ରଥ ଉପରେ ଥିବା ସିଂହାସନକୁ ପଛକୁ ଘୁରାଇ ଦିଆଯାଏ ଯାହାକି ସମ୍ମୁଖ ପାର୍ଶ୍ୱ ରୂପେ କାର୍ଯ୍ୟ କରେ। ପ୍ରାଚୀନ କାଳରୁ ଏକାମ୍ର କ୍ଷେତ୍ରରେ ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ ଗଡ଼ି ଆସୁଛି ବୋଲି ଶୁଣିବାକୁ ମିଳେ। ଅଶୋକାଷ୍ଟମୀ ଦିନ ପ୍ରାତଃ କାଳରେ ପ୍ରଥମେ ଲିଙ୍ଗରାଜ ମନ୍ଦିରରେ ମଙ୍ଗଳ ଆଳତୀ, ସାହାଣ ମେଲା, ମହାସ୍ନାନ ଓ ଅନ୍ୟପୂଜା ଆଦି ସମାପନ ପରେ, ପ୍ରଥମେ ରୁକୁଣା ରଥକୁ ପୂଜା କରାଯାଏ। ରଥର ମଝିରେ ରୁକ୍ମିଣୀ, ଡାହାଣ ପାର୍ଶ୍ୱରେ ଚନ୍ଦ୍ରଶେଖର ଏବଂ ବାମ ପାର୍ଶ୍ୱରେ ବାସୁଦେବ ବିରାଜମାନ ହୁଅନ୍ତି। ଏହାପରେ ରଥଟଣା ଆରମ୍ଭ ହୋଇଥାଏ। ରଥଟଣା ସରିବା ପରେ ରଥ ଯାଇ ମାଉସୀମା' ଛକ ନିକଟରେ ଥିବା ରାମେଶ୍ୱର ମନ୍ଦିରରେ ରହେ। ପ୍ରଭୁ ଲିଙ୍ଗରାଜ ସେଠାରେ ପାଞ୍ଚଦିନ ରହି ପୁନର୍ବାର ନିଜ ମନ୍ଦିରକୁ ବାହୁଡ଼ି ଆସନ୍ତି। ରାବଣକୁ ମାରି ବ୍ରହ୍ମହତ୍ୟା ପାପ ଅର୍ଜନ କରିଥିବା ହେତୁ, କୁଳଗୁରୁ ବଶିଷ୍ଠଙ୍କ ପରାମର୍ଶକ୍ରମେ ଭଗବାନ ରାମଚନ୍ଦ୍ର ସପରିବାର ଏକାମ୍ର ବନକୁ ଆସି ପ୍ରଭୁ ଲିଙ୍ଗରାଜଙ୍କର ପୂଜାର୍ଚ୍ଚନା କରିଥିଲେ ବୋଲି କଥିତ ଅଛି। ଏଥିରେ ପ୍ରଭୁ ଲିଙ୍ଗରାଜ ସନ୍ତୁଷ୍ଟ ହୋଇ ରାମେଶ୍ୱରଠାରେ ମନ୍ଦିର ପ୍ରତିଷ୍ଠା ପୂର୍ବକ ପୂଜାର୍ଚ୍ଚନା କରିବାକୁ ରାମଚନ୍ଦ୍ରଙ୍କୁ କହିଥିଲେ ଏବଂ ବର ଯାଚନା କରିଥିଲେ। ପ୍ରତ୍ୟେକ ବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ରାମେଶ୍ୱର ପୀଠକୁ ଆସି ପୂଜା ଗ୍ରହଣ କରିବା ପାଇଁ ରାମଚନ୍ଦ୍ରଙ୍କ ଅନୁରୋଧ ରକ୍ଷା କରିବାକୁ ବଚନବଦ୍ଧ ହୋଇଥିବାରୁ, ପ୍ରଭୁ ଲିଙ୍ଗରାଜ ଏହିଦିନ ରଥଯାତ୍ରାରେ ରାମେଶ୍ୱର ମନ୍ଦିର ଆସି ପୁରୁଷୋତ୍ତମ ରାମଚନ୍ଦ୍ର ଓ ତାଙ୍କ ଭାଇମାନଙ୍କ ପୂଜା ଆତିଥ୍ୟ ଗ୍ରହଣ କରିଥାନ୍ତି। ତେଣୁ ଅଶୋକାଷ୍ଟମୀକୁ ଏକ ପବିତ୍ର ପର୍ବ ଭାବେ ମନେ କରାଯାଏ। ଏହିଦିନ ଅଶୋକ ବୃକ୍ଷ ଏବଂ ଭଗବାନ ଶଙ୍କରଙ୍କର ପୂଜା କରାଯାଇଥାଏ। ଏଥିସହ ଅଶୋକ ଗଛ ଚାରିପଟେ ୧୦୮ ଥର ପରିକ୍ରମା କରିବା ଦ୍ୱାରା ପୂଣ୍ୟ ଫଳ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ପୁରାଣ ଅନୁଯାୟୀ, ରାବଣ ଦ୍ୱାରା ଅପହୃତା ସୀତା ଅଶୋକ ବନରେ ଥିବା ସମୟରେ ପୁନର୍ବସୁ ନକ୍ଷତ୍ର ଯୁକ୍ତ ଏହି ଅଷ୍ଟମୀ ତିଥିରେ ପ୍ରଭୁ ରାମଙ୍କ ସହିତ ପୁନର୍ମିଳନ ପାଇଁ ସେ ଅଶୋକ କଢ଼ି ଦ୍ୱାରା ଭଗବାନ ଶିବଙ୍କ ଆରାଧନା କରିଥିଲେ। ସେହି ପରମ୍ପରା ଅନୁଯାୟୀ, ନିଜର ଏବଂ ନିଜ ପରିବାରର ଦୁଃଖ ଦୁର୍ଦ୍ଦଶା ଦୂରୀକରଣ ପୂର୍ବକ ଶାନ୍ତି ଓ ସମୃଦ୍ଧି ପ୍ରାପ୍ତି ପାଇଁ ଏହି ଦିନ ହିନ୍ଦୁ ନାରୀମାନେ ବ୍ରତ ପାଳନ ପୂର୍ବକ ଆଠଗୋଟି ଅଶୋକ କଢ଼ି ଶିବଙ୍କୁ ସମର୍ପଣ କରି ନିଜର ଉପବାସ ଭଙ୍ଗ କରିଥାନ୍ତି। ଅଶୋକାଷ୍ଟମୀ ଦିନ ଉପବାସ କରିବା ଦ୍ୱାରା ମନୁଷ୍ୟ ଜୀବନରୁ ଦୁଃଖ ଦୂର ହେବା ସହ ଲକ୍ଷ୍ମୀନାରାୟଣ ଏବଂ ଭଗବାନ ଶଙ୍କରଙ୍କର ବିଶେଷ କୃପା ଲାଭ ହୋଇଥାଏ ବୋଲି କୁହାଯାଏ। ଅଶୋକାଷ୍ଟମୀ ପରଦିନ ପାଳନ ହୁଏ ପବିତ୍ର ରାମ ନବମୀ ପର୍ବ।

# ଦୁଃଖ ଶୁଣିବା ବ୍ୟବସାୟ

ମୁମ୍ବାଇର ଜଣେ ବ୍ୟକ୍ତି ଲୋକଙ୍କଠାରୁ ଟଙ୍କା ନେଇ ସେମାନଙ୍କ ଦୁଃଖ ଶୁଣୁଛନ୍ତି। ଏହି କଥା ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ପୃଥ୍ୱୀରାଜ ବୋହରା ଜଣେ ୟୁଟ୍ୟୁବର। ସେ ଏହି ନିଆରା ପେଶାକୁ ପରିଚିତ କରାଇଛନ୍ତି। ଗୋଟିଏ ହାତରେ ସେ ମୁମ୍ବାଇ ସମୁଦ୍ର କୂଳରେ ପୋଷ୍ଟର୍ ଧରି ଛିଡ଼ା ହୋଇଥାନ୍ତି। ସେ ଧରିଥିବା ପୋଷ୍ଟର୍‌ରେ ଲେଖାଯାଇଛି, 'କାହାକୁ ନିଜ ଦୁଃଖ ଶୁଣାଇବାର ଥିଲେ ମୁଁ ଶୁଣିବି।' ସେହିପରି ଏଥିରେ ପୃଥ୍ୱୀରାଜ ତାଙ୍କ ପୂରା ବିଜନେସ୍ ମଡେଲକୁ ବୁଝାଇଛନ୍ତି। ସେ ଲୋକଙ୍କର ଛୋଟ ସମସ୍ୟା ବା ଦୁଃଖ ଶୁଣିବା ପାଇଁ ୨୫୦ ଟଙ୍କା ନେଉଥିବା ବେଳେ ବଡ଼ ଦୁଃଖ ବା ଗମ୍ଭୀର ସମସ୍ୟା ପାଇଁ ୫୦୦ ଟଙ୍କା ନିଅନ୍ତି। ତେବେ ରୋଚକୀୟ ବିଷୟ ହେଉଛି, ଯଦି ସେ ଲୋକଙ୍କ ସହ ମିଶି ସେମାନଙ୍କ ଦୁଃଖରେ କାନ୍ଦିବେ, ତେବେ ଏନେଇ ତାଙ୍କୁ ହଜାରେ ଟଙ୍କା ଦେବାକୁ ପଡ଼ିବ। ଏହି ପ୍ରକାରେ ତାଙ୍କର ଭାବପୂର୍ଣ୍ଣ ସେବା ବା ଇଇମୋସନାଲ ସର୍ଭିସ ଏବେ ସାମାଜିକ ଗଣାମଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଅନ୍ୟପଟେ ଲୋକେ ବି ତାଙ୍କ ପାଖକୁ ଟଙ୍କା ଦେଇ ନିଜ ଦୁଃଖ ଶୁଣାଇବାକୁ ଆସୁଥିବା ସେ କହିଛନ୍ତି। କେବଳ ସେତିକି ନୁହେଁ, ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ସେୟାର୍ ହେବା ପରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶେଷଜ୍ଞଙ୍କ ମତରେ, ବଡ଼ ସହରରେ ବଢୁଥିବା ଅବସାଦ ଏବଂ ଏକାକୀତ୍ୱ ଲୋକଙ୍କୁ ଏମିତି ବିକଳ୍ପ ଆଡ଼କୁ ଟାଣି ନେଉଛି ଯେ, ଯେଉଁଠାରେ ସେମାନେ ନିଜ କଥା ଖୋଲାଖୋଲି ଭାବେ କହିପାରିବେ। ଆଜିର ସମୟରେ ଲୋକେ ଏମିତି ଲୋକ ଚାହୁଁଛନ୍ତି, ଯେଉଁମାନେ କୌଣସି ସମାଲୋଚନା ନ କରି ସେମାନଙ୍କ ଦୁଃଖ ଶୁଣିବେ ଓ ବୁଝିବେ। ତେବେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି। ଏପିରିକି ଏହି ବ୍ୟବସାୟର କିଏ ସମାଲୋଚନା କରୁଥିବା ବେଳେ ଆଉ କିଏ ଏହାର ସମର୍ଥନ କରିଥିବା ଦେଖାଯାଇଛି।




# ଅନୁଷ୍କାଙ୍କ ଲେଉଟାଣି



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଅଲ୍ଲୁ ଅର୍ଜୁନ୍ ତାଙ୍କ କ୍ୟାରିୟରରେ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। ଏବେ ଅଲ୍ଲୁ ତାଙ୍କ ଆଗାମୀ ଫିଲ୍ମ 'AA22xA6'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏଟ୍‌ଲି କୁମାର ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଏଥିରେ ଅଲ୍ଲୁଙ୍କ ସହ ଦୀପିକା ପାଦୁ୍ୟକୋନ୍ ଲିଡ୍ ରୋଲରେ ନଜର ଆସିବେ। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏହି ସାଇନ୍ସ ଫିକ୍ସନ୍ ଫିଲ୍ମରେ ଅନୁଷ୍କା ଶର୍ମା ନଜର ଆସିବେ ବୋଲି ଜଣାପଡ଼ିଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ଯଦି ଏହି କଥା ସତ ହୁଏ, ତେବେ ଏହି ଫିଲ୍ମ ମାଧ୍ୟମରେ ଅନୁଷ୍କା ପ୍ରଥମ ଥର ପାଇଁ ତେଲୁଗୁ ଇଣ୍ଡଷ୍ଟ୍ରୀରେ ପାଦ ଦେବେ। ଏଥିରେ ଅନୁଷ୍କାଙ୍କ ବ୍ୟତୀତ ଜାହ୍ନବୀ କପୁର, ରଶ୍ମିକା ମନ୍ଦାନା, ମୃଣାଳ ଠାକୁର ନଜର ଆସିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଅନୁଷ୍କା ଶେଷଥର ପାଇଁ ୨୦୧୮ ମସିହାରେ 'ଜିରୋ' ଫିଲ୍ମରେ ଦେଖାଯାଇଥିଲେ। ଏଥିରେ ସେ ଶାହାରୁଖ୍ ଖାନ୍, କ୍ୟାଟ୍ରିନା କୈଫ୍‌ଙ୍କ ସହ ଲିଡ୍ ରୋଲରେ ନଜର ଆସିଥିଲେ। ୨୦୨୨ରେ ଅନୁଷ୍କା ଝୁଲନ୍ ଗୋସ୍ୱାମୀଙ୍କ ବାୟୋପିକ୍ 'ଚକଦା ଏକ୍ସପ୍ରେସ୍'ରେ କାମ କରିବା ନେଇ ଖବର ଆସିଥିଲା। ଏହାର ସୁଟିଂରେ ଡେରି ହେବାରୁ ଫିଲ୍ମଟିକୁ ବନ୍ଦ କରି ଦିଆଗଲା ବୋଲି କୁହାଯାଉଛି।

# ନାରୀକୈନ୍ଦ୍ରିକ ଚଳଚ୍ଚିତ୍ର

**ବଲିଉଡ୍‌ରେ ଅନେକ ନାରୀକୈନ୍ଦ୍ରିକ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଯେଉଁଥିରେ ମହିଳା ସଶକ୍ତିକରଣ, ସାହସ, ସଂଘର୍ଷ, ସମେତ ସେମାନଙ୍କ ସମସ୍ୟା ଏବଂ ଅଧିକାରକୁ ଚିତ୍ରଣ କରାଯାଇଛି। ଚଳଚ୍ଚିତ୍ର କେବଳ ମନୋରଞ୍ଜନର ମାଧ୍ୟମ ହୁଏ, ଏହା ମହିଳାଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଥାଏ, ତାହା ମଧ୍ୟ ପ୍ରମାଣିତ ହୋଇଛି। ଏଥିସହ ସମାଜରେ ମହିଳାଙ୍କ ଯୋଗଦାନ ଏବଂ କ୍ଷମତାକୁ ଦର୍ଶାଇଛି। ତେବେ ବଲିଉଡ୍‌ରେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେକ ନାରୀକୈନ୍ଦ୍ରିକ ଫିଲ୍ମକୁ ନେଇ ଏହି ଆଲେଖ୍ୟ।**



### ମମ୍

୨୦୧୭ ମସିହାରେ ମୁକ୍ତିଲାଭ କରିଥିଲା ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀଙ୍କ ଫିଲ୍ମ 'ମମ୍'। ଏହା ଏକ କ୍ରାଇମ୍ ଥ୍ରୀଲର ଫିଲ୍ମ ଭାବେ ପରିଚିତ। ଏଥିରେ ଜଣେ ମାଆ ଦୁଷ୍କର୍ମର ଶିକାର ହୋଇଥିବା ଝିଅକୁ ନ୍ୟାୟ ଦେବା ପାଇଁ କିପରି ସଂଘର୍ଷ କରିଛନ୍ତି, ତାହା ଦର୍ଶାଯାଇଛି। ଆଇନ ବ୍ୟବସ୍ଥାରେ ତ୍ରୁଟି ଯୋଗୁ, ଅପରାଧୀମାନେ ଅପରାଧ କରି ବର୍ତ୍ତିଯାଆନ୍ତି। ହେଲେ ଫିଲ୍ମରେ ଶ୍ରୀଦେବୀ ସେହି ଅପରାଧୀଙ୍କୁ ଦଣ୍ଡ ଦେବା ପାଇଁ ସଂକଳ୍ପ ନିଅନ୍ତି। ଏଥିରେ ଯୌନ ନିର୍ଯ୍ୟାତନା ଏବଂ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଇଛି।



### କୁଇନ୍

ବିକାଶ ବେହେଲ୍‌ଙ୍କ ନିର୍ଦ୍ଦେଶିତ ଫିଲ୍ମ କୁଇନ୍ ୨୦୧୩ ମସିହାରେ ବଡ଼ ପରଦାରେ ମୁକ୍ତିଲାଭ କରିଥିଲା। ଏହା ଏକ କମେଡ଼ି ଡ୍ରାମା ଫିଲ୍ମ ଭାବେ ପରିଚିତ। ଏଥିରେ ସାଧାରଣ ମହିଳାର ଆତ୍ମବିଶ୍ୱାସ ଏବଂ ସ୍ୱାଧୀନତାକୁ ଦର୍ଶାଯାଇଛି। ଏଥିରେ କଙ୍ଗନା ଏକ ସାଧାରଣ ଘରୋଇ ମହିଳା ଚରିତ୍ରରେ ଅଭିନୟ କରିଛନ୍ତି। ହେଲେ ତାଙ୍କ ସରଳ ସ୍ୱଭାବ ତାଙ୍କ ପାଇଁ ଅଭିଶାପ ପାଲଟିଥିଲା। ଏଥିପାଇଁ ତାଙ୍କ ଭାବି ସ୍ୱାମୀ ବାହାଘର ଭାଙ୍ଗି ଦେଇଥିଲେ। ଫଳରେ ଯୁବତୀ ଏବଂ ତାଙ୍କ ପରିବାର ଲୋକେ ଏହାକୁ କିପରି ସାମ୍ନା କରିଥିଲେ ତାହା ଫିଲ୍ମରେ ଦେଖିବାକୁ ମିଳିଛି।



### ପିଙ୍କ୍

୨୦୧୬ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ପିଙ୍କ୍'। ଏହାର ନିର୍ଦ୍ଦେଶନା ଦେଇଥିଲେ ଅନିରୁଦ୍ଧ ରୟ ଚୌଧୁରୀ। ଫିଲ୍ମଟି ତିନୋଟି ଯୁବତୀଙ୍କ କାହାଣୀ ଉପରେ ଆଧାରିତ। ଏଥିରେ ମହିଳାଙ୍କ ସମ୍ମାନ ଏବଂ ସ୍ୱାଧୀନତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଥିରେ ଅମିତାଭ ବଚ୍ଚନ, ତାପସୀ ପନ୍ନୁ ନଜର ଆସିଥିଲେ।

### ନିରଜା

ଏହି ବାୟୋଗ୍ରାଫିକାଲ୍ ଥ୍ରୀଲର୍ ଫିଲ୍ମ ୨୦୧୬ ମସିହାରେ ମୁକ୍ତିଲାଭ କରିଥିଲା। ଏହା ବିମାନ ଅପହରଣକାରୀଙ୍କ କବଳରୁ ଯାତ୍ରୀଙ୍କୁ ରକ୍ଷା କରିଥିବା ଏୟାର ହୋଷ୍ଟେସ୍ ନିରଜା ଭାନୋଟଙ୍କ ବାସ୍ତବ ଜୀବନ କାହାଣୀ ଉପରେ ଆଧାରିତ। ସୋନମ କପୁର୍‌ଙ୍କ ଅଭିନୀତ, ଏହି ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏଥିରେ ନିରଜାଙ୍କ ବୀରତା, ସାହସ ଏବଂ ଆତ୍ମବିଶ୍ୱାସ ପ୍ରତିଫଳିତ ହୋଇଛି।

# ସୁଶ୍ରୀ

## ବ୍ଲୋ ବ୍ରଶ୍

**କେଶବିନ୍ୟାସ କରିବା ପାଇଁ ବଜାରରେ ବିଭିନ୍ନ ଉପକରଣ ରହିଛି। ସେଥିମଧ୍ୟରୁ ଗୋଟିଏ ବ୍ଲୋ ବ୍ରଶ୍। ଏହା ଡ୍ରାଏର୍ ଏବଂ ବ୍ରଶ୍ ଦୁଇଟିର କାର୍ଯ୍ୟ କରିଥାଏ। ଏହାକୁ ବ୍ୟବହାର କଲେ ଘରେ ବସି ପାର୍ଲର ଲୁକ୍ ମିଳିଥାଏ। ତେବେ ବଜାରରେ ବିଭିନ୍ନ ବ୍ରାଣ୍ଡର ବ୍ଲୋ ବ୍ରଶ୍ ରହିଛି, ଜାଣିବା ସେ ବିଷୟରେ।**



### କେୟାରସ୍ମିଥ୍

ଏହା ଟୁ -ଇନ୍ -ୱାନ୍ ହେୟାର୍ ଷ୍ଟାଇଲିଙ୍ଗ୍ ଉପକରଣ ଭାବେ କାର୍ଯ୍ୟ କରିଥାଏ। ଏହା କେଶକୁ ଷ୍ଟ୍ରେଟ୍ କରିବା ସହ କର୍ଲ ମଧ୍ୟ କରିଥାଏ। ସେଲୁନ୍ ଭଳି ସ୍ମୁଥ୍ ଏବଂ ହେୟାର୍ ଷ୍ଟାଇଲ୍‌କୁ ଦୀର୍ଘ ସମୟ ରଖିବା ପାଇଁ ଏହା ବ୍ୟବହାର କରାଯାଏ।

### ଅର୍ବନ୍

ଏହା କେଶକୁ ଶୀଘ୍ର ଶୁଖାଇବା ସହ ନରମ ଏବଂ ଆକର୍ଷଣୀୟ କରିଥାଏ। ଏହାକୁ ଘରେ ସେଲୁନ୍ ଭଳି ଚମକ ଦେବା ଲାଗି ଡିଜାଇନ୍ କରାଯାଇଛି। ଏଥିରେ ତିନୋଟି ଟେମ୍ପେରେଚର୍ ଏବଂ ଦୁଇଟି ସ୍ପିଡ୍ ସେଟିଙ୍ଗ୍ ସିଷ୍ଟମ ରହିଛି। ଏହା କେଶକୁ ଆବଶ୍ୟକତା ଅନୁସାରେ ଗରମ ପ୍ରଦାନ କରିଥାଏ।

### ବ୍ରୋନ୍ ସନ୍

ଏହା କେଶକୁ ନ ଟାଣି ସହଜ ଉପାୟରେ କୁଣ୍ଡାଇବାରେ ସହାୟକ ହୋଇଥାଏ। ଏଥିରେ ତିନୋଟି ଆଡଜ୍‌ଷ୍ଟେବୁଲ୍ ହିଟ୍ ସେଟିଙ୍ଗ୍ ମଧ୍ୟ ରହିଛି। ଏହାର ଓଭାଲ୍ ସେପ୍ ବେଣ୍ଟ ସିଷ୍ଟମ୍ ଏୟାର୍‌ଫ୍ଲୋ ଭଲ କରିଥାଏ। ଏହାଦ୍ୱାରା କେଶ ଜଲ୍‌ଦି ଶୁଖିବା ସହ ଷ୍ଟାଇଲିଶ୍ ଦେଖାଯାଏ।

## ମୋ ହାଣ୍ଡିଶାଳରୁ...

# ବ୍ରୋକ୍‌ଲି ମସ୍‌ରୁମ୍



### ଆବଶ୍ୟକ ସାମଗ୍ରୀ

ବ୍ରୋକଲି – ଦୁଇ କପ୍, ମସ୍‌ରୁମ୍– ଦୁଇ କପ୍, ଗାଜର – ଏକ କପ୍, ବିନ୍ସ – ଏକ କପ୍, କଟା ପିଆଜ – ଏକ କପ୍, ଶୁଖିଲା ଲଙ୍କାଗୁଣ୍ଡ- ଏକ ଚାମଚ, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, କ୍ରିମ୍ - ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଗଲେ ଏଥିରେ କଟା ପିଆଜ ଦେଇ ହାଲୁକା ସୁନେଲି ରଙ୍ଗ ହେବା ଯାଏ ଭାଜନ୍ତୁ। ଏହାପରେ ଗାଜର୍ ବିନ୍‌ସ, ବ୍ରୋକ୍‌ଲି ସମେତ ଛତୁ ଦେଇ ଭାଜନ୍ତୁ। କିଛି ସମୟ ପରେ ଲୁଣ, ଶୁଖିଲା ଲଙ୍କା ଗୁଣ୍ଡ, ଏବଂ ଗୋଲମରିଚ ଦେଇ ଏପାଖ ସେପାଖ କରନ୍ତୁ। ଏହାପରେ ସାମାନ୍ୟ ପାଣି ଦେଇ ଢାଙ୍କୁଣି ଘୋଡ଼ାନ୍ତୁ। ପରିବା ହାଲୁକା ସିଝିଗଲେ ଏଥିରେ ଫ୍ରେଶ୍ କ୍ରିମ୍ ଦିଅନ୍ତୁ। ଏହା ଉପରେ ଧନିଆ ପତ୍ର ପକାଇ ପରସନ୍ତୁ ସ୍ୱାଦିଷ୍ଟ 'ବ୍ରୋକଲି ମସ୍‌ରୁମ୍'।

# କଳାଜାଇ ଦୂରେଇବାକୁ ଚାହୁଁଥିଲେ...

**ଶରୀରରେ କଳାଜାଇ ରହିବା ଏକ ସାଧାରଣ କଥା। ହେଲେ ମୁହଁ ଏବଂ ବେକରେ ଆବଶ୍ୟକତାଠୁ ଅଧିକ କଳାଜାଇ ହେଲେ ଏହା ସୁନ୍ଦରତାକୁ କମ୍ କରିଥାଏ। ତେଣୁ ଏହାକୁ ଦୂରେଇବାକୁ ଚାହୁଁଥିଲେ, ନିମ୍ନ ଲିଖିତ ଘରୋଇ ଉପଚାର ଆପଣାଇପାରିବେ।**



### ମହୁ ଏବଂ ଅଳସୀ ତେଲ

କଳାଜାଇରୁ ମୁକ୍ତି ପାଇବାକୁ ଚାହୁଁଥିଲେ, ମହୁ ସହ ଅଳସୀ ତେଲ ମିଶାଇ ଲଗାଇପାରିବେ। ଏହା କଳାଜାଇର ରଙ୍ଗକୁ ଫିକା କରିଥାଏ। ଅଳସୀ ତେଲ କଳାଯାଇ ହେଉଥିବା କୋଷକୁ ନଷ୍ଟ କରିଥାଏ। ଏହାଦ୍ୱାରା କଳାଜାଇ କମ୍ ହୋଇଥାଏ। ସେହିପରି ମହୁରେ ଆଣ୍ଟି ଇନ୍‌ଫ୍ଲାମେଣ୍ଟୋରୀ ଗୁଣ ଥାଏ, ଯାହା କଳାଜାଇ ଆକାରକୁ କମ୍ କରିଥାଏ। ତେଣୁ ଏକଚାମଚ ଅଳସୀ ତେଲରେ ଏକ ଚାମଚ ମହୁ ମିଶାଇ ଲଗାଇପାରିବେ।

### ହଳଦୀ ଏବଂ ମହୁ

ହଳଦୀ ତ୍ୱଚା ପାଇଁ ଖୁବ୍ ଲାଭଦାୟକ। ଏଥିରେ ବହୁ ଗୁଣକାରୀ ତତ୍ତ୍ୱ ଥାଏ। ସେହିପରି ମହୁରେ ମଧ୍ୟ ଆଣ୍ଟିସେପ୍ଟିକ୍‌ଗୁଣ ଥାଏ। ଏହି ଦୁଇଟିର ମିଶ୍ରଣ ତ୍ୱଚା ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଏଥିପାଇଁ ଦୁଇଚାମଚ ମହୁରେ ଏକ ଚୁଟ୍‌କି ହଳଦୀ ମିଶାଇ ଏକ ପେଷ୍ଟକୁ ପ୍ରସ୍ତୁତ କରନ୍ତୁ। ଏହାକୁ କଳାଜାଇ ଉପରେ ଲଗାଇ ଶୁଖିଗଲେ ଧୋଇ ଦିଅନ୍ତୁ। କିଛି ଦିନ ମଧ୍ୟରେ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ। ଏହା କଳାଜାଇର ରଙ୍ଗକୁ ଯଥା ସମ୍ଭବ ଫିକା କରିଥାଏ।

# ରାଜସ୍ଥାନ ବିକ୍ରିରୁ ୪୫୦ କୋଟି ପାଇବେ ୱର୍ଣ୍ଣଙ୍କ ପରିବାର

ଖ୍ରୀଷ୍ଟଚର୍ଚ୍ଚ, ୨୫ ।୩ (ଏଜେନ୍ସି)

ଆଇପିଏଲ୍ ଆରମ୍ଭ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜ ବିକ୍ରି ହୋଇଯାଇଛି । ଆମେରିକାଭିତ୍ତିକ କନସୋର୍ଟିୟମ ୧.୬୩ ବିଲିୟନ (ଭାରତୀୟ ମୁଦ୍ରାରେ ପ୍ରାୟ ୧୫,୨୯୦ କୋଟି) ରେ ରାଜସ୍ଥାନ ଫ୍ରାଞ୍ଚାଇଜକୁ କ୍ରୟ କରିଛି । ଏହି ଅବସରରେ ଅଷ୍ଟ୍ରେଲିଆର କିମ୍ବଦନ୍ତୀ କ୍ରିକେଟର୍ ସ୍ୱର୍ଗତ ସେନ ୱର୍ଣ୍ଣଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ୱର୍ଣ୍ଣଙ୍କ ନେତୃତ୍ୱରେ ରାଜସ୍ଥାନ ଆଇପିଏଲ୍‌ର ପ୍ରଥମ ସିଜନରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା । ଏବେ ରାଜସ୍ଥାନ ବିକ୍ରି ଡିଲ୍‌ରୁ ୱର୍ଣ୍ଣଙ୍କ ପରିବାରକୁ ୪୫୦ରୁ ୪୬୦ କୋଟି ଟଙ୍କା ମିଳିବ ବୋଲି ରିପୋର୍ଟ ପ୍ରକାଶ ପାଇଛି । ରିପୋର୍ଟ ଅନୁଯାୟୀ ଖେଳାଳିମାନେ ଆଇପିଏଲ୍ ଫ୍ରାଞ୍ଚାଇଜ ସହ ସାଧାରଣତଃ ଚୁକ୍ତିନାମା ସ୍ୱାକ୍ଷର କରିଥାନ୍ତି । ଚୁକ୍ତି ଅନୁଯାୟୀ ସେହି ପରିମାଣର ଅର୍ଥରାଶି ସେମାନଙ୍କୁ ପ୍ରାପ୍ୟ ଆକାରରେ ପ୍ରଦାନ କରାଯାଇଥାଏ । କିନ୍ତୁ ବଲ୍‌କୁ ସ୍ପିନ କରାଇବାରେ ମାହିର ଥିବା ୱର୍ଣ୍ଣ ମଧ୍ୟ ବେଶ୍ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ । ୱର୍ଣ୍ଣ ଆଇପିଏଲ୍ ଆରମ୍ଭରୁ କିଛି ଭିନ୍ନ ଚୁକ୍ତି କରିଥିଲେ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ୱର୍ଣ୍ଣ ବାର୍ଷିକ ୬.୫୭ ଲକ୍ଷ ଡଲାରର ଚୁକ୍ତି ସହ ଫ୍ରାଞ୍ଚାଇଜର ୦.୭୫ ପ୍ରତିଶତ ଅଂଶଧନ ମଧ୍ୟ ପାଇଥିଲେ । ୱର୍ଣ୍ଣ ୪ଟି ସିଜନ (୨୦୦୮ରୁ ୨୦୧୧) ଧରି ରାଜସ୍ଥାନ ପକ୍ଷରୁ ଖେଳିଥିଲେ । ଫଳରେ ତାଙ୍କର ମୋଟ୍ ଅଂଶଧନ ୩ ପ୍ରତିଶତ ହୋଇଯାଇଥିଲା । ଯଦିଓ ଏହି ନିବେଶ ପ୍ରାରମ୍ଭରେ ଛୋଟ ମନେ ହେଉଥିଲା, କିନ୍ତୁ ସମୟ ଅତିବାହିତ ହେବା ସହ ତାଙ୍କ ପାଇଁ ଏହା ବେଶ୍ ବଡ଼ ହୋଇଥିଲା । ଏବେ ରାଜସ୍ଥାନ ୧୫ ହଜାର ୨୯୦ କୋଟି ଟଙ୍କାରେ କ୍ରୟ ହୋଇଛି । ଏହିକ୍ରମରେ ୱର୍ଣ୍ଣ ୩ ପ୍ରତିଶତ ଅଂଶଧନ ହିସାବରେ ୪୫୦ରୁ ୪୬୦ କୋଟି ଟଙ୍କା ପାଇବେ ବୋଲି ଜଣାପଡ଼ିଛି । ତେବେ ଦୁଃଖର ବିଷୟ ଏହି ଖୁସିର ମୁହୂର୍ତ୍ତର ସାକ୍ଷୀ ହେବା ଲାଗି ୱର୍ଣ୍ଣ ନାହାନ୍ତି । ୨୦୨୨ରେ ୱର୍ଣ୍ଣଙ୍କ ୫୩ ବର୍ଷ ବୟସରେ ଅକାଳ ବିୟୋଗ ଘଟିଥିଲା । ତଥାପି ତାଙ୍କର ଦୂରଦୃଷ୍ଟି ଯୋଗୁଁ ୧୮ ବର୍ଷ ପୂର୍ବେ କରିଥିବା ଚୁକ୍ତିରୁ ତାଙ୍କ ପରିବାର ଏବେ ଅତ୍ୟନ୍ତ ଲାଭବାନ ହେବେ ।




## କୋହଲି, ରୋହିତ, ଧୋନି ପଛରେ

ଆଇପିଏଲ୍‌ରୁ ସର୍ବାଧିକ ଆୟ କରିଥିବା ଖେଳାଳି ତାଲିକାରେ ୱର୍ଣ୍ଣ ଏବେ ବିରାଟ କୋହଲି, ରୋହିତ ଶର୍ମା, ମହେନ୍ଦ୍ର ସିଂ ଧୋନିଙ୍କ ପରି ତାରକା ଖେଳାଳିଙ୍କୁ ପଛରେ ପକାଇ ଦେଇଛନ୍ତି । ଏହି ୩ କ୍ରିକେଟର୍ ଆଇପିଏଲ୍ ପ୍ରଥମ ସିଜନରୁ ଆଜି ପର୍ଯ୍ୟନ୍ତ ଖେଳି ଆସୁଛନ୍ତି । ଏହିକ୍ରମରେ କୋହଲି ଆଇପିଏଲ୍ ପ୍ରାପ୍ୟ ବାବଦକୁ ମୋଟ୍ ଉପରେ ୨୧୨ କୋଟି ଟଙ୍କା ରୋଜଗାର କରିଛନ୍ତି । ସେହିଭଳି ରୋହିତ ୨୧୧ କୋଟି ଓ ଧୋନି ୧୯୬ କୋଟି ଟଙ୍କା ପ୍ରାପ୍ୟ ଆକାରରେ ପାଇଛନ୍ତି ।

**ଆର୍ଯ୍ୟମାନ ବିର୍ଲା**

## ଦିନେ ୩୦ ଲକ୍ଷରେ କ୍ରୟ ହୋଇଥିଲେ; ଏବେ ଆର୍‌ସିବି ମାଲିକ

ନୂଆଦିଲ୍ଲୀ, ୨୫ ।୩ (ଏଜେନ୍ସି): ଆଦିତ୍ୟ ବିର୍ଲା ଗ୍ରୁପ୍ ଓ ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ୧.୭୮ ବିଲିୟନ (ପାଖାପାଖି ୧୬ ହଜାର କୋଟି ଟଙ୍କା) ରେ ଆଇପିଏଲର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଫ୍ରାଞ୍ଚାଇଜକୁ କ୍ରୟ କରିଛନ୍ତି । ଫଳରେ ଆରସିବିର ଉଭୟ ପୁରୁଷ ଓ ମହିଳା ଟିମ୍ ଏବେ ନୂଆ ମାଲିକାନାରେ ଖେଳିବ । ଯୁବ ଶିଳ୍ପପତି ଆର୍ଯ୍ୟମାନ ବିର୍ଲା ଏହି ଫ୍ରାଞ୍ଚାଇଜର ନୂଆ ଚେୟାରମ୍ୟାନ ହୋଇଛନ୍ତି । ଯାହାଙ୍କୁ ନେଇ ଏବେ ଚାରିଆଡ଼େ ଜୋର୍‌ଦାର ଚର୍ଚ୍ଚା ଚାଲିଛି । ୨୮ ବର୍ଷୀୟ ଆର୍ଯ୍ୟମାନ ହେଉଛନ୍ତି ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲାଙ୍କ ସୁପୁତ୍ର । ଯିଏକି ପୂର୍ବରୁ ମଧ୍ୟପ୍ରଦେଶ ଦଳ ପକ୍ଷରୁ ଘରୋଇ କ୍ରିକେଟ୍‌ରେ ପ୍ରତିନିଧିତ୍ୱ କରିସାରିଛନ୍ତି । ଆର୍‌ସିବି ଅଧିନାୟକ ରଜତ ପଟିଦାର ଓ ଅଲ୍‌ରାଉଣ୍ଡର ଭେଙ୍କଟେଶ ଆୟରଙ୍କ ସହ ମଧ୍ୟ ଏକାଠି ଡ୍ରେସିଂ ରୁମ୍ ଶେୟାର କରିଛନ୍ତି । ବାମହାତୀ ବ୍ୟାଟର୍ ଆର୍ଯ୍ୟମାନ ୯ଟି ପ୍ରଥମଶ୍ରେଣୀ ମ୍ୟାଚରୁ ୨୭.୬୦ ହାରରେ ୪୧୪ ରନ ସଂଗ୍ରହ କରିଛନ୍ତି । ଯେଉଁଥିରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ରହିଛି । ସେହିଭଳି ଲିଷ୍ଟ-ଏ'ରେ ୪ଟି ମ୍ୟାଚରୁ ୩୬ ରନ ତାଙ୍କ ନାମରେ ଲିପିବଦ୍ଧ ରହିଛି । ଏହାବାଦ୍ ଆର୍ଯ୍ୟମାନ ୨୦୧୮ ଆଇପିଏଲ୍ ଖେଳାଳି ନିଲାମୀରେ ୩୦ ଲକ୍ଷ ଟଙ୍କାରେ ରାଜସ୍ଥାନ ଫ୍ରାଞ୍ଚାଇଜ ଦ୍ୱାରା କ୍ରୟ ହୋଇଥିଲେ । ୨୦୨୦ ଆଇପିଏଲ୍‌ରେ ରାଜସ୍ଥାନ ତାଙ୍କୁ ରିଲିଜ କରିଦେଇଥିଲା । ଦିନେ ଖେଳାଳି ହୋଇ ଆଇପିଏଲ୍‌ରେ ଅଂଶଗ୍ରହଣ କରିଥିବା ଆର୍ଯ୍ୟମାନ ଏବେ ଭାଗ୍ୟବଳରେ ଆର୍‌ସିବି ଭଳି ଲୋକପ୍ରିୟ ଫ୍ରାଞ୍ଚାଇଜର ମାଲିକ ହୋଇପାରିଛନ୍ତି ।




## ୧୨ ନମ୍ବର ଜର୍ସିକୁ ଅବସର ଦେଲା କେକେଆର୍




କୋଲକାତା, ୨୫ ।୩ (ଏଜେନ୍ସି): ଆଇପିଏଲ୍‌ର ୧୯ତମ ସିଜନ ଆରମ୍ଭ ହେବାକୁ ଆଉ ୨ ଦିନ ବାକି ରହିଛି । ଏଥିପୂର୍ବରୁ ୩ଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଫ୍ରାଞ୍ଚାଇଜ ଏକ ବଡ଼ ନିଷ୍ପତ୍ତି ନେଇଛି । କେକେଆର୍ ଏହାର ପୂର୍ବତନ ଅଲ୍‌ରାଉଣ୍ଡର ୱେଷ୍ଟଇଣ୍ଡିଜର ଆନ୍ଦ୍ରେ ରସେଲଙ୍କ ସମ୍ମାନାର୍ଥେ ୧୨ ନମ୍ବର ଜର୍ସିକୁ ସବୁଦିନ ପାଇଁ ଅବସର ଦେବାକୁ ନିଷ୍ପତ୍ତି ନେଇଛି । ୨୦୧୪ରେ କେକେଆର୍ ସହ ଯୋଡ଼ି ହୋଇଥିବା ରସେଲ ଦୀର୍ଘ ୧୧ଟି ସିଜନ ଧରି ଏହି ଦଳରୁ ପ୍ରତିନିଧିତ୍ୱ କରିଥିଲେ । ସେ ୧୨ ନମ୍ବର ଜର୍ସି ପରିଧାନ କରୁଥିଲେ । ଗତ ନଭେମ୍ବରରେ ରସେଲ ଆଇପିଏଲ୍‌ରୁ ଅବସର ନେଇ କେକେଆର୍ କୋଚିଂ ଟିମ୍‌ରେ ସାମିଲ ହୋଇଥିଲେ । ରସେଲ ଆଇପିଏଲ୍‌ରେ ମୋଟ୍ ୧୪୦ଟି ମ୍ୟାଚ୍ ଖେଳିଛନ୍ତି । ଯେଉଁଥିରେ ୧୩୩ଟି ମ୍ୟାଚ ସେ କୋଲକାତା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି ।

## ହର୍ଷିତଙ୍କ ସ୍ଥାନରେ ନବଦୀପ ସାମିଲ

କୋଲକାତା, ୨୫ ।୩ (ଏଜେନ୍ସି): ଦ୍ରୁତ ବୋଲର ନବଦୀପ ସଇନି ଆଇପିଏଲ୍‌ର ଆଗାମୀ ୧୯ତମ ସିଜନ ଲାଗି କୋଲକାତା ନାଇଟ୍ ରାଇଡର୍ସ ଦଳରେ ସାମିଲ ହୋଇଛନ୍ତି । ଆହତ ହୋଇ ସିଜନରୁ ବାଦ୍ ପଡ଼ିଥିବା ହର୍ଷିତ ରାଣାଙ୍କ ବଦଳ ଖେଳାଳି ଭାବେ ନବଦୀପଙ୍କ ସହ କୋଲକାତା ଫ୍ରାଞ୍ଚାଇଜ ଚୁକ୍ତି କରିଛି । ସେ ୭୫ ଲକ୍ଷ ଟଙ୍କାରେ ଚୁକ୍ତି କରିଛନ୍ତି । ସେହିଭଳି ବାମହାତୀ ଦ୍ରୁତ ବୋଲର କୁଲୱନ୍ତ ଖେର୍ଜୋଲିୟାଙ୍କୁ ଗୁଜରାଟ ଟାଇଟାନ୍ସ ୩୦ ଲକ୍ଷ ଟଙ୍କାରେ ଦଳରେ ସାମିଲ କରିଛି । ଦିଲ୍ଲୀର କୁଲୱନ୍ତ ଆହତ ଥିବା ପୃଥ୍ୱୀରାଜ ୟାରାଙ୍କ ସ୍ଥାନରେ ଖେଳିବେ । ନବଦୀପ ଆଇପିଏଲ୍‌ରେ ପୂର୍ବରୁ ୩୨ଟି ମ୍ୟାଚ୍ ଖେଳି ୨୩ଟି ୱିକେଟ୍ ନେଇଛନ୍ତି ।

## କେର୍‌ଙ୍କ ଶତକ; ନ୍ୟୁଜିଲାଣ୍ଡ ମହିଳା ନେଲେ ପ୍ରତିଶୋଧ

ଖ୍ରୀଷ୍ଟଚର୍ଚ୍ଚ, ୨୫ ।୩ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷରେ ବୁଧବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୫ମ ଟି-୨୦ ମ୍ୟାଚକୁ ନ୍ୟୁଜିଲାଣ୍ଡ ମହିଳା ଦଳ ୯୨ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଛି । ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଅଧିନାୟିକା ଆମେଲିଆ କେର୍‌ଙ୍କ ଶତକ ବଳରେ ୬ ୱିକେଟ୍‌ରେ ୧୯୪ ରନ କରିଥିଲା । ନିଜର ଦ୍ୱିତୀୟ ଟି-୨୦ ଶତକୀୟ ପାଳିରେ କେର୍ ୫୫ ବଲରେ ୧୦୫ ରନ କରିଥିଲେ । ଜବାବରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା ଦଳ ୯ ୱିକେଟରେ ୧୦୨ ରନ କରି ପରାସ୍ତ ହୋଇଥିଲା ।

ଏହି ବିଜୟ ସହ ନ୍ୟୁଜିଲାଣ୍ଡ ଟି-୨୦ ସିରିଜକୁ ୪-୧ରେ ଜିତିନେଇଛି । ଦକ୍ଷିଣ ଆଫ୍ରିକା କେବଳ ଦ୍ୱିତୀୟ ମ୍ୟାଚକୁ ଜିତିବାକୁ ସମର୍ଥ ହୋଇଥିଲା । ଏଠାରେ ସିରିଜ ଜିତି ନ୍ୟୁଜିଲାଣ୍ଡ ମହିଳା ଦଳ ପୁରୁଷ ଟିମ୍‌ର ପରାଜୟର ପ୍ରତିଶୋଧ ନେଇଛି । ଆଜି ସକାଳେ ନ୍ୟୁଜିଲାଣ୍ଡ ପୁରୁଷ ଦଳ ୨-୩ରେ ଦକ୍ଷିଣ ଆଫ୍ରିକା ନିକଟରୁ ଟି-୨୦ ସିରିଜ ହାରିଥିଲା । ଅପରପକ୍ଷରେ ଅନ୍ତର୍ଜାତୀୟ ଟି-୨୦ରେ ଅଧିନାୟକ ଭାବେ ଏକାଧିକ ଶତକ ମାରିବାରେ ରୋହିତ୍ ଶର୍ମା, ବାବର ଆଜମ, ମେଗ୍ ଲାନିଂଙ୍କ କ୍ଲବରେ କେର୍ ସାମିଲ ହୋଇଛନ୍ତି ।




**କୋନ୍ନରଙ୍କ ବିସ୍ଫୋରକ ଅର୍ଦ୍ଧଶତକ**

## ଦକ୍ଷିଣ ଆଫ୍ରିକା ୩-୨ରେ ସିରିଜ୍ ଜିତିଲା

ଖ୍ରୀଷ୍ଟଚର୍ଚ୍ଚ, ୨୫ ।୩ (ଏଜେନ୍ସି): ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ବୁଧବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୫ମ ଟି-୨୦ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୩୩ ରନରେ ବିଜୟୀ ହୋଇଛି । ଫଳରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଦକ୍ଷିଣ ଆଫ୍ରିକା ୩-୨ରେ ଜିତିନେଇଛି । ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ବିଜୟୀ ହୋଇଥିଲା । କିନ୍ତୁ ପରବର୍ତ୍ତୀ ଦୁଇଟି ମ୍ୟାଚକୁ ନ୍ୟୁଜିଲାଣ୍ଡ ଜିତି ୨-୧ରେ ଅଗ୍ରଣୀ ହାସଲ କରିଥିଲା । ତେବେ ଶେଷ ଦୁଇଟି ମ୍ୟାଚରେ ବିଜୟୀ ହୋଇ ଦକ୍ଷିଣ ଆଫ୍ରିକା ସିରିଜକୁ ୩-୨ରେ କବ୍‌ଜା କରିନେଇଛି । ବୁଧବାର ହେଗଲୀ ଓଭାଲରେ ଅନୁଷ୍ଠିତ ୫ମ ଟି-୨୦ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା କୋନ୍ନର ଏଷ୍ଟରହୁଇଜେନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୪ ୱିକେଟରେ ୧୮୭ ରନ ସଂଗ୍ରହ କରିଥିଲା । ୱିକେଟ୍‌କିପର କୋନ୍ନର ୫ଟି ଚୌକା ଓ ୬ଟି ଛକା ସହାୟତାରେ ୩୩ ବଲରୁ ୭୫ ରନର ବିସ୍ଫୋରକ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବିନ ହର୍ମନ୍ନ ୩୯, ୱିଆନ ମଲ୍ଡର ୩୧, ଡିଆନ ଫୋଷ୍ଟର ୨୧ ରନ କରିଥିଲେ । ଘରୋଇ ଦଳ ପକ୍ଷରୁ ବେନ୍ ସିଅର୍ସଙ୍କୁ ୨ଟି ୱିକେଟ୍ ମିଳିଥିଲା । ଜବାବରେ ନ୍ୟୁଜିଲାଣ୍ଡ ୮ ୱିକେଟରେ ୧୫୪ ରନ କରିବାକୁ ସମର୍ଥ ହୋଇଥିଲା । ବେଭନ ଜ୍ୟାକବ୍ସ ୩୬, ଟିମ୍ ରବିନସନ ୨୫, ଅଧିନାୟକ ଜିମ୍ମି ନିଶାମ ୨୪ ରନ କରିଥିଲେ । ବିଜୟୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ଗେରାଲ୍ଡ କୋଏର୍ଜ, ମଲ୍ଡର ଓ ଓଟ୍‌ନେଲ ବାର୍ଟମାନ ୨ଟି ଲେଖାଏ ୱିକେଟ୍ ନେଇଥିଲେ ।

**ଏସିଆ କପ୍ ଷ୍ଟେଜ୍-୧**

## ଭାରତୀୟ ତୀରନ୍ଦାଜଙ୍କୁ ୨ କାଂସ୍ୟ

ବ୍ୟାଙ୍କକ୍, ୨୫ ।୩ (ଏଜେନ୍ସି): ଥାଇଲାଣ୍ଡରେ ଚାଲିଥିବା ଏସିଆ କପ୍ ୱାର୍ଲ୍ଡ ର୍‍ୟାଙ୍କିଙ୍ଗ ତୀରନ୍ଦାଜୀ ଟୁର୍ଣ୍ଣାମେଣ୍ଟ ଷ୍ଟେଜ-୧ରେ ଭାରତକୁ ୨ଟି କାଂସ୍ୟ ପଦକ ମିଳିଛି । ପୁରୁଷ କମ୍ପାଉଣ୍ଡରେ ଭାରତ ଏହାର ଟାଇଟଲ୍ ବଜାୟ ରଖି ନ ପାରି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛି । ରାଜତ ଚୌହାନ, ଋଷଭ ଯାଦବ ଓ ଉଦୟ କାମ୍ବୋଜଙ୍କୁ ନେଇ ଗଠିତ ଭାରତୀୟ ଦଳ ସେମିଫାଇନାଲରେ ୨୩୩-୨୩୪ ସ୍କୋରରେ ଭିଏତ୍‌ନାମ ନିକଟରୁ ହାରିଯାଇଥିଲା । ଅପରପକ୍ଷରେ ଭାରତୀୟ ମହିଳା ରିକର୍ଭ ଦଳ ମଧ୍ୟ କାଂସ୍ୟ ପଦକ ହାସଲ କରିଛି । ରୁମା ବିଶ୍ୱା, କିର୍ତ୍ତୀ ଓ ରିଦ୍ଧି ଫୋର୍ ଭାରତୀୟ ମହିଳା ଦଳର ସଦସ୍ୟା ରହିଥିଲେ । ସେହିଭଳି ଭାରତର ପୁରୁଷ ରିକର୍ଭ ଓ ମହିଳା କମ୍ପାଉଣ୍ଡ ଦଳ ମଧ୍ୟ ଫାଇନାଲରେ ପ୍ରବେଶ କରି ପଦକ ପକ୍କା କରିଛନ୍ତି ।

## ଅଞ୍ଜଳିଙ୍କୁ ସ୍ୱର୍ଣ୍ଣ; ରତିକା, ଶ୍ରୀୟା ଜିତିଲେ କାଂସ୍ୟ

**ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା**

ଭୁବନେଶ୍ୱର, ୨୫ ।୩ (ସମିସ): ଛତିଶଗଡ଼ର ରାୟପୁରରେ ବୁଧବାର ପ୍ରଥମ ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିବସରେ କର୍ଣ୍ଣାଟକ ସନ୍ତରଣକାରୀ ଦମ୍‌ଦାର ପ୍ରଦର୍ଶନ କରି ୫ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ସେହିଭଳି ଓଡ଼ିଶା କ୍ରୀଡ଼ାବିତ୍‌ମାନେ ଗୋଟିଏ ସ୍ୱର୍ଣ୍ଣ ସହ ୪ଟି ପଦକ ଜିତିଛନ୍ତି । ଓଡ଼ିଶାର ଅଞ୍ଜଳି ମୁଣ୍ଡା ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି । ସନ୍ତରଣର ମହିଳା ୨୦୦ ମିଟର ଫ୍ରି-ଷ୍ଟାଇଲରେ ଅଞ୍ଜଳି ୨ ମିନିଟ୍ ୩୯.୦୨ ସେକେଣ୍ଡରେ ରେସ୍ ଶେଷ କରି ପ୍ରଥମ ସ୍ଥାନ ହାସଲ କରିଥିଲେ । ଏହି ଇଭେଣ୍ଟରେ ଅନ୍ୟତମ ଓଡ଼ିଆ ସନ୍ତରଣକାରୀ ଶ୍ରୀୟା ପାଡ଼ିଆମୀ (୨:୪୯.୦୪) କାଂସ୍ୟ ପଦକ ଜିତିଛନ୍ତି । ସେହିଭଳି ମହିଳା ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ଓଡ଼ିଶାର ସନ୍ତରଣକାରୀ ରତିକା ମିଞ୍ଜ ପୋଡିୟମର ୩ୟ ସ୍ଥାନରେ ରହି କାଂସ୍ୟ ପଦକ କବଜା କରିଛନ୍ତି । ସେ ୩୫.୫୪ ସେକେଣ୍ଡରେ ରେସ୍ ଫିନିଶ କରିଥିଲେ ।.

## ସୋଲାରକୁ ହରାଇ ସେମିରେ ଏଲ୍‌ଏଲ୍‌ସିସି

ଭୁବନେଶ୍ୱର, ୨୫ ।୩ (ସମିସ): ଆଇଆର୍‌ସି ଭିଲେଜରେ ଚାଲିଥିବା ୧୪ ବର୍ଷରୁ କମ୍ ଏଲ୍‌ଏଲ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ଆୟୋଜକ ଏଲ୍‌ଏଲ୍‌ସିସି ୨୧ ରନରେ କଟକର ସୋଲାର କ୍ଲବକୁ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏଲ୍‌ସିସି ୩୫ ଓଭରରେ ୧୯୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ପୁପୁନ ବେହେରା (୬୪) ଓ ରୋହିତ ବିଭାର (୫୦ ରନ) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ପ୍ରତିପକ୍ଷ ସୋଲାର ଦଳର ବୀରଭଦ୍ର ସାହୁ ୪ଟି ୱିକେଟ୍ ନେଇଥିଲେ । ଜବାବରେ ସୋଲାର ୩୧.୨ ଓଭରରେ ୧୭୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ସୋଲାରର ଶାଶ୍ୱତ ଗିରି ୩୨ ଓ ଆୟୁଷ ରାଉତ ୪୦ ରନ କରିଥିଲେ । ବିଜୟୀ ଦଳର ଆର୍ଯ୍ୟନ ପାଟସାଣୀ ଓ ମୋହିତ ପଙ୍କଜ ୩ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ । ମୁଖ୍ୟ ଅତିଥି ଶୁଭେନ୍ଦୁ ପଟ୍ଟନାୟକ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମୋହିତଙ୍କୁ ପ୍ରଦାନ କରିଥିଲେ ।



**ସର୍ବଭାରତୀୟ ବେସାମରିକ ଭଲିବଲ୍**

## ବିଜୟ ସହ ଓଡ଼ିଶାର ଅଭିଯାନ ଶେଷ

ଭୁବନେଶ୍ୱର, ୨୫ ।୩ (ସମିସ): ଦିଲ୍ଲୀର ପିତାମପୁରଠାରେ ଚାଲିଥିବା ସର୍ବଭାରତୀୟ ବେସାମରିକ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ବିଜୟ ସହ ଅଭିଯାନ ଶେଷ କରିଛି । ଓଡ଼ିଶା ଦଳ ୨-୦ ସେଟରେ ଉତ୍ତରାଖଣ୍ଡ ଓ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା । କିନ୍ତୁ ଆୟୋଜକ ଦିଲ୍ଲୀଠାରୁ ୨-୧ ସେଟରେ ହାରିଯାଇଥିଲା । ଫଳରେ ଓଡ଼ିଶା ଦଳ ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିବାରେ ବିଫଳ ହୋଇଥିଲା । ଚନ୍ଦନ କୁମାର ମଣ୍ଡଳଙ୍କ ନେତୃତ୍ୱରେ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଦଳ ଭଲ ଅଭିଜ୍ଞତା ହାସଲ କରିଛି । ଓଡ଼ିଶା ଦଳରେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ମିଶ୍ର, ଆଶୁତୋଷ ତ୍ରିପାଠୀ, ଜଗନ୍ନାଥ ବଳ, ଅବିନାଶ ଜେନା, ନାରାୟଣ ଦାସ, ବିଚିତ୍ର ପ୍ରଧାନ, ରାଜେଶ ସେନାପତି, ପାର୍ଥସାରଥି ଜେନା, ପ୍ରକାଶଚନ୍ଦ୍ର ବେହେରା, ରଶ୍ମିରଞ୍ଜନ ଦାଶ, ଜଳେନ୍ଦ୍ର ପ୍ରିବାକା ଓ ଆଶିଷ ବେହେରା ସାମିଲ ଥିଲେ । ସେହିଭଳି ପ୍ରକାଶ ଚନ୍ଦ୍ର ରଥ ଓ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ ଯଥାକ୍ରମେ କୋଚ୍ ଓ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିଥିଲେ ।




**ଓସିଏ କ୍ଲବ୍ କ୍ରିକେଟ**

## ରୟାଲ୍ କ୍ଲବ୍‌କୁ ଜିତାଇଲେ ନିଶାନ୍ତ

ଭୁବନେଶ୍ୱର, ୨୫ ।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଦ୍ୱାରା ଚାଲିଥିବା କ୍ଲବ ଲିଗ୍ ଟୁର୍ଣ୍ଣାମେଣ୍ଟରେ ରାୟାଲ୍ କ୍ଲବ ୮ ୱିକେଟରେ ମଙ୍ଗଳା କ୍ଲବକୁ ପରାସ୍ତ କରିଛି । ବୁଧବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମଙ୍ଗଳା କ୍ଲବ ୪୯.୧ ଓଭରରେ ୨୨୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ରୟାଲ୍ କ୍ଲବର ଶାନ୍ତନୁ ମିଶ୍ରଙ୍କୁ ୩ଟି ୱିକେଟ୍ ମିଳିଥିଲା । ଜବାବରେ ନିଶାନ୍ତ କୁଶୱାହଙ୍କ ବିସ୍ଫୋରକ ଶତକ ବଳରେ ରୟାଲ୍ କ୍ଲବ ୨୩.୩ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ନିଶାନ୍ତ ୫୯ ବଲରେ ୧୪୪ ରନର ବିସ୍ଫୋରକ ଶତକୀୟ ପାଳି ଖେଳିଥିଲେ । ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ତାଙ୍କୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା ।

ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ରେଭେନସା ଗ୍ରାଉଣ୍ଡ-୧ରେ ରାଇଜିଂ ଷ୍ଟୁଡେଣ୍ଟ୍ସ କ୍ଲବ ୬ ୱିକେଟରେ କିଶୋର କ୍ଲବକୁ, ଡ୍ରିମ୍ସ ଗ୍ରାଉଣ୍ଡରେ ବାରବାଟୀ କଲଚୁରାଲ୍ ୟୁନିୟନ ୮ ୱିକେଟରେ ଟାଉନ କ୍ଲବକୁ ଏବଂ ସନ୍‌ସାଇନ ଗ୍ରାଉଣ୍ଡରେ ଜୁଭେନାଇଲ୍ କ୍ଲବ ୯ ୱିକେଟରେ ରାଇଜିଂ ଷ୍ଟାରକୁ ପରାସ୍ତ କରିଛି । ଜୁଭେନାଇଲର ରାକେଶ ପଟ୍ଟନାୟକ (୮୯ ରନ), ବାରବାଟୀର ଅନିରୁଦ୍ଧ ଶ୍ରୀବାସ୍ତବ (୫ ୱିକେଟ) ଓ ରାଇଜିଂ ଷ୍ଟୁଡେଣ୍ଟର ସୁମିତ କୁମାର (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ।




**ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ**

## ସ୍ୱାଧୀନଙ୍କୁ ସ୍ୱର୍ଣ୍ଣ; ଅନିମେଶ ନିରାଶ

ଭୁବନେଶ୍ୱର, ୨୫ ।୩ (ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଭାରତର ସର୍ବପ୍ରଥମ ଜାତୀୟ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ମଙ୍ଗଳବାର ଦ୍ୱିତୀୟ ଦିବସରେ ଘରୋଇ ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି । ଓଡ଼ିଶା କ୍ରୀଡ଼ାବିତ୍‌ମାନେ ୮ଟି ପଦକ ବିଜୟୀ ହୋଇସାରିଛନ୍ତି । ଯେଉଁଥିରେ ୨ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି । ପୂର୍ବରୁ ଉଦ୍‌ଘାଟନୀ ଦିବସରେ ଓଡ଼ିଶାର ଆଥ୍‌ଲେଟଙ୍କୁ ୨ଟି ସ୍ୱର୍ଣ୍ଣ ସହ ୬ଟି ପଦକ ମିଳିଥିଲା । ଫଳରେ ଓଡ଼ିଶା ୧୪ଟି ପଦକ ଏହି ଚାମ୍ପିଅନସିପ୍‌ରେ ବିଜୟୀ ହୋଇଛି ।

ବୁଧବାର ପୁରୁଷ ହାଇଜମ୍ପରେ ଓଡ଼ିଶାର ସ୍ୱାଧୀନ ମାଝୀ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ସ୍ୱାଧୀନ ୨.୧୮ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ । ଏଥିରେ ମହାରାଷ୍ଟ୍ରର ଦୁଇ ଆଥ୍‌ଲେଟ୍ ସର୍ବେଶ ଅନିଲ କୁଶାରେ ଓ ଧୈର୍ଯ୍ୟଶୀଳ ଧନଜିଗା ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ । ସେହିଭଳି ପୁରୁଷ ୬୦ ମିଟର ସ୍ପ୍ରିଣ୍ଟ ରେସରେ ଲାଲୁ ପ୍ରସାଦ ଭୋଇ (୬.୬୫ ସେକେଣ୍ଡ) ରୌପ୍ୟ ପଦକ ହାସଲ କରିଛନ୍ତି । ରିଲାଏନ୍ସର ଗୁରିନ୍ଦବୀର ସିଂହ (୬.୬୦ ସେକେଣ୍ଡ) ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ତେବେ ଜାତୀୟ ରେକର୍ଡ ଅଧିକାରୀ ଓଡ଼ିଶାର ଅନିମେଶ କୁଜୁରଙ୍କୁ ନିରାଶ ହେବାକୁ ପଡ଼ିଥିଲା । ୬୦ ମିଟର ଫାଇନାଲରେ ଅନିମେଶ ଡିସକ୍ୱାଲିଫାଏ ହୋଇଥିଲେ । ଫଳରେ ଓଡ଼ିଶା ନିଶ୍ଚିତ ପଦକରୁ ବଞ୍ଚିତ ହୋଇଥିଲା । ସେହିଭଳି ମହିଳା ୪୦୦ ମିଟରରେ ସୁଖି ବାସ୍କେ ରୌପ୍ୟ, ପୁରୁଷ ଟ୍ରିପଲ ଜମ୍ପରେ ଓଡ଼ିଶାର ନରେଶ ରୋହିଦାସ ଓ ପୁରୁଷ ୪୦୦ ମିଟରରେ ଆର୍ଯ୍ୟନ ଏକ୍କା କାଂସ୍ୟ ପଦକ ହାସଲ କରିଛନ୍ତି । ୨୦ ବର୍ଷରୁ କମ୍ ବୟସବର୍ଗରେ ୩୦୦୦ ମିଟର ରେସରେ ଦୋଳମଣି ଚିରଗୁନ ୮ ମିନିଟ୍ ୩୯.୧୩ ସେକେଣ୍ଡ ଫିନିଶ କରି ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ହାତେଇଥିଲେ । ୨୦ ବର୍ଷରୁ କମ୍ ୪୦୦ ମିଟର ମହିଳା ଓ ପୁରୁଷ ରେସରେ ଅର୍ପିତା ଓ ବାପି ହାଁସଦା ରୌପ୍ୟ ଜିତିଛନ୍ତି । ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ଦେଶର ପାଖାପାଖି ୩୦୦ ଆଥ୍‌ଲେଟ୍ ମୋଟ୍ ୧୧ଟି ଇଭେଣ୍ଟରେ ଭାଗନେଇଥିଲେ ।



ସ୍ୱାଧୀନ ମାଝୀ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS